# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୯/୨୦୨୪ (୧୬ ପୃଷ୍ଠା) | Bhubaneswar, Friday, August 9/2024 | Page 16 | ₹ 7.00 | BERHAMPUR

୫୦ଶ ଭାଗ ୨୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 256 | ମୂଲ୍ୟ₹୭/-



DSPL-66

ODISHA
INDIA'S BEST KEPT SECRET.

PARiS 2024

# ଭାରତୀୟ ହକି ଦଳକୁ
## ଆନ୍ତରିକ ଶୁଭେଚ୍ଛା

ଆଜିର **କାଂସ୍ୟ ପଦକ**
ରଚିଚ୍ଛି ଆସନ୍ତାକାଲି ପାଇଁ
ଏକ **ସ୍ୱର୍ଣ୍ଣିମ ଅଧ୍ୟାୟ**



**ଶ୍ରୀ ମୋହନ ଚରଣ ମାଝୀ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-29001/13/0011/2425




କ୍ରୀଡ଼ା ଓ ଯୁବସେବା ବିଭାଗ,ଓଡ଼ିଶା

# ସଂସଦରେ ୱାକ୍ଫ ଝଡ଼

## ୱାକ୍ଫ କ'ଣ

ମୁସଲମାନ ଆଇନ ଅନୁସାରେ ଧର୍ମାନୁଷ୍ଠାନ କିମ୍ବା ଦାତବ୍ୟ ସଂସ୍ଥାକୁ ଦାନ କରୁଥିବା ବ୍ୟକ୍ତିଙ୍କୁ ୱକିଫ୍ କୁହାଯାଏ। ଔକ୍ଫ (ଦାନ କରାଯାଇଥିବା ଏବଂ ୱାକ୍ଫ ରୂପେ ବିଜ୍ଞପିତ ସମ୍ପତ୍ତି)ର ନିୟନ୍ତ୍ରଣ ପାଇଁ ୧୯୯୫ରେ ୱାକ୍ଫ ଆଇନ ଅଣାଯାଇଥିଲା। ତଦନୁସାରେ ଏକ ଦାନ ସମ୍ପତ୍ତିକୁ ଥରେ ୱାକ୍ଫ ଘୋଷଣା କରାଯିବା ପରେ ତାହା ଆଉ ଦାତାଙ୍କ ପାଖକୁ ଫେରି ନ ଥାଏ। ଭାରତରେ ୯ ଲକ୍ଷରୁ ଊର୍ଦ୍ଧ୍ୱ ଏକର ଜମି ଉପରେ ରହିଥିବା ସମ୍ପତ୍ତିର ନିୟନ୍ତ୍ରଣ ପାଇଁ ପ୍ରାୟ ୩୦ଟି ୱାକ୍ଫ ବୋର୍ଡ ରହିଛି। ଏହି ସମ୍ପତ୍ତିର ଆନୁମାନିକ ମୂଲ୍ୟ ୧.୨ ଲକ୍ଷ କୋଟି ଟଙ୍କା ହେବ। ରେଲୱେ ଓ ପ୍ରତିରକ୍ଷା ମନ୍ତ୍ରଣାଳୟ ପରେ ୱାକ୍ଫ ବୋର୍ଡ ହେଉଛି ଦେଶର ତୃତୀୟ ସର୍ବାଧିକ ସ୍ୱତ୍ୱାଧିକାରୀ।



## ବିଲ୍‌କୁ ଜେଡିୟୁ, ଟିଡିପିର ସମର୍ଥନ

ଲୋକ ସଭାରେ ସରକାର ଅଗତ କରିଥିବା ୱାକ୍ଫ ବିଲ୍‌କୁ ଏନ୍‌ଡିଏ ସହଯୋଗୀ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏବଂ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)ର ସମର୍ଥନ ମିଳିଛି। ମସ୍‌ଜିଦ ପରିଚାଳନାରେ ହସ୍ତକ୍ଷେପ ପାଇଁ ଉକ୍ତ ବିଲ୍‌ରେ ଉଦ୍ୟମ କରାଯାଇନାହିଁ। ଏହାଦ୍ୱାରା ୱାକ୍ଫ ବୋର୍ଡର କାର୍ଯ୍ୟକାରିତାରେ ସ୍ୱଚ୍ଛତା ଆସିବ ବୋଲି ଦୁଇ ସହଯୋଗୀ ଦଳ ଯୁକ୍ତି ବାଢ଼ିଛନ୍ତି। ଜେଡିୟୁ ନେତା ତଥା କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ 'ଲଲନ୍' ସିଂ କହିଛନ୍ତି, ଏହି ବିଲ୍ ମୁସଲମାନ ବିରୋଧୀ ନୁହେଁ। ବିରୋଧୀ ଦଳଗୁଡ଼ିକ ଏହାକୁ ନେଇ ଗୁଜବ ବିସ୍ତାର କରୁଛନ୍ତି। ସେହିପରି ଟିଡିପି ଏମ୍‌ପି ଜିଏମ୍ ହରିଶ ବାଲାଯୋଗୀ କହିଛନ୍ତି, ବିଲ୍‌କୁ ତାଙ୍କ ଦଳ ସମର୍ଥନ କରୁଛି। ତେବେ ଏଥିରେ ଥିବା ତ୍ରୁଟି ବିଚ୍ୟୁତି ସୁଧାରିବା ପାଇଁ ବିଧେୟକକୁ ସଂସଦୀୟ ପ୍ୟାନେଲକୁ ପଠାଗଲେ ଟିଡିପି ଖୁସି ହେବ।

ନୂଆଦିଲ୍ଲୀ,୮।୮

**ମସ୍‌ଜିଦଗୁଡ଼ିକୁ ଦାନ ସୂତ୍ରରେ ଦିଆଯାଉଥିବା ସମ୍ପତ୍ତି 'ୱାକ୍ଫ'ର ପଞ୍ଜୀକରଣ ଓ ପରିଚାଳନା ସମ୍ପର୍କିତ ୱାକ୍ଫ ଆଇନ, ୧୯୯୫ରେ ସଂଶୋଧନ ପାଇଁ କେନ୍ଦ୍ର ସରକାର ଗୁରୁବାର ସଂସଦରେ ଏକ ନୂଆ ବିଧେୟକ ଉପସ୍ଥାପନ କରିଛନ୍ତି। ଇଣ୍ଡିଆ ବ୍ଲକ୍ ଏମ୍‌ପିମାନେ ଏହାକୁ ମୁସଲମାନ ଏବଂ ସେମାନଙ୍କ ଧର୍ମ ଅଧିକାର ଉପରେ ଆକ୍ରମଣ ଦର୍ଶାଇଛନ୍ତି। ଏଥିସହ ବିଲ୍ ପ୍ରତ୍ୟାହାର ଦାବିରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ଅନ୍ୟପକ୍ଷେ ୱାକ୍ଫ (ସଂଶୋଧନ) ବିଧେୟକ ଆଗତ ବେଳେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି, କେତେଜଣ ହାତଗଣତି ବ୍ୟକ୍ତି ଦେଶରେ ୱାକ୍ଫ ବୋର୍ଡଗୁଡ଼ିକୁ ଦଖଲ କରି ରଖିଛନ୍ତି। ଏଥିଯୋଗୁ ସାଧାରଣ ମୁସଲମାନମାନେ ନ୍ୟାୟ ପାଉନାହାନ୍ତି। ଏଥିଯୋଗୁ ସଂଶୋଧନ ଜରୁରୀ ବୋଲି ରିଜିଜୁ ଯୁକ୍ତି ବାଢ଼ିଛନ୍ତି।**

ମୋଦି ୩.୦ ସରକାର କ୍ଷମତାସୀନ ହେବା ପରେ ଲୋକ ସଭାରେ ଆଗତ ପ୍ରଥମ ଗୁରୁତ୍ୱପୂର୍ଣ୍ଣ ବିଧେୟକ ୱାକ୍ଫ (ସଂଶୋଧନ) ବିଲ୍‌କୁ ନେଇ ବିବାଦ ମୁଣ୍ଡ ଟେକିଛି। କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁଙ୍କ ଦ୍ୱାରା ଆଗତ ଉକ୍ତ ବିଲ୍‌ରେ ଥିବା ନିୟମକୁ ନେଇ ବିରୋଧୀ ସଦସ୍ୟମାନେ ଆପତ୍ତି ଉଠାଇ ହଟ୍ଟଗୋଳ କରିଛନ୍ତି। ଏହା ପରେ ରିଜିଜୁ ଉକ୍ତ ବିଧେୟକକୁ ଏକ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଇବା ପାଇଁ ପ୍ରସ୍ତାବ ରଖିଛନ୍ତି। ସେ ମୁସଲମାନ ୱାକ୍ଫ (ଉଚ୍ଛେଦ) ବିଲ୍, ୨୦୨୪ ବିଲ୍ ମଧ୍ୟ ଉପସ୍ଥାପନ କରିଛନ୍ତି।

ୱାକ୍ଫ (ସଂଶୋଧନ) ବିଧେୟକରେ ୱାକ୍ଫ ଆଇନ, ୧୯୯୫କୁ ୟୁନିଫାଏଡ୍ ୱାକ୍ଫ ମ୍ୟାନେଜ୍‌ମେଣ୍ଟ, ଏମ୍ପାୱାରମେଣ୍ଟ, ଏଫିସିଏନ୍ସି ଆଣ୍ଡ୍ ଡେଭେଲପ୍‌ମେଣ୍ଟ ଆକ୍ଟ,୧୯୯୫ ରୂପେ ପୁନଃ ନାମକରଣ କରିବା ଲକ୍ଷ୍ୟ ରଖାଯାଇଛି। ଏହାକୁ ସଂସଦର ନିମ୍ନ ସଦନରେ ଆଗତ କରାଯିବା ପୂର୍ବରୁ ମଙ୍ଗଳବାର ରାତିରେ ବିଲ୍‌ର କପି ଲୋକ ସଭାର ସମସ୍ତ ସଦସ୍ୟଙ୍କୁ ବଣ୍ଟାଯାଇଥିଲା। ରିଜିଜୁ ବିଲ୍ ଆଗତ କରିବା ମାତ୍ରେ ଏହାକୁ ବିରୋଧ କରିବା ପାଇଁ ପୂର୍ବରୁ ନୋଟିସ ଦେଇଥିବା ଅନେକ ବିରୋଧୀ ଏମ୍‌ପି ପ୍ରସ୍ତାବିତ ସଂଶୋଧନକୁ ସମ୍ବିଧାନ ଓ ସଂଘବାଦ ଉପରେ ଆକ୍ରମଣ କହି ସମାଲୋଚନା କରିଥିଲେ। କଂଗ୍ରେସ ସଦସ୍ୟ କେ.ସି. ବେଣୁଗୋପାଳ କହିଥିଲେ, ସରକାର ଧର୍ମୀୟ ସ୍ୱାଧୀନତାର ଉଲ୍ଲଂଘନ ଏବଂ ସଂଘୀୟ ବ୍ୟବସ୍ଥା ଉପରେ ଆକ୍ରମଣ କରୁଛନ୍ତି। ଏହା ଏକ ନିଷ୍ଠୁର ଆଇନ। ଲୋକେ ଗତ ନିର୍ବାଚନରେ ଭାଜପାର ବିଭାଜନବାଦୀ ନୀତି ପାଇଁ ଉପଯୁକ୍ତ ଶିକ୍ଷା ଦେଇଛନ୍ତି। ଏହାସତ୍ତ୍ୱେ ହରିୟାଣା ଓ ମହାରାଷ୍ଟ୍ର ଭଳି ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଭାଜପା ଏହାକୁ ଜାରି ରଖିଛି। ଏହା ପରେ ଭାଜପା ଖ୍ରୀଷ୍ଟିଆନ୍ ଓ ଜୈନମାନଙ୍କୁ ଟାର୍ଗେଟ କରିବାକୁ ଯାଉଛି। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି, ଭାଜପାର କଠୋରପନ୍ଥୀ ସମର୍ଥକମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏହି ବିଲ୍ ଅଣାଯାଇଛି। ଅନ୍ୟ ଧର୍ମୀୟ ସଂସ୍ଥାଗୁଡ଼ିକରେ ସମ୍ପୃକ୍ତ ଧର୍ମ ବାହାର ଲୋକଙ୍କୁ ସାମିଲ କରାଯାଉନାହିଁ। ୱାକ୍ଫ ବୋର୍ଡଗୁଡ଼ିକରେ ଅଣମୁସଲମାନଙ୍କୁ କାହିଁକି ରଖାଯିବ ବୋଲି ସେ ପ୍ରଶ୍ନ କରିଛନ୍ତି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସଦସ୍ୟ ସୁଦୀପ ବନ୍ଦୋପାଧ୍ୟାୟଙ୍କ ମତରେ ଏହା ଏକ ବିଭାଜନବାଦୀ, ଅସାମ୍ବିଧାନିକ ଓ ସଂଘୀୟ ବ୍ୟବସ୍ଥା ବିରୋଧୀ ବିଧେୟକ। ଡିଏମ୍‌କେ ସଦସ୍ୟା କାନିମୋଝି ମଧ୍ୟ ବିଲ୍‌କୁ ସମ୍ବିଧାନ ବିରୋଧୀ କହି ବିରୋଧ କରିଛନ୍ତି। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଶରଦଚନ୍ଦ୍ର ପାୱାର) ଏମ୍‌ପି ସୁପ୍ରିୟା ସୁଲେ କହିଛନ୍ତି, ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଟାର୍ଗେଟ କରିବା ପାଇଁ ଅଣାଯାଇଥିବା ବିଧେୟକକୁ ତାଙ୍କ ଦଳ ବିରୋଧ କରୁଛି। ଇଣ୍ଡିଆନ ୟୁନିୟନ୍ ମୁସଲିମ ଲିଗ୍ (ଆଇୟୁଏମ୍‌ଏଲ୍) ସଦସ୍ୟ ଇ.ଟି. ମହମ୍ମଦ ବଶିର ଏହି ବିଲ୍ ସମ୍ବିଧାନର ଅନୁଚ୍ଛେଦ ୧୪, ୧୫, ୨୫, ୨୬ ଓ ୩୦କୁ ଉଲ୍ଲଂଘନ କରୁଥିବା ଅଭିଯୋଗ ଆଣି ବିରୋଧ କରିଛନ୍ତି। ଏଆଇଏମ୍‌ଆଇଏମ୍ ମୁଖ୍ୟ ଅସାଦୁଦ୍ଦିନ ଓୱାଇସି କହିଛନ୍ତି, ୱାକ୍ଫ ଆଇନରେ ସଂଶୋଧନ ଆଣିବା କ୍ଷମତା ଗୃହର ନାହିଁ। ଏହି ସରକାର ମୁସଲମାନ ବିରୋଧୀ, ଯାହାକି ଉକ୍ତ ବିଲ୍‌ରୁ ପ୍ରମାଣିତ ହୋଇଛି।

ବିରୋଧୀ ସଦସ୍ୟମାନଙ୍କ ଯୁକ୍ତି ଶୁଣିବା ପରେ ରିଜିଜୁ କହିଥିଲେ, ୱାକ୍ଫ ବିଲ୍‌ରେ କୌଣସି ଧର୍ମୀୟ ସଂସ୍ଥାର ସ୍ୱାଧୀନତା ଉପରେ ହସ୍ତକ୍ଷେପ ଯୋଜନା ନାହିଁ। ଚିଠା ଆଇନରେ ସମ୍ବିଧାନର କୌଣସି ନିୟମକୁ ମଧ୍ୟ ଉଲ୍ଲଂଘନ କରାଯାଇନାହିଁ। ୱାକ୍ଫ ଆଇନ, ୧୯୯୫ ଏହାର ଲକ୍ଷ୍ୟ ପୂରଣ କରୁନାହିଁ। ପୂର୍ବରୁ କଂଗ୍ରେସ ସରକାର ଯାହା କରିପାରି ନ ଥିଲେ, ପ୍ରସ୍ତାବିତ ସଂଶୋଧନରେ ତାହା ହାସଲ ପାଇଁ ଯୋଜନା କରାଯାଇଛି। ମନ୍ତ୍ରୀ ରିଜିଜୁ ଗୃହକୁ ଆହୁରି କହିଥିଲେ, ୱାକ୍ଫ ଆଇନ, ୧୯୯୫ର ସମୀକ୍ଷା କରାଯିବା ଉଚିତ ବୋଲି ଏକ ଜେପିସି ସୁପାରିସ କରିଛି। ବିରୋଧୀ ଦଳଗୁଡ଼ିକ ରାଜନୈତିକ ସ୍ୱାର୍ଥ ପାଇଁ ଏହାକୁ ବିରୋଧ କରୁଛନ୍ତି। ସେମାନେ ବିଲ୍‌ର ଉଦ୍ଦେଶ୍ୟକୁ ନେଇ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। କୌଣସି ଆଇନ ସମ୍ବିଧାନର ଊର୍ଦ୍ଧ୍ୱରେ ନୁହେଁ। କିନ୍ତୁ ୧୯୯୫ ୱାକ୍ଫ ଆଇନରେ ଏଭଳି ନିୟମ ରହିଛି, ଯେମିତିକି ଏହା ସମ୍ବିଧାନ ଉପରେ କାର୍ଯ୍ୟ କରୁଛି। ୱାକ୍ଫ ବୋର୍ଡଗୁଡ଼ିକୁ ମାଫିଆମାନେ ଦଖଲ କରିନେଇଥିବା ବିଷୟ ଅନେକ ଏମ୍‌ପି ତାଙ୍କୁ ବ୍ୟକ୍ତିଗତ ଭାବେ ଅବଗତ କରାଇଥିବା ରିଜିଜୁ ଦାବି କରିଥିଲେ। ତେବେ ବିଲ୍ ପ୍ରସ୍ତୁତି ପୂର୍ବରୁ ବିସ୍ତୃତ ବିଚାରବିମର୍ଶ କରାଯାଇଥିବା ସେ ସୂଚନା ଦେଇଥିଲେ। ରିଜିଜୁଙ୍କ ମତରେ କେତେଜଣ ଏମ୍‌ପି ଦଳୀୟ ଚାପରେ ଉକ୍ତ ବିଲ୍‌କୁ ବିରୋଧ କରୁଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଥିଲେ, ୱାକ୍ଫ ଆଇନ, ୧୯୯୫ ଲାଗୁ ହେବା ପରଠୁ ମୁସଲମାନ ୱାକ୍ଫ୍ ଆଇନ, ୧୯୨୩ ନିଜ ପ୍ରାସଙ୍ଗିକତା ହରାଇଥିବାରୁ ଏହାକୁ ଉଚ୍ଛେଦ କରାଯିବା ଆବଶ୍ୟକ। ତେବେ ଏହି ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ମୁସଲମାନମାନଙ୍କୁ ବିଭ୍ରାନ୍ତ କରୁଥିବା ଶାହା ସମାଲୋଚନା କରିଛନ୍ତି।

### ୱାକ୍ଫ ଆଇନରେ ପରିବର୍ତ୍ତନ ପାଇଁ ବିଲ୍ ଆଣିଲା କେନ୍ଦ୍ର

### ବିରୋଧୀ କହିଲେ 'ସମ୍ବିଧାନ ବିରୋଧୀ' ବିଧେୟକ





ଲୋକ ସଭାରେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ। କଂଗ୍ରେସ ସଦସ୍ୟ କେ.ସି ବେଣୁଗୋପାଳ (ଡାହାଣ।




## ରାଜ୍ୟ ସଭାରୁ ୨୦୧୪ର ବିଲ୍ ପ୍ରତ୍ୟାହୃତ

ୱାକ୍ଫ ପ୍ରପର୍ଟିଜ୍ (ଏଭିକ୍ସନ ଅଫ୍ ଅନ୍‌ଅଥରାଇଜ୍‌ଡ ଅକୁପାଣ୍ଟ୍ସ) ବିଲ୍, ୨୦୧୪କୁ କେନ୍ଦ୍ର ସରକାର ଗୁରୁବାର ରାଜ୍ୟ ସଭାରୁ ପ୍ରତ୍ୟାହାର କରିନେଇଛନ୍ତି। ୱାକ୍ଫ୍ ସମ୍ପତ୍ତିଗୁଡ଼ିକ ଉପରେ ବେଆଇନ ଦଖଲକୁ ଉଚ୍ଛେଦ ପାଇଁ ଆବଶ୍ୟକ ପଦ୍ଧତି ଆପଣାଯିବା ପାଇଁ ଏଥିରେ ବ୍ୟବସ୍ଥା ରହିଥିଲା। ୨୦୧୪ ଫେବୃଆରୀ ୧୮ରେ ଏହାକୁ ତତ୍କାଳୀନ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କେ. ରହମନ ଖାନ୍ ଆଗତ କରିଥିଲେ। ସେହିବର୍ଷ ମାର୍ଚ୍ଚ ୫ରେ ଉକ୍ତ ବିଧେୟକକୁ କାର୍ମିକ, ସାଧାରଣ ଅଭିଯୋଗ, ଆଇନ ଓ ନ୍ୟାୟ ସମ୍ପର୍କିତ ଷ୍ଟାଣ୍ଡିଂ କମିଟି ନିକଟକୁ ପଠାଇ ଦିଆଯାଇଥିଲା। ବର୍ତ୍ତମାନର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଉକ୍ତ ବିଲ୍‌କୁ ପ୍ରତ୍ୟାହାର ପାଇଁ ରାଜ୍ୟ ସଭାରେ ପ୍ରସ୍ତାବ ଦେଇଥିଲେ, ଯାହାକି ଧ୍ୱନିମତରେ ପାରିତ ହୋଇଛି। ତେବେ ସିପିଆଇଏମ୍ ଏମ୍‌ପି ଜନ୍ ବ୍ରିଟାସ୍ ଏବଂ ଆଇୟୁଏମ୍‌ଏଲ୍ ସଦସ୍ୟ ଅବ୍‌ଦୁଲ ୱହାବ୍ ଉଚ୍ଚ ସଦନରୁ ଏହାକୁ ପ୍ରତ୍ୟହାର କରିବାକୁ ବିରୋଧ କରିଥିଲେ। ସରକାର ରାଜନୈତିକ ସ୍ୱାର୍ଥ ଏବଂ ସମାଜରେ ଧ୍ରୁବୀକରଣ ସୃଷ୍ଟି ପାଇଁ ଉଦ୍ୟମ ଚଳାଇଥିବା ସେମାନେ ଅଭିଯୋଗ ଆଣିଥିଲେ।

**ପ୍ରସ୍ତାବିତ ଆଇନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା, କେନ୍ଦ୍ର ସରକାର ଚାହିଁଲେ ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି)ଙ୍କ ଦ୍ୱାରା ନିଯୁକ୍ତ ଜଣେ ଅଡିଟରଙ୍କ ଜରିଆରେ ଯେକୌଣସି ୱାକ୍ଫ ବୋର୍ଡର ସମୀକ୍ଷା କରାଇପାରିବେ।**

## ବିଲ୍‌ରେ କ'ଣ ରହିଛି

➜ପ୍ରସ୍ତାବିତ ବିଲ୍‌ରେ ପ୍ରଚଳିତ ଆଇନର ସେକ୍ସନ ୪୦କୁ ଉଚ୍ଛେଦ କରିବା ପାଇଁ ପ୍ରୟାସ କରାଯାଇଛି। ଏକ ସମ୍ପତ୍ତି ୱାକ୍ଫ ସମ୍ପତ୍ତି କି ନୁହେଁ, ସେହି ନିଷ୍ପତ୍ତି ନେବା କ୍ଷମତା ସମ୍ପର୍କରେ ଏହି ଧାରାରେ ଉଲ୍ଲେଖ କରାଯାଇଛି। ସେଣ୍ଟ୍ରାଲ ୱାକ୍ଫ କାଉନ୍‌ସିଲ ଏବଂ ରାଜ୍ୟ ୱାକ୍ଫ ବୋର୍ଡଗୁଡ଼ିକର ଗଠନ ସମ୍ପର୍କରେ ଏଥିରେ ବିସ୍ତୃତ ଭାବେ ଅବତାରଣା କରାଯାଇଛି।

➜ଏଥିସହ କାଉନ୍‌ସିଲ ଓ ବୋର୍ଡରେ ମୁସଲମାନ ମହିଳା ଏବଂ ଅଣମୁସଲିମ୍‌ମାନଙ୍କୁ ସାମିଲ କରାଯିବା ନେଇ ମଧ୍ୟ ନିୟମ କରାଯାଇଛି। ବିଲ୍‌ରେ ବୋହରା ଏବଂ ଅଘାଖାନ୍‌ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ବୋର୍ଡ ପ୍ରତିଷ୍ଠା ପାଇଁ ମଧ୍ୟ ପ୍ରସ୍ତାବ ରହିଛି। ଚିଠା ଆଇନରେ ବୋର୍ଡରେ ଶିୟା, ସୁନ୍ନି, ବୋହରା, ଅଘାଖାନ୍ ଓ ମୁସଲମାନ ସମ୍ପ୍ରଦାୟର ଅନ୍ୟ ପଛୁଆ ବର୍ଗଙ୍କ ଉପସ୍ଥିତି ପାଇଁ ବ୍ୟବସ୍ଥା କରାଯାଇଛି।

➜ସେହିପରି ୱାକ୍ଫକୁ ମଧ୍ୟ ଏଥିରେ ସ୍ପଷ୍ଟ ଭାବେ ପରିଭାଷିତ କରିବା ପାଇଁ ଉଦ୍ୟମ ହୋଇଛି। ତଦନୁଯାୟୀ ଅନ୍ୟୂନ ୫ ବର୍ଷ ଧରି ଇସ୍‌ଲାମ୍ ଧର୍ମ ଅବଲମ୍ବନ କରିଆସୁଥିବା ଯେ କୌଣସି ବ୍ୟକ୍ତିଙ୍କ ସମ୍ପତ୍ତିକୁ ୱାକ୍ଫ କୁହାଯାଇପାରିବ। ୱାକ୍ଫଗୁଡ଼ିକର ପଞ୍ଜୀକରଣ ପଦ୍ଧତିରେ ପରିବର୍ତ୍ତନ ଆଣିବା ପାଇଁ ଏକ ସେଣ୍ଟ୍ରାଲ ପୋର୍ଟାଲ ଓ ଡେଟାବେସ୍ ପ୍ରସ୍ତୁତ କରାଯିବ। ରାଜସ୍ୱ ଆଇନ ଅନୁସାରେ ଦାଖଲ ଖାରଜର ପଦ୍ଧତି ଆପଣାଯିବା ପାଇଁ ବିସ୍ତୃତ ବିବରଣୀ ଏଥିରେ ଉଲ୍ଲେଖ ରହିବ।

➜ଏକ ସମ୍ପତ୍ତି ୱାକ୍ଫ ସମ୍ପତ୍ତି ନା ସରକାରୀ ଜମି ତାହା ଜିଲାପାଳ ନିର୍ଦ୍ଧାରଣ କରିବେ। ପୂର୍ବରୁ ୱାକ୍ଫ ଟ୍ରିବ୍ୟୁନାଲ ଏହି ନିଷ୍ପତ୍ତି ନେଉଥିଲା। ତେବେ ସମ୍ପତ୍ତି ହଡ଼ପ ପାଇଁ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିମାନେ ଏହି କ୍ଷମତାର ଦୁରୁପଯୋଗ କରୁଥିବା ନେଇ ଅଭିଯୋଗ ହେଉଥିଲା। ପ୍ରଚଳିତ ଆଇନ ଅନୁସାରେ ଜଣେ ବ୍ୟକ୍ତି ମୌଖିକ ଭାବେ ନିଜ ସମ୍ପତ୍ତି ଦାନ କରିପାରୁଥିଲେ। କିନ୍ତୁ ନୂଆ ଆଇନ କାର୍ଯ୍ୟକାରୀ ହେଲେ ୱାକ୍ଫନାମା (ଏକ ବୈଧ ଦଲିଲ/ଦସ୍ତାବିଜ) ଜରିଆରେ ହିଁ ଦାନ କରାଯାଇପାରିବ।

## ପୋଲିସର ଫେକ୍ ଏନ୍‌କାଉଣ୍ଟରରେ ଏତଲା ବାଧ୍ୟତାମୂଳକ: ହାଇକୋର୍ଟ

ନୂଆଦିଲ୍ଲୀ,୮।୮(ପି.ଟି.)

ପୋଲିସର ଫେକ୍ ଏନ୍‌କାଉଣ୍ଟରରେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟିବା ଅଭିଯୋଗ ଆସିଲେ ଏତଲା ଦାଏର କରାଯିବା ବାଧ୍ୟତାମୂଳକ ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ଦିଲ୍ଲୀ ପୋଲିସର ଚଢ଼ାଉ ବେଳେ ଗୁଳି ଚଳାଇବାରୁ ଜଣେ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୫ ଜଣ ଆହତ ହୋଇଥିଲେ। ପୋଲିସ ବିରୋଧରେ ଏତଲା ଦାଏର ପାଇଁ ମାଜିଷ୍ଟ୍ରେଟ ନିର୍ଦ୍ଦେଶ ଦେଇଥିବାବେଳେ ସେସନ୍ସ କୋର୍ଟ ସେଥିରେ ହସ୍ତକ୍ଷେପ କରିବାକୁ ମନା କରିଦେଇଥିଲେ। ରାଜ୍ୟ ସରକାର ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ୍ ନୀନା ବଂଶଲ କ୍ରିଷ୍ଣା ଉକ୍ତ ପିଟିଶନକୁ ଖାରଜ କରିଦେଇଛନ୍ତି। ମୃତକଙ୍କ ସମେତ ଆହତମାନଙ୍କ ଦେହରେ ଗୁଳିମାଡ଼ର କ୍ଷତଚିହ୍ନ ରହିଛି। ତେଣୁ ଏହା ଏକ ହତ୍ୟା ମାମଲା କି ଏନ୍‌କାଉଣ୍ଟର ତାହା ତଦନ୍ତ କରିବାକୁ ହେବ ବୋଲି ବିଚାରପତି କହିଛନ୍ତି।

## ଫାଶୀ ଦଣ୍ଡାଦେଶ ପାଇଥିବା ୨ ଅଭିଯୁକ୍ତ ଦୋଷମୁକ୍ତ

ନୈନିତାଲ,୮।୮(ପି.ଟି.)

ଘରେ ଡକାୟତି ବେଳେ ମହିଳାଙ୍କ ମୃତ୍ୟୁକୁ ନେଇ ଏକ ତଳକୋର୍ଟ ୨ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରି ମୃତ୍ୟୁ ଦଣ୍ଡାଦେଶ ଦେଇଥିବାବେଳେ ଉତ୍ତରାଖଣ୍ଡ ହାଇକୋର୍ଟ ସେମାନଙ୍କୁ ଦୋଷମୁକ୍ତ କରିଛନ୍ତି। ବିଚାର ସମୟରେ ଅସ୍ପଷ୍ଟ ଅନୁମାନ ଏବଂ ନିର୍ଦ୍ଦିଷ୍ଟ ନିଷ୍କର୍ଷ ମଧ୍ୟରେ ପାର୍ଥକ୍ୟ ରହିବା ଆବଶ୍ୟକ ବୋଲି ମୁଖ୍ୟ ବିଚାରପତି ରିତୁ ବାହରି ଏବଂ ଜଷ୍ଟିସ୍ ଆଲୋକ କୁମାର ବର୍ମାଙ୍କ ଖଣ୍ଡପୀଠ କହିଛନ୍ତି। ସନ୍ଦେହ ଯେତେ ଦୃଢ଼ ହୋଇଥାଉନା କାହିଁକି ଏହାକୁ ବିଚାର ବେଳେ ପ୍ରମାଣ ଭାବେ ନେବା ଉଚିତ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି।

## ବାଂଲାଦେଶରେ ୟୁନୁସ୍ ସରକାର

ଢାକା,୮।୮(ପି.ଟି.)

ନୋବେଲ ବିଜୟୀ ଅର୍ଥନୀତିଜ୍ଞ ମହମ୍ମଦ ୟୁନୁସ୍ ବାଂଲାଦେଶର ଅନ୍ତରୀଣ ସରକାରର ମୁଖ୍ୟ ଭାବେ ଗୁରୁବାର ରାତିରେ ଶପଥ ଗ୍ରହଣ କରିଛନ୍ତି। ପ୍ରେସିଡେନ୍ସିଆଲ ପ୍ୟାଲେସ୍ ବଙ୍ଗ ଭବନରେ ୨୦୦୬ରେ ନୋବେଲ ଶାନ୍ତି ପୁରସ୍କାର ଜିତିଥିବା ୮୪ ବର୍ଷୀୟ ୟୁନୁସ୍‌ଙ୍କୁ ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ ଶପଥ ପାଠ କରାଇଛନ୍ତି। ହାସିନା ଇସ୍ତଫା ଦେଇ ଭାରତ ଚାଲିଯିବା ପରେ ରାଷ୍ଟ୍ରପତି ଶାହାବୁଦ୍ଦିନ ମଙ୍ଗଳବାର ପାର୍ଲାମେଣ୍ଟ ଭଙ୍ଗ କରିବା ସହ ୟୁସୁଫଙ୍କୁ ଅନ୍ତରୀଣ ସରକାରର ମୁଖ୍ୟ ଚୟନ କରାଯାଇଥିଲା। ସରକାର ବିରୋଧୀ ହିଂସାତ୍ମକ ଆନ୍ଦୋଳନ ପରେ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଇସ୍ତଫା ଦେଇ ଦେଶ ଛାଡ଼ି ଚାଲିଯାଇଥିଲେ। ଫଳରେ ଅନ୍ତରୀଣ ସରକାର ଗଢ଼ିବା ଆବଶ୍ୟକ ପଡ଼ିଥିଲା। ତାଙ୍କ ସରକାର ନାଗରିକମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବ ବୋଲି ୟୁନୁସ୍ ପ୍ରତିଶ୍ରୁତି ଦେବା ସହ ବାଂଲାଦେଶର ପୁନଃନିର୍ମାଣରେ ସହଯୋଗ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

ଅଲିମ୍ପିକ୍ସ ଗେମ୍ସ ପାଇଁ ୟୁନୁସ ପ୍ୟାରିସ୍‌ରେ ଥିବାବେଳେ ଦୁବାଇ ଦେଇ ଗୁରୁବାର ବାଂଲାଦେଶ ଫେରିଥିଲେ। ହଜରତ ଶାହଜଲାଲ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ସେନାମୁଖ୍ୟ ଜେନେରାଲ ଓବାକର-ଉଜ୍-ଜମନ, ବରିଷ୍ଠ ଅଧିକାରୀ ଓ ଛାତ୍ର ନେତାମାନେ ତାଙ୍କୁ ସ୍ୱାଗତ କରିଥିଲେ। ହାସିନାଙ୍କ ବିରୋଧରେ ଆନ୍ଦୋଳନକୁ ସଫଳ କରାଇଥିବା ଯୁବବର୍ଗଙ୍କ ପ୍ରତି ୟୁନୁସ୍ କୃତଜ୍ଞତା ଜଣାଇଛନ୍ତି। ଦେଶର ଶାସନରେ ପରିବର୍ତ୍ତନକୁ ସେ 'ଦ୍ୱିତୀୟ ସ୍ୱାଧୀନତା' ବୋଲି କହିଛନ୍ତି। ଆଇନ ଶୃଙ୍ଖଳା ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ସହ ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ଆକ୍ରମଣକୁ ବନ୍ଦ କରିବା ତାଙ୍କର ପ୍ରଥମ କାର୍ଯ୍ୟ ହେବ। ଆନ୍ଦୋଳନ ବେଳେ ସୃଷ୍ଟ ଅଶାନ୍ତ ସ୍ଥିତିରୁ ଦେଶକୁ ରକ୍ଷା କରିବା ପାଇଁ ୟୁନୁସ୍ ନାଗରିକମାନଙ୍କୁ ଆହ୍ୱାନ ଦେଇଛନ୍ତି।



ବାଂଲାଦେଶ ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ୍ (ବାମ) ଗୁରୁବାର ନୋବେଲ ବିଜେତା ମହମ୍ମଦ ୟୁନୁସ୍‌ଙ୍କୁ ଅନ୍ତରୀଣ ସରକାର ନେତା ଭାବେ ଶପଥ ଗ୍ରହଣ କରାଉଛନ୍ତି।

## ଡକାୟତି, ଲୁଟ୍ ଭୟ: ରାତିରେ ଶୋଉନାହାନ୍ତି ଦେଶବାସୀ

ବାଂଲାଦେଶରେ ଶେଖ୍ ହାସିନା ସରକାରର ପତନ ପରେ ଅରାଜକତା ଲାଗିରହିଛି। ଲୁଟ୍‌ପାଟ ଓ ଡକାୟତି ଭୟରେ ଲୋକମାନେ ରାତିରେ ନ ଶୋଇ ଦଳବଦ୍ଧ ହୋଇ ରାସ୍ତାଘାଟ ଓ ଗଳିଗୁଡ଼ିକରେ ପହରା ଦେଉଛନ୍ତି। ସୋମବାର ଶେଖ୍ ହାସିନା ଦେଶ ଛାଡ଼ି ପଳାଇବା ପରେ ଦେଶର ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି। ସୁରକ୍ଷା ଯବାନଙ୍କ ଉପରେ ମରଣାନ୍ତକ ଆକ୍ରମଣ ହେଉଥିବାରୁ ପୋଲିସ ଡ୍ୟୁଟିରେ ଯୋଗ ଦେଉନାହିଁ। ଆନ୍ଦୋଳନକାରୀଙ୍କ ଦ୍ୱାରା ସୃଷ୍ଟ ଅରାଜକତା ଓ ଭୟ ଏବେ ମଧ୍ୟ ଲାଗିରହିଛି। ୨ ଦିନ ହେଲା ଆଇନ ଶୃଙ୍ଖଳା ସ୍ଥିତି ଅଭାବରୁ ଅପରାଧୀ ଗ୍ୟାଙ୍ଗଗୁଡ଼ିକ ଲୁଟ୍ ଓ ଡକାୟତିରେ ମାତିଛନ୍ତି। ଫଳରେ ସୁରକ୍ଷାକୁ ନେଇ ଲୋକେ ପ୍ରମାଦ ଗଣୁଛନ୍ତି। ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ ଉକ୍ତ ଅଞ୍ଚଳରେ ଆତଙ୍କ ଖେଳାଇଥିଲେ। ଫଳରେ ଲୋକମାନଙ୍କୁ ସତର୍କ ରହିବାକୁ ମସ୍‌ଜିଦଗୁଡ଼ିକ ନିୟମିତ ଘୋଷଣା କରିଥିଲେ। ବୁଧବାର ରାତିରେ ରାଜଧାନୀ ଢାକାର ଉତ୍ତରାଠାରୁ ମହମ୍ମଦପୁର ପର୍ଯ୍ୟନ୍ତ ଲୋକମାନେ ସେମାନଙ୍କ ପଡୋଶୀମାନଙ୍କ ସହ ମିଶି ପହରା ଦେଉଥିବାର ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଛି। ମଦ୍ରାସାଗୁଡ଼ିକର ଶହ ଶହ ଛାତ୍ର ମଧ୍ୟ ସହରର ବିଭିନ୍ନ ସ୍ଥାନରେ ଜଗୁଥିବା ଦେଖାଯାଇଛି।

### ଅଭିନେତା ଶାନ୍ତୋ ଖାନ୍ ଓ ବାପାଙ୍କୁ ପିଟି ହତ୍ୟା

ବାଂଲାଦେଶରେ ଶେଖ୍ ହାସିନା ସରକାରର ପତନ ପରେ ଆୱାମୀ ଲିଗ୍‌ର ସମର୍ଥକମାନେ ଆକ୍ରମଣର ସମ୍ମୁଖୀନ ହୋଇଛନ୍ତି। ସୋମବାର ରାତିରେ ବାଂଲା ଅଭିନେତା ଶାନ୍ତୋ ଖାନ୍ ଓ ତାଙ୍କ ବାପା ସେଲିମ୍ ଖାନ୍‌ଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟିମାରିଦେଇଥିଲେ। ସେଲିମ୍ ବାଂଲାଦେଶୀ ପ୍ରଡକ୍ସନ ହାଉସ୍‌ର ମାଲିକ ଥିଲେ। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ।

## କଶ୍ମୀର ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି

### ଉପତ୍ୟକାରେ ଇସି ଟିମ୍

ଶ୍ରୀନଗର,୮।୮(ପି.ଟି.)

ଭାରତର ନିର୍ବାଚନ କମିଶନ୍‌ର ଏକ ଟିମ୍ ଗୁରୁବାର ଜମ୍ମୁ-କଶ୍ମୀର ଗସ୍ତ କରିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାରଙ୍କ ନେତୃତ୍ୱରେ ୩ ସଦସ୍ୟ ବିଶିଷ୍ଟ ଇସି ଟିମ୍ ଗୁରୁବାର ସକାଳେ କଶ୍ମୀରରେ ପହଞ୍ଚି ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳରେ ସେପ୍ଟେମ୍ବର ୩୦ ପୂର୍ବରୁ ବିଧାନସଭା ନିର୍ବାଚନ କରାଇବାକୁ ସୁପ୍ରିମକୋର୍ଟ ସମୟସୀମା ଧାର୍ଯ୍ୟ କରିଥିଲେ। ଇସି ସମସ୍ତ ରାଜନୈତିକ ଦଳ, ଜିଲା ମୁଖ୍ୟ ଏବଂ ପ୍ରଶାସନ ଓ ପୋଲିସ ବିଭାଗର ଅଧିକାରୀମାନଙ୍କ ସହ ବୈଠକ କରିଥିଲେ। ଆଲୋଚନା ବେଳେ ତୁରନ୍ତ ନିର୍ବାଚନ କରାଇବା ପାଇଁ ରାଜନୈତିକ ଦଳଗୁଡ଼ିକ ଦାବି କରିଥିଲେ। ୨୦୧୪ରୁ ଜମ୍ମୁ-କଶ୍ମୀରରେ ନିର୍ବାଚନ ହୋଇନାହିଁ। ୨୦୧୯ରେ ଧାରା ୩୭୦ ଉଚ୍ଛେଦ ଓ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯିବା ପରେ ବିଭିନ୍ନ କାରଣରୁ ନିର୍ବାଚନ ହୋଇପାରି ନ ଥିଲା।

## ଇଡି ଅଫିସରଙ୍କୁ ଧରିଲା ସିବିଆଇ

### ୨୦ ଲକ୍ଷ ଲାଞ୍ଚ ନେଉଥିଲେ ସହକାରୀ ନିର୍ଦ୍ଦେଶକ

ନୂଆଦିଲ୍ଲୀ,୮।୮(ପି.ଟି.)

ମୁମ୍ବାଇର ଜଣେ ଜୁଏଲେରଙ୍କଠାରୁ ୨୦ ଲକ୍ଷ ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ସହକାରୀ ନିର୍ଦ୍ଦେଶକଙ୍କୁ ସିବିଆଇ ଗିରଫ କରିଛି। ଇଡି ପକ୍ଷରୁ ଗତ ୩ ଓ ୪ ତାରିଖରେ ଉକ୍ତ ଜୁଏଲେରୀ ପରିସରରେ ଚଢ଼ାଉ କରାଯାଇଥିଲା। ଜୁଏଲରଙ୍କ ପୁଅ ଯଦି ୨୫ ଲକ୍ଷ ଟଙ୍କା ନ ଦିଅନ୍ତି, ତେବେ ତାଙ୍କୁ ମିଛ ମାମଲାରେ ଫସାଇ ଗିରଫ କରାଯିବ ବୋଲି ଆସିଷ୍ଟାଣ୍ଟ ଡାଇରେକ୍ଟର ସନ୍ଦୀପ ସିଂ ଯାଦବ ଧମକ ଦେଇଥିଲେ। ବୁଝାମଣା ପରେ ଉତ୍କୋଚ ପରିମାଣ ୨୦ ଲକ୍ଷ ଟଙ୍କାକୁ କମାଇଦିଆଯାଇଥିଲା। ଲାଞ୍ଚ ନେଉଥିବାବେଳେ ଯାଦବଙ୍କୁ ସିବିଆଇ ଟିମ୍ ଧରିଥିଲା। ଯାଦବ ଗିରଫ ହେବା ପରେ ଇଡି ତାଙ୍କ ବିରୋଧରେ ମନିଲଣ୍ଡରିଂ ମାମଲା ରୁଜୁ କରିଛି। ଏଥିସହ ତାଙ୍କର ନୂଆଦିଲ୍ଲୀ ବାସଭବନରେ ଉଭୟ ଇଡି ଏବଂ ସିବିଆଇ ପକ୍ଷରୁ ଚଢ଼ାଉ କରାଯାଇଛି। ଯାଦବଙ୍କୁ ଧରିବା ପାଇଁ ସିବିଆଇର ଦୁର୍ନୀତି ନିବାରଣ ବିଭାଗ ଲଜପତ ନଗର ବଜାରରେ ଜାଲ ବିଛାଇଥିଲା। ଯାଦବ ପୂର୍ବରୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି)ରେ କାର୍ଯ୍ୟ କରୁଥିବାବେଳେ ଗତବର୍ଷ ମେ'ରେ ଇଡିର ସହକାରୀ ନିର୍ଦ୍ଦେଶକ ନିଯୁକ୍ତ ହୋଇଥିଲେ।

## ବ୍ରିଟେନରେ ଶାନ୍ତି ପାଇଁ ବର୍ଣ୍ଣବୈଷମ୍ୟ ବିରୋଧୀଙ୍କ ଶୋଭାଯାତ୍ରା

ଲଣ୍ଡନ,୮।୮(ପି.ଟି.)

ବ୍ରିଟେନ୍‌ରେ ଫାର୍-ରାଇଟ୍‌ମାନେ ଗତ ସପ୍ତାହରୁ ହିଂସାତ୍ମକ ଆନ୍ଦୋଳନ ଚଳାଇଥିବାବେଳେ ଏହାକୁ ପ୍ରତିହତ କରି ଶାନ୍ତି ଫେରାଇଆଣିବା ପାଇଁ ହଜାର ହଜାର ସଂଖ୍ୟାରେ ବର୍ଣ୍ଣବୈଷମ୍ୟ ବିରୋଧୀ ଗୁରୁବାର ଲଣ୍ଡନ ସମେତ ବ୍ରିଟେନର ବିଭିନ୍ନ ସହରରେ ରାସ୍ତାକୁ ଓହ୍ଲାଇଛନ୍ତି। ଲଣ୍ଡନ, ବ୍ରିଷ୍ଟଲ, ଅକ୍ସଫୋର୍ଡ, ବିର୍‌ମିଙ୍ଗହାମ୍ ଆଦି ବିଭିନ୍ନ ସ୍ଥାନରେ ବର୍ଣ୍ଣବୈଷମ୍ୟ ବିରୋଧୀ ବିକ୍ଷୋଭକାରୀମାନେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା କରିଥିଲେ। ସେମାନଙ୍କ ସଂଖ୍ୟା ବର୍ଣ୍ଣବୈଷମ୍ୟ ସପକ୍ଷବାଦୀ ଏବଂ ଦେଶାନ୍ତର ବିରୋଧୀ ବିକ୍ଷୋଭକାରୀଙ୍କଠାରୁ ଅଧିକ ରହିଛି। ଗତ ସପ୍ତାହରେ ୩ ଜଣ ସ୍କୁଲ୍ ଛାତ୍ରୀଙ୍କୁ ହତ୍ୟା ଘଟଣାରେ ମୁସଲମାନ କଟ୍ଟରପନ୍ଥୀ ସାମିଲ ଥିବା ଅଭିଯୋଗକୁ ନେଇ ବ୍ରିଟେନରେ କଠୋର ଜାତୀୟତାବାଦୀ ସଂଗଠନଗୁଡ଼ିକ ପକ୍ଷରୁ ଇସ୍‌ଲାମ ବିରୋଧୀ ହିଂସାତ୍ମକ ଆନ୍ଦୋଳନ ଉଗ୍ର ରୂପ ଧାରଣ କରିଥିଲା। ଆନ୍ଦୋଳନକୁ କଠୋର ହସ୍ତରେ ଦମନ କରିବା ପାଇଁ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ନିର୍ଦ୍ଦେଶ ଦେଇଥିଲେ। ଲଣ୍ଡନରେ ଥିବା ପ୍ରବାସୀ ଓକିଲ ଏବଂ ଏଜେନ୍ସିଗୁଡ଼ିକୁ ଟାର୍ଗେଟ କରି ବୁଧବାର ବିଭିନ୍ନ ସ୍ଥାନରେ ରାଲି କରାଯାଇଥିଲା।



ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୯/୨୦୨୪ | Bhubaneswar, Friday, August 9/2024 | ପୃଷ୍ଠା-୧



### ହକିରୁ ଶ୍ରୀଜେଶଙ୍କ ଅବସର

ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ ପରେ ହକିରୁ ଅବସର ନେଇଛନ୍ତି ଭାରତର ଷ୍ଟାର ଗୋଲକିପର ପି.ଆର୍. ଶ୍ରୀଜେଶ।

୧୩

୧୨

### ନାଗା ଚୈତନ୍ୟ ଓ ସୋଭିତାଙ୍କ ନିର୍ବନ୍ଧ

ସାଉଥ୍ ଅଭିନେତା ନାଗା ଚୈତନ୍ୟଙ୍କ ସହ ଅଭିନେତ୍ରୀ ସୋଭିତା ଧୁଳିପାଲାଙ୍କ ନିର୍ବନ୍ଧ ଗୁରୁବାର ଅନୁଷ୍ଠିତ ହୋଇଛି।



# ହକିରେ ଭାରତକୁ ବ୍ରୋଞ୍ଜ

**ପ୍ୟାରିସ୍ ଅଲିମ୍ପିକ୍ସ**

**ନେଦରଲାଣ୍ଡ-ଜର୍ମାନୀ ଫାଇନାଲ**

ପ୍ୟାରିସ୍, ୮।୮

ତାରକା ମହିଳା ରେସଲର ଭିନେଶ ଫୋଗଟଙ୍କୁ ଅଯୋଗ୍ୟ ଘୋଷିତ ଏବଂ ଅବସର ଜନିତ ଘଟଣାକ୍ରମକୁ ନେଇ ଭାରତର କ୍ରୀଡ଼ା ମହଲରେ ନିରାଶା ଖେଳି ଯାଇଥିବାବେଳେ ଗୁରୁବାର ପୁରୁଷ ହକିରୁ ଆସିଛି ଏକ ବଡ଼ ଖବର। ଦମ୍‌ଦାର ପ୍ରଦର୍ଶନ କରି ଭାରତୀୟ ହକି ଦଳ ପ୍ୟାରିସରେ ଜିତିଛି ବ୍ରୋଞ୍ଜ ପଦକ। ଅଧିନାୟକ ହରମନପ୍ରୀତ ସିଂଙ୍କ ଡବଲ ଗୋଲ ବଳରେ ଭାରତ ଗୁରୁବାର ଅନୁଷ୍ଠିତ ବ୍ରୋଞ୍ଜ ପଦକ ମୁକାବିଲାରେ ସ୍ପେନ୍‌କୁ ୨-୧ ଗୋଲରେ ପରାସ୍ତ କରିଛି। ଏଥିସହ ଟୋକିଓ ଅଲିମ୍ପିକ୍ସର ବ୍ରୋଞ୍ଜ ପଦକ ସଫଳତାକୁ ଭାରତ ପ୍ୟାରିସରେ ବଜାୟ ରଖିବାରେ ସଫଳ ହୋଇଛି। ଏହାଥିଲା 'ଦି ୱାଲ' ଭାବେ ପରିଚିତ ଷ୍ଟାର ଗୋଲକିପର ପି.ଆର. ଶ୍ରୀଜେଶଙ୍କ ଶେଷ ଅନ୍ତର୍ଜାତୀୟ ମ୍ୟାଚ। ତେଣୁ ବ୍ରୋଞ୍ଜ ପଦକ ଜିତି ଭାରତୀୟ ଦଳ ତାଙ୍କୁ ଉପଯୁକ୍ତ ସମ୍ମାନର ସହ ବିଦାୟ ମଧ୍ୟ ଜଣାଇଛି। ଭାରତ ଏହା ପୂର୍ବରୁ ୧୯୨୮, ୧୯୩୨, ୧୯୩୬, ୧୯୪୮, ୧୯୫୨, ୧୯୫୬, ୧୯୬୪ ଓ ୧୯୮୦ରେ ୮ ଥର ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ୧୯୬୦ରେ ରୌପ୍ୟ ଏବଂ ୧୯୬୮, ୧୯୭୨ ଓ ୨୦୨୦ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲା।

କ୍ୱାର୍ଟର ଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ ବେଲଜିୟମକୁ ହରାଇ ଆଗକୁ ବଢ଼ିଥିବା ସ୍ପେନ୍ ବ୍ରୋଞ୍ଜ ପଦକ ମ୍ୟାଚରେ ଆରମ୍ଭରୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ପ୍ରଥମାର୍ଦ୍ଧରେ ଏକାଧିକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲେ ହେଁ 'ଦି ଗ୍ରେଟ୍ ଇଣ୍ଡିଆନ ୱାଲ୍' ଭାବେ ପରିଚିତ ଶ୍ରୀଜେଶ ଏହାକୁ ସଫଳତାର ସହ ପ୍ରତିହତ କରିଥିଲେ। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିବାପରେ ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୧୮ତମ ମିନିଟରେ ଭାରତୀୟ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ପାଇଁ ସ୍ପେନ୍‌କୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଯାଇଥିଲା। ଅଧିନାୟକ ମାର୍କ ମିରାଲେସ ଏହାକୁ ଗୋଲରେ ପରିଣତ କରିବାରେ କୌଣସି ଭୁଲ କରି ନ ଥିଲେ। ଚାପର ବଶବର୍ତ୍ତୀ ହୋଇଥିଲେ ହେଁ ଭାରତୀୟ ଦଳ ଉତ୍ସାହୀ ପ୍ରଦର୍ଶନ ଜାରି ରଖିଥିଲା। ☞ପୃଷ୍ଠା-୨



ପ୍ୟାରିସ୍ ଅଲିମ୍ପିକ୍ସରେ ଗୁରୁବାର ଅନୁଷ୍ଠିତ ବ୍ରୋଞ୍ଜ ପଦକ ମୁକାବିଲାରେ ସ୍ପେନ୍‌କୁ ୨-୧ ଗୋଲରେ ପରାସ୍ତ କରିଥିବା ଭାରତୀୟ ହକି ଦଳ।

## ଭାରତୀୟ ହକି ଦଳର ସଫଳତା ପଛରେ ଓଡ଼ିଶା

ଭୁବନେଶ୍ୱର, ୮।୮ (ତପନ ସ୍ୱାଇଁ)

ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତି ଦେଶର ହକି ଇତିହାସକୁ ସମୃଦ୍ଧ କରିଛି ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ। କ୍ରମାଗତ ୨ଟି ଅଲିମ୍ପିକ୍ସରେ ଭାରତ ପଦକ ଜିତିବାରେ ସକ୍ଷମ ହୋଇଛି। ଭାରତୀୟ ହକି ଦଳର ସଫଳତା ପଛରେ ଓଡ଼ିଶାର ବହୁତ ବଡ଼ ଅବଦାନ ରହିଛି। କାରଣ ଭାରତୀୟ ହକି ପ୍ରାୟୋଜକ ପାଇଁ ସଂଘର୍ଷ କରୁଥିବାବେଳେ ସହାୟତାର ହାତ ବଢ଼ାଇଥିଲେ ଓଡ଼ିଶା ସରକାର। ୨୦୧୮ ମସିହାରୁ ଭାରତୀୟ ହକି ଦଳର ପ୍ରାୟୋଜକ ରହିଆସିଛି ଓଡ଼ିଶା। ପ୍ରଥମେ ୫ ବର୍ଷ ପାଇଁ ଏହି ଚୁକ୍ତି ହୋଇଥିବାବେଳେ ପରେ ଏହାକୁ ୧୦ ବର୍ଷ ଅର୍ଥାତ୍ ୨୦୩୩ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଥିଲା। ରାଜ୍ୟରେ ନୂଆ ସରକାର ଆସିବା ପରେ ଏହାକୁ ଆଉ ୩ ବର୍ଷ ୨୦୩୬ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରାଯାଇଛି। ଫଳରେ ଦେଶରେ ହକିର ଉତ୍ଥାନ ହୋଇଛି ଏବଂ ଭାରତୀୟ ଦଳ ବିନା ଦ୍ୱିଧାରେ ଦେଶ ଏବଂ ବିଦେଶରେ ଟ୍ରେନିଂ ନେବାସହ ବଡ଼ ପ୍ରତିଯୋଗିତା ପାଇଁ ନିଜକୁ ପ୍ରସ୍ତୁତ କରିପାରୁଛି। ପ୍ୟାରିସ ଯିବା ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ହୋଇଥଲା ଭାରତୀୟ ଦଳର କ୍ୟାମ୍ପ। ଏଠାରେ ନିଜର ପ୍ରସ୍ତୁତିକୁ ଅନ୍ତିମ ☞ପୃଷ୍ଠା-୨

## ଅବସର ଘୋଷଣା କଲେ ଭିନେଶ

ପ୍ୟାରିସ୍, ୮।୮ (ପି.ଟି.)

ମାତ୍ର ୧୦୦ ଗ୍ରାମ ଅଧିକ ଓଜନ ପାଇଁ ପ୍ୟାରିସ୍ ଅଲିମ୍ପିକ୍ସର ୫୦ କିଗ୍ରା ମହିଳା ରେସଲିଂ (କୁସ୍ତି) ଇଭେଣ୍ଟର ଫାଇନାଲରୁ ବୁଧବାର ବାଦ୍ ପଡ଼ିଯାଇଥିବା ଭାରତର ବିଶିଷ୍ଟ ମହିଳା କୁସ୍ତି ଯୋଦ୍ଧା ଭିନେଶ ଫୋଗଟ୍ ଗୁରୁବାର ଅବସର ଘୋଷଣା କରିଛନ୍ତି। ୨୯ ବର୍ଷୀୟା ଭିନେଶ ସୋସିଆଲ ମିଡିଆ 'ଏକ୍ସ'ରେ ଏକ ଭାବବିହ୍ୱଳ ଲେଖା ପୋଷ୍ଟ କରି କୁସ୍ତିକୁ ବାଏ ବାଏ ଜଣାଇଛନ୍ତି। ନିଜ ମା' ପ୍ରେମଲତାଙ୍କ ଉଦ୍ଦେଶ୍ୟରେ ସେ ଏହି ପୋଷ୍ଟଟି ଲେଖିଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି 'ମା' କୁସ୍ତି ମୋଠୁ ଜିତିଗଲା, ମୁଁ ହାରିଗଲି, କ୍ଷମା କରିବ, ଆପଣଙ୍କ ସ୍ୱପ୍ନ, ମୋ ସାହସ ସବୁ ଭାଙ୍ଗିଯାଇଛି। ଏବେ ମୋଠାରେ ଅଧିକ ଶକ୍ତି ରହିନାହିଁ।' ୨୦୦୧ରୁ ୨୦୨୪ ପର୍ଯ୍ୟନ୍ତ ରେସଲିଂରେ ସକ୍ରିୟ ରହି ବିଶ୍ୱ ଚାମ୍ପିୟନଶିପ୍‌ରେ ୨ ଥର ବ୍ରୋଞ୍ଜ ପଦକ ପାଇଥିବା ଭିନେଶ୍ ସମସ୍ତଙ୍କ ନିକଟରେ ଋଣୀ ରହିବେ ବୋଲି କହିବା ସହ କ୍ଷମା ☞ପୃଷ୍ଠା-୨

> ମା' କୁସ୍ତି ମୋଠୁ ଜିତିଗଲା, ମୁଁ ହାରିଗଲି, କ୍ଷମା କରିବ, ଆପଣଙ୍କ ସ୍ୱପ୍ନ, ମୋ ସାହସ ସବୁ ଭାଙ୍ଗିଯାଇଛି
> - ଭିନେଶ ଫୋଗଟ୍



## ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ପରଲୋକ



କୋଲକାତା, ୮।୮

ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ଷୀୟାନ ବାମପନ୍ଥୀ ନେତା ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କର ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ଦକ୍ଷିଣ କୋଲକାତାର ପାମ୍ ଆଭେନ୍ୟୁସ୍ଥିତ ନିଜ ବାସଭବନରେ ଗୁରୁବାର ସକାଳେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଡାକ୍ତର ଆସି ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଶ୍ୱାସକ୍ରିୟା ଜନିତ ରୋଗରେ ପୀଡ଼ିତ ଥିବାରୁ ବାରମ୍ବାର ହସ୍ପିଟାଲ ଯିବାକୁ ପଡୁଥିଲା। ଗତବର୍ଷ ☞ପୃଷ୍ଠା-୧୦

## ରାଜ୍ୟରେ ଖୋଲିବନି ନୂଆ ମଦ ଦୋକାନ

ଭୁବନେଶ୍ୱର, ୮।୮ (ସୁନିତ୍ ମିଶ୍ର)

**ଆସନ୍ତା ବର୍ଷ ନୂଆ ଅବକାରୀ ନୀତି: ହରିଚନ୍ଦନ**

ରାଜ୍ୟରେ ଭାଜପା ସରକାର ଆସିବା ପରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଭିନ୍ନ ଭିନ୍ନ ପ୍ରକାର ଆଲୋଚନା ଜାରି ରହିଛି। ସେହି କ୍ରମରେ ସରକାରଙ୍କ ଅବକାରୀ ନୀତି ନେଇ ଲୋକଙ୍କ ଭିତରେ ଦ୍ୱନ୍ଦ୍ୱ ଲାଗି ରହିଛି। କିଛିଦିନ ତଳେ ରାଜ୍ୟରେ ମଦ ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ଏକ ପ୍ରକାର ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏହା ପରଠାରୁ ଭାଜପା ସରକାର ମଦ କାରବାର ନେଇ କ'ଣ ପଦକ୍ଷେପ ନେଉଛନ୍ତି ତାହା ଉପରେ ସମସ୍ତଙ୍କ ଲକ୍ଷ୍ୟ ରହିଛି। ଏହାରି ଭିତରେ ରାଜ୍ୟ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ରାଜ୍ୟରେ ଆଉ ନୂଆ ମଦ ଦୋକାନ ଖୋଲିବ ନାହିଁ। ଖୁବ୍‌ଶୀଘ୍ର ଅବକାରୀ ନୀତିରେ ଆମୂଳଚୂଳ ପରିବର୍ତ୍ତନ କରାଯିବ। ମଦ ନୀତିକୁ ଆହୁରି କଡ଼ାକଡ଼ି କରାଯିବ। ବର୍ତ୍ତମାନ ପ୍ରଚଳିତ ମଦନୀତିରେ ଥିବା ସମସ୍ୟାକୁ ସୁଚାରୁ ରୂପେ ସମାଧାନ କରାଯିବା ଦିଗରେ ପ୍ରଚେଷ୍ଟା କରାଯାଉଛି। ଏହି ନିୟମ ଅନ୍ତରୀଣ ଭାବେ ୭ ମାସ ପାଇଁ ଲାଗୁ କରାଯାଉଛି। ଆସନ୍ତା ବର୍ଷ ନୂଆ ଅବକାରୀ ନୀତି ପ୍ରଣୟନ କରାଯିବ। ରାଜ୍ୟରେ ଚୋରାମଦ ବିକ୍ରି ବନ୍ଦ କରିବା ଆମ ସମ୍ମୁଖରେ ଏକ ଚ୍ୟାଲେଞ୍ଜ। ନୂଆ ମଦ ନୀତିରେ ଚୋରା ମଦ ସମ୍ପୂର୍ଣ୍ଣ ବନ୍ଦ ହେବ ବୋଲି ପୃଥ୍ୱୀରାଜ କହିଛନ୍ତି।

## ଚିନ୍ତା ବଢ଼ାଇଛି ଶାଢ଼ି କିଲର୍

ବରେଲି, ୮।୮



ୟୁପି ପୋଲିସ ପକ୍ଷରୁ ଜାରି ହୋଇଥିବା ଅଭିଯୁକ୍ତଙ୍କ ସ୍କେଚ୍।

**ୟୁପିରେ ୧୪ ମାସରେ ୯ ମହିଳାଙ୍କୁ ହତ୍ୟା**

ଉତ୍ତର ପ୍ରଦେଶ ବରେଲି ଜିଲା ଶାହି, ଶିଶଗଡ଼ ଏବଂ ଶେରଗଡ଼ ଥାନା ଅଞ୍ଚଳର ୨୬ କିଲୋମିଟର ପରିଧି ମଧ୍ୟରେ ଆତଙ୍କ ଖେଳାଇଛି ଜଣେ 'ଶାଢ଼ି କିଲର', ଯିଏ କି ଗତ ୧୪ ମାସରେ ୯ ମହିଳାଙ୍କୁ ହତ୍ୟା କଲେଣି। ସମସ୍ତଙ୍କୁ ସମାନ ଢଙ୍ଗରେ ଶାଢ଼ିରେ ଗଳାକୁ ଚିପି ହତ୍ୟା କରାଯାଇଥିବା ମାମଲା ସାମନାକୁ ଆସିଛି। ଏହାକୁ ନେଇ ଭୟରେ ଲୋକଙ୍କ ନିଦ ହଜିଥିବାବେଳେ ପୋଲିସ ଚିନ୍ତା ବଢ଼ାଇଛି। ୯ ମହିଳାଙ୍କ ମୃତଦେହ ଉକ୍ତ ଥାନା ଅଞ୍ଚଳ ଅନ୍ତର୍ଗତ ବିଭିନ୍ନ ଆଖୁ ଖେତରୁ ଜବତ ହୋଇଛି। ସେମାନଙ୍କ ବୟସ ୪୫ରୁ ୫୫ ମଧ୍ୟରେ ବୋଲି ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ପ୍ରଶାନ୍ତ କୁମାର ଗୁରୁବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ହତ୍ୟାକାଣ୍ଡ ପଛରେ କୌଣସି ସିରିଏଲ୍ କିଲରଙ୍କ ସମ୍ପୃକ୍ତି ଥିବା ସେ କହିଛନ୍ତି। ବରେଲି ପୋଲିସ ସୋସିଆଲ ମିଡିଆରେ ୩ ସନ୍ଦିଗ୍ଧଙ୍କ ସ୍କେଚ୍ ଜାରି କରିଛି। ସନ୍ଦିଗ୍ଧଙ୍କ ବିଷୟରେ ସୂଚନା ମିଳିଲେ ପୋଲିସ ସହ ସମ୍ପର୍କ କରିବାକୁ କୁହାଯାଇଛି। ☞ପୃଷ୍ଠା-୧୦

**ଆଜିର ସମ୍ପାଦକୀୟ**


ପ୍ରାଣୀ ଅସ୍ତିତ୍ୱ ପ୍ରତି ବିପଦ

## ଭୁବନେଶ୍ୱରରେ ଦେଶର ପ୍ରଥମ ଶସ୍ୟ ଏଟିଏମ୍

ଭୁବନେଶ୍ୱର, ୮।୮ (ଅନିଲ ଦାସ)

ଭୁବନେଶ୍ୱରରେ ଖୋଲିଛି ଦେଶର ପ୍ରଥମ 'ଶସ୍ୟ ଏଟିଏମ୍'। ଏଟିଏମ୍‌ରୁ ଟଙ୍କା ଉଠାଇବା ଭଳି ଏହି ମେଶିନରୁ ଚାଉଳ ବାହାରୁଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଥିବା ହିତାଧିକାରୀମାନେ ଚାହିଁଲେ ଉକ୍ତ ମେଶିନରୁ ଚାଉଳ ଉଠାଇପାରିବେ। ମଞ୍ଚେଶ୍ୱରସ୍ଥିତ ଚାଉଳ ଗୋଦାମଠାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୁରୁବାର ଏହି ଶସ୍ୟ ଏଟିଏମ୍‌କୁ ଉଦ୍‌ଘାଟନ କରିଛନ୍ତି। ଏଟିଏମ୍‌ରେ ଜଣେ ହିତାଧିକାରୀ ନିଜ କାର୍ଡ ନମ୍ବର ଉଲ୍ଲେଖ କରି ଥମ୍ବ ସ୍କାନ୍ କରି ଚାଉଳ ନେଇପାରିବେ। ଏହି ଶସ୍ୟ ଏଟିଏମ୍ ବ୍ୟବସ୍ଥା ସଫଳ ହେଲେ ଆଗାମୀ ଦିନରେ ରାଜ୍ୟର ଅନ୍ୟାନ୍ୟ ଜିଲା ଓ ବ୍ଲକରେ ମଧ୍ୟ ଖୋଲାଯିବ। ଜଣେ ଖାଉଟି ସର୍ବାଧିକ ୨୫ କେଜି ପର୍ଯ୍ୟନ୍ତ ଚାଉଳ ଏଟିଏମ୍‌ରୁ ବାହାର କରିପାରିବେ। ଅନ୍ୟ ଜିଲାର ହିତାଧିକାରୀ ମଧ୍ୟ ଭୁବନେଶ୍ୱରରେ ଥିବା ଉକ୍ତ ଏଟିଏମ୍‌ରୁ ଚାଉଳ ନେଇପାରିବେ ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି। ଏହା ଲାଗୁ ହେବା ଦ୍ୱାରା ହିତାଧିକାରୀମାନେ ଆଉ ଡିଲର ପାଖରେ ଛିଡ଼ାହୋଇ ରହିବେ ନାହିଁ। ଏହାଦ୍ୱାରା ଚାଉଳ ବାଟମାରଣା ମଧ୍ୟ ରୋକାଯାଇପାରିବ ☞ପୃଷ୍ଠା-୧୦





# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ଅବସରରେ ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ବୀର ସୁରେନ୍ଦ୍ରସାଏ ନଗରସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୭ଟା। ବିଧାନସଭା ପରିସରସ୍ଥ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅଗଷ୍ଟକ୍ରାନ୍ତି ଦିବସ ଅବସରରେ ଶହୀଦ ପଦ୍ମନାଭ ଛୋଟରାୟଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ବଡ଼ଗଡ଼ସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୭ଟା ୩୦।
- ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କ୍ରାନ୍ତି ଦିବସ, ସ୍ଥାନ: ରାଜ୍ୟ ସଂଗ୍ରହାଳୟ ସମ୍ମୁଖ ଶହୀଦ ସ୍ମୃତି ସ୍ତମ୍ଭରେ ମାଲ୍ୟାର୍ପଣ, ସମୟ: ସକାଳ ୮ଟା। ସ୍ଥାନ: କଂଗ୍ରେସ ଭବନ, ସମୟ: ସକାଳ ୮ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅଗଷ୍ଟକ୍ରାନ୍ତି ଦିବସ ଅବସରରେ ଶହୀଦ ଜୟୀରାଜଗୁରୁଙ୍କ ଶ୍ରଦ୍ଧାଞ୍ଜଳି, ସ୍ଥାନ: ଏଜି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅଗଷ୍ଟକ୍ରାନ୍ତି ଦିବସ ଅବସରରେ ବକ୍ସି ଜଗବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ଓଡ଼ିଶା ମ୍ୟୁଜିୟମ୍ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ଅବସରରେ ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ବିଧାନସଭା ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୧୦ ଏବଂ ଜୟଦେବ ବିହାରସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୯ଟା ୨୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ଅବସରରେ ଶହୀଦ ରେଣ୍ଡୋ ମାଝୀଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ବିଧାନସଭା ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୧୬।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ଅବସରରେ ସଂଗ୍ରାମୀ ଚକରା ବିଶୋୟୀଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ବିଧାନସଭା ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୧୫।
- ଏମ୍‌ଡି କ୍ରିଏଶନ ଆଣ୍ଡ ଗ୍ରୁପ ପକ୍ଷରୁ 'ଫିର୍ ଭି ଦିଲ୍ ହେ ହିନ୍ଦୁସ୍ତାନୀ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସକାଳ ୯ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ଅବସରରେ ଶହୀଦ ଲକ୍ଷ୍ମଣ ନାଏକଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ବିଧାନସଭା ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୧୫ ଏବଂ କଳିଙ୍ଗ ହସ୍ପିଟାଲ ଛକ ସମ୍ମୁଖସ୍ଥ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୯ଟା ୪୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ଅବସରରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ବିଧାନସଭା ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୧୫ ଏବଂ ସୀତାନାଥବସ୍ତିସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ପୂର୍ବାହ୍ନ ୧୦ଟା ୧୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅଗଷ୍ଟକ୍ରାନ୍ତି ଦିବସ ଅବସରରେ ଶହୀଦ ବାଜି ରାଉତଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ଡିଏଭି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅଗଷ୍ଟକ୍ରାନ୍ତି ଦିବସ ଅବସରରେ ଶହୀଦ ରଘୁନାଥ ମହାନ୍ତି ଓ ଶହୀଦ ଦିବାକର ପରିଡ଼ାଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ୟୁନିଟ୍-୯ସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୫୦।
- ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ କ୍ରାନ୍ତି ଦିବସ ସମାରୋହ, ସ୍ଥାନ: ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ଭବନ, ସମୟ: ସକାଳ ୯ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ଅବସରରେ ଭଗବାନ ବୀର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ନୀଳାଦ୍ରି ବିହାରସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୯ଟା ୫୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶହୀଦ ପିଣ୍ଡିକୀ ବାହୁବଳେନ୍ଦ୍ରଙ୍କ ୨୦୩ତମ ବଳିଦାନ ଦିବସ, ସ୍ଥାନ: ଚନ୍ଦକାସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ପୂର୍ବାହ୍ନ ୧୦ଟା ୪୦ ଏବଂ ଦାରୁଠେଙ୍ଗସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ପୂର୍ବାହ୍ନ ୧୧ଟା।
- ସିଏସ୍‌ଆଇଆର୍- ଜିଜ୍ଞାସା ଲାବରେଟୋରୀ ଭିଜିଟ୍ କାର୍ଯ୍ୟକ୍ରମ, ସ୍ଥାନ: ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଭାଷାର ବ୍ୟବହାର ସମ୍ପର୍କିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବନ୍ଦେ ଓଡ଼ିଶା, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଆ ସିନେମା 'ଭଗିଆ ଭାରିଯା'ର ଶୁଭମୁକ୍ତି, ସ୍ଥାନ: ମହାରାଜା ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା ୪୦।
- କ୍ରାନ୍ତି ଦିବସ, ସ୍ଥାନ: ରାଜ୍ୟ ଅଭିଲେଖାଗାର, ସମୟ: ପୂର୍ବାହ୍ନ ୧୧ଟା।
- ଭାରତ ଛାଡ଼ ଆନ୍ଦୋଳନ ଦିବସରେ ଶୋଭାଯାତ୍ରା ଓ ବିକ୍ଷୋଭ, ସ୍ଥାନ: ରାଜମହଲ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କେଶରୀ ହୋଟେଲ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ସମୟ: ଅପରାହ୍ନ ୩ଟା।
- ସଂଭାବନା ପକ୍ଷରୁ ସଙ୍ଗୀତରେ ଦେଶ ଭକ୍ତିର ସ୍ୱର 'ଜୟହିନ୍ଦ୍', ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶାର ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ ସରଳା ଦେବୀଙ୍କ ୧୨୧ତମ ଜନ୍ମଦିବସ ଓ କ୍ରାନ୍ତି ଦିବସ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ଚିରସନ୍ଧାନ ପକ୍ଷରୁ ରାଜ୍ୟସ୍ତରୀୟ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ଓଡ଼ିଶୀ ଡ୍ୟାନ୍ସର୍ସ କାଉନ୍‌ସିଲ ଆୟୋଜିତ ଯୁବ ଓଡ଼ିଶୀ ଡ୍ୟାନ୍ସର୍ସ ସିଜନ-୧୦, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବାଳାଶ୍ରମ ନୂତନ ଗୃହର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଉତ୍କଳ ବାଳାଶ୍ରମ, ପୁରୀ ନରେନ୍ଦ୍ରକୋଣ, ସମୟ: ପୂର୍ବାହ୍ନ ୧୦ଟା।
- ମହାପ୍ରଭୁଙ୍କୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ମୋହନ ଭାଗବତଙ୍କ ଦର୍ଶନ, ସ୍ଥାନ: ଶ୍ରୀମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ପୁନଶ୍ଚ ପୃଥିବୀ ସମ୍ପର୍କିତ ଆଲୋଚନା ବୈଠକ, ସ୍ଥାନ: ହୋଟେଲ ଏମ୍ପାୟର, ପୁରୀ, ସମୟ: ପୂର୍ବାହ୍ନ ୧୧ଟା।
- ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ କ୍ରାନ୍ତି ଦିବସ ପାଳନ, ସ୍ଥାନ: ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଅନୁରାଗ ସାହିତ୍ୟ ସଂଗୋଷ୍ଠୀ ପକ୍ଷରୁ ନାଗାସାକି ଦିବସ ପାଳନ ଅବସରରେ ଶାନ୍ତି ଆଲୋଚନା ସଭା, ସ୍ଥାନ: ପୁରୀ ୟୁଥ୍ ହଷ୍ଟେଲ, ସମୟ: ଅପରାହ୍ନ ୩ଟା ୩୦।
- ଗଣେଶ୍ୱର ମିଶ୍ରଙ୍କ ସ୍ମୃତି ସଭା, ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସର, ସମୟ: ସନ୍ଧ୍ୟା ୬ଟା।

## କଟକ

- ପ୍ରଜାତନ୍ତ୍ରର ୭୭ତମ ଜନ୍ମବାର୍ଷିକୀ, ସ୍ଥାନ: ବିଷୁବ ମଣ୍ଡପ, ପ୍ରଜାତନ୍ତ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା ୩୦।
- କଟକ ଜିଲା ଭାରତ ସ୍କାଉଟ୍ ଓ ଗାଇଡ୍ ପକ୍ଷରୁ ଜିଲାସ୍ତରୀୟ କ୍ୟାମ୍ପୋରିର ଉଦ୍‌ଯାପନୀ, ସ୍ଥାନ: ରେଭେନ୍‌ଶା କଲିଜିଏଟ୍ ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଖୋର୍ଦ୍ଧା

- ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରମିକ ନେତା ସୁଶାନ୍ତ କୁମାର ମହାନ୍ତିଙ୍କ ୨୩ତମ ସ୍ମୃତିଚାରଣ ସଭା, ସ୍ଥାନ: ବରିଷ୍ଠ ନାଗରିକ ସେବା ସଂଘ କାର୍ଯ୍ୟାଳୟ, ରାମଚନ୍ଦ୍ରପୁର ବଜାର, ଜଟଣୀ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ମତ୍ସ୍ୟ ଚାଷୀ ପ୍ରଶିକ୍ଷଣ ଶିବିର, ସ୍ଥାନ: କୈଳାଶ ଫିସାରୀ, ଅସ୍ତପୁରା, ରୂପ୍‌ସା, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।
- ବିଶ୍ୱ ଆଦିବାସୀ ସମ୍ପ୍ରଦାୟର ଆନ୍ତର୍ଜାତିକ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା୧୫।
- ଯୁବ କଂଗ୍ରେସ ପ୍ରତିଷ୍ଠା ଦିବସ ଉପଲକ୍ଷେ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ବାଘମାରି ନୋଡାଲ ଉପ୍ରା ବିଦ୍ୟାଳୟ, ରାୟାଁ ରାମଚନ୍ଦ୍ରପୁର, ଜଳେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଅଗଷ୍ଟ କ୍ରାନ୍ତି ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ:ଅପରାହ୍ନ ୨ଟା ୩୦।
- ଅଗ୍ରଗାମୀ କ୍ଲବ ଆନୁକୂଲ୍ୟରେ ପରିବେଶ ସଚେତନତା ଶିବିର, ସ୍ଥାନ:ନୀଳବାଡ଼ି ଶୀଳତା ମଣ୍ଡପ, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା

## ଭଦ୍ରକ

- ଦିବଂଗତ ଦୁର୍ଯ୍ୟୋଧନ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା, ସ୍ଥାନ: ବିଜୁ ସ୍ମୃତି ଭବନ, ଚାନ୍ଦବାଲି, ସମୟ: ସକାଳ ୭ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ସାଂସ୍କୃତିକ ପ୍ରତିଯୋଗିତା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ଶ୍ରୀରାମ ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ: ଅତା, ବାତୋ, ଘସିପୁରା, ସମୟ: ସକାଳ ୭ ଟା।
- ବାବା ବକୁଳି ଗୋସ୍ୱାମୀ ମଠରେ ପୂଜାର୍ଚ୍ଚନା, ସ୍ଥାନ: ବାତୋ, ଘସିପୁରା, ସମୟ: ସକାଳ ୭ ଟା।
- ଶନିଙ୍କ ମନ୍ଦିରରେ ପୂଜା ଏବଂ ଯଜ୍ଞ, ସ୍ଥାନ: ଢେଙ୍କା ପଞ୍ଚାୟତ, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ଗୁପ୍ତ ବୃନ୍ଦାବନ ଗୋପାଳ ଜୀଉ ମଠରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ, ସ୍ଥାନ: କରଡ଼ାପାଳ, ବାତୋ, ଘସିପୁରା, ସମୟ: ସକାଳ ୮ଟା।
- ମା' କୁଷ୍ମଳାଇ ପୀଠରେ ପୂଜାର୍ଚ୍ଚନା, ସ୍ଥାନ: ଜଳସୁଆଁ, ଆନନ୍ଦପୁର, ସମୟ: ସକାଳ ୮ଟା।
- ଜଗନ୍ନାଥଙ୍କ ମନ୍ଦିରରେ ମାନସିକ ପୂଜା ଏବଂ ହୋମ, ସ୍ଥାନ: ବଂଚୋ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ଟା।
- ପରିବହନ ବିଭାଗ ତରଫରୁ ଟିକସ ଆଦାୟ କର୍ମଶାଳା, ସ୍ଥାନ: ହାଟଡ଼ିହୀ ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।
- ବିଭିନ୍ନ ପଞ୍ଚାୟତରେ ବିଧାୟକଙ୍କ ଉନ୍ନୟନ କାର୍ଯ୍ୟର ସମୀକ୍ଷା, ସ୍ଥାନ: ହାଟଡ଼ିହୀ ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ବ୍ଲକସ୍ତରୀୟ ଉଚ୍ଚ ବିଦ୍ୟାଳୟ ଶାରଦୀୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ:ସତ୍ୟ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ, ଆମ୍ବଯୋଡ଼ା, ଗୋପବନ୍ଧୁ ନଗର,ସମୟ: ପୂର୍ବାହ୍ନ ୧୦ଟା।
- ମୟୂରଭଞ୍ଜ ଆଥଲେଟିକ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଆଥଲେଟିକ ଆସୋସିଏଶନ ସମ୍ମିଳନୀ କକ୍ଷ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ଆଦର୍ଶ ବିଦ୍ୟାଳୟ ଗରୁଡବସା ବେତନଟୀ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପେସା ଗ୍ରାମସଭା ପକ୍ଷରୁ ଅଧିକାର ପାଇଁ ବାରିପଦା ଚାଲ କାର୍ଯ୍ୟକ୍ରମ, ସ୍ଥାନ: ପାଲବଣୀ ଫୁଟବଲ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ଶୁଳିଆପଦା ବ୍ଲକ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ ଟା।
- ବିଶ୍ୱ ଆଦିବାସୀ ଦିବସ ସମାରୋହ, ସ୍ଥାନ: ଆଦିବାସୀ ଭବନ, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ମୁର୍ଗାବାଡ଼ି ସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- କଳାକାର ସମାଜ ପତିଙ୍କ ଦଶାହ କ୍ରିୟା, ସ୍ଥାନ: ମହାରାଣୀ ଧର୍ମଶାଳା ଦେଉଳସାହି, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ଓଡ଼ିଶା ଭରୋତ୍ତୋଳନ ପ୍ରତିଯୋଗିତା, ସ୍ଥାନ: ମହାତ୍ମା ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା ୩୦।
- ସ୍ୱଦେଶୀ ସଂସ୍କୃତି ଆଲୋଚନାଚକ୍ର, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜିସି କମିଟି ହଲ, ସମୟ: ଅପରାହ୍ନ ୨ଟା।
- ଅଙ୍ଗଦାନ ସଚେତନତା କର୍ମଶାଳା,ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂଆ କନଫରେନ୍ସ ହଲ,ସମୟ: ଅପରାହ୍ନ ୩ଟା।

## କନ୍ଧମାଳ

- ବିଶ୍ୱ ଆଦିବାସୀ ଦିବସ ପାଳନ, ସ୍ଥାନ:ସେବାକେନ୍ଦ୍ର,ଦାରିଙ୍ଗବାଡି,ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- କ୍ୱାଣ୍ଟମ ମାଧ୍ୟମରେ ଭବିଷ୍ୟତ କମ୍ପ୍ୟୁଟିଂ ଏବଂ ଯୋଗାଯୋଗ ଅନୁସନ୍ଧାନ ବିଷୟରେ ଦୁଇ ଦିନିଆ ଆଲୋଚନା ଚକ୍ର, ସ୍ଥାନ: ଗୁଣପୁର ଜିଆଇଇଟି ବିଶ୍ୱ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ରାଜ୍ୟ ଶ୍ରମିକ ସମବାୟ ସଂସ୍ଥାର ଶୁଭାରମ୍ଭ ଉପଲକ୍ଷେ ଚାରାରୋପଣ, ସ୍ଥାନ: ଗୁଣପୁର ନୂତନ ବସଷ୍ଟାଣ୍ଡ ନିକଟ ଜେ.ଜେ ହଷ୍ଟେଲ ଛକ, ସମୟ: ସକାଳ ୯ଟା ୩୦।
- ବିଶ୍ୱ ଆଦିବାସୀ ଦିବସ ପାଳନ, ସ୍ଥାନ: ପୁଟାସିଂ, ଗୁଣପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ଆଦିବାସୀ ସଂଘର୍ଷ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଗୁଣପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜେକେ କାଗଜ କଳ ତରଫରୁ ସ୍ୱାଧୀନତା ଦିବସ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା, ସ୍ଥାନ : କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, ପେଣ୍ଠା,ସମୟ: ପୂର୍ବାହ୍ନ ୧୧ ଟା।
- ବିଶ୍ୱ ଆଦିବାସୀ ଦିବସ ପାଳନ ସମାରୋହ, ସ୍ଥାନ: ଜିସିଡ଼ି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ,ରାୟଗଡ଼ା, ସମୟ: ମଧ୍ୟାହ୍ନ ୧୨ଟା।

## ନବରଙ୍ଗପୁର

- କ୍ରାନ୍ତି ଦିବସ ଉପଲକ୍ଷେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ପୁରୁଣା ଜେଲ୍,ସମୟ:ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବାର୍ଷିକ ଆଦିବାସୀ ମହାସମାବେଶ, ସ୍ଥାନ: ଉମରକୋଟ ଆର୍‌ଏମ୍‌ସି ୟାର୍ଡ଼, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ବିଶ୍ୱ ଆଦିବାସୀ ଦିବସ ନେଇ ଆଲୋଚନାଚକ୍ର, ସ୍ଥାନ: କୋଟସ ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ସ୍ୱାଧୀନତା ଦିବସ ନେଇ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- କୋରାପୁଟ ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ପ୍ରଶିକ୍ଷଣ, ସ୍ଥାନ: ମ୍ୟୁନିସିପାଲଟି ଅଡିଟୋରିୟମ, କୋରାପୁଟ, ସମୟ: ଅପରାହ୍ନ ୫ଟା ୩୦।

## ମାଲକାନଗିରି

- ବିଶ୍ୱ ଆଦିବାସୀ ଦିବସ ପାଳନ,ସ୍ଥାନ: ମାଲକାନଗିରି ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ବିଶ୍ୱ ଆଦିବାସୀ ଦିବସରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲିସ୍ଥିତ ବିର୍ସା ମୁଣ୍ଡା ପ୍ରତିମୂର୍ତ୍ତି, ସମୟ : ସକାଳ ୮ଟା।
- ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳନ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- କ୍ରାନ୍ତି ଦିବସ ଅବସରରେ ଜିଲା କୃଷକ ସୁରକ୍ଷା ସଙ୍ଗଠନର ବିକ୍ଷୋଭ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା
- ଲାଜପତ ରାୟ ଆଇନ କଲେଜ ପୁରାତନ ଛାତ୍ର ସଂଘର ବୈଠକ, ସ୍ଥାନ: କଲେଜ ସଭାକକ୍ଷ, ସମୟ: ପୂର୍ବାହ୍ନ ୧୧ଟା

## ବଲାଙ୍ଗୀର

- ଯୁବବର୍ଗଙ୍କ ମଧ୍ୟରେ ଏଡ୍‌ସ ଏବଂ ଏଚ୍‌ଆଇଭି ସଚେତନତା ପାଇଁ ମାରାଥନ୍ ରେସ୍, ରେଡ୍ ରନ୍‌ର ଶୁଭାରମ୍ଭ: ସ୍ଥାନ: ଗାନ୍ଧୀ ଷ୍ଟାଡିୟମ ସମ୍ମୁଖ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦।
- ଚତୁରଙ୍ଗ ସମ୍ପାଦନା ମଣ୍ଡଳୀ ସଦସ୍ୟଙ୍କ ବୈଠକ, ସ୍ଥାନ: ଜିଲା ସଂସ୍କୃତି ଭବନ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ଇସ୍କନ ପକ୍ଷରୁ ନଗର ପରିକ୍ରମା ଉତ୍ସବ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ପ୍ରାତଃ ୫ଟା ୩୦।
- ବିଶ୍ୱ ଆଦିବାସୀ ଦିବସ ପାଳନ, ସ୍ଥାନ: ବିଜୟ କ୍ଲବ, ଝିରପାଣି, ସମୟ: ସକାଳ ୯ଟା।
- ଚକ୍ଷୁ ପରୀକ୍ଷଣ ଶିବିର, ସ୍ଥାନ: ଲାୟନ୍ସ କ୍ଲବ, ସିଭିଲଟାଉନଶିପ୍, ସମୟ: ସକାଳ ୯ଟା ୩୦।
- ସ୍ୱାଧୀନତା ଦିବସ ପାଇଁ ବୈଠକ, ସ୍ଥାନ: ଜଗଦା ନବଜୀବନ ମଣ୍ଡଳ, ସମୟ: ଅପରାହ୍ନ ୫ଟା।
- ସାହିତ୍ୟରେ ଭାଷା ସରଳତା ଆଲୋଚନାଚକ୍ର, ସ୍ଥାନ: ଗୋପବନ୍ଧୁ ପାଠାଗାର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼

- ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠାକରଣ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ଗାଁ ବ୍ଲକର ଏକମା ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼

- ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ଅତାବିରା ହାଇସ୍କୁଲ, ଅତାବିରା, ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀ ଶିଶୁ ସାହିତ୍ୟ ସଂସଦ ପକ୍ଷରୁ କ୍ରାନ୍ତୀ ଦିବସ ପାଳନ, ସ୍ଥାନ: ରାଣାପ୍ରତାପ ସ୍କୁଲ, ବରଗଡ଼, ସମୟ: ଅପରାହ୍ନ ୩ଟା।
- ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଭୁକ୍ତା, ଅମ୍ବାଭୋନା, ସମୟ: ଅପରାହ୍ନ ୩ଟା ୩୦।

## କଳାହାଣ୍ଡି

- ଜୁନାଗଡ଼ ଏନ୍‌ଏସିରେ ଅନାସ୍ଥା ଭୋଟ, ସ୍ଥାନ: ଜୁନାଗଡ଼ ଏନ୍‌ଏସି ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- କୌଶଳ ରଥ ପରିଭ୍ରମଣ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ପୂର୍ଣ୍ଣତା ଅଭିଯାନ ଉପରେ ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ

- କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା ନେଇ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ସଭାଗୃହ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ଭଏସ୍ ଜିନିୟସ ସିଜନ ୧୧ ସଙ୍ଗୀତ ପ୍ରତିଯୋଗିତା ପାଇଁ ରିଅଲସେଲ, ସ୍ଥାନ: ସଂସ୍କୃତି ଭବନ, ଦେବଗଡ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ପଶ୍ଚିମ ସୋମନାଥ ବାବାଙ୍କ ପୂଜାର୍ଚ୍ଚନା ଓ ମହାକ୍ଷୀରଶାୟୀ, ସ୍ଥାନ: ସୁବର୍ଣ୍ଣପୁର ଘୋଡାଘାଟପଡା ପଶ୍ଚିମ ସୋମନାଥ ମନ୍ଦିର, ସମୟ: ସକାଳ ୮ଟା।
- ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ଓଡିଆ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- କସ୍‌ମସ୍ କ୍ଲବ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଢେଙ୍କାନାଳ ଜିଲା ରକ୍ତଭଣ୍ଡାର, ସମୟ: ପୂର୍ବାହ୍ନ ୧୦ଟା।
- ୮ମ କପିଳାସ ସାଂସ୍କୃତିକ ମହୋତ୍ସବ, ସ୍ଥାନ: ଢେଙ୍କାନାଳସ୍ଥିତ ଗୋପବନ୍ଧୁ ଟାଉନହଲ, ସମୟ: ସନ୍ଧ୍ୟା ୬ଟା ୧୫।

## ଜଗତ୍‌ସିଂହପୁର

- ଇଫ୍‌କୋ କର୍ମଚାରୀ ୟୁନିୟନର କର୍ମକର୍ତ୍ତା ନିର୍ବାଚନ, ସ୍ଥାନ: ଇଫ୍‌କୋ ଟାଉନ୍‌ଶିପ, ପାରାଦୀପ, ସମୟ: ସକାଳ ୮ଟା।
- ଲବଣ ସତ୍ୟାଗ୍ରହ ସ୍ମାରକୀ ଆଲୋଚନା, ସ୍ଥାନ: ନ୍ୟାଶନାଲ ସ୍କୁଲ, କୁଜଙ୍ଗ, ସମୟ: ପୂର୍ବାହ୍ନ ୧୦ଟା।
- ନିଶାମୁକ୍ତ ଯୁବଶକ୍ତି ଅଭିଯାନର ଆତ୍ମତର୍ଜମା କର୍ମଶାଳା, ସ୍ଥାନ: ଅଳକାଆଶ୍ରମ, ଜଗତ୍‌ସିଂହପୁର ସହର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟ ମହିଳା କମିଶନଙ୍କ ପକ୍ଷରୁ ମହିଳାଙ୍କ ଅଧିକାର ଓ ସଂରକ୍ଷଣ ସମ୍ପର୍କରେ ବ୍ଲକସ୍ତରୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାଲିଘର ଫାଉଣ୍ଡେଶନ ଆନୁକୂଲ୍ୟରେ ପରିବେଶ ସଚେତନତା ଓ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ନପଙ୍ଗ ହନୁମାନ ମନ୍ଦିର ନିକଟ, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୧ଟା୩୦।

## ନୟାଗଡ଼

- ସ୍ୱାଧୀନତା ଦିବସ ଅବସରରେ ନୟାଗଡ଼ ବ୍ଲକସ୍ତରୀୟ ପ୍ରତିଯୋଗିତା, ସ୍ଥାନ: ନୟାଗଡ଼ ଏନ୍‌ଏସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଏଡସ୍ ସଚେତନତା ଶିବିର, ସ୍ଥାନ: ନୀଳମାଧବ ମହାବିଦ୍ୟାଳୟ କଣ୍ଟିଲୋ, ସମୟ: ପୂର୍ବାହ୍ନ ୧୧ଟା୩୦।

## କେନ୍ଦ୍ରାପଡ଼ା

- ଗାନ୍ଧୀ ପଦଯାତ୍ରା ସ୍ମୃତି କମିଟି ପକ୍ଷରୁ କାର୍ଯ୍ୟକ୍ରମ, ସ୍ଥାନ: ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୭ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ପରିସର, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ଗାନ୍ଧି ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ କ୍ରାନ୍ତି ଦିବସର ବାର୍ତ୍ତା ଓ ଆଜିର ବାସ୍ତବତା କାର୍ଯ୍ୟକ୍ରମ, ସ୍ଥାନ: ପବ୍ଲିକ ରିଡିଂ ରୁମ୍, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ପାପଗ୍ରହଯୁକ୍ତ ହେତୁ ଶଙ୍କାକୁଳ ମନରେ କାମ କରିବେ। ସମ୍ପର୍କୀୟଙ୍କ ଅନାଦରଭାବ ମନକୁ ବ୍ୟଥିତ କରିବ। କିନ୍ତୁ କର୍ମାଧିପ ଲାଭ ସ୍ଥାନସ୍ଥ ଯୋଗୁଁ ଶିଳ୍ପ, ନିର୍ମାଣ, ବ୍ୟବସାୟ ଓ ବାଣିଜ୍ୟ ଏବଂ ପରିବହନ ବାଧାପ୍ରାପ୍ତ ହେବ ନାହିଁ। ଶାରୀରିକ ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତି ପ୍ରାୟତଃ ଭଲ ରହିବ, କିନ୍ତୁ ଅର୍ଥ ସଂକଟ ଦେଖାଦେବ।

**ବୃଷ** ଚନ୍ଦ୍ରଯୁକ୍ତ କେତୁ ହେତୁ ମାନସିକ ସ୍ଥିତି ଆଦୌ ଭଲ ରହିବ ନାହିଁ। ଏକାଧିକ କାମରେ ମୁଣ୍ଡ ପୂରାଇ କୌଣସି କାମକୁ ପୂର୍ଣ୍ଣାଙ୍ଗ କରିପାରିବେ ନାହିଁ। ଅବଶ୍ୟ ବିଭିନ୍ନ ପ୍ରକାରର ଘରୋଇ ଝାମେଲାକୁ ସୁଧାରି ନେବାରେ ସମର୍ଥ ହେବେ। ଦୂରସ୍ଥ ସନ୍ତାନ କିମ୍ବା ଆତ୍ମୀୟମାନଙ୍କ ସକାଶେ ମନ ବିଚଳିତ ରହିବ।

**ମିଥୁନ** ତୃତୀୟାଧିପ ଦ୍ୱିତୀୟସ୍ଥ ଯୋଗୁ ସମ୍ପର୍କୀୟଙ୍କ ସାହାଯ୍ୟରେ ଅଟକି ରହିଥିବା କାମ ସମ୍ପନ୍ନ କରିପାରିବେ। ଶନିଙ୍କ ଦୃଷ୍ଟିରେ ବୁଧ ଥିବାରୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ ହିତୈଷୀଙ୍କ ପରାମର୍ଶ ନେବେ। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର ପ୍ରତି ଆଗ୍ରହୀ ହେବେ।

**କର୍କଟ** ରବିଙ୍କ ପ୍ରଭାବରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ଆକସ୍ମିକ ଭାବେ କାହା ଉପରେ ରାଗି ଅନର୍ଥ ଓ ଶତ୍ରୁତା ସୃଷ୍ଟି କରିପାରନ୍ତି। ମାନସିକ ସ୍ଥିତି କେତେକାଂଶରେ ଦୋଦୁଲ୍ୟମାନ ଅବସ୍ଥାରେ ରହିବ। ବହୁପୂର୍ବରୁ ପାଇବାକୁ ଥିବା ଅର୍ଥ ଆଜି ଅପରାହ୍ନରେ ପାଇପାରିବେ।

**ସିଂହ** କର୍ମଭାବସ୍ଥ ମଙ୍ଗଳଙ୍କ ଯୋଗୁ ପାରିବାରିକ ପରିସ୍ଥିତି ଭଲ ନ ହେଲେ ମଧ୍ୟ ମନ୍ଦ ହେବନି। ଆର୍ଥିକ ଅନଟନରେ ଅଣନିଃଶ୍ୱାସୀ ହୋଇ ଶେଷରେ ବନ୍ଧୁଙ୍କ ନିକଟରୁ କିଛି ପାଇବେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର, ସଙ୍ଗୀତ, ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ମିଳିବ। ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହୋଇ ପାରନ୍ତି।

**କନ୍ୟା** ପାପଗ୍ରସ୍ତ ଚନ୍ଦ୍ରଜନିତ ସକାଳୁ କୌଣସି ଅଶୁଭ ଖବର ପାଇ ମନ ବିଚଳିତ ହେବ। ବନ୍ଧୁଙ୍କ ଅନୁରୋଧରେ କୌଣସି କାମ ସକାଶେ ବାଧ ହୋଇପାରନ୍ତି। ମାଲି ମକଦ୍ଦମା, ତର୍କ ବିତର୍କ, ସଭା ସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ। ପରିସ୍ଥିତିରେ ପଡ଼ି ନିଜକୁ ସଂକୁଚିତ କରି ରଖିବାକୁ ବାଧ ହୋଇପାରନ୍ତି।

**ତୁଳା** ବୁଧଯୁକ୍ତ ଶୁକ୍ର ଏକାଦଶସ୍ଥ ଯୋଗୁ ପରିସ୍ଥିତିକୁ ସାମ୍ନା କରିବାକୁ ଯାଇ କଠିନ ପରିଶ୍ରମ କରିବାକୁ ପଡ଼ିବ। ଭଲ ସମ୍ପର୍କ ନ ଥିବା କାରଣରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ରାଜନୀତି, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା** ଅନୁକୂଳ ଗ୍ରହସ୍ଥିତିରୁ ଦୀର୍ଘଦିନର ଅଭିଳାଷ ପୂରଣ ହେବା କାରଣରୁ ମନ ପ୍ରଫୁଲ୍ଲ ରହିବ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗି ପାରନ୍ତି। ସାହିତ୍ୟ, ସାମ୍ବାଦିକତା, ରାଜନୀତି, କ୍ରୀଡ଼ାରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ। ଖୋଜୁଥିବା ଜିନିଷଟି ସୁବିଧାରେ ପାଇଯିବେ।

**ଧନୁ** ଶନି ଦୃଷ୍ଟ ଭାଗ୍ୟସ୍ଥାନଜନିତ କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। କାମର ଚାପ ବୃଦ୍ଧି ପାଉଥିବାରୁ ଅତ୍ୟାବଶ୍ୟକ କାମଟିକୁ ଆସନ୍ତାକାଲି ପାଇଁ ରଖିବେ। ଯାନବାହନ ଚଳାଚଳରେ ସତର୍କ ରହିବା ଭଲ। ଉଚ୍ଚବାଚ ଘଟିଲେ ମଧ୍ୟ ବାକେୟା ଟଙ୍କା ପାଇବାରେ ଅସୁବିଧା ହେବ ନାହିଁ।

**ମକର** ପାପଗ୍ରହଯୁକ୍ତ ସପ୍ତମାଧିପ ଯୋଗୁ ପାରିବାରିକ କ୍ଷେତ୍ରରେ ମନରେ ସରସତା ରହିବ ନାହିଁ। ବନ୍ଧୁ ପରିଜନଙ୍କ ସହିତ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ପ୍ରକୃତ ଘଟଣା ନ ବୁଝି ଉପରିସ୍ଥ କର୍ମଚାରୀ କ୍ରୋଧ ପ୍ରକାଶ କରିପାରନ୍ତି। ରପ୍ତାନି,ଏଜେନ୍ସି, ଆନୁଷ୍ଠାନିକ କାମ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ** ସପ୍ତମସ୍ଥ ଗ୍ରହ ପ୍ରଭାବରେ ଆଜିର ଯାତ୍ରା ସଫଳ ହେବ ଓ ଯାହା ଚାହୁଁଛନ୍ତି ତାହା ପାଇବେ। ଜଣେ ବନ୍ଧୁ ସମସ୍ୟା ସମାଧାନ ସକାଶେ ଆପଣଙ୍କୁ ନେହୁରା ହୋଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଭାବି ଚିନ୍ତି କାମ କରିବା ଭଲ ନଚେତ୍ ସମସ୍ୟାଗ୍ରସ୍ତ ହୋଇପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ନିତାନ୍ତ ଆବଶ୍ୟକ, ଅନ୍ୟଥା ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ।

**ମୀନ** ଗୁରୁମଙ୍ଗଳ ଯୋଗ ପ୍ରଭାବରେ ଚେଷ୍ଟା କରୁଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ। ଦୀର୍ଘଦିନରୁ ପାଇନଥିବା ବକେୟା ଅର୍ଥ ପାଇବାରେ କୌଣସି ଅସୁବିଧା ହେବନାହିଁ। ପରିସ୍ଥିତିବଶତଃ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। କଳା, ସାହିତ୍ୟ, ସଙ୍ଗୀତ, ନିର୍ମାଣ, ପରିବହନ, ସଭାସମିତରେ ସଫଳତା ପାଇବେ।

ଆଜି ଅଗଷ୍ଟ ୯ ତାରିଖ, ବିଶ୍ୱ ଜନଜାତି ଦିବସ, ନାଗାସାକି ଦିବସ ଓ ଅଗଷ୍ଟକ୍ରାନ୍ତି ଦିବସ, ଶ୍ରାବଣ ଶୁକ୍ଳ ୫ମୀ ଶୁକ୍ରବାର, ରାଶିନକ୍ଷତ୍ର-ହସ୍ତା/କନ୍ୟା, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଗୃହାରମ୍ଭ, ଜଳାଶୟ ଖନନ ଓ ଦେବତା ଗଠନ ପାଇଁ ଶୁଭଦିନ। ସକାଳ ଘ.୦୫।୨୮ମି. ଗତେ ଘ.୦୭।୧୯ ମଧ୍ୟେ, ଘ.୦୭।୧୧ ମି. ଗତେ ଘ.୦୮।୪୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୬ମି. ଗତେ ଘ.୧୧।୫୨ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ହକିରେ ଭାରତକୁ...

ଦ୍ୱିତୀୟ କ୍ୱାର୍ଟର ତଥା ପ୍ରଥମାର୍ଦ୍ଧ ଶେଷ ହେବାର ଅନ୍ତିମ କ୍ଷଣରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଏହାକୁ ଗୋଲରେ ପରିଣତ କରି ହରମନପ୍ରୀତ ସିଂ ମ୍ୟାଚରେ ଉଷ୍ମତା ଭରି ଦେଇଥିଲେ। ପ୍ରଥମାର୍ଦ୍ଧ ବେଳକୁ ମ୍ୟାଚ ୧-୧ ସ୍ଥିତିକୁ ଆସିଯାଇଥିଲା। ତୃତୀୟ କ୍ୱାର୍ଟର ଆରମ୍ଭରେ ଭାରତ ଆକ୍ରମଣକୁ ଜୋରଦାର କରିଥିଲା। ଏହାର ଫାଇଦା ମଧ୍ୟ ଦଳକୁ ମିଳିଥିଲା। ୩୩ତମ ମିନିଟରେ ଦଳକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଏହାକୁ ଗୋଲରେ ପରିଣତ କରି ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଡ୍ରାଗ୍‌ଫ୍ଲିକର ହରମନପ୍ରୀତ ଭାରତକୁ ଅଗ୍ରଣୀ କରିଥିଲେ। ଶେଷ କ୍ୱାର୍ଟରରେ ଗୋଲ ପରିଶୋଧ ପାଇଁ ସ୍ପେନ୍ ବିଭିନ୍ନ ରଣନୀତି ଅବଲମ୍ବନ କରିଥିଲା। ଏକାଧିକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲେ ହେଁ ନିଜ ଅଭିଜ୍ଞତା ଓ ଦକ୍ଷତାର ଉପଯୋଗ କରି ଶ୍ରୀଜେଶ ଏହାକୁ ପ୍ରତିହତ କରିବା ସହ ଭାରତକୁ ଦେଇଥିଲେ ସ୍ମରଣୀୟ ବିଜୟ। ଫଳରେ ଟୋକିଓ ପରେ ପ୍ୟାରିସରେ ଉଡ଼ିଥିଲା ଭାରତର ବିଜୟ ଧ୍ୱଜା।

### ଭାରତୀୟ ହକି ଦଳର...

ରୂପ ଦେଇ ଭାରତୀୟ ଦଳ ପ୍ୟାରିସରେ ପଦାର୍ପଣ କରିଥିଲା। ପୂରା ଟୁର୍ନାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରିଥିବା ଭାରତ ସେମିଫାଇନାଲରେ ପରାଜିତ ହୋଇଥିଲେ ହେଁ ବ୍ରୋଞ୍ଜ ପଦକ ମୁକାବିଲାରେ ସ୍ପେନ୍‌କୁ ହରାଇ ରଚିଛି ନୂଆ ଇତିହାସ। ଭାରତର ଏହି ବିଜୟରେ ଅନ୍ୟତମ ସଫଳ ନାୟକ ହେଲେ ନିର୍ଭରଯୋଗ୍ୟ ଡିଫେଣ୍ଡର ଅମିତ ରୋହିଦାସ। ସେ ଭାରତୀୟ ଦଳର ପ୍ରଥମ ରଣର ମଧ୍ୟ। ଅର୍ଥାତ୍ ବିପକ୍ଷ ଦଳ ପେନାଲ୍ଟି କର୍ନର ଶୁଟ୍ କରିବାବେଳେ ତାକୁ ପ୍ରତିହତ କରିବାରେ ଅମିତ ସବୁଠାରୁ ବଡ଼ ଭୂମିକା ତୁଲାଇ ଆସିଛନ୍ତି। ଟୋକିଓ ପରେ ପ୍ୟାରିସରେ ବ୍ରୋଞ୍ଜ ପଦକ ଜିତି ଅମିତ ନିଜ କ୍ୟାରିୟରକୁ ଜାଜ୍ୱଲ୍ୟମାନ କରିବା ସହ ଓଡ଼ିଶାକୁ ଗର୍ବିତ କରିଛନ୍ତି।

### ଅବସର ଘୋଷଣା...

ପ୍ରାର୍ଥନା କରିଛନ୍ତି। କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ(କାସ୍)ରେ ବୁଧବାର ରାତିରେ ଯୁଗ୍ମ ଭାବରେ ରୌପ୍ୟ ପଦକ ପାଇଁ ଆବେଦନ କରିବା ପରେ ଗୁରୁବାର ସକାଳୁ ଭିନେଶ ଅବସର ଘୋଷଣା କରିଛନ୍ତି। ୫୦ କିଗ୍ରା ମହିଳା କୁସ୍ତି ଇଭେଣ୍ଟ ଫାଇନାଲରେ ଆମେରିକାର ସାରା ଆନ ହିଲ୍ଡବ୍ରାଣ୍ଟ ବିଜୟୀ ହୋଇଥିବା ବେଳେ ଯୁଗ୍ମ ଭାବରେ ରୌପ୍ୟ ପଦକ ପାଇଁ ଭିନେଶ ଦାବି କରିଛନ୍ତି। ତେବେ ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ(ୟୁଡବ୍ଲ୍ୟୁଡବ୍ଲ୍ୟୁ) ଏହାର ପକ୍ଷ ସ୍ପଷ୍ଟ କରିବା ସହ ବାଉଟ୍ ପୂର୍ବରୁ ରହିଥିବା ୱେଜ୍ ଇନ୍ ବ୍ୟବସ୍ଥା ହଟାଯିବ ନାହିଁ ବୋଲି କହିଛି। ଏହି ପ୍ରସ୍ତାବ ଉପରେ ବିଚାର କରାଯିବା ଉଚିତ। ମାତ୍ର ତୁରନ୍ତ ଏହାକୁ ଲାଗୁ କରାଯାଇ ପାରିବ ନାହିଁ ବୋଲି ୟୁଡବ୍ଲ୍ୟୁଡବ୍ଲ୍ୟୁ ପକ୍ଷରୁ ସ୍ପଷ୍ଟ କରାଯାଇଛି।

୩ ଥରର ଅଲିମ୍ପିଆନ ଭିନେଶ ଏସିଆନ୍ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତେବେ ସାଧାରଣତଃ ୫୩ କେଜି ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଭିନେଶଙ୍କୁ ପ୍ୟାରିସ୍ ଗେମ୍ସ ପାଇଁ ୫୦ କିଗ୍ରା ଓଜନ ବର୍ଗରେ ଲଢ଼ିବାକୁ ପଡିଥିଲା। ସେହିପରି ୫୩ କେଜି ଓଜନ ବର୍ଗରେ ଅନ୍ତିମ ପଙ୍ଘାଲ ଭାରତର ପ୍ରତିନିଧିତ୍ୱ କରିଥିଲେ। ତେବେ ଉଭୟ ଖେଳାଳିଙ୍କ ପାଇଁ ଏହା ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଭିନେଶ ଅଧିକ ଓଜନ କାରଣରୁ ବିଦା ହୋଇଥିବା ବେଳେ ପଦାର୍ପଣକାରୀ ଅନ୍ତିମ ପ୍ରଥମ ରାଉଣ୍ଡରେ ହାରି ଯାଇଥିଲେ। ୩ ଥର ଅଲିମ୍ପିକ୍ସରେ ଭାଗ ନେଇଥିଲେ ମଧ୍ୟ ପ୍ରତିଥର ଭାଗ୍ୟ ସହାୟତା କରିନାହିଁ। ୨୦୧୬ ରିଓ ଅଲିମ୍ପିକ୍ସରେ ଆହତ ହୋଇ ବିଦା ହୋଇଥିବାବେଳେ ଟୋକିଓରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ପ୍ୟାରିସ୍‌ରେ ପରିବର୍ତ୍ତିତ ଓଜନ ବର୍ଗ ସହିତ ପ୍ରତିଦ୍ୱନ୍ଦ୍ୱିତା କରି ଫାଇନାଲରେ ପହଞ୍ଚିଥିଲେ ମଧ୍ୟ ପୁନର୍ବାର ଅନଲକି ରହିଥିଲେ।

**୫ ଦିନିଆ ଓଡ଼ିଶା ଗସ୍ତରେ ମୋହନ ଭାଗବତ**

ଭୁବନେଶ୍ୱର,୮।୮(ସୁନିତ୍ ମିଶ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସରସଂଘ ଚାଳକ ମୋହନ ଭାଗବତ ୫ ଦିନିଆ ଓଡ଼ିଶା ଗସ୍ତରେ ଆସି ଗୁରୁବାର ଭୁବନେଶ୍ୱରଠାରେ ପହଞ୍ଚିଛନ୍ତି। ସେ ଭୁବନେଶ୍ୱରରେ ରାତ୍ରିଯାପନକରି ଶୁକ୍ରବାର ଶ୍ରୀମନ୍ଦିର ଯାଇ ଜଗନ୍ନାଥଙ୍କ ଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ପୁରୀଠାରେ ଆସନ୍ତା ୧୦ ଏବଂ ୧୧ ତାରିଖରେ ପ୍ରାନ୍ତ ସେବା ପ୍ରମୁଖ ବୈଠକରେ ସେ ସାମିଲହେବା କାର୍ଯ୍ୟକ୍ରମ ରହିଛି। ଆସନ୍ତା ୧୨ ତାରିଖରେ ସେ ଫେରିଯିବା କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି।




# ଅନୁପ୍ରବେଶ ଭୟ: ଓଡ଼ିଶାରେ ହାଇଆଲର୍ଟ

## ଅଶାନ୍ତ ବାଂଲାଦେଶ

ଭୁବନେଶ୍ୱର,୮।୮ (ସତ୍ୟଜିତ୍ ରାଉତ)

ବାଂଲାଦେଶରେ ସଂରକ୍ଷଣ ହିଂସା ଲାଗିରହିଥିବା ବେଳେ କ୍ରମଶଃ ଏହା ଭୟାନକ ରୂପ ନେବାରେ ଲାଗିଛି। ସବୁଠି ପୋଡ଼ାଜଳା, ହତ୍ୟାକାଣ୍ଡ ଆଦି ହିଂସା ଘଟୁଥିବାରୁ ଦେଶରେ ଅସ୍ଥିରତା ଲାଗି ରହିଛି। ସେଠାରେ ହିନ୍ଦୁମାନଙ୍କୁ ଟାର୍ଗେଟ କରାଯାଉଛି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ବାଂଲାଦେଶୀମାନେ ଭାରତ ଆସିବାର ସମ୍ଭାବନା ଦେଖାଦେଇଛି। ଅନୁପ୍ରବେଶକାରୀମାନେ ସମୁଦ୍ରପଥ ଦେଇ ବୋଟ୍ ଯୋଗେ ଦେଶ ଛାଡ଼ି ଆସିବାର ଆଶଙ୍କା ବଢ଼ିଯାଇଛି। ଏହାକୁ ଦୃଷ୍ଟିରେ ରଖି ସାମୁଦ୍ରିକ ସୁରକ୍ଷା ଉପରେ ଭାରତ ସରକାରଙ୍କ ପକ୍ଷରୁ ବିଶେଷ ଧ୍ୟାନ ଦିଆଯାଉଛି। ଏହିକ୍ରମରେ ଓଡ଼ିଶାକୁ ବାଂଲାଦେଶୀ ଅନୁପ୍ରବେଶକାରୀ କିଭଳି ନ ଆସିପାରିବେ ସେନେଇ ରାଜ୍ୟରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଥିବା ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଅରୁଣ ଷଡ଼ଙ୍ଗୀ କହିଛନ୍ତି। ଡିଜିପି ଷଡ଼ଙ୍ଗୀ କହିଛନ୍ତି, ରାଜ୍ୟର ୭ଟି ତଟବର୍ତ୍ତୀ ପୋଲିସ ଜିଲାର ୧୮ଟି ସାମୁଦ୍ରିକ ଥାନାକୁ ସାମୁଦ୍ରିକ ସୁରକ୍ଷା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ସତର୍କ ସୂଚନା ଜାରି କରାଯାଇଛି। ସମୁଦ୍ର ତଟରେ ୩ ଥାକିଆ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସାମୁଦ୍ରିକ ଥାନାଗୁଡ଼ିକୁ ଅଧିକ ଲୋକବଳ ଦିଆଯାଇଛି। ବିଶେଷ କରି ବାଂଲାଦେଶର ପାଖ ପଡୁଥିବା ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ାର ୯ଟି ସାମୁଦ୍ରିକ ଥାନାକୁ ଅଧିକ ଆଲର୍ଟ କରାଯାଇଛି। ସମୁଦ୍ରରେ ୫ ନଟିକାଲ ମାଇଲ ପର୍ଯ୍ୟନ୍ତ ସାମୁଦ୍ରିକ ଥାନାଗୁଡ଼ିକ ପାଟ୍ରୋଲିଂ କରିବେ। ଗୋଟିଏ କିମ୍ବା ଦୁଇଟି ଥାନାକୁ ଛାଡ଼ି ଅନ୍ୟସବୁ ସାମୁଦ୍ରିକ ଥାନାରେ ପ୍ରାୟ ବୋଟ୍ ଅଛି। ତେଣୁ ଉକ୍ତ ଥାନା ଏରିଆକୁ ପାଖ ଥାନା କଭର୍ କରିବେ। ଏହାବ୍ୟତୀତ ତଟବର୍ତ୍ତୀ ମତ୍ସ୍ୟଜୀବୀ ଆବାସ ଏବଂ ଲୋକ ରହୁଥିବା ସ୍ଥାନଗୁଡ଼ିକରେ ଫୋର୍ସ ମୁତୟନ କରାଯାଇଛି। ଗୋଇନ୍ଦା ବିଭାଗକୁ ସତର୍କ କରାଯାଇଛି। ବାଂଲାଦେଶୀମାନେ ଆସୁଥିବା ବୋଟ୍‌ଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ବାଂଲାଦେଶ ଅନୁପ୍ରବେଶକାରୀଙ୍କ ପ୍ରତି ପୋଲିସ ସଜାଗ ରହିଥିବାବେଳେ ବେଳାଭୂମିକୁ ସୁଦୃଢ଼ କରି ରଖିଛୁ ବୋଲି ଡିଜି କହିଛନ୍ତି। ଅନ୍ୟପକ୍ଷରେ ବାଂଲାଦେଶରେ ହିନ୍ଦୁମନ୍ଦିରକୁ ବିକ୍ଷୋଭକାରୀମାନେ ଆକ୍ରମଣ କରୁଥିବାରୁ ମଧ୍ୟ ଏହା ଉପରେ ବିଶେଷ ଦୃଷ୍ଟି ଦିଆଯାଇଛି। ଓଡ଼ିଶାରେ ଥିବା ବାଂଲାଦେଶୀଙ୍କ ଉପରେ ଏହାର ପ୍ରଭାବ ନ ପଡିବା ପାଇଁ ରାଜ୍ୟରେ ମଧ୍ୟ ଆଲର୍ଟ କରାଯାଇଛି। ଗୋଷ୍ଠୀଗତ ଉତ୍ତେଜନା ନ ଘଟିବା ପାଇଁ ପୋଲିସ ସଜାଗ ରହିଛି ବୋଲି ଡିଜିପି ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

## ଗ୍ରାମାଞ୍ଚଳରେ ଦୁର୍ଘଟଣା ହ୍ରାସ ଉପରେ ସରକାରଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୮।୮(ସୁନିତ୍ ମିଶ୍ର)

ରାଜ୍ୟରେ ଦୁର୍ଘଟଣା ଓ ଏଥିଜନିତ ମୃତ୍ୟୁସଂଖ୍ୟା ହ୍ରାସକୁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ପ୍ରାଧାନ୍ୟ ଦିଆଯାଇଛି। ବିଶେଷକରି ଗ୍ରାମାଞ୍ଚଳ ଓ ଅଧିକ ଦୁର୍ଘଟଣାପ୍ରବଣ ଜିଲା ଉପରେ ବିଶେଷ ଧ୍ୟାନ ଦିଆଯିବ। ଏ ସଂକ୍ରାନ୍ତରେ ଆଗକୁ ପଦକ୍ଷେପ ନେବା ଲକ୍ଷ୍ୟରେ ଆଇଆଇଟି,ମାଡ୍ରାସ୍‌ର ପ୍ରତିନିଧିଙ୍କ ସହ ଖାରବେଳ ଭବନରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଓ ପରିବହନ କମିଶନର ଅମିତାଭ ଠାକୁର ଗୁରୁବାର ଆଲୋଚନା କରିଛନ୍ତି । ଆଇଆଇଟି ମାଡ୍ରାସ୍ ପକ୍ଷରୁ ସେଣ୍ଟର ଅଫ୍ ଏକ୍ସଲେନ୍ସି ଫର୍ ରୋଡ୍ ଶେଫ୍ଟିର ମୁଖ୍ୟ ଭେଙ୍କଟେଶ ବାଲାସୁବ୍ରମଣ୍ୟମ ବିସ୍ତୃତ ଭାବେ ତାଙ୍କର ମତାମତ ଉପସ୍ଥାପିତ କରିଛନ୍ତି। ଆଧୁନିକ ଜ୍ଞାନକୌଶଳ ଓ ସୁବ୍ୟବସ୍ଥିତ ଢଙ୍ଗରେ ସଡ଼କ ସୁରକ୍ଷା କାର୍ଯ୍ୟକୁ କିଭଳି ପରିଚାଳନା କରାଯିବ ତାହା ଉପରେ ଗୁରୁତ୍ୱାରୋପ କରାଯାଇଛି। ଦୁର୍ଘଟଣା କାହିଁକି ଘଟୁଛି, କିପରି ଏହାକୁ କମ୍ କରାଯାଇପାରିବ, ଦୁର୍ଘଟଣାଗ୍ରସ୍ତଙ୍କ ଜୀବନ କିଭଳି ରକ୍ଷା କରାଯାଇପାରିବ ସେ ଦିଗରେ ଆଲୋଚନା ହୋଇଛି। ସଡ଼କ ବ୍ୟବହାରକାରୀଙ୍କୁ ସଚେତନ କରିବା ଉପରେ ଓଡ଼ିଶା ଗୁରୁତ୍ୱ ଦେଉଛି। ଏ ଦିଗରେ ନିଆଯିବାକୁ ଥିବା ସମସ୍ତ ପଦକ୍ଷେପର ପ୍ରଭାବ ଓ ସମୟସୀମା ଉପରେ ପ୍ରମୁଖ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି।

# ନାଫେଡ୍ ମାଧ୍ୟମରେ ଉତ୍ତରପ୍ରଦେଶରୁ ଆସିବ ଆଳୁ

- ୩୦ ଟଙ୍କାରେ ଖାଉଟିଙ୍କୁ ମିଳିବ
- ୨ ବର୍ଷ ଭିତରେ ସ୍ୱାବଲମ୍ବୀ ହେବାକୁ ଯୋଜନା

ଭୁବନେଶ୍ୱର,୮।୮(ଅନିଲ ଦାସ)

ରାଜ୍ୟରେ ଆଳୁ ସଙ୍କଟ ଦୂର କରିବା ପାଇଁ ସରକାର ବିଧିବଦ୍ଧ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏଣିକି ରାଜ୍ୟ ସରକାର ନାଫେଡ୍ ମାଧ୍ୟମରେ ଆଳୁ କିଣିବା ସହ ଖାଉଟିଙ୍କୁ କିଲୋ ପିଛା ୩୦ ଟଙ୍କାରେ ଯୋଗାଇଦେବେ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୩୦୦ ମେଟ୍ରିକ ଟନ୍ ଆଳୁ ପାଇଁ ନାଫେଡ୍ ମାଧ୍ୟମରେ ଅର୍ଡର କରାଯାଇଛି। ଏହା ଆସନ୍ତା ସପ୍ତାହକ ମଧ୍ୟରେ ରାଜ୍ୟରେ ଉପଲବ୍ଧ ହେବ। ପ୍ରଥମ ପର୍ଯ୍ୟାୟରେ ଏହା ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର ଓ ବ୍ରହ୍ମପୁରରେ ସରକାରୀ ଖୁଚୁରା ଦୋକାନ ମାଧ୍ୟମରେ ମିଳିବ। ବିକ୍ରୟ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଳୁ ସମସ୍ୟା ନେଇ ବୁଧବାର ଯୋଗାଣ ମନ୍ତ୍ରୀ ଉଚ୍ଚସ୍ତରୀୟ ବୈଠକ ଡାକିଥିଲେ। ଖୁବ୍‌ଶୀଘ୍ର ସ୍ଥିତି ନିୟନ୍ତ୍ରଣକୁ ଆସିବ। ଏଥିସହିତ ଆସନ୍ତା ବର୍ଷେ କିମ୍ବା ଦୁଇ ବର୍ଷ ମଧ୍ୟରେ ରାଜ୍ୟକୁ ଆଳୁ ଉତ୍ପାଦନରେ ସ୍ୱାବଲମ୍ବୀ କରିବାକୁ ଯୋଜନା କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

ରାଜ୍ୟରେ ଗତ କିଛି ଦିନ ହେବ ଆଳୁ ସଙ୍କଟ ଲାଗି ରହିଛି। ପଶ୍ଚିମବଙ୍ଗ କିମ୍ବା ଉତ୍ତର ପ୍ରଦେଶରୁ ଆଳୁ ନ ଆସିବା ଯୋଗୁ ରାଜ୍ୟରେ ପରିସ୍ଥିତି ଦିନକୁ ଦିନ ସଙ୍ଗିନ ହେଉଛି। ଖାଉଟିମାନେ ଚଢ଼ା ଦରରେ ଆଳୁ କିଣିବାକୁ ବାଧ୍ୟ ହେଉଛନ୍ତି। ରାଜ୍ୟରେ ଗୁରୁବାରଠାରୁ ପର୍ଯ୍ୟାପ୍ତ ପରିମାଣରେ ଏବଂ ଉଚିତ ଦାମ୍‌ରେ ଆଳୁ ମିଳିବ ବୋଲି ମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଚଢ଼ା ଦରରେ ଆଳୁ ବିକିଲେ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ଚେତାବନୀ ଦେଇଥିଲେ। ହେଲେ ଖୁଚୁରା ବଜାରରେ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ରହିଛି। ଖୁଚୁରା ବଜାରରେ ଚଢ଼ା ଦରରେ ଆଳୁ ବିକ୍ରି ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ବାଧ୍ୟହୋଇ ଖାଉଟି କିଲୋ ପିଛା ୫୦ ଟଙ୍କାରେ ଆଳୁ କିଣୁଛନ୍ତି। ରାଜ୍ୟରେ ଦର ଆକାଶଛୁଆଁ ହେବାପରେ ସ୍କୁଲ ମଧ୍ୟାହ୍ନ ଭୋଜନ ଓ ଆହାର କେନ୍ଦ୍ର ଡାଲମାରୁ ମଧ୍ୟ ଆଳୁ ଉଭେଇ ଯାଇଛି।

ଗତ ୫ ତାରିଖଠାରୁ ଓଡ଼ିଶାକୁ ଆଳୁ ଗାଡ଼ି ଆସି ନ ଥିବାରୁ ବଜାରରେ ତିରୋଟ ପରିସ୍ଥିତି ସୃଷ୍ଟି ହୋଇଛି। ଭୁବନେଶ୍ୱର ଖୁଚୁରା ବଜାରରେ ଆଳୁ କିଲୋ ୪୫ରୁ ୫୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଭଦ୍ରକରେ ୪୫ ଟଙ୍କା, ମୟୂରଭଞ୍ଜରେ ୪୦ ଟଙ୍କା ଓ ବାଲେଶ୍ୱରରେ ୪୦ ଟଙ୍କାରେ ବିକ୍ରି ହେଉଥିବା ଜଣାପଡ଼ିଛି। ପଶ୍ଚିମବଙ୍ଗ ଆଳୁ ଗାଡ଼ି ଉପରେ ରୋକ ଲଗାଇବା ପରେ ବ୍ୟବସାୟୀମାନେ ଉତ୍ତରପ୍ରଦେଶରୁ ଆଳୁ ଆଣି ବିକ୍ରି କରିଥିଲେ। ସେହି ଆଳୁ ଖାଉଟିଙ୍କ ଆଦୃତି ଲାଭ ନ କରିବାରୁ ଆମଦାନୀ ଏକପ୍ରକାର ବନ୍ଦ ହୋଇଯାଇଛି।

ଓଡ଼ିଶା ରାଜ୍ୟ ବ୍ୟବସାୟୀ ସଂଘ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି, ଆଳୁ ସଙ୍କଟ ନେଇ କେବଳ ବ୍ୟବସାୟୀଙ୍କୁ ଦୋଷ ଦେଲେ ହେବ ନାହିଁ। ସରକାର ଓ ବ୍ୟବସାୟୀଙ୍କୁ ମିଳିତ ଭାବେ ଏହି ସମସ୍ୟାର ସମାଧାନ କରିବାକୁ ହେବ। ସରକାର ଆଳୁ ଯୋଗାଇବା ପାଇଁ ଆବଶ୍ୟକ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଦର ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ଏଥିସହିତ ରାଜ୍ୟରେ ଆଳୁ ଉତ୍ପାଦନ ବୃଦ୍ଧି ପାଇଁ ସରକାରୀ ସ୍ତରରେ ଚାଷୀଙ୍କୁ ପ୍ରୋତ୍ସାହନ ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

## ଆହୁରି ୨ଦିନ ବର୍ଷା

ଭୁବନେଶ୍ୱର,୮।୮ (ଅନୁରାଧା ମହାରଣା)

ପଶ୍ଚିମ ଝାଡ଼ଖଣ୍ଡ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣବଳୟ ସକ୍ରିୟ ରହିଛି। ଏହାସହ ମୌସୁମୀ ସକ୍ରିୟ ରହିଥିବାରୁ ରାଜ୍ୟରେ ବର୍ଷା ଜାରି ରହିଛି। ଗୁରୁବାର ନୟାଗଡ଼ରେ ସର୍ବାଧିକ ୪୯.୦ ମି.ମି. ବର୍ଷା ରେକର୍ଡ କରାଯାଇଥିବାବେଳେ ଢେଙ୍କାନାଳରେ ୪୫.୨ ମି.ମି., ତାଳଚେରରେ ୩୫.୦ ମି.ମି., ବାରିପଦା ୩୦.୨ ମିମି ଏବଂ ନବରଙ୍ଗପୁରରେ ୧୬.୪ ମିମି ବର୍ଷା ହୋଇଛି। ତେବେ ରାଜ୍ୟରେ ଆହୁରି ୨ଦିନ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ଶୁକ୍ରବାର ରାଜ୍ୟର ବିଭିନ୍ନ ଜିଲାରେ ୭ରୁ ୧୧ ସେମି ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଥିବାରୁ ସମ୍ପୃକ୍ତ ୯ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ଜିଲାଗୁଡ଼ିକ ମଧ୍ୟରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, କୋରାପୁଟ, ବରଗଡ଼, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା ଓ ବଲାଙ୍ଗୀର ରହିଛି। ଶନିବାର ଉତ୍ତର ଓଡ଼ିଶା ସମେତ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ଝଡ଼ବର୍ଷାର ସମ୍ଭାବନା ରହିଛି। ଏନେଇ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର ଓ କେନ୍ଦୁଝର ଆଦି ଜିଲାକୁ ୟେଲୋ ୱାର୍ନିଂ ରହିଛି। ଶନିବାରଠାରୁ ରାଜ୍ୟରେ ବର୍ଷାର ପରିମାଣ କମିପାରେ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

# ମଧ୍ୟାହ୍ନଭୋଜନରେ ଝିଟିପିଟି



ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଛାତ୍ରୀମାନେ।

## ୫୦ ଛାତ୍ରୀଛାତ୍ର ଅସୁସ୍ଥ

ସୋର,୮।୮(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ବ୍ଲକ୍ ଶିରାପୁରସ୍ଥିତ ଉଦୟ ନାରାୟଣ ନୋଡାଲ ବିଦ୍ୟାଳୟରେ ଗୁରୁବାର ମଧ୍ୟାହ୍ନଭୋଜନ ଖାଇ ୫୦ ଛାତ୍ରୀଛାତ୍ର ଅସୁସ୍ଥ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମଧ୍ୟାହ୍ନଭୋଜନରେ ଝିଟିପିଟି ପଡ଼ି ଖାଦ୍ୟ ବିଷାକ୍ତ ହୋଇଥିବା କାରଣରୁ ଏଭଳି ଘଟଣା ଘଟିଥିବା କୁହାଯାଉଛି। ସୂଚନା ଅନୁଯାୟୀ, ବିଦ୍ୟାଳୟରେ ପଢୁଥିବା ୧୬୦ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ଗୁରୁବାର ସ୍ଥାନୀୟ ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ମଧ୍ୟାହ୍ନଭୋଜନ ରୋଷେଇ ହୋଇଥିଲା। ୫୦ ଜଣ ପିଲା ଭାତ ଓ ତରକାରି ଖାଇବା ପରେ ସେଥିରୁ ଝିଟିପିଟି ବାହାରିଥିଲା। କିଛି ସମୟ ପରେ ସେମାନଙ୍କର ପେଟ କାଟିବା ସହ ବାନ୍ତି ହୋଇଥିଲା। ବିଦ୍ୟାଳୟର ଶିକ୍ଷକ ଓ ପରିଚାଳନା କମିଟିର ସଦସ୍ୟମାନେ ୧୦୮ ଆମ୍ବୁଲାନ୍ସ ଯୋଗେ ଅସୁସ୍ଥ ଛାତ୍ରୀଛାତ୍ରମାନଙ୍କୁ ଚିକିତ୍ସା ପାଇଁ ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ୪୦ ଜଣ ଛାତ୍ରୀଛାତ୍ର ସୁସ୍ଥହୋଇ ଘରକୁ ଫେରିଥିବା ବେଳେ ଅନ୍ୟମାନେ ଚିକିତ୍ସିତ ହେଉଛନ୍ତି। ମଧ୍ୟାହ୍ନଭୋଜନରୁ ୨ଟି ଝିଟିପିଟି ବାହାରିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କବିତା ସୋରେନଙ୍କୁ ପଚାରିବାରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ମଧ୍ୟାହ୍ନଭୋଜନ ରୋଷେଇ ହୋଇଥିଲା। ୫୦ ଜଣ ପିଲା ଖାଇସାରିଲା ପରେ ତରକାରିରୁ ଝିଟିପିଟି ବାହାରିବାରୁ ଅନ୍ୟ ପିଲାମାନଙ୍କୁ ଖାଇବାକୁ ଦିଆଯାଇ ନ ଥିଲା। ସଙ୍ଗେ ସଙ୍ଗେ ଅସୁସ୍ଥ ଛାତ୍ରୀଛାତ୍ରମାନଙ୍କୁ ଡାକ୍ତରଖାନା ନିଆଯାଇଥିଲା ବୋଲି ସେ କହିଛନ୍ତି।

# କେ-ଆର୍ ରେଳପଥରେ ଭୂସ୍ଖଳନ, ରେଳ ଚଳାଚଳ ବାଧାପ୍ରାପ୍ତ



ପାହାଡ଼ରୁ ମାଟି ଅତଡ଼ା ଓ ପଥର ଖସି ରେଳ ଧାରଣା ଉପରେ ପଡ଼ିଛି।

ରାୟଗଡ଼ା,୮।୮(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଶିକରପାଇ ଓ କେଉଟଗୁଡ଼ା ରେଳ ଷ୍ଟେଶନ ମଝିରେ ଥିବା ୩୫ ନମ୍ବର ଟନେଲ ନିକଟରେ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଭୂସ୍ଖଳନ ଘଟିଛି। ନିକଟସ୍ଥ ପାହାଡ଼ରୁ ମାଟି ଅତଡ଼ା ଓ ପଥର ଖସି ରେଳ ଧାରଣା ଉପରେ ପଡ଼ିବାରୁ କୋରାପୁଟ-ରାୟଗଡା (କେ-ଆର୍) ରେଳପଥରେ ଦିନ ତମାମ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଦୁର୍ଘଟଣାରୁ ଜଗଦଲପୁର- ହାଓଡା ସମଲେଶ୍ୱରୀ ଏକ୍ସପ୍ରେସ୍ ଅଳ୍ପକେ ବର୍ତ୍ତିଯାଇଥିବା ସୂଚନା ମିଳିଛି।

ଗୁରୁବାର ପୂର୍ବାହ୍ନ ପ୍ରାୟ ୧୦ଟା ୧୦ରେ ସେହି ବାଟେ ସମଲେଶ୍ୱରୀ ଏକ୍ସପ୍ରେସ୍ ଯିବାର ଥିଲା। ହେଲେ ଭୂସ୍ଖଳନ ସମ୍ପର୍କରେ ଉଭୟ ଶିକରପାଇ ଓ କେଉଟଗୁଡା ରେଳଷ୍ଟେଶନ କର୍ତ୍ତୃପକ୍ଷ ସୂଚନା ପାଇ ସମଲେଶ୍ୱଶରୀ ଏକ୍ସପ୍ରେସ୍ ଟ୍ରେନ୍‌କୁ ଶିକରପାଇ ଷ୍ଟେଶନରେ ଅଟକ ରଖାଯାଇଥିଲା। ସୂଚନା ପାଇ ରାୟଗଡ଼ା ରେଲୱେ ରିଲିଫ ଟିମ୍ ସରଞ୍ଜାମ ସହ ଘଟଣାସ୍ଥଳରେ ପହଞ୍ଚି ରେଳଧାରଣା ଉପରେ ପଡ଼ିଥିବା ପଥର ଓ ମାଟି ଅତଡ଼ା ହଟାଇ ସଫାକରିଥିଲେ। ଏହାପରେ ସମଲେଶ୍ୱରୀ ଏକ୍ସପ୍ରେସ୍ ରାୟଗଡ଼ା ଅଭିମୁଖେ ଯାତ୍ରା କରିଥିଲା। ପ୍ରାୟ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ସମଲେଶ୍ୱରୀ ଏକ୍ସପ୍ରେସ୍ ଅଟକି ରହିଥିଲା। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସମଲେଶ୍ୱରୀ ଏକ୍ସପ୍ରେସ୍ ଯିବା ପରେ ରେଲୱେ ବୈଷୟିକ ଟିମ୍ ପୁଣି ରେଳ ଚଳାଚଳ ବନ୍ଦ ରଖି ପାହାଡ଼ ଉପର ଭାଗ ଏକ୍ସକାଭେଟର ଜରିଆରେ ସଫା କରିଥିଲେ। ଫଳରେ ଏହି ରେଳପଥରେ ଦିନ ତମାମ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଏଠାରେ ପୁଣି ଭୂସ୍ଖଳନ ହେବାର ସମ୍ଭାବନା ଥିବାରୁ ସମସ୍ତ ଟ୍ରେନ ୨୦ କି.ମି. ଗତିରେ ଟିକିରିଠାରୁ ରାୟଗଡ଼ା ମଧ୍ୟରେ ଚଳାଚଳ କରିବା ପାଇଁ ରେଲୱେ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି।

# ହସ୍ପିଟାଲରେ ରୋଗୀଙ୍କ ସମ୍ପର୍କୀୟଙ୍କୁ କାମୁଡ଼ିଲା ସାପ

ଆନନ୍ଦପୁର(ଉମେଶ ଚନ୍ଦ୍ର ପାଢ଼ୀ/ ସୁଶାନ୍ତ କୁମାର ସାହୁ)/ରାମଚନ୍ଦ୍ରପୁର (ଗଣେଶ୍ୱର ସା), ୮।୮

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଅଭାବନୀୟ ଘଟଣା ଘଟିଯାଇଛି। ବୁଧବାର ବିଳମ୍ବିତ ରାତିରେ ଜଣେ ରୋଗୀଙ୍କ ସମ୍ପର୍କୀୟଙ୍କୁ ଚିତି ସାପ କାମୁଡ଼ି ଥିବା ଜଣାପଡ଼ିଛି। ଆହତ ଯୁବକ ଆନନ୍ଦପୁର ଥାନା ଗୟଲମୁଣ୍ଡା ଗାଁର ମାଝୀ ଚମ୍ପିଆ। ତାଙ୍କୁ ତୁରନ୍ତ ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଥିବା ମେଡ଼ିକାଲ ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, ମାଝୀଙ୍କ ବଡ଼ ମା’ ପେଲଙ୍ଗ ମୁଣ୍ଡା ଅସୁସ୍ଥ ଥିବାରୁ ବୁଧବାର ତାଙ୍କୁ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ରାତିରେ ବଡ ମା’ ରହୁଥିବା ୱାର୍ଡ ସମ୍ମୁଖ ବାରଣ୍ଡାରେ ଶୋଇଥିଲେ। ବିଳମ୍ବିତ ରାତିରେ ବିଷଧର ଚିତି ସାପ ତାଙ୍କ ହାତକୁ କାମୁଡ଼ି ଦେଇଥିଲା। ପରେ ସେ ପିନ୍ଧି ଥିବା ପ୍ୟାଣ୍ଟ ଭିତରେ ପଶିଯାଇଥିଲା। ମାଝୀ ଚିତ୍କାର କରିବାରୁ ପାଖରେ ଥିବା ସୁରକ୍ଷାକର୍ମୀଙ୍କ ସହ ଲୋକେ ପହଞ୍ଚି ସାପକୁ ତାଙ୍କ ପ୍ୟାଣ୍ଟ ଭିତରୁ ବାହାର କରିଥିଲେ। ପରେ ତାଙ୍କର ଚିକିତ୍ସା କରାଯାଇଥିଲା। ମାଝୀଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି ବୋଲି ମେଡ଼ିକାଲ ପକ୍ଷରୁ କୁହାଯାଇଛି। ଘଟଣାର ଅଧଘଣ୍ଟା ପରେ ଆଉ ଗୋଟିଏ ସାପ ମହିଳା ୱାର୍ଡର ଅନ୍ୟ ପାର୍ଶ୍ୱରେ ବାହାରିଥିଲା। ଯାହାକୁ ନେଇ ରୋଗୀଙ୍କ ସମେତ ରୋଗୀ ସମ୍ପର୍କୀୟ ଭୟଭୀତ ହୋଇ ରାତି ଅନିଦ୍ରା ହୋଇ ଜଗି ରହିଥିଲେ। ସାପକୁ କେହି ମାରିଦେଇଥିବା କୁହାଯାଉଥିବା ବେଳେ ଘଟଣା ପରେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ରୋଗୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଏଥିସହ ମେଡ଼ିକାଲର ଚାରିପାଖ, ଭିତର ଠିକ୍ ଭାବେ ସଫା ହେଉ ନ ଥିବା ଅଭିଯୋଗ ହେଉଛି। ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଧିକାରୀ ଧନେଶ୍ୱର ସେଠୀ କହିଛନ୍ତି, ସୁରକ୍ଷା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଉଛି। କେମିତି ସାପ ଆସିଲା ଜଣାନାହିଁ। ଘଟଣା ପରେ ଆହୁରି କଡାକଡ଼ି ଭାବେ ସଫେଇ କରିବା ସହ ମେଡ଼ିକାଲ ସ୍ୱଚ୍ଛତା ରଖିବାକୁ କର୍ମଚାରୀଙ୍କୁ କହିଛି। ସାପ କମୁଡ଼ିଥିବା ବ୍ୟକ୍ତି ବର୍ତ୍ତମାନ ସୁଦ୍ଧା ସୁସ୍ଥ ଅଛନ୍ତି।



ଚିକିତ୍ସାଧୀନ ମାଝୀ ଚମ୍ପିଆ।



# ପ୍ରାଣୀ ଅସ୍ତିତ୍ୱ ପ୍ରତି ବିପଦ



ପିଟର ସିଙ୍ଗର

ଚଳିତ ବର୍ଷ ମେ'ରେ ଅନେକ କ୍ଷେତ୍ରରୁ ଆସିଥିବା ବିଶେଷଜ୍ଞମାନେ ମଣ୍ଟେନେଗ୍ରୋରେ ଏକତ୍ର ହୋଇଥିଲେ। ଏମାନେ ଏକ୍‌ଜିଷ୍ଟେନ୍‌ସିଆଲ ଥ୍ରେଟ୍‌ସ ବା ପ୍ରାଣୀ ଅସ୍ତିତ୍ୱ ପ୍ରତି ସୃଷ୍ଟି ହେଉଥିବା ଜଳବାୟୁ ପରିବର୍ତ୍ତନଜନିତ ବିପଦ ଏବଂ ଅନ୍ୟାନ୍ୟ ବିପର୍ଯ୍ୟୟଗୁଡ଼ିକର କିପରି ସମାଧାନ କରାଯିବ ସେ ବିଷୟରେ ଆଲୋଚନା କରିଥିଲେ। ୨୦୦୨ରେ 'ଏକ୍‌ଜିଷ୍ଟେନ୍‌ସିଆଲ ରିସ୍କ' ଶବ୍ଦ ଦାର୍ଶନିକ ନିକ୍ ବୋଷ୍ଟ୍ରମ୍‌ଙ୍କର ଏକ ପ୍ରବନ୍ଧରେ ଅଧିକ ଚର୍ଚ୍ଚିତ ହୋଇଥିଲା। ଏଥିରେ ଏକ ପ୍ରତିକୂଳ ପରିଣାମ ପୃଥିବୀରୁ ଉତ୍ପନ୍ନ ବୁଦ୍ଧିମାନ୍ ଜୀବନକୁ ନଷ୍ଟକରିଦେବ କିମ୍ବା ସେମାନଙ୍କ ସାମର୍ଥ୍ୟକୁ ସ୍ଥାୟୀ ଏବଂ ଭୟଙ୍କର ଭାବରେ ହ୍ରାସ କରିବା ଭଳି ବିପଦ ସମ୍ପର୍କରେ ସେ ସୂଚିତ କରିଥିଲେ। ତେବେ ମଣିଷ ବଞ୍ଚିବାରେ ସମ୍ମୁଖୀନ ହେଉଥିବା ଜଳବାୟୁ ସମ୍ପର୍କିତ ବିପଦ ଏବଂ ଅନ୍ୟାନ୍ୟ ବିପର୍ଯ୍ୟୟ ମଧ୍ୟରେ ପାର୍ଥକ୍ୟକୁ ଚିହ୍ନଟ କରିବାକୁ ହେଲେ ଜଳବାୟୁ ପରିବର୍ତ୍ତନ ଉପରେ ବିଚାରକରିବାକୁ ହେବ। କେତେକ ପରିସ୍ଥିତିରେ, ବିଶ୍ୱତାପନ ବୃଦ୍ଧିକୁ ଅଣଦେଖା କରିବା ଯୋଗୁ ପୃଥିବୀର ଅଧିକାଂଶ ଭାଗ ଅତ୍ୟଧିକ ଉତ୍ତପ୍ତ ହୋଇପାରେ ଓ ସେଠାରେ ମନୁଷ୍ୟ ତଥା ଅନ୍ୟ ପ୍ରାଣୀମାନେ ରହିବାକୁ ବାଧ୍ୟ ହୋଇପାରନ୍ତି। କିନ୍ତୁ ଆଣ୍ଟାର୍କଟିକା, ୟୁରୋପ, ଏସିଆ ଏବଂ ଉତ୍ତର ଆମେରିକାର ପୂରା ଉତ୍ତରରେ ଥିବା କେତେକ ଅଞ୍ଚଳ ବାସୋପଯୋଗୀ ହେବ। ଏହା ପୃଥିବୀରେ ବୁଦ୍ଧିମାନ୍ ଜୀବନର ସମ୍ଭାବନାକୁ ହ୍ରାସ କରିବ, ବୋଧହୁଏ ସହସ୍ର ବର୍ଷ ପାଇଁ। କିନ୍ତୁ ପରିଶେଷରେ ପୃଥିବୀ ଶୀତଳ ହୋଇଯିବ ଏବଂ ବଞ୍ଚିଥିବା ମଣିଷଙ୍କ ବଂଶଧରମାନେ ପୁନର୍ବାର ବଂଶବୃଦ୍ଧି କରିବେ। ଯଦି ଏସବୁ ବାସ୍ତବରେ ସବୁଠାରୁ ଖରାପ ଘଟଣାର ପରିସ୍ଥିତି, ତେବେ ଜଳବାୟୁ ପରିବର୍ତ୍ତନ ଯେତେ ବିନାଶକାରୀ ହେଲେ ବି ତାହା ଏକ୍‌ଜିଷ୍ଟେନ୍‌ସିଆଲ ରିସ୍କ ହୋଇପାରିବ ନାହିଁ। ଯଦି ବିପର୍ଯ୍ୟୟର ଗମ୍ଭୀରତା ମୃତକଙ୍କ ସଂଖ୍ୟା ସହିତ ସିଧାସଳଖ ସମାନୁପାତିକ, ଅର୍ଥାତ୍ ଗମ୍ଭୀରତା ଅନୁଯାୟୀ ମୃତ୍ୟୁ ବଢୁଥାଏ, ତେବେ ପୃଥିବୀର ପ୍ରାୟ ସମସ୍ତ ମଣିଷଙ୍କ ଜୀବନ ନେଇପାରୁଥିବା ଏକ ବିପର୍ଯ୍ୟୟ ଏବଂ ପୃଥିବୀରୁ ସମ୍ପୂର୍ଣ୍ଣ ମଣିଷଙ୍କୁ ଶେଷ କରିଦେବା ଭଳି ବିପର୍ଯ୍ୟୟ ମଧ୍ୟରେ ପାର୍ଥକ୍ୟ ଅଧିକ ରହିବ ନାହିଁ। ଏକ୍‌ଜିଷ୍ଟେନ୍‌ସିଆଲ ରିସ୍କ ବିଷୟରେ ଅନେକ ଦାର୍ଶନିକ ମତ ରଖିଛନ୍ତି। ସେମାନେ କହନ୍ତି ଯେ, ଯଦି ଆମ ଜୀବଜଗତ ଦୀର୍ଘଦିନ ବଞ୍ଚିରହେ ତେବେ କେତେ ଅଧିକ ଲୋକ ବଞ୍ଚିବେ ତାହା ଉପରେ ଏହି ଦୃଷ୍ଟିକୋଣ ଅନୁଧ୍ୟାନ କରିବାରେ ବିଫଳ ହୋଇଛି।



ମଣ୍ଟେନେଗ୍ରୋ ସମ୍ମିଳନୀ ଏହାର ଟାଇଟଲରେ 'ଅନ୍ୟ ସବୁ ବିପର୍ଯ୍ୟୟ'କୁ ଦର୍ଶାଇ କେବଳ ଏକ୍‌ଜିଷ୍ଟେନ୍‌ସିଆଲ ରିସ୍କରେ ସୀମିତ ନ ଥିଲା, ବରଂ ଏଗୁଡ଼ିକ ସମ୍ପର୍କରେ ବ୍ୟାପକ ଆଲୋଚନା କରିଥିଲା। ସମ୍ମିଳନୀର ଅନ୍ତିମ ଅଧିବେଶନ ଶେଷହୋଇ ଆସୁଥିବାବେଳେ ସେଠାରେ ଉପସ୍ଥିତ କେତେଜଣ ବିଶେଷଜ୍ଞ ଅନୁଭବ କରିଥିଲେ ଯେ ସେମାନେ ଆଲୋଚନା କରୁଥିବା ପ୍ରସଙ୍ଗଗୁଡ଼ିକ ଅଧିକ ଗମ୍ଭୀର, ତଥାପି ସେଗୁଡ଼ିକୁ ଏତେ ଅଣଦେଖା କରାଯାଉଛି ଯେ, ସେସବୁ ଉପରେ ଆମେ ଜନସାଧାରଣଙ୍କ ଏବଂ ସରକାରମାନଙ୍କର ଦୃଷ୍ଟି ଆକର୍ଷଣ କରିବା ଉଚିତ। ବୈଠକରେ ଏହିପରି ଏକ ଘୋଷଣା ଉପରେ ବିଶେଷଜ୍ଞମାନେ ଅଧିକ ଆଲୋଚନା କରିଥିଲେ ଏବଂ ମୁଁ ଏହାର ଏକ ଚିଠା ବା ଯୋଜନା ପ୍ରସ୍ତୁତ କରିବାକୁ ମନୋନୀତ ହୋଇଥିବା ଏକ ଛୋଟ ଗୋଷ୍ଠୀର ସଦସ୍ୟ ଥିଲି।

ଘୋଷଣାପତ୍ରରେ ଦର୍ଶାଯାଇଛି ଯେ ମାନବଜାତିର ଅସ୍ତିତ୍ୱ ପ୍ରତି ଗମ୍ଭୀର ବିପଦ ରହିଛି, ଯେଉଁଗୁଡ଼ିକ ମଧ୍ୟରୁ ଅଧିକାଂଶ ମନୁଷ୍ୟକୃତ। ଉଦ୍ଦେଶ୍ୟମୂଳକ ଭାବରେ, ଜୈବ ଆତଙ୍କବାଦ ହେଉ ଅବା ଅଜାଣତରେ ଜଳବାୟୁ ପରିବର୍ତ୍ତନ କିମ୍ବା ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତ୍ତା, ଏସବୁ ସୃଷ୍ଟିକରି ମଣିଷ ବିପଦକୁ ଆମନ୍ତ୍ରଣ କରିଛି। ଘୋଷଣାପତ୍ରରେ କୁହାଯାଇଛି, ଏହି ବିପଦଗୁଡ଼ିକ ଉପରେ ସରକାରମାନେ ଯେତିକି ଗମ୍ଭୀରତା ସହ କିମ୍ବା ଜରୁରୀ ପଦକ୍ଷେପ ନେବା କଥା ତାହା ହେଉନାହିଁ। ଏହି ଘୋଷଣାପତ୍ର ଟୋବି ଅର୍ଡଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକ ଦି ପ୍ରିସିପିସିରେ କରିଥିବା ଦୁଇଟି ଦାବିକୁ ଉଦାହରଣ ଭାବେ ଦର୍ଶାଇ ତାହାର ଦୃଷ୍ଟିକୋଣକୁ ସମର୍ଥନକରେ। ଆଗାମୀ ୧୦୦ ବର୍ଷରେ ଆମ ଜୀବଜଗତର ୧୬-୧୭ ପ୍ରତିଶତ କିମ୍ବା ୬ଟିରେ ଗୋଟିଏ ପ୍ରଜାତି ବିଲୁପ୍ତ ହେବାକୁ ଯାଉଛି ବୋଲି ଅର୍ଡ ଆକଳନ କରିଥିଲେ। ସେ ମଧ୍ୟ ଆକଳନ କରିଥିଲେ ଯେ ଏଭଳି ବିପଦକୁ ହ୍ରାସ କରିବା ପଦକ୍ଷେପରେ ମାନବ ଜାତି ବ୍ୟୟ କରୁଥିବା ବିଶ୍ୱର ଜିଡିପିର ଅଂଶ ୦.୦୦୧ ପ୍ରତିଶତରୁ କମ୍।

ଜୁଲାଇରେ ନୂଆକରି ସୂଚନା ଦେଇ ଅର୍ଡ କହିଛନ୍ତି, ନୂତନ ପ୍ରମାଣ ସୂଚିତକରେ ଯେ ଚରମ ଜଳବାୟୁ ପରିବର୍ତ୍ତନ ପରିସ୍ଥିତି ଆସିବା ସମ୍ଭବ ନୁହେଁ। ଏହି କାରଣରୁ ମଣିଷ ବା ପ୍ରାଣୀ ଅସ୍ତିତ୍ୱ ପ୍ରତି ଜଳବାୟୁ ପରିବର୍ତ୍ତନ ସୃଷ୍ଟି କରିଥିବା ବିପଦ ୨୦୨୦ରେ ସେ ଯେତିକି ହେବ ବୋଲି ଆକଳନ କରିଥିଲେ, ତାହାଠାରୁ କମ୍ ହେବ। ଅନ୍ୟପକ୍ଷରେ, ୟୁକ୍ରେନ୍ ଯୁଦ୍ଧରେ ସମ୍ଭାବ୍ୟ ଆଣବିକ ଅସ୍ତ୍ର ପ୍ରୟୋଗରେ ଆମ ବିଲୁପ୍ତିର ଆଶଙ୍କା ଅଧିକ ରହିଥିବାବେଳେ ସୁପର କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ମହାମାରୀର ବିପଦ ତାଙ୍କ ଦୃଷ୍ଟିରେ କିଛି କ୍ଷେତ୍ରରେ କମ୍ ଏବଂ ଅନ୍ୟ କେତେକ କ୍ଷେତ୍ରରେ ଅଧିକ ରହିଛି। ଅର୍ଡଙ୍କ ମତରେ ଟକିଂ ଏଆଇ ଚାଟ୍‌ବୋଟ୍ ଉପରେ ଧ୍ୟାନଦେବା କମ୍ ବିପଜ୍ଜନକ, କାରଣ ଚାଟ୍‌ବୋଟ୍‌ଗୁଡ଼ିକ ଏଜେଣ୍ଟ ନୁହନ୍ତି। ସେ ସ୍ୱୀକାର କରିଛନ୍ତି ଯେ ଅତ୍ୟାଧୁନିକ ଏଆଇ ସୃଷ୍ଟି କରିବା ପାଇଁ ଅଧିକ ପ୍ରତିଯୋଗିତା ଚାଲିଥିବାରୁ ଏଆଇ ସୁରକ୍ଷା ଉପରେ ତୁରନ୍ତ କିଛି ପଦକ୍ଷେପ ନେବାକୁ ହେବ। ମୋଟ ଉପରେ, ଅର୍ଡ ତାଙ୍କର ଆକଳନକୁ ପରିବର୍ତ୍ତନ କରିନାହାନ୍ତି। ଆମ ପ୍ରାଣୀ ଓ ଉଦ୍ଭିଦ ଜଗତ ଆଗାମୀ ୧୦୦ ବର୍ଷ ବଞ୍ଚିପାରିବେ ନାହିଁ ଓ ୬ଟି ପ୍ରଜାତିରେ ଗୋଟିଏ ବିଲୁପ୍ତ ହେବା ସମ୍ଭାବନା ଥିବା ଆକଳନକୁ ପରିବର୍ତ୍ତନ କରିବା ସହଜ ନୁହେଁ ବୋଲି ସେ ସ୍ୱୀକାର କରିଛନ୍ତି। ସେ ଆହୁରି ମଧ୍ୟ ସ୍ୱୀକାର କରିଛନ୍ତି ଯେ ଜୀବଜଗତ ବିଲୁପ୍ତ ହେବାର ବିପଦକୁ ହ୍ରାସ କରିବାରେ ବର୍ତ୍ତମାନ ବିଶ୍ୱରେ ଅଧିକ ଆଗ୍ରହ ପ୍ରକାଶ ପାଇଛି। ଉଦାହରଣ ସ୍ୱରୂପ ମିଳିତ ଜାତିସଂଘର ମହାସଚିବଙ୍କ ୨୦୨୧ ରିପୋର୍ଟରେ ଏହି ପ୍ରସଙ୍ଗକୁ ଅନ୍ତର୍ଭୁକ୍ତ କରିବା ଏବଂ 'ଦି ଏଲ୍‌ଡର୍ସ' ଭାବରେ ଜଣାଶୁଣା ପୂର୍ବତନ ବିଶ୍ୱର ନେତାଙ୍କ ଅନ୍ତର୍ଜାତୀୟ ଗୋଷ୍ଠୀର ଏଜେଣ୍ଡାରେ ଏହାକୁ ପ୍ରାଧାନ୍ୟ ଦିଆଯିବା।

ମଣ୍ଟେନେଗ୍ରୋ ଘୋଷଣାପତ୍ର ଚାହେଁ, ମଣିଷ ବା ପ୍ରାଣୀର ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି କରୁଥିବା ଜଳବାୟୁଜନିତ ବିପର୍ଯ୍ୟୟକୁ ହ୍ରାସ କରିବା ଲାଗି ସରକାରମାନେ ସହଯୋଗ ଭିତ୍ତିରେ କାର୍ଯ୍ୟ କରନ୍ତୁ। ମାନବ ବିଲୁପ୍ତିର ବିପଦ ହ୍ରାସ କରିବାକୁ ସବୁଠୁ ଭଲ ଉପାୟ ପାଇବା ସକାଶେ ବିଶେଷକରି ଧନୀ ଦେଶର ସରକାରଗୁଡ଼ିକ ସେମାନଙ୍କ 'ମହତ୍ତ୍ୱପୂର୍ଣ୍ଣ ସଂସାଧନ'କୁ ଏଥିରେ ନିବେଶ କରିବାକୁ ଏହି ଘୋଷଣାପତ୍ର ଆହ୍ୱାନ ଦିଏ। ଯଦିଓ ଏହି ପରିପ୍ରେକ୍ଷୀରେ ଘୋଷଣାପତ୍ର 'ମହତ୍ତ୍ୱପୂର୍ଣ୍ଣ' କ'ଣ ତାହା ସୂଚିତ କରିନାହିଁ, ତଥାପି ବିଲୁପ୍ତ ହେବାକୁ ଯାଉଥିବା ଆମ ଜୀବଜଗତ ଉପରୁ ବିପଦ ହ୍ରାସ କରିବା ପାଇଁ ବୈଶ୍ୱିକ ଜିଡିପିର ୧ ପ୍ରତିଶତ ନିବେଶ କରିବା ପ୍ରତିବଦ୍ଧତା ଗ୍ରହଣ କରିବାକୁ ଅର୍ଡ ପରାମର୍ଶ ଦେଇଛନ୍ତି। ଅର୍ଡଙ୍କ ମତରେ ୨୦୨୦ ବେଳକୁ ସରକାରଗୁଡ଼ିକ ଏହାପାଇଁ ଯେତିକି ବ୍ୟୟ କରୁଥିଲେ ତାହା ତୁଳନାରେ ଏହା ହଜାରେ ଗୁଣ ଅଧିକ। କିନ୍ତୁ ଏହା ଅତ୍ୟଧିକ କହି ଯୁକ୍ତି କରିବା କେବଳ ସମୟର ଅପଚୟ ଛଡ଼ା ଆଉ କିଛି ନୁହେଁ।

**ଏମିରିଟସ୍ ପ୍ରଫେସର ଅଫ୍ ବାୟୋଏଥିକ୍ସ, ପ୍ରିନ୍ସଟନ୍ ୟୁନିଭର୍ସିଟି**

## ସ୍ୱାଧୀନତା ଆନ୍ଦୋଳନର ଆଦ୍ୟ ପାହାଚ



ଉମାଶଙ୍କର ପ୍ରସାଦ

୧୯୪୨ ଅଗଷ୍ଟ ୯ ତାରିଖ ଦିନ 'କର ବା ମର' ଧ୍ୱନିରେ ଆରମ୍ଭ ହୋଇଥିଲା ଇଂରେଜ ସରକାର ବିରୋଧରେ ଶେଷ ପର୍ଯ୍ୟାୟର ଗଣଆନ୍ଦୋଳନ। ୧୯୪୨ ଜୁଲାଇ ୧୪ ରେ ୱାର୍ଦ୍ଧାଠାରେ ଯେଉଁ କମିଟି ବୈଠକ ବସିଥିଲା, ସେଥିରେ ଭାରତଛାଡ଼ ଆନ୍ଦୋଳନ ପାଇଁ ଏକ ପ୍ରସ୍ତାବ ଆଗତ ହୋଇ ନିଷ୍ପତ୍ତି ନିଆଯାଇଥିଲା ; ଯାହାକୁ ପରବର୍ତ୍ତୀ କ୍ଷଣରେ ଏକ ଅଧିବେଶନ ବମ୍ବେଠାରେ ଅଗଷ୍ଟ ୮ରେ ବସି ଅନୁମୋଦନ କରାଇଲା। ଠିକ୍ ଏହାର ପରଦିନ 'ଅଗଷ୍ଟ ୯ରେ' ଇଂରେଜ ସରକାର ମହାତ୍ମା ଗାନ୍ଧୀ, ପଣ୍ଡିତ ନେହେରୁ, ଆଚାର୍ଯ୍ୟ କୃପାଳିନୀ, ମୌଲାନା ଆବୁଲ କଲାମ୍ ଆଜାଦ୍ ପ୍ରମୁଖ କେତେକ ନେତାଙ୍କୁ ଗିରଫ କରିଥିଲେ। ଏହାର ପ୍ରଭାବ ଦେଶର ଚାରିଆଡ଼େ ପଡ଼ିଥିଲା ସତ, ମାତ୍ର ଓଡ଼ିଶାରେ ପ୍ରଭାବ ଥିଲା ସ୍ୱତନ୍ତ୍ର। ସେତେବେଳେ ଲୋକଙ୍କୁ ସତ୍ୟାଗ୍ରହ ସମ୍ପର୍କରେ ଶିକ୍ଷା ଦେବାକୁ ବରୀଠାରେ ଏକ ପ୍ରଶିକ୍ଷଣ କେନ୍ଦ୍ର ଖୋଲିଥିଲା। କିନ୍ତୁ ଇତ୍ୟବସରରେ କାହିଁ କେଜାଣି ପ୍ରଚାରିତ ହେଲା ଯେ, ଓଡ଼ିଶା ଉପକୂଳରେ

### କ୍ରାନ୍ତି ଦିବସ ଉପଲକ୍ଷେ

ଜାପାନୀ ସୈନ୍ୟମାନେ ଆସି ଅବତରଣ କରିବେ ଏବଂ ଏହାପରେ ସେମାନେ କଲିକତା ଏବଂ ମାନ୍ଦ୍ରାଜ ଅଭିମୁଖେ ଯାତ୍ରା କରିବେ। ଏଣୁ ଆଭ୍ୟନ୍ତରୀଣ ଶାନ୍ତି ରକ୍ଷା ଜରୁରୀ ମନେକରି ଉତ୍କଳ ପ୍ରଦେଶ କମିଟି ୧୯୪୨ ଜାନୁଆରୀ ୧୦ ଓ ୧୧ ତାରିଖରେ ଏହା ଉପରେ କେତେକ ନିଷ୍ପତ୍ତି ଗ୍ରହଣ କରିଥିଲେ। ଏହା ପରେ ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ମୀରାବେନ୍ ଓଡ଼ିଶା ଆସି କଂଗ୍ରେସର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରି ଜନସଚେତନତା ସୃଷ୍ଟି କରିଥିଲେ। ୱାର୍ଦ୍ଧା ପ୍ରସ୍ତାବକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଉତ୍କଳ କଂଗ୍ରେସ କମିଟି ନିଷ୍ପତ୍ତି ଗ୍ରହଣ କରିଥିବାରୁ କର୍ମୀମାନଙ୍କୁ ଏକଜୁଟ କରାଗଲା। ଫଳରେ ବାତାବରଣ ସରଗରମ ହୋଇ ଉଠିଲା। ପ୍ରାୟ ନେତୃବର୍ଗ ଗିରଫ ହୋଇଥିବାରୁ ସୁରେନ୍ଦ୍ରନାଥ ଦ୍ୱିବେଦୀ ଗୋପନୀୟ ଭାବେ 'ଭାରତଛାଡ଼ ଆନ୍ଦୋଳନ'ର ନେତୃତ୍ୱ ନେଲେ। ପରିସ୍ଥିତି ଏପରି ଉପୁଜିଲା ଯେ ଆନ୍ଦୋଳନ ନେତାଙ୍କ ନିୟନ୍ତ୍ରଣ ବାହାରକୁ ଚାଲିଗଲା।

ଅଗଷ୍ଟ ୯ ଆନ୍ଦୋଳନ ଓଡ଼ିଶାରେ ତୀବ୍ରରୁ ତୀବ୍ରତର ହୋଇ ଉଠିଲା। ଏଥିଯୋଗୁ ହାତଗଣତି ୨୪ ଜଣ ଜଣାଶୁଣା ନେତା ଗିରଫ ହୋଇଥିଲେ। କେବଳ ସୁରେନ୍ଦ୍ରନାଥ ଦ୍ୱିବେଦୀ ଏବଂ ମାଳତୀ ଚୌଧୁରୀଙ୍କୁ ଗିରଫ କରାଯାଇ ନଥିଲା। ଏହି ଆନ୍ଦୋଳନର ପ୍ରଭାବ ଓଡ଼ିଶାର ଗଡ଼ଜାତ ଅଞ୍ଚଳକୁ ବ୍ୟାପୀ ଯାଇଥିଲା। କଟକ ଜିଲାର ବରୀ, ଯାଜପୁର, ବଡ଼ଚଣା, ବିଞ୍ଝାରପୁର , ଏରସମା, ତିର୍ତ୍ତୋଲ, ବାଗଲପୁର, ମାହାଙ୍ଗା ଓ କୁଆଁପାଳ ଅଞ୍ଚଳର ଲୋକେ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କଲେ। ବରୀ ଆଶ୍ରମକୁ ପୋଲିସ ନିଜ କବ୍‌ଜାକୁ ଆଣି କାଗଜପତ୍ର ନଷ୍ଟ କରିଦେବାରୁ ଅଗଷ୍ଟ ୧୬ ତାରିଖ ଦିନ 'ରକ୍ତ ବାହିନୀ' ନାମକ ଏକ ସଙ୍ଗଠନ ଗଢ଼ି ଯୁବକମାନେ ଆଶ୍ରମକୁ ପୁନଃଦଖଲ କଲେ। ଯାଜପୁରରେ ପ୍ରତିବାଦ ସଭା ହେଲା। କୋରାପୁଟରେ ଅଗଷ୍ଟ ୧୩ ତାରିଖରେ ଆନ୍ଦୋଳନ ଆରମ୍ଭ ହେବା ସହ ଜୟପୁରରେ ଦୁଇଜଣ ବାଳକ 'ଗାନ୍ଧିଜୀଙ୍କ ବାର୍ତ୍ତା' ନାମରେ ପ୍ରଚାର ପତ୍ର ବାଣ୍ଟିଥିଲେ। ଅଗଷ୍ଟ ୨୧ରେ ମାଥିଲିଠାରେ ଆନ୍ଦୋଳନ ଉଗ୍ରରୂପ ନେଇଥିଲା। ଲକ୍ଷ୍ମଣ ନାୟକ ଏହି ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ। ପୁରୁଷମାନଙ୍କ ବ୍ୟତୀତ ନାରୀମାନଙ୍କର ଏଥିରେ ଯୋଗଦାନ ଓଡ଼ିଶାର ପ୍ରାଣରେ ନୂଆ ପୁଲକ ଆଣିଦେଲା। ଗଞ୍ଜାମ ଉପରେ ଇଷ୍ଟ ଇଣ୍ଡିଆ କମ୍ପାନୀର ଅଯଥା ହସ୍ତକ୍ଷେପକୁ କିଏ ବା ସହ୍ୟ କରିପାରନ୍ତା! ତତ୍କାଳୀନ ପାରଳା ମହାରାଜ ନାରାୟଣ ଗଜପତି ଏହାକୁ ଦୃଢ଼ ଭାବରେ ବିରୋଧ କରି ଯୁଦ୍ଧ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ପରେ ରାଣୀ ହାରାମଣି ଦେବୀ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ ଜାରି ରଖିଥିଲେ। ରାଣୀଙ୍କୁ ଯୁଦ୍ଧରେ ବହୁ ଆଦିବାସୀ ରମଣୀ ସହାୟତା କରିଥିଲେ। ସେତେବେଳେ କେତେକ ରମଣୀ ଅଗ୍ନିବର୍ଷୀ କବିତା ଲେଖି ଜାତୀୟ ଚେତନା ସୃଷ୍ଟି କରିବାକୁ ଭୁଲି ନ ଥିଲେ। ସେମାନଙ୍କ ମଧ୍ୟରେ ସର୍ବାଗ୍ରେ ଥିଲେ କୁନ୍ତଳା କୁମାରୀ ସାବତ, ରେବା ରାୟ, ସୁଲକ୍ଷଣା ଦେବୀ, ସରଳା ଦେବୀ, ସୀତା ଦେବୀ ଖାଡ଼ଙ୍ଗା, କୋକିଳ ଦେବୀ ପ୍ରମୁଖ । ଭାରତର ଶେଷ ସ୍ୱାଧୀନତା ସଂଗ୍ରାମ ଭାବେ ଖ୍ୟାତି ଲାଭ କରିଥିବା ଏହି ବିପ୍ଳବରେ ଓଡ଼ିଶାର ଅବଦାନ ଅତୁଳନୀୟ । ଏହି ଆନ୍ଦୋଳନ ଇଂରେଜ ଶାସନକୁ ନତମସ୍ତକ ହେବା ପଇଁ ବାଧ୍ୟ କରିବା ସହ ଦେଶରୁ ବିତାଡ଼ିତ କରିଥିଲା। ସମ୍ପାଦକ ମାର୍ଗଦର୍ଶୀ, ଖୋର୍ଦ୍ଧା

**ମୋ: ୬୩୭୦୬ ୭୫୫୬୨**

## ଏଇ ଭାରତରେ

ଖାଦ୍ୟଶସ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସବୁଜ ବିପ୍ଳବ ଜାରି ରହିଥିବାବେଳେ ବିହାରରେ ଛତୁ ବିପ୍ଳବ ଆରମ୍ଭ କରିଛନ୍ତି ଡ. ଦୟାରାମ। ସେ ସମସ୍ତିପୁରସ୍ଥ ଡ. ରାଜେନ୍ଦ୍ର ପ୍ରସାଦ ସେଣ୍ଟ୍ରାଲ ଏଗ୍ରିକଲ୍‌ଚର ୟୁନିଭର୍ସିଟିର ବୈଜ୍ଞାନକ ଭାବେ କାର୍ଯ୍ୟରତ। ଦୟାରାମ ବିଗତ ଦଶନ୍ଧିରୁ ଏଯାବତ୍ ୨ଲକ୍ଷ କୃଷକଙ୍କୁ ଛତୁଚାଷ ସମ୍ପର୍କରେ ପ୍ରଶିକ୍ଷଣ ଦେଇସାରିଲେଣି। ତାଙ୍କ ଟିମ୍ ଉଦ୍ୟମରେ ୨୦୨୩-୨୦୨୪ରେ ଛତୁଚାଷୀମାନେ ୩୦ ହଜାର ଟନ ଛତୁ ଉତ୍ପାଦନ କରିଛନ୍ତି। ସବୁ ଚାଷୀ ବର୍ତ୍ତମାନ ବର୍ଷକୁ ୫ରୁ ୬ ଲକ୍ଷ ଟଙ୍କା ରୋଜଗାର କରିବାକୁ ସକ୍ଷମ। ଡ. ଦୟାରାମଙ୍କ ଛତୁ ବିପ୍ଳବ ଯୋଗୁ ବିହାରରେ ଦେଶର ମୋଟ ଛତୁ ଉତ୍ପାଦନର ୧୦.୮୨% ହେଉଛି। ୧୯୯୯ରେ ଡ. ଦୟାରାମ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ଏହି ଅଭିଯାନ ଆରମ୍ଭ କରିଥିଲେ। ସେବେଠାରୁ ସେ ଓ ତାଙ୍କ ଟିମ୍ ଛତୁଚାଷୀମାନଙ୍କୁ ଚାଷ ସମ୍ବନ୍ଧୀୟ ଜ୍ଞାନକୌଶଳ ଯୋଗାଇ ଆସୁଛନ୍ତି ଓ ସେମାନଙ୍କ ଲାଗି ୧୨୩ଟି କଣ୍ଟ୍ରୋଲ ୟୁନିଟ ଖୋଲାଯାଇଛି। ପ୍ରଥମେ ୬ ପ୍ରକାର ଛତୁଚାଷ କରାଯାଇ ଏବେ ୫୦ ପ୍ରକାର ଚାଷ କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୯ ଅଗଷ୍ଟ ୧୯୭୫

- ଦଳ ବିରୋଧୀ କାର୍ଯ୍ୟକଳାପ ଅଭିଯୋଗରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ମୋହନ ଧରିଆ ଏବଂ ଅନ୍ୟ ଦୁଇଜଣ ପାର୍ଲାମେଣ୍ଟ ସଭ୍ୟ କୃଷ୍ଣକାନ୍ତ ଓ ଲକ୍ଷ୍ମୀକାନ୍ତାମ୍ମା କଂଗ୍ରେସ ଦଳରୁ ୧୦ ବର୍ଷ ପାଇଁ ବହିଷ୍କୃତ।
- ଲୋକସଭାରେ ଗୃହୀତ ହୋଇଥିବା ୩୯ତମ ସମ୍ବିଧାନ ସଂଶୋଧନ ବିଲ୍‌ଟି ରାଜ୍ୟସଭାରେ ସମ୍ୟକ ଆଲୋଚନା ପରେ ଗୃହୀତ ହୋଇଛି।
- ଜାପାନ ଲାଲ୍‌ବାହିନୀ ଗରିଲା ଓ ସେମାନେ ମୁଣ୍ଡଜାମିନ ରଖିଥିବା ବ୍ୟକ୍ତିଙ୍କୁ ନେଇ ଆଣୁଥିବା ଜାପାନ ଏୟାରଲାଇନ୍ସ ବିମାନଟି ଲିବ୍ୟାର ତ୍ରିପୋଲି ବିମାନବନ୍ଦରରେ ଅବତରଣ କରିଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | 5 | | 3 | | 2 | |
| | | | | 1 | | 7 | 5 | 8 |
| | | | | 8 | 6 | | | |
| | | | | | | | | 7 |
| 2 | | | | | | 5 | | |
| | 5 | | | 2 | 8 | | 9 | 1 |
| 8 | | | | | 1 | 6 | | |
| | | 3 | | | | | | 9 |
| | | 2 | | | 9 | 8 | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 6 | 8 | 4 | 1 | 7 | 2 | 3 |
| 3 | 7 | 1 | 5 | 6 | 2 | 8 | 9 | 4 |
| 4 | 2 | 8 | 9 | 7 | 3 | 5 | 6 | 1 |
| 7 | 6 | 9 | 3 | 8 | 4 | 2 | 1 | 5 |
| 8 | 4 | 5 | 2 | 1 | 6 | 9 | 3 | 7 |
| 1 | 3 | 2 | 7 | 5 | 9 | 6 | 4 | 8 |
| 9 | 8 | 4 | 6 | 3 | 7 | 1 | 5 | 2 |
| 2 | 1 | 7 | 4 | 9 | 5 | 3 | 8 | 6 |
| 6 | 5 | 3 | 1 | 2 | 8 | 4 | 7 | 9 |

ଗତକାଲିର ଉତ୍ତର

# କେରଳର ପ୍ରଳୟ ଏକ ଅନୁଶୀଳନ



ସୁଧୀର କୁମାର ନାୟକ

ବିଶ୍ୱ ମାନଚିତ୍ରରେ ତା'ର ଭୌଗୋଳିକ ସ୍ଥିତି ଓ ପାଣିପାଗ ଜଳବାୟୁ ସବୁ ସ୍ଥାନରେ ସମାନ ନୁହାଁ। ପ୍ରତ୍ୟେକ ଦିନ କେଉଁଠି ନା କେଉଁଠି ପ୍ରାକୃତିକ ବିପର୍ଯ୍ୟୟ ଘଟି ଧନଜୀବନ ହାନି ଘଟୁଛି। କିଛି ସ୍ଥାନରେ ଲକ୍ଷ ଲକ୍ଷ ବର୍ଷର ଭୌଗୋଳିକ ସ୍ଥିତିର ପରିବର୍ତ୍ତନ ଘଟିବା ସହ ସ୍ଥାନୀୟ ପରିବେଶ ପାଇଁ ନାନାଦି ସମସ୍ୟା ଆସୁଛି। ଭୂସ୍ଖଳନ, ବରଫ ଓ ମାଟି ଅତଡ଼ା ଧସିବା, ବାଦଲଫଟା ବର୍ଷା ସାଙ୍ଗକୁ ପାହାଡ଼ ଧସି ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହେବା, ବାତ୍ୟା, ବଜ୍ରପାତ, ସୁନାମି ଆଦି ପ୍ରାକୃତିକ ବିପତ୍ତି ଘଟିବା ପାଇଁ ସେମିତି ନିର୍ଦ୍ଦିଷ୍ଟ ନିର୍ଘଣ୍ଟ କିମ୍ବା ଦିନ ନଥାଏ। ବିଜ୍ଞାନ, ଭୂବିଜ୍ଞାନ, ପରିବେଶ ବିଜ୍ଞାନ, ବୈଷୟିକ କ୍ଷେତ୍ରରେ ଆମ୍ଭେ ଯଥେଷ୍ଟ ଅଗ୍ରସର କରିଥିଲେ ବି ପ୍ରାକୃତିକ ବିପର୍ଯ୍ୟୟର ପୂର୍ବାନୁମାନ ସବୁ ସମୟରେ ସତ ପ୍ରତିଶତ ଠିକ୍ ହୋଇନଥାଏ।

୨୦୧୮ ଅଗଷ୍ଟ ୧୮ ତାରିଖ କେରଳରେ ବଡ଼ ଧରଣର ବନ୍ୟା ଯୋଗୁ ଗୁରୁତର ପ୍ରାକୃତିକ ବିପତ୍ତି ଘଟିଥିଲା। ସେହି ପ୍ରଳୟଙ୍କରୀ ବନ୍ୟା ସହ ଭୂସ୍ଖଳନ ଏକ ବିରାଟ ମାନବିକ ସଙ୍କଟ ଦେଖାଦେଇଥିଲା। କେରଳର ୧୪ ଗୋଟି ଜିଲା ମଧ୍ୟରୁ ୧୩ ଜିଲା ବନ୍ୟାପାଣିରେ ପ୍ରଭାବିତ ହୋଇଥିଲା। ସରକାରୀ ତଥ୍ୟ ଅନୁସାରେ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ହୋଇଥିବା ବେଳେ ୪ଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଥିଲେ ଏବଂ ୨ ଲକ୍ଷ ବାସଗୃହ ହରାଇଥିଲେ। ଭାରତ ସରକାର ଏହାକୁ 'ଗମ୍ଭୀର ପ୍ରାକୃତିକ ବିପତ୍ତି' ବୋଲି ଘୋଷଣା କରିଥିଲେ। ତେବେ କେରଳର ବର୍ତ୍ତମାନ ଭୂସ୍ଖଳନ ବିପତ୍ତି ୱାୟନାଡ୍ ଜିଲାର ୪ଟି ଗ୍ରାମ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇ ନିଶ୍ଚିହ୍ନ ହୋଇଯିବା ସହ ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ହୋଇଛି। ଅନେକ ନିଖୋଜ ରହିଥିବାବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ୱାୟନାଡ୍ କେରଳର ଏକ ପ୍ରାକୃତିକ ବିଭବ ବଣପାହାଡ଼ ସବୁଜିମା ସୌନ୍ଦର୍ଯ୍ୟର ଏକ ପର୍ଯ୍ୟଟନ କ୍ଷେତ୍ର। ୱାୟନାଡ୍ ଭୂସ୍ଖଳନ ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଜୁଲାଇ ୨୯ରେ ସାଧାରଣ ବର୍ଷାଠାରୁ କମ୍ ଥିଲାବେଳେ ଜୁଲାଇ ୩୦ ତାରିଖ ଅବିଶ୍ରାନ୍ତ ବାଦଲଫଟା ବର୍ଷା ବର୍ଷର ମୋଟ ବୃଷ୍ଟିର ୬% ହୋଇଥିଲା। ଗୋଟିଏ ଦିନରେ ଏପରି ମୁଷଳଧାର ବର୍ଷା ଯୋଗୁ ପାହାଡ଼ରୁ କାଦୁଅ, ଗୋଡ଼ି, ବାଲି ମିଶା ପାଣି କ୍ଷିପ୍ର ସ୍ରୋତ ହୋଇ ପାଦଦେଶରେ ଥିବା ଗାଁଗୁଡ଼ିକ ଉପରେ ମାଡ଼ିଗଲା।

ୱାୟନାଡ୍ ଭୂସ୍ଖଳନର ପୂର୍ବାନୁମାନ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ସତର୍କ କରିଥିଲା। ଉପଗ୍ରହ ଫଟୋ ଦ୍ୱାରା ସମ୍ଭାବ୍ୟ ଭୂସ୍ଖଳନ ସ୍ଥାନକୁ ଚିହ୍ନଟ କରିଥିଲା। ଜୁଲାଇ ୩୧ରେ ନିଆଯାଇଥିବା ସଦ୍ୟ ଉପଗ୍ରହ ଫଟୋ ଆଧାରରେ ଦର୍ଶାଯାଇଛି ଯେ, ପ୍ରାୟ ୮୬ ହଜାର ବର୍ଗମିଟର ଭୂମି ଧସିଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ଏହିକି ଯଦିଓ ଇସ୍ରୋ ଦ୍ୱାରା ୨୦୨୩ରେ 'ଲ୍ୟାଣ୍ଡସ୍ଲାଇଡ ଆଟଲାସ୍ ଅଫ ଇଣ୍ଡିଆ' ୱାୟନାଡ୍ ଅଞ୍ଚଳକୁ ସମ୍ବେଦନଶୀଳ ଭୂସ୍ଖଳନ ସ୍ଥାନ ବୋଲି ଦର୍ଶାଯାଇଥିଲା, ତେବେ ସ୍ଥାନୀୟ ପ୍ରଶାସନ, ସରକାର କି ପ୍ରକାରର ସତର୍କତା ବା ପଦକ୍ଷେପ ନେଇଥିଲେ। ଅନ୍ୟ ଏକ କାରଣ ଭୂବୈଜ୍ଞାନିକଙ୍କ ମତରେ କେରଳ ୱାୟନାଡ୍‌ର ଭୂସ୍ଖଳନ ମାନବକୃତ। 'ସଏଲ୍ ପାଇପିଂ' ଦ୍ୱାରା ମାଟି ତଳ ଫମ୍ପା ହୋଇଯାଇଥିଲା। ମୁଷଳଧାରା ବର୍ଷା ମାଡ଼ରେ ମାଟି ଧୋଇ ହୋଇ ଏହିପରି ବଡ଼ ଧରଣର ଭୂସ୍ଖଳନ ସୃଷ୍ଟି ହେଲା। ଭୂସ୍ଖଳନ ସର୍ବାଧିକ ବିପଦ ଥିବା ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଭାରତ ଅନ୍ୟତମ। ଭାରତର ପ୍ରାୟ ୪.୩ ଲକ୍ଷ ବର୍ଗ କିଲୋମିଟର ପାହାଡ଼ିଆ ଓ ପାର୍ବତ୍ୟାଞ୍ଚଳରେ ଭୂସ୍ଖଳନ ବିପଦ ରହିଛି। ୧୯୪୮ ସେପ୍ଟେମ୍ବର ୧୮ରେ ଆସାମରେ ଏକ ବଡ଼ ଧରଣର ଭୂସ୍ଖଳନ ଘଟି ପ୍ରାୟ ୫୦୦ ଜଣ ମୃତ୍ୟୁବରଣ କରିଥିଲେ। ସେହି ସମୟକୁ ନେଇ ୨୦୧୩ ଜୁନ୍ ୧୬ରେ କେଦାରନାଥରେ ଭୟଙ୍କର ଭୂସ୍ଖଳନ ଘଟି



୬୦୦୦ ଜଣଙ୍କର ପ୍ରାଣହାନି ସମେତ ବହୁ ସମ୍ପତ୍ତି ନଷ୍ଟ ହୋଇଥିଲା। ଭୂବିଜ୍ଞାନୀଙ୍କ ମତରେ ପାରମ୍ପରିକ ଭାବେ ଅତ୍ୟଧିକ ବୃଷ୍ଟିପାତ ଏବଂ ଭୂମିକମ୍ପ ପରି ପ୍ରାକୃତିକ ପ୍ରକ୍ରିୟା ଯୋଗୁ ଅତୀତରେ ଭୂସ୍ଖଳନ ସଂଘଟିତ ହେଉଥିଲା। କିନ୍ତୁ ବର୍ତ୍ତମାନ ଅଧିକାଂଶ ଭୂସ୍ଖଳନ ପ୍ରାକୃତିକ ଅପେକ୍ଷା ମନୁଷ୍ୟକୃତ ବୋଲି ଧରାଯାଉଛି। ତଥ୍ୟ କହେ, ୨୦୦୪ରୁ ୨୦୧୬ ମଧ୍ୟରେ ଭାରତରେ ୮୯୨ଟି ଭୂସ୍ଖଳନ ଘଟଣାରେ ୧୧୦୨୦ ଜଣଙ୍କର ମୃତ୍ୟୁ ଘଟିଛି। ଭାରତରେ ଭୂସ୍ଖଳନ ଯୋଗୁ ହେଉଥିବା ମୃତ୍ୟୁସଂଖ୍ୟା ମୋଟ ବୈଶ୍ୱିକ ମୃତ୍ୟୁସଂଖ୍ୟାର ପ୍ରାୟ ୨୧%। ଉତ୍ତର-ପଶ୍ଚିମ ହିମାଳୟ ଅଞ୍ଚଳରେ ଭାରତରେ ମୋଟ ଭୂସ୍ଖଳନର ୬୬.୫% ସଂଘଟିତ ହୋଇଥିବା ବେଳେ ଉତ୍ତର-ପୂର୍ବ ହିମାଳୟ ଅଞ୍ଚଳରେ ୧୮.୮% ଏବଂ ପଶ୍ଚିମଘାଟ ପର୍ବତମାଳାରେ ୧୪.୭% ଭୂସ୍ଖଳନ ସଂଘଟିତ ହୋଇଥାଏ। ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ ବହୁ ଅନୁଧ୍ୟାନ ଓ ଗବେଷଣା ପରେ ଏହି ତଥ୍ୟ ପ୍ରଦାନ କରିଛନ୍ତି। ତେବେ ଭୂସ୍ଖଳନ ଏକ ଭୂତାତ୍ତ୍ୱିକ ପ୍ରକ୍ରିୟା, ଯେଉଁଥିରେ ମାଧ୍ୟାକର୍ଷଣ ଶକ୍ତି ପ୍ରଦାନ କାରଣରୁ ଭୂମିର ଉପର ମୁଣ୍ଡ ଅଂଶରୁ ହଠାତ୍ ଦ୍ରୁତ ବେଗରେ ତଳଆଡ଼କୁ ଶିଳା, ମାଟି କର୍ଦ୍ଦମାଦି ତରଳ ପଦାର୍ଥ ଦ୍ୱାରା ଧସିଆସେ।

୨୦୧୩ରେ ଆମ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ଉପସ୍ଥିତି ୩୯୬.୦ ପି.ପି.ଏସ୍. ଥିବା ବେଳେ ଏହା ୨୦୨୩ ସୁଦ୍ଧା ବୃଦ୍ଧି ଘଟି ୪୧୯.୬ ପି.ପି.ଏସ୍.ରେ ପହଞ୍ଚିଛି। ବାୟୁମଣ୍ଡଳର ନିରାପଦ ସ୍ତର ହେଉଛି ୩୫୦ ପି.ପି.ଏସ୍. ବା ପାଟସ୍ ପର୍‌ମିଲିୟନ୍ ଗ୍ରହଣ କରାଯାଏ। ଯଦି ବିଶ୍ୱ ସମୂହ ରାଷ୍ଟ୍ର ଗଭୀର ଭାବେ ଧ୍ୟାନ ନ ଦେବେ, ତେବେ ୨୧୦୦ ବେଳକୁ ବିଶ୍ୱର କେତେକ ସ୍ଥାନରେ ୩ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ବୃଦ୍ଧି ଘଟିବା ଅସମ୍ଭବ ନୁହଁ। ସବୁଠାରୁ ବିପଦର କଥା ଏହିକି, ବାର୍ଷିକ ହାରାହାରି ବୃଷ୍ଟିପାତ ପରିମାଣ ବିଭିନ୍ନ ଦିବସଗୁଡ଼ିକରେ ବାଣ୍ଟି ହୋଇ ବର୍ଷା ହୋଇଥାଏ। ଏବେ ଏହାର ବ୍ୟତିକ୍ରମ ଘଟି ବୃଷ୍ଟିପାତ ମାତ୍ରାଧିକ ବୃଷ୍ଟି ହେଉଛି। ଏହା କେବଳ ଜୀବଜଗତ ପାଇଁ ବିପଦ ତାହା ନୁହଁ, ଭାରତୀୟ କୃଷି ପାଇଁ ମଧ୍ୟ ସଙ୍କଟଜନକ ସ୍ଥିତି ସୃଷ୍ଟି କରୁଛି। କେନ୍ଦ୍ର ସରକାରଙ୍କ ପରିବେଶ ମନ୍ତ୍ରଣାଳୟ ୨୦୧୧ରେ ପଶ୍ଚିମଘାଟ ପର୍ବତମାଳାର ଅବକ୍ଷୟ ଓ ପରିବେଶ ସୁରକ୍ଷା ଦିଗରେ ଏକ ବୃହତ୍ ପଦକ୍ଷେପ ନେଇ ସମସ୍ୟାର ଅନୁଶୀଳନ ଏବଂ ସମାଧାନ ଦିଗରେ ଏକ କମିଟି ଗଠନ ପାଇଁ ଅନୁମୋଦନ କରିଥିଲେ। ଏହାପରେ ସେହି ବର୍ଷ 'ୱେଷ୍ଟର୍ନ ଘାଟ୍‌ସ ଇକୋଲୋଜି ଏକ୍ସପର୍ଟ ପ୍ୟାନେଲ୍' କମିଟି ଗଠନ କରାଯାଇଥିଲା। ମାଧବ ଗାଡ୍‌ଗଲ ଥିଲେ ତାର ଚେୟାରମ୍ୟାନ। କମିଟି ଗୁରୁତର ଅନୁଧ୍ୟାନ କରି କହିଥିଲେ, ନିକଟ ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନଜନିତ ପାଣିପାଗର ଅସ୍ୱାଭାବିକ ଆଚରଣ ହେଉଛି ଏକ ଅନିବାର୍ଯ୍ୟ ପ୍ରକ୍ରିୟା, ଯାହା ଲାଗି ରହିଲେ ପୃଥିବୀର ସମସ୍ତ ସଜୀବ ନିର୍ଜୀବ ପାଇଁ ବିପଦ ସୃଷ୍ଟି କରିବ। ଏଣୁ ପଶ୍ଚିମଘାଟ ପର୍ବତମାଳାକୁ ଉପଯୁକ୍ତ ସୁରକ୍ଷା ଦେବା ସବୁଠାରୁ ବଡ଼ ଆହ୍ୱାନ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଜଙ୍ଗଲ ନିଆଁ ଦ୍ୱାରା ଘଞ୍ଚ ଅଞ୍ଚଳ ଦିନକୁ ଦିନ କମିଯାଉଛି। ବର୍ଷାମାଡ଼ ସିଧା ପର୍ବତର ପୃଷ୍ଠଦେଶରେ ପଡୁଛି। ଏହା ଦ୍ୱାରା ମଧ୍ୟ ପାହାଡ଼ମାନଙ୍କର ଲକ୍ଷ ଲକ୍ଷ ବର୍ଷ ଧରି ବାନ୍ଧି ରହିଥିବା ପୃଷ୍ଠଭାଗ ନରମ ବା ହୁଗୁଳା ହୋଇଚାଲିଛି, ଯାହା ଦ୍ୱାରା ଭୀଷଣ ବର୍ଷା ଦ୍ୱାରା ପାହାଡ଼ ଧସିବାର ଆଶଙ୍କା ବୃଦ୍ଧି ଘଟିଥାଏ। ଏହିପରି ଭୟଙ୍କର ବିପତ୍ତିରୁ ଉଦ୍ଧାର ପାଇଁ ଯଦି ବର୍ତ୍ତମାନଠାରୁ ଉପଯୁକ୍ତ ପଦକ୍ଷେପ ନିଆନଯାଏ, ଆଗାମୀ ଦିନରେ ବିଶ୍ୱପାଇଁ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ।

**ଧାମନଗର, ଭଦ୍ରକ**
**ମୋ: ୯୯୩୮୦୮୦୨୯୪**

## ଚିରନ୍ତନୀ

ଏହି ବାତାୟନ ପାଶେ ଦେଖିଥିଲା ଦିନେ ସେ
ପରିଚିତ ରୂପ ଶୋଭା ଉଭା ହେଲା ନିମେଷେ
ଜଣାଇଲା ଦୁଇ କର ଯୋଡ଼ି ଛୋଟ ନତିଟି
ଥିଲେ ହେଁ ନିକଟେ ଯଥା ଅଛି ଦୂର ବିଦେଶେ !
-(ପଥର ପ୍ରେମିକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅବହେଳିତ ରାଜଗାଙ୍ଗପୁର ରେଳଷ୍ଟେଶନ

ମହାଶୟ,

ନିକଟରେ ସୁନ୍ଦରଗଡ଼ ଯାଇଥିଲି। ଫେରିବା ବେଳେ ଟ୍ରେନ୍ ପାଇଁ ରାଜଗାଙ୍ଗପୁର ରେଳ ଷ୍ଟେଶନରେ ଅପେକ୍ଷା କଲି। ଷ୍ଟେଶନ ପ୍ରବେଶପଥ ସାମ୍ନାରେ ଭଲ ଭାବରେ ଆଲୁଅ ଜଳୁ ନ ଥିଲା। ଟ୍ରେନ୍‌ର କେଉଁ କେଉଁ କୋଚ୍ କେଉଁଠି ରହିବ, ତାହାର ସୂଚନା ନାହିଁ। ହାତିଆ-ରାଉରକେଲା-ପୁରୀ ତପସ୍ୱିନୀ ଏକ୍ସପ୍ରେସ୍ ୧ନଂ. ପ୍ଲାଟ୍‌ଫର୍ମରେ ରହିଲା। ପ୍ଲାଟଫର୍ମରୁ ଆଗେଇ ଟ୍ରେନ୍ ରହିଲା। ପୂରା ଅନ୍ଧକାରମୟ। ବର୍ଷା ହେଉଥାଏ। ପ୍ଲାଟଫର୍ମର ଛାତ ନାହିଁ। ଯାତ୍ରୀ ବର୍ଷାରେ ଭିଜି ଭିଜି ଦୌଡ଼ି ଦୌଡ଼ି ଟ୍ରେନ୍ ଧରିଲେ। ଜିନିଷପତ୍ର ଧରି ଓ ମହିଳାମାନେ ଛୁଆଙ୍କୁ ଧରି ହନ୍ତସନ୍ତ ହେବାର ଦେଖାଯାଇଥିଲା। ବୃଦ୍ଧାବୃଦ୍ଧଙ୍କ ଅବସ୍ଥା କହିଲେ ନ ସରେ। ରାଜଗାଙ୍ଗପୁର ସହର ସିମେଣ୍ଟ ନଗରୀ ଭାବେ ପରିଚିତ। ତେଣୁ ଷ୍ଟେଶନରେ ସବୁ ଏକ୍ସପ୍ରେସ୍ ଟ୍ରେନର ରହଣି ରହିଛି। ତେଣୁ ଷ୍ଟେଶନର ଉନ୍ନତୀକରଣ ପାଇଁ ରେଳ ବିଭାଗ ଦୃଷ୍ଟି ଦେବା ଆବଶ୍ୟକ।

**-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

झारखण्ड सरकार
GOVERNMENT OF JHARKHAND

## मुख्य आकर्षण

- रीझ रंग शोभा यात्रा
- सांस्कृतिक कार्यक्रम
- झारखण्ड की चित्रकला शैलियां
- आदिवासी पुस्तक मेला
- आदिवासी कवि सम्मेलन
- वृत्तचित्र स्क्रीनिंग
- कला-शिल्प प्रदर्शनी
- परिधान फैशन शो
- खान-पान
- लेजर शो

### उद्घाटन समारोह

# झारखण्ड आदिवासी महोत्सव 2024

मुख्य अतिथि

**श्री संतोष कुमार गंगवार**
माननीय राज्यपाल, झारखण्ड

विशिष्ट अतिथि

**श्री शिबू सोरेन**
माननीय अध्यक्ष, राज्य समन्वय समिति
सह सांसद, राज्यसभा

अध्यक्षता

**श्री हेमन्त सोरेन**
माननीय मुख्यमंत्री, झारखण्ड


तथा

माननीय मंत्रीगण, माननीय सांसदगण,
माननीय विधायकगण एवं अन्य गणमान्य अतिथियों
की गरिमामयी उपस्थिति में


**शुक्रवार 9 अगस्त, 2024 | अपराह्न 12:00 बजे से**

बिरसा मुण्डा स्मृति उद्यान, जेल चौक,
रांची में आयोजित है

**समारोह में आपकी उपस्थिति सादर प्रार्थित है**



श्री संतोष कुमार गंगवार
माननीय राज्यपाल, झारखण्ड



श्री हेमन्त सोरेन
माननीय मुख्यमंत्री, झारखण्ड

सूचना एवं जनसंपर्क विभाग, झारखण्ड सरकार

PR-332293 (IPRD) 2024-25

## ସଂକ୍ଷେପରେ

### ସହକାରୀ ନିର୍ଦ୍ଦେଶକଙ୍କ ଏଣ୍ଡି ରେଶମ ଚାଷ ଅନୁଧ୍ୟାନ

ମୋହନା,୮।୮(ମନ୍ମଥ ମିଶ୍ର)– ମୋହନା ବ୍ଲକ ଲୁହାଗୁଡି ପଞ୍ଚାୟତର ପୋଡ଼ାଶଙ୍ଖଠାରେ ସ୍ଥାନୀୟ ତୁତ୍ ରେଶମ ଚାଷ ସମବାୟ ସମିତି ପକ୍ଷରୁ ଏଣ୍ଡି ରେସମ ଚାଷ ଚାଲିଥିବା ବେଳେ ଗୁରୁବାର ଚନ୍ଦ୍ରଗିରି ରେଶମ ଶିଳ୍ପ ସହକାରୀ ନିର୍ଦ୍ଦେଶକ ଭଗବାନ ନାୟକ ପୋଡ଼ାଶଙ୍ଖ ଗ୍ରାମକୁ ଗସ୍ତ କରି ତୁତ୍ ରେଶମ ଚାଷର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ଚାଷ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଆଉ ପାଞ୍ଚ ଦିନ ପରେ ରେଶମ କୋଷ ଅମଳ ହେବ ବୋଲି କହିଛନ୍ତି ସହକାରୀ ନିର୍ଦ୍ଦେଶକ। ଗସ୍ତ ସମୟରେ ମୋହନା ତୁତ୍ ରେଶମ ଚାଷ ସମବାୟ ସମିତି ସମ୍ପାଦକ ବିକାଶ ଦିପ ଉପସ୍ଥିତ ଥିଲେ।

### ସବ୍ ରେଜିଷ୍ଟ୍ରାର ଦାୟିତ୍ୱ ନେଲେ ତହସିଲଦାର



ଖଲ୍ଲିକୋଟ,୮।୮(ପ୍ରଶାନ୍ତ କୁମାର ମିଶ୍ର) ଖଲ୍ଲିକୋଟ ସବ୍ ରେଜିଷ୍ଟ୍ରାର ଅଫିସରେ ସବ୍ ରେଜିଷ୍ଟ୍ରାର ରୂପେ ଖଲ୍ଲିକୋଟ ତହସିଲଦାର ଡ. ଆରିୟ କୁମାର ସର୍ବଦମନ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଉକ୍ତ ଅଫିସର ବରିଷ୍ଠ କିରାଣି ଚୈତନ୍ୟ କୁମାର ବେହେରା, ସନ୍ତୋଷ କୁମାର ଶବର, ପ୍ରଭାତ ରଞ୍ଜନ ଆଚାର୍ଯ୍ୟ, ମୁରଲୀଧର ସେଠୀ ପ୍ରମୁଖ ଆରିୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

### ପ୍ୟାନେଲ ଓକିଲଙ୍କୁ ତାଲିମ

କୋଦଳା,୮।୮(ଅମିତ କୁମାର ପଟ୍ଟନାୟକ)– କୋଦଳା ତାଲୁକା ଆଇନ ସହାୟତା କମିଟି ଆନୁକୂଲ୍ୟରେ ସ୍ଥାନୀୟ କୋର୍ଟ ପରିସରରେ ପ୍ୟାନେଲ ଓକିଲଙ୍କ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ବିଚାରପତି ବିଶ୍ୱରଞ୍ଜନ ବେହେରା, ସବ ଜଜ୍ ରେଖା ରାଣୀ ପଣ୍ଡା, ପ୍ରଥମଶ୍ରେଣୀ ବିଚାରପତି ହିମାଂଶୁ ଶେଖର ଆଚାର୍ଯ୍ୟ, କୋଦଳା ଓକିଲ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅତିରିକ୍ତ ସରକାରୀ ଓକିଲ ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିବା ଓକିଲଙ୍କୁ ତାଲିମ ପ୍ରଦାନ କରିଥିଲେ। ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ମିଶ୍ର, ଭଗବାନ ହୋତା, ଅବନୀ ଶଙ୍କର ମିଶ୍ର, ନୀଳାଞ୍ଚଳ ପଳାଇ, ଗୋପାଳ କୃଷ୍ଣ ସାହୁ ଉପସ୍ଥିତ ଥିଲେ।

### ବାର୍ହା ମାଂସ ଜବତ, ଶିକାରୀ ଗିରଫ

ଦିଗପହଣ୍ଡି,୮।୮(ଅଶେଷନାଥ ମିଶ୍ର): ଦିଗପହଣ୍ଡି ବନ ବିଭାଗ ଗୁରୁବାର ସାନଖେମୁଣ୍ଡି ବ୍ଲକ ନୂଆଗୁମ୍ଫା ଗ୍ରାମରେ ଚଢ଼ାଉ କରି ଜଣେ ବନ୍ୟଜନ୍ତୁ ଶିକାରୀଙ୍କୁ ଗିରଫ କରିଛି। ସେ ହେଲେ ନୂଆଗୁମ୍ଫା ଗ୍ରାମର ଅମିର ଦାସ। ଅମୀର ବାର୍ହା ଶିକାର କରି ମାଂସ ବିକ୍ରି କରୁଥିବା ଖବରପାଇ ଦିଗପହଣ୍ଡି ରେଞ୍ଜର ଦିବ୍ୟ ରଞ୍ଜନ ସାହୁ, ବନପାଳ ସନ୍ତୋଷ ବିଷୋୟୀ ରତ୍ନ ସଦଳବଳେ ଗ୍ରାମରେ ଚଢ଼ାଉ କରି ଅମିରଙ୍କ ନିକଟରୁ ପ୍ରାୟ ୫ କିଲୋ ବାରହା ମାଂସ ଏବଂ ଶିକାରରେ ବ୍ୟବହୃତ ଫାସ ଜବତ କରିଥିଲେ। ବନ ବିଭାଗ ମାମଲା ନଂ.୮୦/୨୪-୨୫ ଅନୁଯାୟୀ ଅଭିଯୁକ୍ତଙ୍କୁ ଦିଗପହଣ୍ଡି କୋର୍ଟ ଚାଲାଣ କରାଯାଇଛି।

# କବିସୂର୍ଯ୍ୟ ବିଦ୍ୟାପୀଠରେ ସୁଧୁରିଲାନି ଅବ୍ୟବସ୍ଥା

## ପ୍ରଶାସନର ନାଲି ଆଖିକୁ ବେଖାତିର



କବିସୂର୍ଯ୍ୟନଗର,୮।୮(କୃପାସିନ୍ଧୁ ସ୍ୱାଇଁ): ୧୧୪ ବର୍ଷର ପୁରୁଣା କବିସୂର୍ଯ୍ୟ ବିଦ୍ୟାପୀଠରେ ଅବ୍ୟବସ୍ଥା ସୁଧୁରାଲିନି। ବିଦ୍ୟାପୀଠ ହଷ୍ଟେଲରେ ଷଷ୍ଠରୁ ଦଶମ ଶ୍ରେଣର ଅନ୍ତେବାସୀଙ୍କୁ ଠିକ ଖାଦ୍ୟ ଦିଆଯାଉ ନ ଥିବା, ଭୋଜିର ବଳକା ବାସି ଖାଦ୍ୟ ଦିଆଯାଉଥିବା ଏବଂ ଦିନରେ ଦୁଇଥର ଅନୁପଯୁକ୍ତ ଖାଦ୍ୟ ଦେବା,କରୋନା ସମୟର ପିଲାଙ୍କ ଟଙ୍କା ବାଟମାରଣା, ପିଲାଙ୍କଠୁ ବେନିୟମ ଅର୍ଥ ଆଦାୟ ଆଦି ବିଭିନ୍ନ ଅବ୍ୟବସ୍ଥା ଓ ଅନିୟମିତା ଯୋଗୁ ଗତ ୩୧ ତାରିଖ ରାତିରେ ୩୯ଜଣ ଛାତ୍ର ହଷ୍ଟେଲରୁ ଲୁଚି ପଳାଇଥିଲେ। ପରେ ୩୭ ଛାତ୍ର ଫେରିଥିଲେ ମଧ୍ୟ ଗୁରୁବାର ସୁଦ୍ଧା ଆଉ ଦୁଇଜଣ ପିଲା ଫେରି ନ ଥିବା ପ୍ରଧାନ ଗୁରୁଜୀ କହିଛନ୍ତି। ପିଲା ଲୁଚି ପଳାଇବା ପରେ ବିଇଓ ଅଭିମନ୍ୟୁ ସାହୁ ତଦନ୍ତ ଓ ଗତ ୨ ତାରିଖରେ ବିଡ଼ିଓ ସାଗରିକା ଷଡଙ୍ଗୀ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଦେବରଞ୍ଜନ ଦାସ, ବିଇଓ ଅଭିମନ୍ୟୁ ସାହୁଙ୍କ ଯୁଗ୍ମ ତଦନ୍ତ ବେଳେ ବିଦ୍ୟାପୀଠ ବହୁ ସମସ୍ୟାରେ ଜର୍ଜରିତ ବୋଲି ସେମାନେ ଅନୁଭବ କରିଥିବା ସୂଚନା ଦେଇଥିଲେ । ହେଲେ ୯ ଦିନ ବିତି ଯାଇଥିଲେ ସୁଦ୍ଧା ଏ ଯାଏ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଅସ୍ପଷ୍ଟ। ଅନ୍ୟପଟେ ଏବେ ବି ପିଲାଙ୍କ ସମାନ ଅଭିଯୋଗ ପାଣିଚିଆ ବଡ଼ି ତରକାରୀକୁ ଭାତ ଖାଇବାକୁ ଦିଆଯାଉଛି। ନବମ ଓ ଦଶମ ପିଲାଙ୍କୁ ଆକ୍ରୋଶ ମୂଳକ ମନୋଭାବ ରଖି ମାନସିକ ନିର୍ଯାତନା ମିଳୁଥିବା ପିଲାମାନେ ଅଭିଯୋଗ ଆଣିଛନ୍ତି। ସେପଟେ ପ୍ରଶାସନର ନାଲିଆଖିକୁ ଖାତିରି କରାଯାଉ ନ ଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀଣୀ ଅମିତା ପଟ୍ଟନାୟକ କହିଛନ୍ତି, ଶିକ୍ଷକ ଅଭାବରୁ ସେଠାରେ ପାଠ ପଢ଼ା ଠିକ ହେଉନି, ତେଣୁ ୬ରୁ ୮ ଶ୍ରେଣୀ ପିଲାଙ୍କ ହଷ୍ଟେଲ ଆସନ୍ତା ବର୍ଷ ବନ୍ଦ କରିବା ସହ ଏହାକୁ ଅନ୍ୟତ୍ର ନିଆଯିବ। ବିଭିନ୍ନ ଦୁର୍ନୀତି, ଅବହେଳା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇବେ ବୋଲି ସେ କହିଛନ୍ତି।

# ୪ ଲକ୍ଷ ତ୍ରିରଙ୍ଗା ପ୍ରସ୍ତୁତ କରିବେ ଏସ୍ଏଚ୍ଜି

## ଗଞ୍ଜାମ ଜିଲା

ଛତ୍ରପୁର,୮।୮(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ଗଞ୍ଜାମ ଜିଲାର ସମସ୍ତ ଗ୍ରାମ ପଞ୍ଚାୟତ, ବ୍ଲକ୍, ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ସହରାଞ୍ଚଳରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଳିତ ହେବ। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ନିର୍ଦ୍ଦେଶ ମୁତାବକ ଜିଲାରେ ଏହି କାର୍ଯ୍ୟକ୍ରମଟିକୁ ବ୍ୟାପକ ଆକାରରେ ପାଳନ କରିବା ସକାଶେ ଜିଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ଦିବସ ଉପଲକ୍ଷେ ଲୋକଙ୍କୁ ଘରେ ଜାତୀୟ ପତାକା ଉତ୍ତୋଳନ କରିବାକୁ ଉତ୍ସାହିତ କରିବାକୁ ଜଣାଇଥିଲେ। ଜିଲାର ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ମାନଙ୍କ ଦ୍ୱାରା ୧୨ ତାରିଖ ମଧ୍ୟରେ ୪ ଲକ୍ଷ ତ୍ରିରଙ୍ଗା ପତାକା ପ୍ରସ୍ତୁତ କରାଯିବ। ଜାତୀୟ ପତାକା ସିଲେଇ କରି ପ୍ରସ୍ତୁତ କାର୍ଯ୍ୟର ପରିଚାଳନା କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରତି ବ୍ଲକ୍ ପିଛା ୧୬,୬୬୭ ଗୋଟି ପତାକା ଯୋଗାଇ ଦିଆଯିବ। ଲୋକଙ୍କ ହୃଦୟରେ ଜାତୀୟ ଭାବନା ଉଦ୍ରେକ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ କରିବାକୁ ଜିଲାପାଳ ଅବଗତ କରାଇଥିଲେ। ତ୍ରିରଙ୍ଗା ଯାତ୍ରା, ତ୍ରିରଙ୍ଗା ରାଲି, ତ୍ରିରଙ୍ଗା ଦୌଡ, ତ୍ରିରଙ୍ଗା ଦସ୍ତଖତ ସଂଗ୍ରହ, ତ୍ରିରଙ୍ଗା ଶପଥ ପାଠ, ତ୍ରିରଙ୍ଗା ସେଲ୍ଫି, ତ୍ରିରଙ୍ଗା ସମ୍ମାନ, ତ୍ରିରଙ୍ଗା ମେଳା ପ୍ରଭୃତି ସଠିକ ଭାବେ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା, ଅତିରିକ୍ତ ଜିଲାପାଳ ସୁଧାଂଶୁ ଶେଖର ଭୋଇ, ପ୍ରକଳ୍ପ ନିର୍ଦ୍ଦେଶକ ସହରାଞ୍ଚଳ ଉନ୍ନୟନ ରବୀନ୍ଦ୍ର କୁମାର ପଟେଲ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଜିଲା ସଂସ୍କୃତି ଅଧିକାରୀ ରବି ନାରାୟଣ ବେହେରା, ଡେପୁଟି ସି.ଇ.ଓ. ସତ୍ୟ ସୁନ୍ଦର ଶିବରାମ ପାଇଟାଲ, ଜିଲା ପ୍ରକଳ୍ପ ସଂଯୋଜକ, ମିଶନ୍ ଶକ୍ତି ସାଶ୍ୱତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମୋ ଖତ କାଉଣ୍ଟର ଉଦ୍‌ଘାଟିତ

ଟିକିଟି,୮।୮(ପ୍ରକାଶ ଚନ୍ଦ୍ର ସାହୁ) ଟିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଆନ୍ଧ୍ରା ବ୍ୟାଙ୍କ୍ ସ୍ଥିତ ମାର୍କେଟ କମ୍ପ୍ଲେକ୍ସଠାରେ ଗୁରୁବାର ଏକ ମୋ ଖତ କାଉଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରିଥିଲେ ଏନ୍ଏସି ଅଧ୍ୟକ୍ଷା ଦୀପା କୁମାରୀ ସାହୁ। ମୋ ଖତ କାଉଣ୍ଟରରୁ ଜନସାଧାରଣଙ୍କ ପାଇଁ ୧ କିଲୋ ପିଛା ୧୦ଟଙ୍କା ଦରରେ ଉପଲବ୍ଧ କରାଯାଇଥିବା ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ କୁଲ୍ ଦୀପ କୁମାର କହିଛନ୍ତି। ଏଥି ସହିତ ଉକ୍ତ ମାର୍କେଟ କମ୍ପ୍ଲେକ୍ସରେ ନିଜ ପାଖରେ ଥିବା ପୁରୁଣା ବସ୍ତ୍ର, ଘରର ବ୍ୟବହାର ହେଉ ନ ଥିବା ବସ୍ତୁଗୁଡ଼ିକୁ ଦାନ କରିବାର ସୁବିଧା ରହିଛି। ଯାହାକୁ ଏହି ବସ୍ତୁ ବିଶେଷର ଆବଶ୍ୟକ ସେମାନେ ବିନା ମୂଲ୍ୟର ନେବାର ସୁଯୋଗ ଅଛି ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରୀ କହିଛନ୍ତି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୨ଟି ୱାର୍ଡର ସଭ୍ୟା ସଭ୍ୟ, ଏନ୍ଏସିର ସମସ୍ତ କର୍ମଚାରୀ, ସ୍ୱଚ୍ଛ ସାଥୀ ସୁପରଭାଇଜର ଓ ଜନସାଧାରଣ ଉପସ୍ଥିତ ଥିଲେ।

# ଏନବିସି କଲେଜରେ ଆଲୋଚନାଚକ୍ର




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆସିକା,୮।୮(ସୁରେନ୍ଦ୍ର ନାଥ ସାହୁ): ଆସିକା ବ୍ଲକ କେନ୍ଦୁପଦରସ୍ଥିତ ଏନବିସି କଲେଜ ପରିସରରେ ଗୁରୁବାର କେନ୍ଦ୍ରୀୟ ବଜେଟ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜର ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ହରିଶଙ୍କର ପାଣ୍ଡେ ଅଧ୍ୟକ୍ଷତା କରିଥିଲେ । ସାଧନ ବ୍ୟକ୍ତି ଭାବେ ଅର୍ଥଶାସ୍ତ୍ର ବିଭାଗର ମୁଖ୍ୟ ଉପେନ୍ଦ୍ର ମାଝି ଯୋଗଦେଇଥିଲା ବେଳେ ସେବା ଯୋଜନା ସଂଯୋଜକ ସିଲୁ ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଚଳିତ ବଜେଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗରୀବ, ଯୁବ, ଅନ୍ନଦାତା ତଥା ଚାଷୀ ଓ ମହିଳାମାନଙ୍କ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏଥିସହ ଏହି ବର୍ଗର ଜନସାଧାରଣଙ୍କ ଦକ୍ଷତା ବୃଦ୍ଧି, ରୋଜଗାର ବୃଦ୍ଧି, ସଶକ୍ତିକରଣ, ମଧ୍ୟବିତ ବର୍ଗଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ସକାଶେ ଋଣ ବ୍ୟବସ୍ଥା କିଭଳି କରାଯାଇଛି ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରୁଦ୍ରମାଧବ ମହାନ୍ତି, ଅଭିଷେକ ବେହେରା, ଡ. କୁନା ସୁନା ଏବଂ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଓ ସ୍ନାତକ ଛାତ୍ରୀଛାତ୍ର ଆଲୋଚନାଚକ୍ରରେ ଉପସ୍ଥିତ ଥିଲେ ।

# ହିଂସାମୁକ୍ତ ମହିଳା ସମାଜ ଗଠନ ପାଇଁ ଜିଲାପାଳଙ୍କ ଆହ୍ୱାନ

## ୫ ବର୍ଷରେ ୧୧୯୪ ନିର୍ଯାତିତା ମହିଳାଙ୍କ ପଞ୍ଜୀକରଣ

ଛତ୍ରପୁର,୮।୮(ଦିଲ୍ଲୀପ ସାମଲ/ସନ୍ତୋଷ ପାଢ଼ୀ): ଭାରତ ସରକାରଙ୍କ ପ୍ରଯୋଜନାରେ ମହିଳା ମାନଙ୍କ ସମସ୍ୟା ସମାଧାନ, ପରାମର୍ଶ ଓ ଥଇଥାନ ପାଇଁ ଗଞ୍ଜାମ ଜିଲାରେ ଚାଲିଥିବା ୱାନ ଷ୍ଟପ ସେଣ୍ଟର ଓ ଜାଗୃତି / ଶକ୍ତି ସଦନର କର୍ଯ୍ୟକ୍ରମକୁ ଜିଲାପାଳ ଦିବ୍ୟ ଜ୍ୟୋତି ପରିଡା ତଦାରଖ କରି ମହିଳା ହିଂସାମୁକ୍ତ ଗଞ୍ଜାମ ଜିଲା କରିବା ପାଇଁ ଆହ୍ୱାନ ଦେଇଥିଲେ । ଏଥିପାଇଁ ସମସ୍ତ ପଞ୍ଚାୟତ ସ୍ତରରୁ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ପଞ୍ଚାୟତ ସମିତି ଓ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରେ ହେଉଥିବା କାର୍ଯ୍ୟକ୍ରମ ଗୁଡିକରେ ହିଂସାମୁକ୍ତ ମହିଳା ସମାଜ ଗଠନ ସକାଶେ ଆହ୍ୱାନ ଦେଇଥିଲେ। ଏଥିପାଇଁ ସମସ୍ତ ପଞ୍ଚାୟତ ସ୍ତରରୁ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ପଞ୍ଚାୟତ ସମିତି ଓ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରେ ହେଉଥିବା କାର୍ଯ୍ୟକ୍ରମ ଗୁଡିକରେ ୱାନ ଷ୍ଟପ ସେଣ୍ଟରର କର୍ମକର୍ତ୍ତା ମାନେ ଭାଗନେବା ସହ ପଞ୍ଚାୟତ ସ୍ତରରୁ ଲୋକଙ୍କୁ ସଂଯୋଗ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବ୍ଲକ ସ୍ତରରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପଞ୍ଚାୟତ ସମିତି ଓ ପଞ୍ଚାୟତ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ ଓ ପୋଲିସ ଥାନା କାନ୍ଥରେ ଉଲ୍ଲେଖ କରିବା ପାଇଁ ପରାମର୍ଶ ଦେଇଥିଲେ।

ଗତ ପାଞ୍ଚ ବର୍ଷରେ ୱାନ ଷ୍ଟପ୍ ସେଣ୍ଟର ତରଫରୁ ୧୧୯୪ ନିର୍ଯାତିତା ମହିଳାଙ୍କ ପଞ୍ଜିକରଣ ହୋଇଥିବା ବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ୪୩୦ଟି କେଶ୍ ପଞ୍ଜିକରଣ ହୋଇଛି। ସେଥି ମଧ୍ୟରୁ ୭ ଟି କେଶ ଫଇସଲା ହୋଇ ନଥିବା ଜଣାପଡିଛି। ଆସନ୍ତା ଅଗଷ୍ଟ ୧୫ ତାରିଖରେ ଲାଲକିଲା ଠାରେ ସ୍ୱାଧୀନତା ଦିବସ ପାଳନ ଅବସରରେ ରାଜ୍ୟ ସରକାରଙ୍କ ତରଫରୁ ରାଜ୍ୟର ଏକମାତ୍ର ଅନୁଷ୍ଠାନ ବ୍ରହ୍ମପୁର ୱାନ ଷ୍ଟପ୍ ସେଣ୍ଟର ସଖୀ ଭାଗ ନେବାକୁ ଯାଉଥିବା ବେଳେ କନ୍ଧମାଳ, ପୁରୀ, କେନ୍ଦୁଝରରୁ ଗୋଟିଏ ଲେଖାଏଁ ଅଙ୍ଗନୱାଡି କେନ୍ଦ୍ରର ପ୍ରତିନିଧିଙ୍କ ସହ ଜିଲା ଶିଶୁ ସୁରକ୍ଷା ସମିତି ସମ୍ବଲପୁର ଆମନ୍ତ୍ରିତ ସ୍ୱତନ୍ତ୍ର ଅତିଥି ହିସାବରେ ଯୋଗ ଦେବାକୁ ଯାଉଥିବା ଯୋଗୁ ଜିଲାପାଳ ୱାନଷ୍ଟପ୍ ସେଣ୍ଟରର କର୍ମକର୍ତ୍ତା ମାନଙ୍କୁ ପ୍ରଶଂସା କରିଥିଲେ। ବୈଠକରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଆବିଦ ପରଭିନ, ଚ୍ଲାଇଲ୍ଡ ଲାଇନର ସୁଧିର ସାବତ, ଜିଲା ଶିଶୁ ଅଧିକାରୀ ସୁବୁଦ୍ଧ ଷଡଙ୍ଗୀ, ଦେବବ୍ରତ ମାହୁନ୍ତ, ଶଖୀର ମହେଶ୍ୱେତା ପାଢୀଙ୍କ ସମେତ ସମସ୍ତ ସିଡିପିଓ, ପୋଲିସ, ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସିକ୍ୟୁରିଟି ଗାର୍ଡଙ୍କ ଧାରଣାରେ ପରିବାର ସାମିଲ

ଛତ୍ରପୁର,୮।୮(ଦିଲ୍ଲୀପ ସାମଲ): ଛତ୍ରପୁର ଉପକଣ୍ଠରେ ଥିବା ଆଇଆରଇଏଲ କମ୍ପାନୀରେ ସୁପରଭାଇଜର ଓ ଇନଚାର୍ଜ ଜାତି ଭେଦଭାବକୁ ନେଇ ନିର୍ଯାତନା ଦେଉଥିବା ସିକ୍ୟୁରିଟି ଗାର୍ଡମାନେ ଅଭିଯୋଗ କରି ଆନ୍ଦୋଳନ ଚଳାଇଛନ୍ତି। ଗୁରୁବାର ସେମାନଙ୍କ ପରିବାର ବର୍ଗ କମ୍ପାନୀର ମୁଖ୍ୟ ଫାଟକ ସମ୍ମୁଖରେ ଚାଲିଥିବା ଧାରଣାରେ ସାମିଲ ହୋଇଛନ୍ତି। ଫଳରେ କମ୍ପାନୀର କାର୍ଯ୍ୟ ଏକ ପ୍ରକାର ଠପ ହୋଇଯାଇଛି। ଆନ୍ଦୋଳନକାରୀମାନେ କହିବା ଅନୁସାରେ ଦୀର୍ଘ ୧୫ ବର୍ଷ ଧରି ସେମାନେ ଆଇଆରଇଏଲ କମ୍ପାନୀରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରିଆସୁଛନ୍ତି । ଗତ ୪ ବର୍ଷ ହେଲା ଜାତିଭେଦକୁ ନେଇ ସୁପରଭାଇଜର ଓ ଇନଚାର୍ଜ ମାନେ ସେମାନଙ୍କୁ ନିର୍ଯାତନା ଦେଉଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି । ସେହିପରି କମ୍ପାନୀରେ ସିକ୍ୟୁରିଟି ଭାବେ କାର୍ଯ୍ୟ କରୁଥିବା ମାଟିଖାଲ ଗ୍ରାମର ରବୀନ୍ଦ୍ର କୁମାର ପ୍ରଧାନଙ୍କୁ କାର୍ଯ୍ୟରୁ ବାଦ କରାଯାଇଥିବାରୁ ଏହାକୁ ବିରୋଧ କରିଛନ୍ତି।

# ବନ୍ୟପ୍ରାଣୀ ସପ୍ତାହ ପାଳନରେ ଚିତ୍ରାଙ୍କନ ପ୍ରତିଯୋଗିତା



ଉପସ୍ଥିତ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର।

ବୁଗୁଡ଼ା,୮।୮(କାଳିଚରଣ ଦାଶ) ବୁଗୁଡ଼ା ତରଫରୁ ୭୦ତମ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ଉପଲକ୍ଷେ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ଗୁରୁବାର ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ପରିଚାଳିତ ହୋଇଥିଲା। ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ମିଶ୍ର ଓ ବରିଷ୍ଠ ନାଗରିକ ଟ୍ରଷ୍ଟର ଅଧ୍ୟକ୍ଷ ଗଙ୍ଗାଧର ବିଷୋୟୀ ଯୋଗଦେଇ ମୂଲ୍ୟାୟନ କରିଥିଲେ। ପ୍ରତିଯୋଗିତାରେ କନିଷ୍ଠ ବିଭାଗରେ ନ୍ୟୁଏରା ପବ୍ଲିକ୍ ସ୍କୁଲ୍‌ର ସୁଚେତା ମହାପାତ୍ର ପ୍ରଥମ, ବି. ଏନ୍. ବାଳିକା ଉଚ୍ଚ ବିଦ୍ୟାଳୟର ଅଙ୍କିତା ବରାଡ ଦ୍ୱିତୀୟ ଏବଂ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସୁରଜ କୁମାର ସେଠୀ ଓ ସରସ୍ୱତୀ ଶିଶୁ ମନ୍ଦିରର ଆଦିତ୍ୟ ପ୍ରଧାନ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବରିଷ୍ଠ ବିଭାଗରେ ସରସ୍ୱତୀ ଶିଶୁ ମନ୍ଦିରର ପୁନମ୍ ପ୍ରଧାନ ପ୍ରଥମ, ନ୍ୟୁଏରା ପବ୍ଲିକ ସ୍କୁଲର ରିତେଶ ରାଉତ ଦ୍ୱିତୀୟ ଓ ବିରଞ୍ଚି ନାରାୟଣ ପବ୍ଲିକ ସ୍କୁଲର ସାଇନା ସଲୋନିକା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନେ ପୁରସ୍କୃତ ହୋଇ ଉପଖଣ୍ଡ ସ୍ତରକୁ ମନୋନୀତ ହୋଇଥିଲେ। ସଂଯୋଜକ ସୁରେଶ ପ୍ରସାଦ ସରାଫ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ନକଲି ନିଯୁକ୍ତି ପତ୍ର ଦେଇ ଠକେଇ ଅଭିଯୋଗ

ବୁଗୁଡ଼ା,୮।୮(କାଳିଚରଣ ଦାଶ) କୋର୍ଟରେ ଜୁନିୟର୍ ଟାଇପିଷ୍ଟ ପଦ ପାଇଁ ନକଲି ନିଯୁକ୍ତି ପତ୍ର ପାଇ ଠକାମିର ଶିକାର ହୋଇଥିବା ନେଇ ବୁଗୁଡ଼ାର ପ୍ରଭାତ କୁମାର ପାତ୍ରଙ୍କ ପକ୍ଷରୁ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି।

ପ୍ରଭାତଙ୍କୁ କୋର୍ଟରେ ଜୁନିୟର ଟାଇପିଷ୍ଟ ପଦରେ ଚାକିରି କରାଇଦେବା ଆଳ ଦେଖାଇ ଜଣେ ବ୍ୟକ୍ତି ତାଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇଥିଲେ। ଗଞ୍ଜାମ ଜିଲାର ଯେକୌଣସି କୋର୍ଟରେ ବି ତାଙ୍କ ଚାକିରି ହୋଇଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। କିଛିଦିନ ତଳେ ଉକ୍ତ ବ୍ୟକ୍ତି ଜଣକ ପ୍ରଭାତଙ୍କୁ ଗଞ୍ଜାମ ଜିଲା ବିଚାରପତିଙ୍କ କାର୍ଯ୍ୟାଳୟ ଲେଖାଯାଇଥିବା ଏକ ନିଯୁକ୍ତି ପତ୍ର ଦେଇଥିଲେ ଏବଂ ସେଥିରେ ବୁଗୁଡ଼ା ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ କୋର୍ଟରେ ପ୍ରଭାତଙ୍କ ପୋଷ୍ଟିଂ ହୋଇଥିବା ଦର୍ଶାଯାଇଥିଲା। ସମସ୍ତ ଆବଶ୍ୟକ ଦସ୍ତାବିଜ୍ ସହ ଅଗଷ୍ଟ ୭ରେ ଜଏନ୍ କରିବାକୁ ଏଥିରେ ଉଲ୍ଲେଖ କରାଯାଇଥିଲା। ଫଳରେ ପ୍ରଭାତ ଉକ୍ତ ନିଯୁକ୍ତି ପତ୍ରକୁ ନେଇ ବୁଗୁଡ଼ା ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ କୋର୍ଟରେ ପହଞ୍ଚିଥିଲେ। ଯାଞ୍ଚ ବେଳେ କୋର୍ଟର କର୍ମଚାରୀମାନେ ନିଯୁକ୍ତି ପତ୍ରକୁ ନକଲି ବୋଲି ଦର୍ଶାଇଥିଲେ। ଫଳରେ ପ୍ରଭାତ ଠକାମିର ଶିକାର ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ। ଅନ୍ୟପକ୍ଷରେ ପ୍ରଭାତ ଯେଉଁ ନକଲି ନିଯୁକ୍ତିପତ୍ର ପାଇଛନ୍ତି ସେଥିରେ ଆଉ କେତେଜଣଙ୍କ ନାମ ଥିବାରୁ ସେମାନେ ବି ଏଭଳି ଠକେଇର ଶିକାର ହୋଇଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ଏ ନେଇ ପୋଲିସ ନଂ. ୩୯୮/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ସମାଧାନକୁ ପ୍ରାଥମିକତା ଦିଆଯିବ

## ରୋଗୀ କଲ୍ୟାଣ ସମିତି ବୈଠକ




ବୈଠକରେ ଉପସ୍ଥିତ ଅତିଥି।

ବେଲଗୁଣ୍ଠା,୮।୮(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ) ବେଲଗୁଣ୍ଠା ବ୍ଲକ ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର ବାଲୁଙ୍କେଶ୍ୱର ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ରୂପେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାରତୀ ଦେବୀ, ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ଲେଙ୍କା, ମହନ୍ତ ରାମକୃଷ୍ଣ ଦାସ, ଯୁବ ସମାଜସେବୀ ଜିତେନ୍ଦ୍ର ନାୟକ, ଖଇରପୁଟି ସରପଞ୍ଚ ସତ୍ୟବାନ ସ୍ୱାଇଁ, ଡାକ୍ତର ସରୋଜ କୁମାର ଉପାଧ୍ୟାୟ, ବସନ୍ତ କୁମାର ସ୍ୱାଇଁ, ସରୋଜ ପ୍ରଧାନ, ବିପିଏମ୍ ଦୁର୍ଗା ପ୍ରସାଦ ପଟ୍ଟନାୟକ, ଟିଭି ସୁପରଭାଇଜର ଦୁର୍ଗା ପ୍ରସାଦ ପାତ୍ର, ବିଏଏମ୍ ଦିଲ୍ଲୀପ କୁମାର ସାହୁ, ଏମଟିଏସ୍ କୃଷ୍ଣ ଚନ୍ଦ୍ର ଚୌଧୁରୀ, ସମିତିସଭ୍ୟ ପୀତବାସ ସାହୁ, ରାମଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ଗତ ବର୍ଷର ଆୟବ୍ୟୟର ଅଟକଳ ବିବରଣୀ ଉପସ୍ଥାପନ କରାଯାଇଥିବା ବେଳେ ଆଗାମୀ ବର୍ଷର ଯୋଜନା ଗୁଡ଼ିକୁ ଉପସ୍ଥାପିତ କରାଯାଇଥିଲା। ଏହା ସହିତ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗି ରହିଥିବା ଡାକ୍ତର ଅଭାବଜନିତ ସମସ୍ୟା ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ ଦିଗରେ ଆଲୋଚନା କରାଯାଇଥିଲା। ବିଧାୟକ ବିଷୋୟୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ସମସ୍ୟାକୁ ପ୍ରାଥମିକତା ଦେଇ ଏହାର ସମାଧାନ ଦିଗରେ ପ୍ରୟାସ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ବେଳେ ଡାକ୍ତରଖାନାର ଉନ୍ନତିକରଣ ଦିଗରେ ଆବଶ୍ୟକ ସହଯୋଗ ଯୋଗାଇଦେବେ ବୋଲି ବିଡ଼ିଓ ଭାରତୀ ଦେବୀ ପ୍ରକାଶ କରିଥିଲେ। ବିପିଏମ୍ ଦୁର୍ଗା ପ୍ରସାଦ ପଟ୍ଟନାୟକ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାସ୍ତା, ନାଳ ନିର୍ମାଣ ଦାବିରେ ବିଡିଓଙ୍କୁ ଘେରାଉ

ଶେରଗଡ,୮।୮(ସୂର୍ଯ୍ୟ ନାରାୟଣ ଦାଶ): ଶେରଗଡ ଗ୍ରାମ ପାଢୀ ସାହିରେ ପେଭର ବ୍ଲକ ରାସ୍ତା ନିର୍ମାଣ ହୋଇଥିଲା। ତେବେ ବର୍ଷା ହେଲେ ସେଥିରେ ପାଣି ଜମିବାରୁ ଯାତାୟାତରେ ଅସୁବିଧା ହେଉଥିବା ସାହିବାସୀ ପ୍ରଶାସନକୁ ଜଣାଇଥିଲେ। ମଙ୍ଗଳବାର ରାତିରେ ପୁଣି ରାସ୍ତା କାମ କରାଯାଇଥିଲା । ତେବେ ନାଳ ନିର୍ମାଣ ନକରି ରାସ୍ତା କାମ କରାଯାଉଥିବାରୁ ଏହାର ପ୍ରତିବାଦରେ ବୁଧବାର ବ୍ଲକ ସମ୍ମୁଖରେ ଶତାଧିକ ଜନସାଧାରଣ ପହଞ୍ଚି ଧାରଣା ଦେଇଥିଲେ। ବିଡିଓ ନାଳ କରାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ସାହିବାସୀ ବ୍ଲକ ସମ୍ମୁଖରୁ ହଟିଥିଲେ। ବୁଧବାର ସନ୍ଧ୍ୟାରେ ବିଡିଓ ଶିବାଶିଷ ବରାଳ ଓ ଯନ୍ତ୍ରୀ ଚନ୍ଦ୍ର ଶେଖର ଷଡଙ୍ଗୀ ପାଢୀସାହିକୁ ଯାଇ ରାସ୍ତା କାମ ଓ ନାଳ ନିର୍ମାଣ ପାଇଁ ଅନୁଧ୍ୟାନ କରୁଥିବା ବେଳେ ଶତାଧିକ ଲୋକ ଉଭୟଙ୍କୁ ଘେରିବା ସହ ରାସ୍ତାକୁ ଭାଙ୍ଗି ପୁଣି ନିର୍ମାଣ କରିବାକୁ ଅଡି ବସିଥିଲେ। ପ୍ରାୟ ୨ ଘଣ୍ଟା ବୁଝାସୁଝା ପରେ ପେଭର ରାସ୍ତା ନିର୍ମାଣର ତଦନ୍ତ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେବାରୁ ଲୋକେ ଛାଡିଥିଲେ।

# ରାଇପଲ୍ଲୀ ସ୍କୁଲକୁ ରାସ୍ତା ନାହିଁ

## ସମସ୍ୟା ସମାଧାନ ଦାବି କଲେ ପ୍ରଧାନ ଶିକ୍ଷୟିତ୍ରୀ



ସ୍କୁଲ ରାସ୍ତା କାଦୁଅରେ ଭର୍ତ୍ତି ହୋଇଛି।

ଭଞ୍ଜନଗର,୮।୮(ବାବୁଲା ପ୍ରଧାନ) ୫-ଟି ନାମରେ ଭଞ୍ଜନଗର ବ୍ଲକର ଅନେକ ବିଦ୍ୟାଳୟ ରୂପାନ୍ତରିତ କରାଗଲା। ଅନେକ ବିଦ୍ୟାଳୟରେ ଭଲ କାମ ହୋଇଛି। କିନ୍ତୁ ଆଉ କିଛି ବିଦ୍ୟାଳୟରେ କାମ ଠିକ ଭାବେ ହୋଇନାହିଁ। ବର୍ତ୍ତମାନ ସରକାର ବଦଳିବା ପରେ ଅବ୍ୟବସ୍ଥା ସମ୍ପର୍କରେ ଅଭିଯୋଗ ବଢିବାରେ ଲାଗିଛି। ଯାହାକି ଚର୍ଚ୍ଚାର ବିଷୟ ପାଲଟିଛି। ଏଭଳି ସ୍ଥିତିରେ ଗୁରୁବାର ରାଇପଲ୍ଲୀ ରୂପାନ୍ତରିତ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଭଞ୍ଜନଗର ବିଡ଼ିଓଙ୍କୁ ଭେଟି ୭ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ତାଙ୍କ ଦାବିପତ୍ରରେ ଲେଖିଛନ୍ତି ଯେ ବିଦ୍ୟାଳୟକୁ ପକ୍କା ରାସ୍ତା ନାହିଁ। ବର୍ତ୍ତମାନ ବର୍ଷା ଯୋଗୁଁ ଉକ୍ତ ମାଟି ରାସ୍ତାଟି କାଦୁଅରେ ଭରି ରହିଛି। ଛାତ୍ରୀ ଛାତ୍ର ଏବଂ ଅନ୍ୟମାନେ ଉକ୍ତ ରାସ୍ତାରେ ଯିବା ଆସିବା କରିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟରେ ଭଲ ପାଇଖାନା ନାହିଁ। ବିଦ୍ୟୁତ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ଅଛି। ଖେଳ ପଡିଆ ସମତୁଲ ନାହିଁ। ବିଦ୍ୟାଳୟ ପାଚେରି, ମୁଖ୍ୟ ଫାଟକ ନାହିଁ । ତେଣୁ ବିଭିନ୍ନ ସମୟରେ ଅନାମଧେୟ ବ୍ୟକ୍ତି ବିଦ୍ୟାଳୟ ପରିସରରେ ଘୁରି ବୁଲୁଛନ୍ତି। ଏହିଭଳି ଅନେକ ସମସ୍ୟା ବିଦ୍ୟାଳୟରେ ଲାଗି ରହିଛି। ତାହାର ସମାଧାନ କରିବା ପାଇଁ ପ୍ରଧାନ ଶିକ୍ଷୟତ୍ରୀ ଦାବି କରିଛନ୍ତି। ଅପରପକ୍ଷେ ସମସ୍ୟା ଗୁଡ଼ିକର ସମାଧାନ ନହେଲେ ଭବିଷ୍ୟତରେ ଛାତ୍ରୀ ଛାତ୍ର ମାନେ କେତେବେଳେ ବିପଦରେ ପଡ଼ିବା ସମ୍ଭାବନା ରହିଛି । ଏ ନେଇ ବ୍ଲକର ଜଣେ ଅଧିକାରୀଙ୍କୁ ପଚାରିବାରୁ ସେ ଏଠାରେ କହିଛନ୍ତି ଯେ ଅଭିଯୋଗ ପତ୍ର ଆସିଛି। ତଦନ୍ତ ପରେ ଆବଶ୍ୟକ ପଦକ୍ଷେପ ନିଆଯିବ।

# ରାସ୍ତା ନାହିଁ, ଦୋଳାରେ ଗଲେ ରୋଗୀ



କ.ନୂଆଗାଁ,୮।୮(କାଳୀ ପ୍ରସାଦ ତ୍ରିପାଠୀ) ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ଅନେକ ଯୋଜନା କରୁଛନ୍ତି। କିନ୍ତୁ ଏବେ ଅନେକ ଗ୍ରାମରେ ରାସ୍ତା ନ ଥିବାରୁ ରୋଗୀ, ଗର୍ଭବତୀଙ୍କୁ ଦୋଳାରେ ନିଆଯାଉଛି। ଏହା ଦେଖିବାକୁ ମିଳିଛି କ.ନୂଆଗାଁ ବ୍ଲକର କୁରେରିଗୁଡ଼ା ଗାଁରେ। ଉକ୍ତ ଗାଁରେ ରାସ୍ତା ନ ଥିବାରୁ ଗୁରୁବାର ଜଣେ ରୋଗୀଙ୍କୁ ଦୋଳାରେ ମେଡିକାଲ ନିଆଯାଇଛି। ଗାଁର ମହିଳା ଆନନ୍ତି ପ୍ରଧାନଙ୍କ ଦେହ ଖରାପ ଥିଲା। ଶରୀରରେ ପ୍ରବଳ ଯନ୍ତ୍ରଣା ହୋଇଥିଲା। ହେଲେ ଗାଁକୁ ରାସ୍ତା ନ ଥିବାରୁ ଠିକ ସମୟରେ ଆମ୍ବୁଲାନ୍ସ ପହଞ୍ଚି ପାରିନଥିଲା। ଫଳରେ ଅନ୍ୟ ଉପାୟ ନ ପାଇ ଗାଁ ଲୋକେ ଆନନ୍ତିଙ୍କୁ ଭାରରେ ବୋହି ୩ କିଲୋମିଟର ବାଲିଗୁଡ଼ା ଡାକ୍ତରଖାନାକୁ ଆଣିଥିଲେ। ଏହା କେବଳ ଆନନ୍ତିଙ୍କ ଦୁଃଖ ନୁହଁ। ୨୦ରୁ ଊର୍ଦ୍ଧ୍ୱ ପରିବାର ଏମିତି ଯନ୍ତ୍ରଣା ସହୁଛନ୍ତି। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ।

# ଦିଲ୍ଲୀ ଯିବାକୁ ଅଙ୍ଗନୱାଡି କର୍ମୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ନିମନ୍ତ୍ରଣ

ଦାରିଙ୍ଗବାଡ଼ି, ୮।୮(ଅରୁଣ ସାହୁ) ଆଉ ଏକ ସପ୍ତାହ ପରେ ଦେଶ ପାଳିବ ୭୮ ତମ ସ୍ୱାଧୀନତା ଦିବସ। ଏଥିପାଇଁ ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଉତ୍ସବମୁଖର। ଏହି ଅବସରରେ ଦାରିଙ୍ଗବାଡ଼ି ନାଉକରଣ ସାହିର ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଲିଲି ପୁଷ୍ପିକା ଏକ୍କାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପକ୍ଷରୁ ଚିଠି ଆସିଛି। ଆସନ୍ତା ସ୍ୱାଧୀନତା ଦିବସ ପାଳନ ଅବସରରେ ହେଉଥିବା କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ ଯୋଗଦେବେ। ସେ ନିଜ କେନ୍ଦ୍ରକୁ ଯେଉଁଭଳି ଉତ୍ତମ ଭାବେ ସଜ୍ଜିତ କରିଛନ୍ତି ସରକାରଙ୍କ ପକ୍ଷରୁ କେନ୍ଦ୍ରକୁ ଆସୁଥିବା ସମସ୍ତ ସୁବିଧାକୁ ସୁଚାରୁରୂପେ କାର୍ଯ୍ୟକରି ଶିଶୁଙ୍କ ଯତ୍ନ ଓ ନିଜ କାର୍ଯ୍ୟ ସଫଳତାର ସହ କରିବା ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଶଂସା ପାଉଛନ୍ତି। ଉକ୍ତ କେନ୍ଦ୍ରକୁ ଶିଶୁମାନେ ଆସିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ମହିଳା, ଶିଶୁ ବିଶେଷ କରି ଗର୍ଭବତୀ ମହିଳା ଓ ପ୍ରସୂତି ପରେ ଉଭୟ ମହିଳା ଓ ଶିଶୁଙ୍କ ଯତ୍ନ ସଫଳତାର ସହ କରନ୍ତି। ଏଥିସହ କେନ୍ଦ୍ରରେ ଶିଶୁମାନଙ୍କ ରନ୍ଧା ଖାଦ୍ୟ ପାଇଁ ନିଜେ ଜୈବିକ ପଦ୍ଧତିରେ ପନିପରିବା ଚାଷ କରି ଅଞ୍ଚଳରେ ଖ୍ୟାତି ଅର୍ଜନ କରିଛନ୍ତି ଲିଲି ପୁଷ୍ପିକା ଏକ୍କା। ଉକ୍ତ ଅଙ୍ଗନୱାଡି କେନ୍ଦ୍ରକୁ କେବଳ ଶିଶୁ ନୁହଁନ୍ତି ଅଭିଭାବକ ବା ଗ୍ରାମବାସୀ ମଧ୍ୟ ଦେଖିବାକୁ ଆସନ୍ତି। କାରଣ ଉକ୍ତ କେନ୍ଦ୍ର ଏକ ପାର୍କର ଭ୍ରମ ସୃଷ୍ଟି କରୁଛି। କେନ୍ଦ୍ର ପରିଚାଳନା କମିଟିର ସଭାପତି ପତିତପାବନ ରାଉତ କୁହନ୍ତି ପୂର୍ବରୁ କେନ୍ଦ୍ରର ଅବସ୍ଥା ଭଲ ନ ଥିଲା । ଯେଉଁ ଦିନରୁ ଲିଲି ପୁଷ୍ପିକା ନିଯୁକ୍ତି ପାଇଲେ ସେ ଶିଶୁଙ୍କ ଯତ୍ନ ନେବାସହ କେନ୍ଦ୍ରକୁ ଏକ ପ୍ରକାର ପାର୍କ ଭଳି ସଜାଇଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କୁ ନିମନ୍ତ୍ରଣ କରିଥିବାରୁ ଆମେ ଅଞ୍ଚଳବାସୀ ଗର୍ବିତ ବୋଲି କହିଛନ୍ତି।



ଅଙ୍ଗନୱାଡି କେନ୍ଦ୍ର ପାଲଟିଛି ଛାତ୍ରକେନ୍ଦ୍ର

# ଜିଲ୍ଲାସ୍ତରୀୟ ହାକାଥନ୍ ପ୍ରତିଯୋଗିତା

ପାରଳାଖେମୁଣ୍ଡି,୮।୮(ଗିରିଧାରୀ ପଣ୍ଡା): ଗଜପତି ଜିଲ୍ଲାସ୍ତରୀୟ ହାକାଥନ୍ ପ୍ରତିଯୋଗିତା ପାରଳାଖେମୁଣ୍ଡିସ୍ଥିତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ମନୋନୀତ ହୋଇ ଆସିଥିବା ୨୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ଡ଼.ମାୟାଧର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼. ଗୁଣନିଧି ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ହାକାଥନ୍ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଅନିତା ଦେବୀ ଓ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଆମୋଘ ରବି କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଭୁବନେଶ୍ୱର ସ୍ଥିତ ଓଡ଼ିଶା ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଏଣ୍ଡ ରିସର୍ଚ୍ଚର ବିଚାରକ ମଣ୍ଡଳୀ ଦ୍ୱାରା ୩ଟି ଶ୍ରେଷ୍ଠ ପ୍ରକଳ୍ପ ବଛାଯାଇଥିଲା। ସେଗୁଡ଼ିକ ରାଜ୍ୟସ୍ତରୀୟ ହାକାଥନ୍ ପ୍ରତିଯୋଗିତାରେ ସ୍ଥାନ ପାଇବ। କୃଷ୍ଣଦେବ ଗଜପତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଅମରେନ୍ଦ୍ର ବିଶ୍ୱାଳ ପ୍ରଥମ, ଆଳାଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ର କିଶାନ୍ କୁମାର ଦୋରା ଦ୍ୱିତୀୟ, ସ୍ଥାନୀୟ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସମ ଦର୍ଶିନୀ ପାଣିଗ୍ରାହୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କୃତି ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରଥମ ପୁରସ୍କାର ୧୫ ହଜାର, ଦ୍ୱିତୀୟ ପୁରସ୍କାର ୧୦ ହଜାର ଓ ତୃତୀୟ ପୁରସ୍କାର ପାଞ୍ଚ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା।

# ଅବକାରୀ ଥାନାର ନୂତନ କୋଠା ପ୍ରତିଷ୍ଠା

ଜି.ଉଦୟଗିରି,୮।୮(ଶିଶିର ପଟ୍ଟନାୟକ): ଜି.ଉଦୟଗିରି ସହରରେ ଗୁରୁବାର ଅବକାରୀ ଥାନାର ନୂତନ ଗୃହ ପ୍ରତିଷ୍ଠା ଅନୁଷ୍ଠିତ ହୋଇଯାଇଛି। ଦିନକୁ ଦିନ ଅବକାରୀ ମାମଲା ବଢୁଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ବିଭାଗ ତତ୍ପର ହୋଇ ଉଠିଛି। ଅବକାରୀ ଥାନାଧିକାରୀ କୀର୍ତ୍ତନ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଏଏସଆଇ ଶଶିଭୂଷଣ ସ୍ୱାଇଁ, କନେଷ୍ଟବଳ ମଧୁସୂଦନ ବେହେରା ଏବଂ ସଞ୍ଜୟ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଫୁଲବାଣୀ ପଞ୍ଚାୟତ ସମିତି ବୈଠକ

ଫୁଲବାଣୀ,୮।୮(ରାକେଶ କୁମାର ରାଉତ) ଫୁଲବାଣୀ ପଞ୍ଚାୟତ ସମିତିର ସାଧାରଣ ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା କହଁରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଗ୍ରାମାଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ବିଧାୟକ କହିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀମାନଙ୍କୁ ବୋନସ ରାଶି ପ୍ରଦାନ କରାଯାଇଥିଲା। ଆୟୋଜିତ ବୈଠକରେ ଉପାଧ୍ୟକ୍ଷ ଶ୍ରୀନିବାସ ମଲ୍ଲିକ, ଫୁଲବାଣୀ ବିଡିଓ ପ୍ରତୀକ କୁମାର ସାହୁ, ତହସିଲଦାର ସଚ୍ଚିଦାନନ୍ଦ ନାୟକ, ଜିଲା ପରିଷଦ ସଦସ୍ୟା ଚନ୍ଦ୍ରମା ମଲ୍ଲିକ ଥିଲେ।

# ବିଜ୍ଞାନ ଶିକ୍ଷକଙ୍କ ତାଲିମ ଶିବିର

ତୁମୁଡିବନ୍ଧ,୮।୮(ଦିପକ କୁମାର ପରାସେଠ): ତୁମୁଡିବନ୍ଧ ବ୍ଲକ ତୁମୁଡିବନ୍ଧ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ସନ୍ଧାନ ଓ ସିନି ଟାଟା ଟ୍ରଷ୍ଟ ତରଫରୁ ଦୁଇଦିନିଆ ବିଜ୍ଞାନ ଭିତ୍ତିକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ତୁମୁଡିବନ୍ଧ ବିଇଓ ପବିତ୍ର ଗଡ଼ତିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷାଧିକାରୀ ଜନାର୍ଦ୍ଦନ ପାଣିଗ୍ରାହୀ, ଭରତ ଚନ୍ଦ୍ର ପ୍ରଧାନ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ସାହୁ ଉପସ୍ଥିତ ଥିଲେ। ତୁମୁଡିବନ୍ଧ ବ୍ଲକର ୩୦ ଉଚ୍ଚ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ ଦୁଇ ଦିନ ଧରି ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ଶିବିରରେ ପ୍ରଶିକ୍ଷଣ ପ୍ରଦାନ କରିବା ପାଇଁ ବାଲେଶ୍ୱରରୁ ଆସିଥିବା ତଥା ସିନି ଟାଟା ଟ୍ରଷ୍ଟ ସଂଯୋଜକ ବିଜ୍ଞାନ ଶିକ୍ଷକ କଳ୍ପତରୁ ପାତ୍ର ଉପସ୍ଥିତ ଶିକ୍ଷକମାନଙ୍କୁ ବିଜ୍ଞାନ ସାମଗ୍ରୀ ଦେଖାଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିକ୍ଷା ସନ୍ଧାନର ବ୍ଲକ ସଂଯୋଜକ ସୁନୀଲ ଉଠାସିଂ, ଅମୃତ ରାଜ ନାୟକ, ସୁନୀଲ କୁମାର ପାଟଶାଣି ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ୩ ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

## ଡକାୟତି, ବୋମାମାଡ଼ ମାମଲା

ଫୁଲବାଣୀ, ୮।୮(ରାକେଶ କୁମାର ରାଉତ): ଏକ ଡକାୟତି ଏବଂ ବୋମାମାଡ଼ ମାମଲାର ବିଚାର କରି କନ୍ଧମାଳ ଜିଲ୍ଲା ଫୁଲବାଣୀ ଅତିରିକ୍ତ ଜିଲ୍ଲା ଜଜ୍ ମୁନରାଣୀ ମିଶ୍ର ବୁଧବାର ରାୟ ପ୍ରକାଶ କରିଛନ୍ତି। ଏହି ଘଟଣାରେ ୩ ଜଣ ଅଭିଯୁକ୍ତଙ୍କୁ ୧୦ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଲେଖାଏ ଜରିମାନା କରିଛନ୍ତି । ଜରିମାନା ଅନାଦାୟ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତମାନେ ହେଲେ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଅଞ୍ଚଳ ମୁସଲିମ୍ ସାହିର ମୁମ୍ତାଜ ଅଲ୍ଲୀ, ତିଲାବାଲିର ଚନ୍ଦନେଶ୍ୱର ନାୟକ ଓ ମର୍ଦ୍ଧାବାଡି ଗ୍ରାମର ଶରତ ନାୟକ।୨୦୧୨ ମାର୍ଚ୍ଚ ୧୯ ତାରିଖରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ସହ ଆଉ ୪ ଜଣ ଏକ ବୋଲେରୋରେ ଫୁଲବାଣୀ ସଦର ଥାନା ଅନ୍ତର୍ଗତ ଜକ୍ରେଜୁ ଗ୍ରାମର ପଦ୍ମ ଚରଣ ଗଣ୍ଡାଙ୍କ ଘରେ ପଶି ଡକାୟତି କରିଥିଲେ। ସେମାନେ ତାଙ୍କ ସ୍ତ୍ରୀଙ୍କଠାରୁ ସୁନା ଚେନ ଓ ୧୦ ହଜାର ଟଙ୍କା ଲୁଟି ନେଇଥିଲେ। ଯିବା ସମୟରେ ଗାଁ ଦାଣ୍ଡରେ ଦୁଇଟି ବୋମା ଫୁଟାଇଥିଲେ। ଏଥିରେ ଗ୍ରାମର ୩ ଜଣ ଆହତ ହୋଇଥିବା ବେଳେ ଅଭିଯୁକ୍ତ ଚନ୍ଦନେଶ୍ୱରଙ୍କ ହାତ ପାପୁଲି ଛିଣ୍ଡି ଯାଇଥିଲା। ଗ୍ରାମବାସୀ ସମ୍ପୃକ୍ତ ୩ ଜଣଙ୍କୁ ଧରି ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଭିଯୁକ୍ତମାନଙ୍କୁ ଧରିଥିଲା। ପଦ୍ମ ଚରଣଙ୍କ ଏତଲା ଅନୁସାରେ ନଂ. ୩୧/୧୨ରେ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ବିଚାରପତି ୧୫ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଶିବପ୍ରସାଦ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।

# ବ୍ଲକସ୍ତରୀୟ ଜାତୀୟ ପ୍ରାଣୀଧନ ମେଳା

ଦାରିଙ୍ଗବାଡି, ୮।୮ (ଅରୁଣ ସାହୁ ): ଦାରିଙ୍ଗବାଡ଼ି ବ୍ଲକ ଦାସିକେତା ଗାଁରେ ବୁଧବାର ବ୍ଲକସ୍ତରୀୟ ଜାତୀୟ ପ୍ରାଣୀଧନ ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରାଣୀ ଚିକିତ୍ସକ ଡାକ୍ତର ଦୀପକ କୁମାର ପ୍ରଧାନଙ୍କ ମଞ୍ଚ ପରିଚାଳନା କାର୍ଯ୍ୟକ୍ରମ ଏବଂ ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡାକ୍ତର ସଞ୍ଜୀବ କୁମାର ପଟେଲଙ୍କ ସଭାପତିତ୍ୱ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ମୁଖ୍ୟ ବକ୍ତାଭାବେ ନୋଡାଲ ଅଫିସର ଡାକ୍ତର ଅଳକା ପଟ୍ଟନାୟକ, ଅନ୍ୟ ଅତିଥିଙ୍କ ମଧ୍ୟରେ ଉପଖଣ୍ଡ ଚିକିତ୍ସାଧିକାରୀ ପ୍ରଭାତ କୁମାର ମିଶ୍ର, ତହସିଲଦାର ଶରତ ଶବର, ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର ପ୍ରଧାନ, ଗ୍ରୀନବାଡି ସରପଞ୍ଚ ସୁନିତା ପ୍ରଧାନ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଗୋଷ୍ଠୀ ଚିକିତ୍ସାଧିକାରୀ ଡାକ୍ତର ନୀହାର ରଞ୍ଜନ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲାରେ ୨ ଲକ୍ଷ ୬୦ ହଜାର ଗାଈ, ବଳଦ ରହିଛି, ସେଥିରୁ ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ପ୍ରାୟ ୪୪ ହଜାର ଗାଈ, ବଳଦ ରହିଥିବା ବେଳେ ୩୩ ହଜାର ଛେଳି, ୧ ହଜାର ଘୁଷୁରି ଅସଂଖ୍ୟ କୁକୁଡ଼ା ପାଳନ କରାଯାଉଥିବା ବେଳେ ଏହା ସମସ୍ତ ଚାଷୀଙ୍କୁ ଫାଇଦା ଦେଉଛି । ପ୍ରାଣୀଧନର ଉନ୍ନତି ହେଲେ ଚାଷୀଙ୍କ ପ୍ରଗତି ହୋଇପାରିବ ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରାଣୀମାନଙ୍କ ଚିକିତ୍ସା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା । ଗୋପାଳନରେ ରାମଚନ୍ଦ୍ର ପ୍ରଧାନ ପୁରସ୍କୃତ ହୋଇଥିବା ବେଳେ ଛେଳି ଚାଷୀ ପାଇଁ ଧରିଣୀ ପ୍ରଧାନ, କୁକୁଡ଼ା ପାଳନ ସକାଶେ ଅଜିତ କୁମାର ପ୍ରଧାନ, ବଳଦ ପାଇଁ ସଞ୍ଜୀବ ପ୍ରଧାନ ଏବଂ ଭଲ ଘୁଷୁରି ଚାଷ ପାଇଁ ପ୍ରିୟଞ୍ଜନ ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା।


**PARADIP PORT AUTHORITY**
**e-TENDER CALL NOTICE**
File No. CE/R&B/ACCTS-04/22/239
Date:02/08/2024

Name of Work - **Car Parking inside Administrative Building Premises.**
Estimated Cost: **Rs.2,10,65,960.18.** Last date & time of submission of bid: **27.08.2024 upto 18.00 Hrs.**
Refer our Website for details
https://eprocure.gov.in/eprocure/app

Sd/- Executive Engineer
Roads & building Division
Paradip Port Authority

PPA/PR/27/2024-2025 dtd.07.08.2024



**ସାର୍ବଜନୀନ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି ।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1) ମଡେଲ ନଂ. ଟାଟା ଏଲ୍‌ପିକେ 2518
ଗାଡ଼ି ନଂ.- OD04G6819
ନିର୍ମାଣ ବର୍ଷ - 2012
ସଂରକ୍ଷିତ ମୂଲ୍ୟ - 1082000.00

2) ମଡେଲ ନଂ.
ସିବି_ଏଏଲ1615_ଏଚ୍ଇ4750_ବିଏସ୍_6
ଗାଡ଼ି ନଂ.- OD02BR8054
ନିର୍ମାଣ ବର୍ଷ - 2021
ସଂରକ୍ଷିତ ମୂଲ୍ୟ - 1072038.24

ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ" ବିକ୍ରୟ କରାଯିବ । ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍

**କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001**
ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:
ଜ୍ୟୋତିରଞ୍ଜନ ମିଶ୍ର - 9583041012
ରବି କୁମାର ଡି - 6201641482



**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST.: KALAHANDI - 766026, E-mail: sgmel_uihep@ohpcltd.com

**ODISHA HYDRO POWER CORPORATION LTD.**
(A GOVERNMENT OF ODISHA UNDERTAKING)
Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar - 751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No. UIHEP-10/2024-25 Dated: 07.08.2024**

No. CAD-787: Sealed tenders are invited in two part i.e. (i) Techno Commercial Bid & (ii) Price Bid in separate sealed envelopes from Registered contractors/registered firms/ registered agency meeting eligibility criteria only for execution of the following work.

| Description of Work | Cost of Tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of Sale/ Download of tender document | Last date & time of receipt of tender | Date & time of opening of Techno Commercial Bid |
|---|---|---|---|---|---|
| Annual up-keeping and maintenance (including cooking) of Erectors' Hostel of UIHEP, Mukhiguda on job contract basis. | 7,080/- (Inclusive of GST) | 10,121/- (Rupees Ten thousand one hundred twenty one only) | From 13.08.2024 to 23.08.2024 upto 12.30 Hrs. | 23.08.2024 (upto 13.00 Hrs.) | 23.08.2024 at 16.30 Hrs. |

For details of the tender documents, terms and conditions please visit our website www.ohpcltd.com

OIPR-04008/11/0014/2425 Sd./-C&P Head, UIHEP, Mukhiguda



**GOVERNMENT OF ODISHA** No.B-157
**OFFICE OF THE CHIEF CONSTRUCTION ENGINEER, SOUTHERN (R&B) CIRCLE, BERHAMPUR**
Phone : 0680-2281582, e-mail : ccescbam@gmail.com
**INVITATIONS FOR BIDS (IFB) [e-Procurement]**
**Bid Identification No. CCE, S.C (R&B)-BAM-03/2024-25 No. 2844//Dated : 07.08.2024**

1) The Chief Construction Engineer, Southern (R&B) Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Bridge / Road works as detailed in the table below.
2) Nature of work : Bridge / Road Works
3) No. of work : 03 Nos.
4) Tender Cost : Rs. 10,000/- (online)
5) Class of Contractor : "B" Class, "A" Class & Special Class
6) Availability of Bid doument in the Website : From 16.08.2024 10.00 AM to 30.08.2024 5.30 PM
7) Date of Opening of Bid : 31.08.2024 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersodisha.gov.in.
9) Any addendum / corrigendum / cancellation of tender can also be seen in the said website only

Sd./- (D.C. Behera)
Chief Engineer,
Southern (R&B) Circle, Berhampur

OIPR-34103/11/0003/2425



**ସମ୍ବଲପୁରୀ ବସ୍ତ୍ରାଳୟ**
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ
ଓଡ଼ିଶା ସରକାର
**ରାଜ୍ୟ ସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ ପାଳନ ଉପଲକ୍ଷେ**
ସରକାରୀ ରିହାତି
୧୦% + ୨୦%
ଅବଧି
୦୭.୦୮.୨୦୨୪ ରୁ ୧୫.୦୮.୨୦୨୪ ପର୍ଯ୍ୟନ୍ତ
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧି ମାନଙ୍କଠାରେରେ ଉପଲବ୍ଧ ଅଟେ
For online purchase visit :
www.sambalpuribastralaya.com



**कार्यपालक अभियंता का कार्यालय**
**भवन निर्माण विभाग, भवन प्रमण्डल, सरायकेला**

**-: शुद्धि पत्र :-**

एतत् द्वारा सूचित किया जाता है कि इस कार्यालय द्वारा Short Notice आमंत्रित सं0– BCD/EE/5/Building Div. Seraikella/2024-25- Date: 01.08.2024 पी0आर0 संख्याः– PR 331429 Building(24-25)D द्वारा प्रकाशित की गयी है। जिसमें अपरिहार्य करणों से निविदा की तिथि को संशोधित किया गया है, जो निम्न प्रकार है :–

कार्य का नाम :– PROPOSED SETTING UP OF INTERGRATED PUBLIC HEALTH LABORATORY AT SADAR HOSPITAL AT SARAIKELA.

| क्र0 | पूर्व की तिथि | | संशोधित तिथि |
|---|---|---|---|
| I | वेबसाईट पर निविदा प्रकाशन की तिथि | 03-08-2024 | 10-08-2024 |
| ii | बिड प्राप्ति के लिए अन्तिम तिथि | 14-08-2024 | 20-08-2024 |
| iii | निविदा खोलने की तिथि | 16-08-2024 | 22-08-2024 |

शेष सभी शर्ते यथावत् रहेंगे।

कार्यपालक अभियंता,
भवन प्रमण्डल सरायकेला

PR 332290 Building(24-25).D



**GOVERNMENT OF ODISHA** No. O-184
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL**
E-Mail: sencrwangul@yahoo.co.in, Ph.: 06764-236404
No. 2111 Dt.07.08.24

**e-Procurement Notice for Maintenance Work in Odisha**

1. Name of the Work : Maintenance Works
2. Total No. of Work : 1 No.
3. Estimated Cost : Rs.106.39 Lakh
4. Class of Contractor : 'B' & 'A' Class
5. Period of Completion : 03 (Three) Calendar Months and Five years routine maintenance
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Maintenance Online AGL-07/2024-25 | 16.08.24 at 10.00 A.M. | 30.08.24 upto 5.00 P.M. | 29.08.2024 upto 1.00 P.M. | 31.08.24 at 11.00 A.M. | Will be intimated later on |

For detailed Notice inviting tenders, please visit to the website **http://www.pmgsytenders.gov.in.**

OIPR-25180/11/0008/2425 Sd./- Chief Engineer, Rural Works Circle, Angul



**OFFICE OF THE ENGINEER IN CHIEF**
**PUBLIC WORKS DEPARTMENT, NAVA RAIPUR, ATAL NAGAR**
**(CENTRAL TENDER CELL) E-Procurement Tender Notice**
**Main Portal: https: // eproc.cgstate.gov.in**
**Tenders are invited for the Following works:-**

| Sl. No. | System Tender No. / Date | Name of Work | PAC Amount (Rupees in lacs) |
|---|---|---|---|
| 1 | 157142 Third Call 05.08.2024 | Construction of Dindori Nawagaon Dayali Road Length 0.55 km ( Actual Length 0.40 km), i/c Bridge & Culvert . | 258.67 |
| 2 | 157166 First Call 05.08.2024 | Construction of Govt. College Building I/c Water supply, Sanitary Fittings, Rain water Harvesting, Land Scapping work, Septic Tank, Approach Road & Electrification works At Dadhi Block- Bemetara Distt.- Bemetara (C.G.) (Deposit Work) | 454.65 |
| 3 | 157183 First Call 05.08.2024 | CONSTRUCTION OF KHANDSARA TO SORGAON ROAD LENGTH 3.20 km. I/C SLAB CULVERT. | 291.95 |
| 4 | 157164 Second Call 05.08.2024 | CONSTRUCTION OF NEW DISTRICT COURT BUILDING I/c ELECTRIFICATION, WATER SUPPLY, SANITARY FITTING & APPROACH ROAD WORK AT KONDAGAON Word Code:-W28617 | 1170.00 |
| 5 | 157185 First Call 05.08.2024 | CONSTRUCTION OF SONARPAL MIDDLE SCHOOL TO CHAPKA ROAD LENGTH 3.00 km. I/C SLAB CULVERT. | 293.14 |

**Last Date of Tender Downloading S.No. 01 date 16.08.2024. S.No. 04 date 21.08.2024 . Other Tenders Date are Schedule as date 28.08.2024. For more details on the tender and bidding process please visit the above mentioned portal.**

Sd./- Chief Engineer
(Central Tender Cell)
Office of Engineer In Chief,
P.W.D. Nava Raipur Atal Nagar

G-242501737/5



**GOVERNMENTOFJHARKHAND**
**NATIONAL HIGHWAY WING**
**OFFICE OF THE EXECUTIVE ENGINEER**
**NATIONAL HIGHWAY DIVISION, DEOGHAR-814112**

**NATIONAL BIDDING/ e-Procurement Notice**
TenderReferenceNo:-**NH/Deoghar/03/2024-25** Dated:-**06.08.2024**
Application in the prescribed format from eligible consultants for Request for Proposal (RFP) on Preparation of Feasibility cum Detailed Project Report are invited for the following Project as detailed below:-

| | | |
|---|---|---|
| 1 | Name of Works | Consultancy Services for DPR Preparation for widening to 2 -Lane with paved shoulder from Km 30 to 57 of NH-333A in the State of Jharkhand on EPC mode including Bridges, Land Acquisition, Forest Clearance and Utility Shifting etc. |
| 2 | Cost of document(Rs.) | Copy of online receipt of Non - refundable fee of Rs.10,000/ -through NTRP portal - www.bharatkosh.gov.in to wards Payment of cost of bid document. |
| 3 | Bid Security (Rs.) | 2,00,000/ - |
| 4 | Time of Completion | 180Days(Including rainy season) |
| 5 | Date of Issue of Notice | Date: **06.08.2024** |
| 6 | Date of Publication of Tender on website | Date: **08.08.2024** at5:30PM |
| 7 | Bid Submission Start date | Date : **23.08.2024** at 5:30 PM |
| 8 | Last Date for Receiving Queries | Date: **09.09.2024 upto** 11:30AM |
| 9 | Pre-Bid Conference | Date: **09.09.2024** Time11:30AM Place: Office of the Chief Engineer,NHWing, Jharkhand, Ranchi. |
| 10 | Application/Bid Duedate | Date: **20.09.2024** upto3:00 PM Through website: https://www.eprocure.gov.in only |
| 11 | Last date of submission of online challan and others documents in original | Date: **20.09.2024** up to time 4:30PM |
| 12 | Last date of submission of hard copy of challan of bidding documents, bid security and others documents/POA etc. | Date: **20.09.2024** up to5:00PM in the office of the Chief Engineer,NHWing,Jharkhand, Ranchi. |
| 13 | Authority & Place of opening of Bids | The Chief Engineer, NH Wing, Jharkhand, Ranchi in his office at Engineering Hostel,Sector - 3,Dhurwa,Jharkhand, Ranchi. |
| 14 | Time & date of opening of bids | Date **23.09.2024** at Time3:30 PM Through website:https:// www.eprocure.gov.in |
| 15 | Validity of bid | 120 days from bid due date |
| 16 | Officer inviting bids | Executive Engineer, NH Division,Deoghar |
| 17 | Contact no.of procurement officer | 8789224908 |
| 18 | Helpline no.of e-procurement cell | 065112400863 |

Note:-Further detail scan be seen on website https;//eprocure.gov.in

Sd/- Executive Engineer
NH Division, Deoghar.

PR.NO.332168 Deoghar(24-25):D



**IN THE COURT OF THE CIVIL JUDGE (SENIOR DIVISION), KODALA**
**CIVIL SUIT - 24/2017**
S.B.I. (ADB), Polsara ...Plaintiff
Vrs.
Biswajit Panda & another ... Defendants

**Notice U/O. V. Rule 20 C.P.C.**
To,
**Biswajit Panda**
Aged about 32 years,
S/o. Subash Chandra Panda
At/P.O.: Dhunkapada,
P.S.: Polasara, Dist.: Ganjam

Whereas the plaintiff Bank has filed this suit against you for recovery of Rs.4,24,677/- (Rupees four lakhs twenty four thousand six hundred seventy seven only) with pendentilite and future interest at the contractual rate @ 11.25% P.A. You are hereby summoned to appear in this Court in person or by a pleader duly instructed and able to answer all material questions relating to the suit, or who shall accompanied by some person able to answer all such questions on the **29th day of August 2024 at 10.30 A.M.** to answer the claim and further you are hereby directed to file on that day a written statement of your defence and to produce on the said day all documents in your possession or poser upon which you base your defence or claim for set off or counter claim and where you rely on any other document whether in your possession or power or not, as evidence in support of your defence or claim for set off or counter claim, you shall enter such documents in a list to be annexed to the written statement.
Take notice that, in default of your appearance on the day before mentioned the suit will be heard and determined in your absence.
Given under my hand and the seal of the Court this 1st day of August, 2024.

**Sd./- Saroj Kumar Tripathy**
**Advocate for Plaintiff**
**Sd./- Civil Judge**
**Senior Division, Kodala**



**IN THE COURT OF THE CIVIL JUDGE (SENIOR DIVISION), KODALA**
**CIVIL SUIT - 31/2015**
S.B.I. (ADB), Polsara ...Plaintiff
Vrs.
Pranabesh Pradhan & another ... Defendants

**Notice U/O. V. Rule 20 C.P.C.**
To,
**Pranabesh Pradhan**
Aged about 37 years,
S/o. Pitabash Pradhan
At/P.O.: Chirikipadasason,
P.S.: Polasara, Dist.: Ganjam

Whereas the plaintiff Bank has filed this suit against you for recovery of Rs.2,18,608/- (Rupees two lakhs eighteen thousand six hundred eight only) with pendentilite and future interest at the contractual rate @ 12.75% P.A. You are hereby summoned to appear in this Court in person or by a pleader duly instructed and able to answer all material questions relating to the suit, or who shall accompanied by some person able to answer all such questions on the **29th day of August 2024 at 10.30 A.M.** to answer the claim and further you are hereby directed to file on that day a written statement of your defence and to produce on the said day all documents in your possession or poser upon which you base your defence or claim for set off or counter claim and where you rely on any other document whether in your possession or power or not, as evidence in support of your defence or claim for set off or counter claim, you shall enter such documents in a list to be annexed to the written statement.
Take notice that, in default of your appearance on the day before mentioned the suit will be heard and determined in your absence.
Given under my hand and the seal of the Court this 1st day of August, 2024.

**Sd./- Saroj Kumar Tripathy**
**Advocate for Plaintiff**
**Sd./- Civil Judge**
**Senior Division, Kodala**

## ସଂକ୍ଷେପରେ

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ବକ୍ତୃତା କାର୍ଯ୍ୟକ୍ରମ

ବ୍ରହ୍ମପୁର,୮।୮(ସ୍ୱାଧୀନ ଶେଖର ପାଢୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାରଳା ମହାଭାରତରେ ଆଧୁନିକତା ବିଷୟ ଉପରେ ଆଲୋଚନା ହୋଇଥିଲା। ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଶାନ୍ତିନିକେତନ (ପଶ୍ଚିମବଙ୍ଗ)ର ଓଡ଼ିଆ ବିଭାଗ ମୁଖ୍ୟ ତଥା ପ୍ରାକ୍ତନ ପ୍ରଫେସର ନିଳାଦ୍ରୀ ଭୂଷଣ ହରିଚନ୍ଦନ ଯୋଗଦେଇ ଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ବିଭାଗ ମୁଖ୍ୟ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, ବିଭାଗର ପ୍ରଫେସର ସଦାନନ୍ଦ ନାୟକ, ପ୍ରଫେସର ଲମ୍ବୋଦର ପାଣିଗ୍ରାହୀ, ଡ଼ ଦେବୀପ୍ରସଦ ଶତପଥୀ ଉପସ୍ଥିତ ଥିଲେ। ଡ. ସମୀର ଭୋଇ ସଂଯୋଜନା କରିଥିଲେ।

### ପୃଥକ୍ ଦୁର୍ଘଟଣାରେ ୨ ଯୁବକଙ୍କ ମୃତ୍ୟୁ

ବୁଗୁଡା,୮।୮(କାଳିଚରଣ ଦାଶ)–ବୁଗୁଡା ଥାନା ଅଞ୍ଚଳରେ ପୃଥକ୍ ବାଇକ୍ ଦୁର୍ଘଟଣାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ବୁଗୁଡା ବ୍ଲକ ଅନ୍ତର୍ଗତ କରଚୁଲି ଗାଁ ବଡସାହିର ରାଜେନ୍ଦ୍ର ନାୟକ (୪୦) ବୁଧବାର ରାତିରେ ରାଜେନ୍ଦ୍ର ବାଇକ୍‌ରେ ବୁଗୁଡ଼ାରୁ ଘରକୁ ଫେରୁଥିଲେ। ବି.କରଡ଼ାବାଡ଼ି ଓ ଟାକରଡା ରାସ୍ତା ମଝିରେ କାମରେ ନିୟୋଜିତ ଏଆର୍‌ଏସ୍‌ଏସ୍ କମ୍ପାନୀର ପେଭର ମେଶିନ ସହିତ ରାଜେନ୍ଦ୍ରଙ୍କ ବାଇକ୍ ଧକ୍କା ହେବାରୁ ସେ ଗୁରୁତର ହୋଇଥିଲେ। ବୁଗୁଡା ମେଡିକାଲରେ ରାଜେନ୍ଦ୍ରଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହକୁ ଜବତ କରି ଗୁରୁବାର ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସେହିପରି କଣିଆପଲ୍ଲୀ ଛକଠାରୁ ତୁଙ୍ଗାପଡା ରାସ୍ତାରେ ଗୁରୁବାର ସନ୍ଧ୍ୟାରେ ବାଇକ୍ ଧକ୍କାରେ ନୟାଗଡ ଜିଲା ଭାପୁର ବ୍ଲକ୍ କଇଁଠପୋଖରୀ ଗାଁର ମହେଶ୍ୱର ସ୍ୱାଇଁଙ୍କ ମୃତ୍ୟୁ ଘଟିଛି। ଏଆରଏସଏସ କମ୍ପାନୀର କର୍ମଚାରୀ ମହେଶ୍ୱର ଜଳଖିଆ ଖାଇବା ପାଇଁ କଣିଆପଲ୍ଲୀ ଛକ ନିକଟକୁ ଆସୁଥିବା ବେଳେ ଏକ ବାଇକ୍ ଧକ୍କା ଦେଇ ପଳାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଗ୍ରାମୀଣ ନାଟ୍ୟ ଦିବସ ପାଳିତ

ବ୍ରହ୍ମପୁର,୮।୮(ସ୍ମୃତି ରଞ୍ଜନ ମହାଲିକ)–ନିଖିଳ ଓଡିଶା ବରିଷ୍ଠ କଳାକାର ସଂଘ ପକ୍ଷରୁ ଗୁରୁବାର ପ୍ରକାଶମ ହଲ ପରିସରରେ ଗ୍ରାମୀଣ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ଏଥିରେ ଡା ତିରୁପତି ସାହୁ ଅଧ୍ୟକ୍ଷତା କରିଥିଲେ। ନାଟ୍ୟଶ୍ରୀ ଫାଉଣ୍ଡେଶନ ଅଧ୍ୟକ୍ଷ ଭବାନୀ ଶଙ୍କର ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ନାଟ୍ୟ ନିର୍ଦ୍ଦେଶକ ବିପିନ ମହାପାତ୍ର ମୁଖ୍ୟବକ୍ତା ଓ ବରିଷ୍ଠ ଶିକ୍ଷାବିତ ତଥା ଅଭିନେତା ଡ ବିଜୟ ଚନ୍ଦ୍ର ମହାରଣା, କଳାକାର ସଂଘର କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ଶିକ୍ଷାବିତ ନୀଳକଣ୍ଠ ନାଲା ଓ ନାଟ୍ୟକାର ଯୁଧିଷ୍ଠର ଭଞ୍ଜ ସାମନ୍ତ ସମ୍ମାନନୀୟ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଦିବସ ଗ୍ରାମୀଣ ସଂସ୍କୃତିକୁ ପରିପୃଷ୍ଟ କରିବାରେ ବିଶେଷ ଭୂମିକା ବହନ କରିବ ବୋଲି ଅତିଥିମାନେ ଆଶା ପୋଷଣ କରିଥିଲେ। ନାଟ୍ୟକାର ବିପିନ ମହାପାତ୍ରଙ୍କ ଶିଶୁ ନାଟ୍ୟ ସଂକଳନ ଫିଂଗିଲା କଟି ଲୋକାର୍ପିତ କରିବା ସହ ସୁନାମଧନ୍ୟ ସଂସ୍କୃତି ପ୍ରାଣୀ ବ୍ୟକ୍ତିତ୍ୱ ନାଟ୍ୟ କାରଣ ଇନ୍ଦ୍ରମଣି ବାରିକଙ୍କୁ ନାଟ୍ୟରତ୍ନ ଉପାଧିରେ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ମହାସଚିବ ସୁବାସ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିଲେ।

# ୨୦୨୭ ସୁଦ୍ଧା ଫାଇଲେରିଆ ମୂଳୋତ୍ପାଟନ ଲକ୍ଷ୍ୟ

## ୧୦ରୁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ

ବ୍ରହ୍ମପୁର, ୮।୮(ସୁବାସ ଚନ୍ଦ୍ର ପାଢ଼ୀ)



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅଧିକାରୀ।

ଗଞ୍ଜାମ ଜିଲାରୁ ୨୦୨୭ ସୁଦ୍ଧା ଫାଇଲେରିଆ ମୂଳୋତ୍ପାଟନ ପାଇଁ ଲକ୍ଷ୍ୟ ରଖାଯାଇଛି। ଚଳିତବର୍ଷ ଜିଲାର ୩୦ ଲକ୍ଷ ୫୬୮୯ ଲୋକଙ୍କୁ ସାମୂହିକ ଔଷଧ ସେବନ ଅଭିଯାନରେ ସାମିଲ କରାଯାଇଛି। ଜିଲାସ୍ତରରେ ଆସନ୍ତା ୧୦ ତାରିଖରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ଗୁରୁବାର ନଗର ଚିକିତ୍ସାଳୟ ଜାତୀୟ ସ୍ୱାସ୍ଥ୍ୟ ମିଶନ ସଭାଗୃହରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଚିକିତ୍ସା ଓ ଜନସାସ୍ଥ୍ୟ ଅଧିକାରୀ ଡାକ୍ତର ଉମାଶଙ୍କର ମିଶ୍ର ଏହା କହିଛନ୍ତି। ଅତ୍ୟାଧୁନିକ ମେଡ଼ିସିନ ଜାପାନ ଓ ଫ୍ରାନ୍ସରୁ ଆସିଛି। ଚଳିତବର୍ଷ ବ୍ରହ୍ମପୁର ମହାନଗର ନିଗମ ସମେତ ୩ ବ୍ଲକକୁ ଏହି ଅଭିଯାନରୁ ବାଦ ଦିଆଯାଇଛି। ଜିଲାର ୧୯ ବ୍ଲକ, ୧୩ ଏନଏସି,ଗୋଟିଏ ପୌରପାଳିକା ଓ ୪୧୮ ପଞ୍ଚାୟତରେ ସାମୂହିକ ଔଷଧ ସେବନ ହେବ ବୋଲି ଜିଲା ଚିକିତ୍ସାଧିକାରୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ୧୨ହଜାର ୨୨ଜଣ ସାସ୍ଥ୍ୟକର୍ମୀ, ଆଶା ପ୍ରମୁଖଙ୍କ ସମେତ ୧୨୬୭ ସୁପରଭାଇଜର ନିୟୋଜିତ ଅଛନ୍ତି। ଜିଲାରେ ୨୭୨୦ ଆଶା ଗୃହରେ ଔଷଧ ଖୁଆଇବା ବ୍ୟବସ୍ଥା କରାଯାଇଛି। ବର୍ଷକୁ ଥରେ ନିଜେ ଖାଇବେ ଓ ଅନ୍ୟକୁ ଖୁଆଇବେ ବୋଲି ସିଡିଏମଓ ମିଶ୍ର ଅନୁରୋଧ କରିଛନ୍ତି। ୭୫ଲକ୍ଷ ୧୪୨୨୩ ଡିଇସି ବଟିକା, ସମ ପରିମାଣରେ ଆଇଭରମେକ୍ଟିନ ବଟିକା ଓ ୩୦ଲକ୍ଷ ୫୬୮୯ ଏଲବେଣ୍ଡାଜେଲ ବଟିକା ମହଜୁଦ ରହିଛି। ଏହି ଅଭିଯାନ ଆସନ୍ତା ୧୦ ତାରିଖରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଶୁଭାରମ୍ଭ ହେବ ବୋଲି ସେ କହିଥିଲେ। ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟଧିକାରୀ (ଭେକ୍ଟର ବାହିତ ରୋଗ) ଡା. ସନ୍ତୋଷ କୁମାର ପାଢୀ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରକଳ୍ପ ଅଧିକାରୀ ଶ୍ୟାମ ସୁନ୍ଦର ତ୍ରିପାଠୀ, ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ପକ୍ଷରୁ ଜିଲାରେ କାର୍ଯ୍ୟରତ ଡା. ନିଷିତ ଯୋଗଦେଇ ସାମୂହିକ ଔଷଧ ସେବନ ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏବେ ଔଷଧ ଖୁଆଯିବ। ସମସ୍ତେ ଡ଼ିଇସି, ଆଇଭରମେକ୍ଟିନ ଓ ଆଲବେଣ୍ଡାଜୋଲ ବଟିକା ଖାଇବା ଜରୁରୀ। ଚଳିତବର୍ଷ ସମସ୍ତ ସରକାରୀ, ବେସରକାରୀ, ସ୍କୁଲ ଓ କଲେଜ ସମେତ ସମସ୍ତ କାର୍ଯ୍ୟାଳୟ ଓ କାରାଖାନାକୁ ମଧ୍ୟ ସାମିଲ କରାଯାଇଛି। ୧୯ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ସେହିଭଳି ୨ରୁ କମ ବର୍ଷର ଶିଶୁ, ଗର୍ଭବତୀ ମହିଳା ଓ ସାଂଘାତିକ ରୋଗରେ ପିଡ଼ିତ ବ୍ୟକ୍ତି ଉକ୍ତ ଔଷଧ ନ ଖାଇବା ପାଇଁ ପରାମର୍ଶ ଦିଆଯାଇଛି। ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ଜିଲା ସଂଯୋଜକ ସୁଜିତ କୁମାର କାର୍ଜି ସମ୍ମିଳନୀ ସଂଯୋଜନା କରିଥିଲେ।

# ଆଜିଠୁ ଓଡିଶା ଭାରୋତ୍ତୋଳନ ଚାମ୍ପିୟନଶିପ୍

ବ୍ରହ୍ମପୁର,୮।୮(ସ୍ୱାଧୀନ ଶେଖର ପାଢୀ)

ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଗଞ୍ଜାମ ଭାରୋତ୍ତୋଳନ ଏକାଡ଼େମୀରେ ଶୁକ୍ରବାରଠାରୁ ୭୧ତମ ଓଡିଶା ଭାରୋତ୍ତଳନ ପ୍ରତିଯୋଗିତା ଆରମ୍ଭ ହେବ। ଏନେଇ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଓଡ଼ିଶା ଭାରୋତ୍ତୋଳନ ସଂଘ ସୂଚନା ଦେଇଛି। ୩ ଦିନିଆ ପ୍ରତିଯୋଗିତାରେ ଉଭୟ ମହିଳା ଓ ପୁରୁଷ ବିଭାଗ ପ୍ରତିଯୋଗୀ ଭାଗ ନେବେ। ଏଥିରେ ବରିଷ୍ଠ ଓ କନିଷ୍ଠ ପୁରୁଷ, ବରିଷ୍ଠ ଓ କନିଷ୍ଠ ମହିଳା, ଯୁବ ବାଳିକା ଓ ବାଳକ ବର୍ଗ ରହିଛି। ଖୋର୍ଦ୍ଧା, କଟକ, ଗଞ୍ଜାମ, ମୟୂରଭଞ୍ଜ, ବାଲେଶ୍ୱର, ପୁରୀ, ବଲାଙ୍ଗୀର, ସୁନ୍ଦରଗଡ, ରାଉରକେଲା ଷ୍ଟିଲପ୍ଲାଣ୍ଟ, ରାୟଗଡ଼ା, ଢେଙ୍କାନାଳ,ନବରଙ୍ଗପୁର, ଦେବଗଡ଼ ଓ କେନ୍ଦ୍ରାପଡା ଜିଲାର ୧୨୦ ପୁରୁଷ, ୪୦ ମହିଳା ପ୍ରତିଯୋଗୀ ଏଥିରେ ଭାଗନେବେ। ଖେଳକୁ ସୂଚାରୁ ରୂପେ ପରିଚାଳନା ପାଇଁ ୫୦ ଅଫିସିଆଲ ରହିବେ। ମହିଳା ଓ ପୁରୁଷ ବିଭାଗର ବରିଷ୍ଠ, କନିଷ୍ଠ ଓ ଯୁବ ବିଭାଗର


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଓଡ଼ିଶା ଭାରୋତ୍ତୋଳନ ସଂଘ ନେତୃବୃନ୍ଦ।

ସର୍ବଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ବେଷ୍ଟ ଲିଫ୍ଟର ପୁରସ୍କାର ପ୍ରଦାନ କରାଯିବ। ଉକ୍ତ ପ୍ରତିଯୋଗିତାରୁ ଆସନ୍ତା ଜାତୀୟ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ ହେବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଜାତୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ୧ଲକ୍ଷ ୧୧ହଜାର, ରୌପ୍ୟ ପଦକ ବିଜେତାଙ୍କୁ ୫୫ ହଜାର ଓ ବ୍ରୋଞ୍ଜ ପଦକ ପାଇଁ ୨୫ହଜାର ପୁରସ୍କାର ପ୍ରଦାନ କରାଯିବ ବୋଲି ଗଞ୍ଜାମ ଭାରୋତ୍ତଳନ ସଂଘର ସଭାପତି କୁମୁଦ ଚନ୍ଦ୍ର ସାହୁ ଘୋଷଣା କରିଛନ୍ତି। ଖବରଦାତା ସମ୍ମିଳନୀରେ ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ତଥା ଅଲିମ୍ପିଆନ କେ.ରବିକୁମାର, ଗଞ୍ଜାମ ଭାରୋତ୍ତୋଳନ ସଙ୍ଘର ସମ୍ପାଦକ ସୁଧୀର କୁମାର ପାତ୍ର ଓ ରାଜ୍ୟ ଓ ଜିଲା ସଙ୍ଘର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଚା'କ୍ୟାବିନରୁ ଟଙ୍କା ଚୋରି

ବ୍ରହ୍ମପୁର, ୮।୮(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଲାଞ୍ଜିପଲ୍ଲୀ ଶିଶୁ ଉଦ୍ୟାନ ନିକଟ ଏକ ଚା' କ୍ୟାବିନରୁ ଟଙ୍କା ଓ ସାମଗ୍ରୀ ଚୋରି ହୋଇଛି। କ୍ୟାବିନ ପଛପଟ ଟିଣ ତାଡ଼ି ୮ ହଜାର ଟଙ୍କା , ଚା' ଗୁଣ୍ଡ, ଅମୂଲ, ବିସ୍କୁଟ ଓ ପୁଡ଼ିଆ ଚୋରି ଦୁର୍ବୃତ୍ତ ଚୋରି କରି ନେଇଛନ୍ତି। ଏନେଇ ଦୋକାନ ମାଲିକ ଲାଞ୍ଜିପଲ୍ଲୀ ଖଳା ସାହିର ଟି. ମୋହନ ରାଓ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଛି। ନାବାଳକ ଗ୍ୟାଙ୍ଗର ସମ୍ପୃକ୍ତି ନେଇ ପୋଲିସ ସନ୍ଦେହ କରୁଛି। ମାଲିକ ବୁଧବାର ରାତି ୯ଟାରେ କ୍ୟାବିନ ବନ୍ଦ କରି ଘରକୁ ଯାଇଥିଲେ। ଗୁରୁବାର ସକାଳୁ କ୍ୟାବିନ ଖୋଲିବାବେଳେ ଉପରୋକ୍ତ ସାମଗ୍ରୀ ଗାଏବ ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏକ ବକ୍ସରେ ସେ ରଖିଥିବା ୮ହଜାର ଟଙ୍କା ମଧ୍ୟ ଚୋରି ହୋଇଯାଇଥିଲା। କ୍ୟାବିନ ପଛପଟ ଟିଣ ଭଙ୍ଗା ଯାଇଥିବା ଦେଖିବାକୁ ମିଳିଥିଲା। ପୋଲିସ ଛାନଭିନ ଆରମ୍ଭ କରିଛି। ଉକ୍ତ ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ କଡାକଡି କରିବାକୁ ସାଧାରଣରେ ଦାବି ହୋଇଛି।

## ପାରଳା ମହାରାଜା ଇଞ୍ଜିନିୟରିଂ କଲେଜରେ ଚାରାରୋପଣ

ବ୍ରହ୍ମପୁର,୮।୮(ସ୍ୱାଧୀନ ଶେଖର ପାଢୀ)

ପାରଳା ମହାରାଜା ଇଞ୍ଜିନିୟରିଂ କଲେଜ ରାଷ୍ଟ୍ରୀୟ ସେବା ସଂସ୍ଥାନ ଓ ଘରୋଇ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ଲକ୍ଷ୍ମୀପୁର ଗ୍ରାମରେ ଏକ ଚିକିତ୍ସା ଶିବିର ଓ ଶୀତଳାପଲ୍ଲୀଠାରେ ଚାରାରୋପଣ କାର୍ଯ୍ୟକ୍ରମ ହୋଇଛି। ଶିବିରରେ ଚର୍ମ, ଚକ୍ଷୁ ରୋଗ, ସାଧାରଣ ଚିକିତ୍ସା, ସ୍ତ୍ରୀ ରୋଗ ବିଶେଷଜ୍ଞ ଓ ଶିଶୁ ଚିକିତ୍ସକ ଉପସ୍ଥିତ ଥିଲେ। ପ୍ରାୟ ୧୦୦ ଗ୍ରାମବାସୀ କ୍ୟାମ୍ପରେ ଚିକିତ୍ସା ସୁବିଧା ପାଇଥିଲେ। ପୋଷ୍ୟ ଗ୍ରାମ ଶୀତଳାପଲ୍ଲୀ ଠାରେ ଚାରାରୋପଣ ହୋଇଥିଲା। ସେହିଭଳି ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ତଥା ଶୀତଳାପଲ୍ଲୀ ଗ୍ରାମବାସୀଙ୍କ ଉଦ୍ୟମରେ ୮୪୦ ଚାରା ରୋପଣ କରାଯାଇଥିଲା। ସୋମବାରଠାରୁ ପାରଳା ମହାରାଜା ଇଞ୍ଜିୟରିଙ୍ଗ କଲେଜରେ ଆୟୋଜିତ ଶିବିରରେ ଘରୋଇ ହସ୍ପିଟାଲର ସମସ୍ତ ଡାକ୍ତର, ସେଠାକାର କର୍ମଚାରୀ, କଲେଜ ପ୍ରୋଗ୍ରାମିଂ ଅଫିସର ଡ. ଚିତ୍ତରଞ୍ଜନ ମଲ୍ଲିକ ଓ ସ୍ୱେଚ୍ଛାସେବୀଙ୍କ ମିଳିତ ସହଯୋଗରେ କାର୍ଯ୍ୟକ୍ରମ ହୋଇଛି।

## ଯୁଗ୍ମ କୁଳସଚିବଙ୍କୁ କର୍ମଚାରୀ ସଂଘର ସମ୍ବର୍ଦ୍ଧନା


ଯୁଗ୍ମ କୁଳସଚିବଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବ୍ରହ୍ମପୁର,୮।୮(ସ୍ୱାଧୀନ ଶେଖର ପାଢୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘ ପକ୍ଷରୁ ଗୁରୁବାର ନୂତନ ଯୁଗ୍ମ କୁଳସଚିବ ଡ ବାବୁଜୀ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କର୍ମଚାରୀଙ୍କ ଥିବା ସମସ୍ୟା ସଂକ୍ରାନ୍ତରେ ଡ. ସାମଲଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସମସ୍ୟା କିପରି ସମାଧାନ ହେବ ସେଥି ପ୍ରତି ଦୃଷ୍ଟି ଦେବେ ବୋଲି ଯୁଗ୍ମ କୁଳସଚିବ କହିଥିଲେ। ସଂଘର ସଭାପତି ଡ.ମିହିର କୁମାର ତ୍ରିପାଠୀ, ଉପଦେଷ୍ଟା ଡ. ଶଙ୍କର ମାଝୀ, ଏ. ସୂରିୟା ପ୍ରକାଶ ରାଓ, କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର ପାତ୍ର, ଉପସଭାପତି ଇନ୍ଦ୍ର ପ୍ରସାଦ ବେହେରା, ଉପେନ୍ଦ୍ର ପାଳ, ଏନ. ଭୀମରାଜୁ ରେଡ୍ଡୀ, ସମ୍ପାଦକ ସଂଗ୍ରାମ ନାୟକ, ମନୋଜ ଶତପଥୀ, ଦେବୀ ବେହେରା, ଉମା ବିଷୋୟୀ, କୁରେଶ ଚୌଧୁରୀ, ବିଭୁଦତ୍ତ ମହାରଣା, ତ୍ରିନାଥ ରେଡ୍ଡୀ, ଏସ. କ୍ରିଷ୍ଣା ରେଡ୍ଡୀ, ଭଗବାନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ନକଲି ଇଞ୍ଜିନ ଅଏଲ କାରଖାନା ମାଲିକ ସମେତ ୩ ଗିରଫ

ବ୍ରହ୍ମପୁର,୮।୮( ସୁବାସ ଚନ୍ଦ୍ର ପାଢ଼ୀ):

ବଡବଜାର ଥାନା ଆସିକା ରୋଡ ମିଲ ରୋଡ ସାହିର ଏକ ଭଡାଘରୁ ନକଲି ଇଞ୍ଜିନ ଅଏଲ କାରଖାନା ଠାବ ଘଟଣାରେ ପୋଲିସ ଏହାର ମାଲିକଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନକଲି କାରଖାନା ମାଲିକ ତଥା ଗାନ୍ଧୀନଗର ୯ମ ଲାଇନର ମହମ୍ମଦ ଇଜାଜ, ୨ କର୍ମଚାରୀ ଗେଟବଜାରର ମନୋଜ କୁମାର ସାହୁ ଓ ଗୋଇଲୁଣ୍ଡି ଛକର ମନୁ ପାତ୍ର। ଏ ନେଇ ନଂ.୨୬୫/୨୪ରେ ମାମଲା ରୁଜୁ କରାଯାଇ ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। କାରଖାନା ପାଇଁ କଟକରୁ ପୋଡା ଅଏଲ, କଲିକତାରୁ ଖାଲି ବୋତଲ, ଠିପି, ରଙ୍ଗ ଏବଂ ବିଭିନ୍ନ ନାମିଦାମୀ କମ୍ପାନୀ ନାଁରେ ଷ୍ଟିକର ମଗାଯାଉଥିଲା ବୋଲି ପୋଲିସ ତଦନ୍ତରୁ ଜଣାପଡିଛି । ଅଭିଯୁକ୍ତମାନେ ସେଠାରେ ସର୍ଭୋ, ବଜାଜ, କାଷ୍ଟ୍ରୋଲ ଭଳି ଦାମୀ କମ୍ପାନୀର ନକଲି ଇଞ୍ଜିନ ଅଏଲ ପ୍ରସ୍ତୁତ କରିବା ପରେ ବ୍ରହ୍ମପୁର ସହର ସମେତ ଆଖାପାଖରେ ଥିବା ଲୁବ୍ରିକାଣ୍ଟ ଦୋକାନକୁ ଯୋଗାଣ କରୁଥିଲେ। ବୁଧବାର ନକଲି କାରଖାନା ବିଷୟରେ ଜାଣି ପୋଲିସ ଚଢଉ କରି ମନୋଜ ଓ ମନୁଙ୍କୁ ଧରିଥିଲା। ପରେ ମାଲିକ ଇଜାଜକୁ କାବୁ କରିଥିଲା।

# ଶାନ୍ତି ମିଶ୍ର ହତ୍ୟା ମାମଲା:୯ ଅଭିଯୁକ୍ତଙ୍କ ବୟାନ ରେକର୍ଡ, ୧୬ରେ ପରବର୍ତ୍ତୀ ଶୁଣାଣି

ବ୍ରହ୍ମପୁର,୮।୮(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରର ବହୁଚର୍ଚ୍ଚିତ ଶାନ୍ତି ମିଶ୍ର ହତ୍ୟା ମାମଲା ୧୧ ବର୍ଷ ହେଲା କୋର୍ଟରେ ବିଚାର ଚାଲିଛି। ଏହି ମାମଲା ଏବେ ଜିଲା ଓ ଦୌରାଜଜ ରୂପଶ୍ରୀ ଚୌଧୁରୀଙ୍କ କୋର୍ଟରେ ବିଚାରାଧୀନ ରହିଛି। ମାମଲାର ଅଭିଯୁକ୍ତ ସନ୍ତୋଷ ପାଣିଗ୍ରାହୀ ଓରଫ ଇଚିଲିଙ୍କ ସମେତ ୯

### ମଉଜ ମିଶ୍ରଙ୍କ ନାମରେ ୱାରେଣ୍ଟ

ଅଭିଯୁକ୍ତ ଗୁରୁବାର କୋର୍ଟରେ ହାଜର ହୋଇଥିଲେ। ସେମାନଙ୍କ ବୟାନ ରେକର୍ଡ କରାଯାଇଛି। ଏଥିରେ ଅଭିଯୁକ୍ତ ଥିବା ସତୀଶ କୁମାର ମିଶ୍ର ଓରଫ ମଉଜ ବିଚାର ବେଳେ କୋର୍ଟରେ ହାଜର ହୋଇ ନ ଥିବାରୁ ତାଙ୍କ ନାମରେ ୱାରେଣ୍ଟ ଜାରି ହୋଇଛି। ମାମଲାର ପରବର୍ତ୍ତୀ ବିଚାର ପାଇଁ କୋର୍ଟ ପକ୍ଷରୁ ଆସନ୍ତା ୧୬ ତାରିଖ ଦିନ ଧାର୍ଯ୍ୟ କରାଯାଇଛି ବୋଲି ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ପବ୍ଲିକ ପ୍ରସିକ୍ୟୁଟର ତ୍ରିଲୋଚନ ପରିଡା କହିଛନ୍ତି। ଶାନ୍ତି ପ୍ରସାଦ ମିଶ୍ରଙ୍କ ନାମରେ ଏକାଧିକ ମାମଲା ଥିଲା। ଗତ ୨୦୧୩ ଜାନୁଆରୀ ୨୯ ତାରିଖ ସକାଳେ ଶାନ୍ତି ମିଶ୍ର ଗୋଷାଣିନୂଆଗାଁ ଥାନାକୁ ଯାଇ ହାଜିରା ଦେଇଥିଲେ। ସେଠାରୁ ସେ ବାଇକରେ ଫେରୁଥିବାବେଳେ ଗୁଣ୍ଡିଚା ମନ୍ଦିର ନିକଟରେ କେତେଜଣ ଦୁର୍ବୃତ୍ତ ତାଙ୍କ ଗାଡି ଅଟକାଇ ଥିଲେ। ସେ ଖସିଯିବାକୁ ଉଦ୍ୟମ କରିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣି ହତ୍ୟା କରିଥିଲେ। ଅଭିଯୋଗ ପରେ ପୋଲିସ ନଂ.୧୧/୧୩ରେ ଏକ ହତ୍ୟା ମାମଲା ରୁଜୁ କରି ୧୧ ଜଣଙ୍କୁ ଗିରଫ କରିଥିଲା।

## ସିଦ୍ଧ ଭୈରବୀ ପୀଠରେ ଆକ୍ରମଣ ଘଟଣା, ୮ ଗିରଫ

ଗୋପାଳପୁର,୮।୮(ନବୀନ ରାଜ ଆଚାରୀ):

ମନ୍ତ୍ରୀଡ଼ିସ୍ଥିତ ସିଦ୍ଧ ଭୈରବୀ ମନ୍ଦିର ପରିଚାଳନା ଓ ମାଳିଙ୍କ ବାଦ ବିବାଦରେ ମାଳିଙ୍କୁ ଆକ୍ରମଣ ଘଟଣାରେ ଗୋଳନ୍ଥରା ଥାନା ପୋଲିସ ଗୁରୁବାର ୮ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ହରଡ଼ଙ୍ଗ ଗ୍ରାମର ଜି. ଲବ ରେଡ୍ଡୀ, ଡ଼ି. ରତ୍ନାକର ରେଡ୍ଡୀ, ଜି କାମେଶ ରେଡ୍ଡୀ, ବି ପାପେୟ ରେଡ୍ଡୀ, ଡ଼ି ମୋହନ ରେଡ୍ଡୀ, ଜେ. ପୁରୁଷୋତ୍ତମ ରେଡ୍ଡୀ, ଟି. ଦିଗାମ୍ବର ସ୍ୱାମୀ, ୟୁ ପୁରୁଷୋତ୍ତମ ରେଡ୍ଡୀ। ଘଟଣା ପରଠାରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ବେଳେ ପୋଲିସ ସେମାନଙ୍କୁ ଚିହ୍ନଟ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଗୁରୁବାର ସକାଳେ ଲବ, ରତ୍ନାକର ଓ କାମେଶଙ୍କୁ ଓ ଅପରାହ୍ନରେ ପାପେୟ, ମୋହନ, ଜେ ପୁରୁଷୋତ୍ତମ, ଦିଗାମ୍ବର ଓ ୟୁ.ପୁରଷୋତ୍ତମଙ୍କୁ ୩୧୪/୨୪ ପ୍ରକାରେ ଗିରଫ କରାଯାଇଥିଲା। ସିଦ୍ଧ ଭୈରବୀ ମନ୍ଦିରକୁ ନେଇ ମାଳି ଓ ପରିଚାଳନା କମିଟି ମଧ୍ୟରେ ବାଦ ବିବାଦ ଲାଗି ରହିଥିଲା। ଦେବତ୍ତର ବିଭାଗ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଦେବତ୍ତର ବିଭାଗର ଡେପୁଟି କମିଶନର ଓ ଅନ୍ୟ ଅଧିକାରୀମାନେ ମନ୍ଦିର ଗସ୍ତ କରିଥିଲେ। ଡେପୁଟି କମିଶନରଙ୍କ ଉପସ୍ଥିତିରେ ମାଳି ଓ ପରିଚାଳନା କମିଟି ସଦସ୍ୟମାନଙ୍କ ମଧ୍ୟରେ ଆଲୋଚନା ଚାଲିଥିଲା। ଏହି ସମୟରେ ଉଭୟଙ୍କ ମଧ୍ୟରେ କଥା କଟାକଟି ଚାଲିଥିବା ବେଳେ ହରଡ଼ଙ୍ଗ ଗ୍ରାମର କେତେଜଣ ଲୋକ ମାଳିମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ୫ଜଣ ଆହତ ହୋଇଥିଲେ। ଏ ନେଇ ସମୀର ରଣା ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ।

# ଗଞ୍ଜେଇ ଚାଲାଣକାରୀଙ୍କୁ ୧୦ ବର୍ଷ ଜେଲ, ୧ ଲକ୍ଷ ଜରିମାନା

ବ୍ରହ୍ମପୁର,୮।୮(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଅତିରିକ୍ତ ଜିଲା ଜଜ–୧ ଡ. ଇନ୍ଦୁ ଶର୍ମା ଗୁରୁବାର ଏକ ଗଞ୍ଜେଇ ଚାଲାଣ ମାମଲାର ରାୟ ପ୍ରକାଶ କରିଛନ୍ତି। ସେ ଅନୁଗୋଳ ଜିଲାର ମନୋଜ ବାଘାଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ଜେଲ ଦଣ୍ଡ ଦେଇଛନ୍ତି। ଏଥିସହ ୧ ଲକ୍ଷ ଟଙ୍କା ଜରିମାନା ଦେବାକୁ ଜଜ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୧ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ୨୦୨୩ ଜୁନ ୭ ତାରିଖ ଭୋରୁ ଆସିକା ପଟୁ ବ୍ରହ୍ମପୁର ସହରକୁ ଏକ କାରରେ ଗଞ୍ଜେଇ ଚାଲାଣ ହେଉଥିବା ଅବକାରୀ ଗୋଇନ୍ଦା ବିଭାଗକୁ ଖବର ମିଳିଥିଲା। ବିଭାଗର ସବ ଇନ୍ସପେକ୍ଟର ଅଜିତ କୁମାର ନାୟକ ଓ ତାଙ୍କ ଟିମ ଆଙ୍କୁଶପୁର ଛକରେ ଉକ୍ତ କାରକୁ ଯାଞ୍ଚ କରିଥିଲେ। ତା' ଭିତରୁ ୬୦କେଜି ଗଞ୍ଜେଇ ମିଳିଥିଲା। ନଂ. ୯୧/୨୩ରେ ଏକ ମାମଲା ରୁଜୁ କରି କାର ଚାଳକ ମନୋଜଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ତଦନ୍ତ ଅଧିକାରୀ ନାୟକ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ । ମାମଲାର ବିଚାର ବେଳେ ମୋଟ ୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣଙ୍କୁ ଭିତ୍ତିକରି ଜଜ ଦଣ୍ଡାଦେଶ ଶୁଣାଇଥିଲେ । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନରେଶ ପ୍ରସାଦ ପାତ୍ର ମକଦ୍ଦମା ପରିଚାଳନା କରୁଥିଲେ ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଫାଇଲେରିଆ ନିରାକରଣ ସଚେତନତା



କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର ଛାତ୍ରୀଛାତ୍ର ଓ ଅଧିକାରୀ।

ବ୍ରହ୍ମପୁର,୮।୮(ସ୍ୱାଧୀନ ଶେଖର ପାଢୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଅଧୀନରେ ଫାଇଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ ସ୍ନାତକୋତ୍ତର ପରିଷଦ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଜାତୀୟ ସେବା ଯୋଜନାର ମିଳିତ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆଞ୍ଚଳିକ କାର୍ଯ୍ୟକାରୀ ଅଧିକାରୀ ଡ.ନିଶିଥ ରଞ୍ଜନ ଦାସ ଯୋଗଦେଇ ଫାଇଲେରିଆ ନିରାକରଣ ଉପରେ କହିଥିଲେ। ଜିଲା ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ଅଧିକାରୀ ସୁଜିତ କାର୍ଜୀ ଏହା ଉପରେ ଉପାଦେୟ ତଥ୍ୟ ରଖିଥିଲେ। ଜାତୀୟ ସେବା ଯୋଜନା ସଂଯୋଜକ ପ୍ରଫେସର ଜୟନ୍ତ ପଣ୍ଡା ଆସନ୍ତା ୧୦ ତାରିଖରୁ ଫାଇଲେରିଆ ଔଷଧ ସେବନ କାର୍ଯକ୍ରମରେ ଯୋଗ ଦେବାକୁ ଆହ୍ୱାନ ଦେଇଥିଲେ। ଜିଲା ଜାତୀୟ ସେବା ଯୋଜନା ଅଧିକାରୀ ଗଣେଶ ସାହୁ, ଜାତୀୟ ସେବା ଯୋଜନାର କାର୍ଯକାରୀ ଅଧିକାରୀ ଡ. ଶଙ୍କର୍ଷଣ ମଲ୍ଲିକ ଫାଇଲେରିଆ ସଚେତନତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ୮୦୦ ଛାତ୍ରୀ ନାମ ଲେଖାଇ ବ୍ରହ୍ମପୁର ଆଇଟିଆଇର ରେକର୍ଡ

ବ୍ରହ୍ମପୁର,୮।୮(ସ୍ୱାଧୀନ ଶେଖର ପାଢୀ)



ଶିଳ୍ପ ତାଲିମ ଓ ବିଦ୍ୟାର୍ଥୀଙ୍କୁ ସ୍ୱାବଲମ୍ବୀ କରିବାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବ୍ରହ୍ମପୁର ଆଇଟିଆଇ (ଶିଳ୍ପ ତାଲିମ ଅନୁଷ୍ଠାନ)। ଏହି ଅନୁଷ୍ଠାନ ଚଳିତ ଶିକ୍ଷା ବର୍ଷରେ ୮୦୦ ଛାତ୍ରୀଙ୍କୁ ନାମ ଲେଖାଇ ରେକର୍ଡ କରିଛି। ଆଇଟିଆଇ ଇତିହାସରେ ଏତେ ସଂଖ୍ୟକ ଛାତ୍ରୀ ନାମ ଲେଖାଇବା ପ୍ରଥମ ହୋଇଥିବା ବେଳେ ରାଜ୍ୟରେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରିଛି। ବିଭିନ୍ନ ସମୟରେ ନିଜର ଉତ୍ତମ କଳା ସାଙ୍ଗକୁ ଛାତ୍ରୀଛାତ୍ରଙ୍କ ଜ୍ଞାନ କୌଶଳ ଲାଗି ଭାରତ ବର୍ଷରେ ନିଆରା ପରିଚୟ ସୃଷ୍ଟି କରିଛି ଏହି ଅନୁଷ୍ଠାନ। ଏଠାରେ ପଢ଼ିବା ପରେ ବହୁ ବିଦ୍ୟାର୍ଥୀ ବିଭିନ୍ନ ସ୍ଥାନରେ ରୋଜଗାରକ୍ଷମ ହୋଇ ପାରିଛନ୍ତି। ବ୍ରହ୍ମପୁର ଆଇଟିଆଇର ୱେଷ୍ଟ ଟୁ ୱେଲଥ' ମଡେଲ ସାରା ବିଶ୍ୱରେ ଚର୍ଚ୍ଚିତ ହୋଇଛି। ଏଠାରେ ଏବେ ଇଲେକ୍ଟ୍ରିସିଆନ, ଫିଟର, ଇଲେକ୍ଟ୍ରୋନିକସ, ଲିଫ୍ଟ ଆଣ୍ଡ ଏସ୍କାଲେଟର୍ ମେକାନିକ, ପେଣ୍ଟର ଜେନେରାଲ, ଫାୟାରମ୍ୟାନ, ଫ୍ରିଜ୍ ଆଣ୍ଡ ଏସି ଟେକ୍ନିସିଆନ, ମେକାନିକ ଏଗ୍ରିକଲଚର୍ ମେସିନାରୀ, ସୋଲାର୍ ଟେକ୍ନିସିଆନ ଭଳି ୨୭ ଟ୍ରେଡ ରହିଛି। ତେଣୁ ଅନୁଷ୍ଠାନରେ ନାମ ଲେଖାଇବା ନିମନ୍ତେ ଛାତ୍ରୀଛାତ୍ର ଆଗ୍ରହ ପ୍ରକାଶ କରୁଛନ୍ତି। ବିଭିନ୍ନ ଟ୍ରେଡରେ ମୋଟ ୨୧୯୨ ସିଟ ରହିଥିବା ଥିବା ବେଳେ ସେଥି ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୮୦୦ ସିଟ ପୂରଣ ହୋଇଛି। ଆଗକୁ ସ୍ପଟ ଆଡ଼ମିସନ ନିମନ୍ତେ ନାମଲେଖା ରହିଥିବା ବେଳେ ଏହି ସଂଖ୍ୟାରେ ବୃଦ୍ଧି ହେବ। ଏହା ସହିତ ଛାତ୍ରୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ହେବ ବୋଲି ବ୍ରହ୍ମପୁର ଆଇଟିଆଇ ପକ୍ଷରୁ କୁହାଯାଇଛି। ଗତ ମାସରେ ସାଧାରଣ ଶିକ୍ଷା ଏବଂ ପ୍ରଶିକ୍ଷଣ ନିର୍ଦ୍ଦେଶକ(ଡ଼ିଜିଇଟି)ର ଅନୁମତି ପରେ ବିଭିନ୍ନ ବିଭାଗରେ ସିଟ ସଂଖ୍ୟା ୨୩୭୬କୁ ବୃଦ୍ଧି ପାଇଛି। ଅନୁମୋଦନ ପୂର୍ବରୁ କୋଲିକତା ସ୍ଥିତ ନ୍ୟାସନାଲ ସ୍କିଲ ଟ୍ରେନିଂ ଇନିଷ୍ଟିଚ୍ୟୁଟର ଟିମ ମେ' ମାସରେ ବ୍ରହ୍ମପୁର ଆଇଟିଆଇ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହ ଭିତ୍ତିଭୂମି ରିପୋର୍ଟ ନେଇ ଫେରିଥିଲେ। ଗୁଜୁରାଟ ଅହମ୍ମଦାବାଦସ୍ଥିତ କୁବେରନଗର ଆଇଟିଆଇରେ ସର୍ବାଧିକ ୪୨୮୪ ସିଟ ରହିଥିବା ବେଳେ ଉକ୍ତ ଅନୁଷ୍ଠାନ ପ୍ରଥମ ସ୍ଥାନରେ ରହିଛି। ଏହା ପରେ ବ୍ରହ୍ମପୁର ଆଇଟିଆଇ ଷଷ୍ଠ ସ୍ଥାନରୁ ଦ୍ୱିତୀୟ ସ୍ଥାନକୁ ଆସିଛି।

# ଛାତ୍ରୀଛାତ୍ରଙ୍କ ନାମଲେଖାରେ ୨୭% ସଂରକ୍ଷଣ ଲାଗୁ କରାଯାଉ

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଭାଜପା ଓବିସି ମୋର୍ଚ୍ଚା ପ୍ରତିନିଧି ଦଳ

ଭୁବନେଶ୍ୱର, ୮।୮ (ସୁନିତ୍ ମିଶ୍ର)



ରାଜ୍ୟ ଅତିଥିଭବନଠାରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭାଜପା ଓବିସି ମୋର୍ଚ୍ଚାର ପ୍ରତିନିଧି ଦଳ ଭେଟୁଛନ୍ତି।

କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାଜପା ସରକାର ପଛୁଆବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ କଲ୍ୟାଣମୂଳକ ଯୋଜନାର ଉପଯୁକ୍ତ କାର୍ଯ୍ୟାନ୍ୱୟନ କରୁଥିବାବେଳେ ରାଜ୍ୟରେ ଗତ ବିଜେଡି ସରକାରର ଆନ୍ତରିକତାର ଅଭାବ ଯୋଗୁ ପଛୁଆବର୍ଗର ବ୍ୟକ୍ତିବିଶେଷ ଏ ସମସ୍ତ ସୁବିଧାରୁ ବଞ୍ଚିତ ହୋଇଛନ୍ତି । କେନ୍ଦ୍ର ଏବଂ ଅନ୍ୟାନ୍ୟ ରାଜ୍ୟର ସରକାର ଶିକ୍ଷା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ନାମଲେଖା ପାଇଁ ୨୭% ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରୁଛନ୍ତି । ମାତ୍ର ଓଡ଼ିଶାରେ ଅନେକ ହଜାର ଓବିସି ଓ ଏସ୍ଇବିସି ବର୍ଗ ଛାତ୍ରୀଛାତ୍ର ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇଛନ୍ତି। ସେହିପରି ନିଯୁକ୍ତି କ୍ଷେତ୍ରରେ ପଛୁଆବର୍ଗର ଲୋକମାନଙ୍କୁ ୧୧.୨୫% ସଂରକ୍ଷଣ ଦେବାରେ ବିଜେଡି ସରକାର ସମୟରେ ପ୍ରତାରଣା କରାଯାଇଛି। ପଞ୍ଚାୟତ ଓ ପୌର ନିର୍ବାଚନରେ ପଛୁଆ ବର୍ଗ ପ୍ରାର୍ଥୀମାନଙ୍କ ପାଇଁ ୨୭% ସଂରକ୍ଷଣକୁ ବିଜେଡି ସରକାର ୨୦୨୨ଠାରୁ ବନ୍ଦ କରିଦେଇଛନ୍ତି ବୋଲି ଭାଜପା ଓବିସି ମୋର୍ଚ୍ଚାର ପ୍ରତିନିଧି ଦଳ ଗୁରୁବାର ଅତିଥିଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଏହା କହିଛନ୍ତି।

ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି, ଦେଶର ସବୁ ରାଜ୍ୟରେ ଓବିସି ଫାଇନାନ୍ସ ଡେଭେଲପମେଣ୍ଟ କର୍ପୋରେଶନ ମାଧ୍ୟମରେ ପଛୁଆବର୍ଗର ଯୁବତୀଯୁବକଙ୍କୁ ଆତ୍ମନିଯୁକ୍ତି ପାଇଁ ଋଣ ତଥା ଦକ୍ଷତା ପ୍ରଶିକ୍ଷଣ ପ୍ରଦାନ କରିବାର ପ୍ରାବଧାନ କେନ୍ଦ୍ର ସରକାର କରିଛନ୍ତି। କିନ୍ତୁ ଓଡ଼ିଶାରେ ଏହି ଋଣ ଅର୍ଥକୁ ଦଳୀୟ ଭିତ୍ତିରେ ଆବଣ୍ଟନକରି ୨୦୦୮ରୁ ସମ୍ପୂର୍ଣ୍ଣ ଅଚଳ କରିଦିଆଯାଇଛି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ନିଗମର ପୁନରୁଦ୍ଧାର କରାଗଲେ ଓଡ଼ିଶାର ଲକ୍ଷ ଲକ୍ଷ ଯୁବତୀଯୁବକ ଆତ୍ମନିର୍ଭର ହୋଇପାରିବେ। ବିଜେଡି ସରକାର ଦ୍ୱାରା ପଛୁଆବର୍ଗ ସର୍ଭେର ଏକ ପ୍ରହସନ ଚଳାଇ ଓବିସି ବର୍ଗକୁ ଛଳନା କରାଯାଇଛି। ରାଜ୍ୟରେ ଏକ ସ୍ୱତନ୍ତ୍ର ବିଭାଗ ଖୋଲାଗଲେ ୫୪% ପଛୁଆବର୍ଗ ଲୋକ ବିଶେଷ ଉପକୃତ ହୋଇପାରିବେ। ଉପରୋକ୍ତ ପ୍ରସଙ୍ଗଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ବିଚାରକରିବା ପାଇଁ ବିଶ୍ୱାଳ ନିବେଦନ କରିଛନ୍ତି। ଏହି ପ୍ରତିନିଧି ଦଳରେ ପୂର୍ବତନ ବିଧାୟକ ତଥା ରାଜ୍ୟ ଉପସଭାପତି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ମୋର୍ଚ୍ଚାର ରାଜ୍ୟ ଉପସଭାପତି ତଥା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ସୁକାନ୍ତ ବିଶ୍ୱାଳଙ୍କ ସମେତ ଅନେକ ପଦାଧିକାରୀ ଉପସ୍ଥିତ ଥିଲେ ।

# ସ୍ଥିତି ସମୀକ୍ଷାକଲା ବିଜେଡି ପ୍ରତିନିଧି ଦଳ

ମାଲକାନଗିରି/ଏମ୍ଭି ୭୯, ୮।୮ (ଦୁର୍ଯୋଧନ ପାତ୍ର/ଭିକି ବାରିକ)

ପୋଲାଭରମ୍ ପ୍ରକଳ୍ପକୁ ନେଇ ଗ୍ରାଉଣ୍ଡ ଜିରୋରେ ବିଜେଡି ପ୍ରତିନିଧି ଦଳ ଗୁରୁବାର ପହଞ୍ଚିକ୍ଷୟକ୍ଷତିହେବାକୁଥିବା ମାଲକାନଗିରି ଜିଲାର ବିଭିନ୍ନ ଅଞ୍ଚଳ ବୁଲି ସମୀକ୍ଷା କରିବା ସହ ଦଳ ସଭାପତି ନବୀନ ପଟ୍ଟନାୟକଙ୍କୁ ରିପୋର୍ଟ ଦେବେ ବୋଲି ଜଣାପଡ଼ିଛି ।

ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସ୍ଥିତି ଅନୁଧ୍ୟାନ ପାଇଁ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ନେତୃତ୍ୱରେ ବିଜେଡି ଟିମ୍ ପୋଲାଭରମ୍ ପ୍ରକଳ୍ପ ପାର୍ଶ୍ୱବର୍ତ୍ତୀ ମାଲକାନଗିରି ଜିଲା ମୋଟୁ ଓ ଆନ୍ଧ୍ରପ୍ରଦେଶର କାଲୁର ଅଞ୍ଚଳ ବୁଲି ସ୍ଥିତି ପରଖିଥିଲେ। ଏହି ଦଳରେ ଅନ୍ୟମାନଙ୍କ ମଧ୍ୟରେ ଭୃଗୁ ବକ୍ସିପାତ୍ର, ଝିନ୍ନ ହିକ୍କା, ରମେଶ ମାଝୀ, ଈଶ୍ୱର ପାଣିଗ୍ରାହୀ, ରଘୁରାମ ପାଡାଲଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବିଜେଡି ନେତାମାନେ ସାମିଲ ହୋଇଥିଲେ। ପ୍ରତିନିଧି ଦଳ ମୋଟୁ, ଆଲାମା, ପେଟା ଓ ବିନାୟକପୁର ଆଦି ଗ୍ରାମର ଲୋକଙ୍କ ସହ ଆଲୋଚନା କରିଥିବା ବେଳେ ଆନ୍ଧ୍ରର କାଲେର ଗ୍ରାମକୁ ଯାଇ ସ୍ଥିତି ସମୀକ୍ଷା କରିଥିଲେ। ଏହି ଅବସରରେ ପ୍ରତିନିଧିମଣ୍ଡଳୀ ସ୍ଥାନୀୟ ଲୋକଙ୍କ ମତାମତ ସଂଗ୍ରହ କରିବା ସହ ଭୌଗୋଳିକ ଓ ବୈଷୟିକ ଦିଗକୁ ଅନୁଧ୍ୟାନ କରିଛନ୍ତି। ଏହା ସହ ଏନେଇ ଏକ ରିପୋର୍ଟ ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ଟିମ୍ ପକ୍ଷରୁ କୁହାଯାଇଛି, ପୋଲାଭରମ୍ ପ୍ରକଳ୍ପ କାର୍ଯ୍ୟ ୭୦%ରୁ ଊର୍ଦ୍ଧ୍ୱ ଶେଷ ହେବାକୁ ବସିଲାଣି। ଏହି ପ୍ରକଳ୍ପ ଯୋଗୁ ଜିଲାର ମୋଟୁ ଅଞ୍ଚଳରେ ବିଗତ ଦିନରେ ଅନେକ କ୍ଷୟକ୍ଷତି ହେଉଥିବା ବେଳେ ସିଲେରୁ ଓ ସାବେରୀ ନଦୀର ଜଳ ନିଷ୍କାସନ ଠିକ୍ ଭାବେ ନ ହୋଇ ଜଳସ୍ତର ବୃଦ୍ଧି ପାଇ ବନ୍ୟା ଆଶଙ୍କାରେ ଅଞ୍ଚଳବାସୀ ରହୁଛନ୍ତି । ପ୍ରକଳ୍ପ ଆରମ୍ଭରୁ ଓଡ଼ିଶାରେ ଥିବା ବିଜେଡି ଏହାକୁ ବିରୋଧ କରିଆସିଛି। ଛତିଶଗଡ଼ ସରକାର ମଧ୍ୟ ଏହାକୁ ବିରୋଧ କରୁଛନ୍ତି। ଏ ନେଇ ଓଡ଼ିଶାରେ ପ୍ରଭାବିତ ହେବାକୁ ଥିବା ଅଞ୍ଚଳରେ ଏପର୍ଯ୍ୟନ୍ତ ଗ୍ରାମସଭା କିମ୍ବା ଠିକ୍ ସର୍ଭେ ହୋଇନାହିଁ। ଫଳରେ ମାଲକାନଗିରିର ମୋଟୁ ଅଞ୍ଚଳ ପ୍ରତି ବିପଦ ରହିଛି।



ମୋଟୁ ଅଞ୍ଚଳ ବୁଲି ଦେଖୁଛନ୍ତି ବିଜେଡି ପ୍ରତିନିଧି ଦଳ ।

### ପୋଲାଭରମ୍ ରାଜନୀତି

ଏ ସମ୍ପର୍କରେ ପୂର୍ବତନ ମନ୍ତ୍ରୀ ଅତନୁ କହିଛନ୍ତି, ଏହି ପ୍ରକଳ୍ପ ଯୋଗୁ ମାଲକାନଗିରି ଜିଲାର ବହୁ ଗ୍ରାମ ପ୍ରଭାବିତ ହେବ। ପୂର୍ବରୁ ଏହି ପ୍ରକଳ୍ପ ଯୋଗୁ ଜିଲାରେ ସ୍ଥିତି ଅଣାୟତ୍ତ ହେଉଥିବା ବେଳେ ଆଗକୁ ଏହା ଭୟଙ୍କର ରୂପ ନେବ ବୋଲି ଆଶଙ୍କା କରାଯାଉଛି। ୨୦୨୨ରେ ଏଠାରେ ସ୍ଥିତି ଅଣାୟତ୍ତ ହେବା ସହ ୧୫୯ ଫୁଟ ଉଚ୍ଚର ଜଳ ଆସିଥିବା ନେଇ ସ୍ଥାନୀୟ ଲୋକେ କହିଛନ୍ତି।

କେନ୍ଦ୍ର ସରକାର ଏହି ପ୍ରକଳ୍ପକୁ ପ୍ରୋତ୍ସାହନ ଯୋଗାଉଛନ୍ତି ବୋଲି ଅତନୁ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରବି ନନ୍ଦ, ମାନସ ମାଡକାମୀ, ଗୋପାଳ ପଣ୍ଡା ପ୍ରମୁଖଙ୍କ ସହ ଅନେକ ନେତା ଉପସ୍ଥିତ ଥିଲେ।

## ବିଜେଡିର ଏହା କୁମ୍ଭୀରକାନ୍ଦଣା: ବିଧାୟକ ନରସିଂହ ମାଡକାମୀ

ମାଲକାନଗିରି, ୮।୮ (ଦୁର୍ଯୋଧନ ପାତ୍ର)

ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଗୁରୁବାର ବିଜେଡି ରାଜ୍ୟ କମିଟି ମୋଟୁ ଅଞ୍ଚଳ ଗସ୍ତକୁ ନେଇ ପ୍ରତିକ୍ରିୟାରେ କହିଛନ୍ତି, ପୋଲାଭରମ୍ ପ୍ରକଳ୍ପ ପାଇଁ ବିଜୁ ଜନତା ଦଳ କୁମ୍ଭୀରକାନ୍ଦଣା କାନ୍ଦୁଛି। କେମିତି ଜାଣିଲେ କେତେ କ୍ଷୟକ୍ଷତି ହେବ। ୨୫ ବର୍ଷରେ ପଲ୍ଲିସଭା କି ଗ୍ରାମସଭା କରି ନ ଥିବାରୁ ସୀମା ନିର୍ଦ୍ଧାରଣ ହୋଇନାହିଁ । ୧୯୯୮ରେ ଆନ୍ଧ୍ରପ୍ରଦେଶର ପୋଲାଭରମ୍ଠାରେ ପ୍ରକଳ୍ପର ଶୁଭ ଦିଆଯାଇଥିଲା। ସେ ସମୟରେ ଆନ୍ଧ୍ର, ଓଡ଼ିଶା, ମଧ୍ୟପ୍ରଦେଶରେ କଂଗ୍ରେସ ସରକାର ଥିଲା। ୩ ରାଜ୍ୟ ଓ କେନ୍ଦ୍ରର ସହମତିରେ ଏହି ପ୍ରକଳ୍ପ ଆରମ୍ଭ ହୋଇଥିଲା। ୨୦୦୪ରେ ପୁନଃ ଏହି ପ୍ରକଳ୍ପର ସମ୍ପ୍ରସାରଣ ପାଇଁ ଦ୍ୱିତୀୟ ଶୁଭାରମ୍ଭ ହୋଇଥିଲା। ସେ ସମୟରେ ଓଡ଼ିଶାରେ ବିଜେଡି ସରକାର ଥିଲା। ୨୦୧୪ରେ କେନ୍ଦ୍ର ଭାଜପା ସରକାର ପ୍ରକଳ୍ପ କାମକୁ ଆଗେଇନେବା ପାଇଁ ଅର୍ଥ ବରାଦ କରିଥିଲେ। କିନ୍ତୁ ୨୫ ବର୍ଷ ଧରି ବିଜେଡି ସରକାର କେବଳ କେନ୍ଦ୍ରକୁ ଚିଠି ଲେଖିବା ଓ ଉଚ୍ଚ ନ୍ୟାୟାଳୟ ଆଶ୍ରୟ ନେବା ବ୍ୟତୀତ ପୋଲାଭରମ୍ ପ୍ରକଳ୍ପକୁ ବିରୋଧକରି କୌଣସି ବଡ଼ ଧରଣର ପଦକ୍ଷେପ ନେଇ ନ ଥିଲା। ଏହି ପ୍ରକଳ୍ପକୁ ନେଇ ମାଲକାନଗିରି ଜିଲାରେ କ୍ଷୟକ୍ଷତିକୁ ଗୁରୁତ୍ୱ ଦେଇ ବର୍ତ୍ତମାନର ସରକାର ଖୁବ୍ ତତ୍ପର ଅଛନ୍ତି। ଓଡ଼ିଶା ସୀମାରେ କିପରି ପୋଲାଭରମ୍ର ପଛୁଆ ଜଳ ପ୍ରବେଶ ନ କରିବ, ହିଡ଼ ବ୍ୟବସ୍ଥା କରି ପ୍ରକଳ୍ପ ଉଚ୍ଚତା କମାଇବାକୁ ପଦକ୍ଷେପ ନେବାକୁ ଉଭୟ କେନ୍ଦ୍ର ଓ ଆନ୍ଧ୍ର ସରକାରଙ୍କ ସହ ଆଲୋଚନା କରାଯିବ ବୋଲି ବିଧାୟକ ନରସିଂହ ମାଡକାମୀ କହିଛନ୍ତି ।

# ଉପମୁଖ୍ୟମନ୍ତ୍ରୀ ସିଂଦେଓଙ୍କୁ ହାଇକୋର୍ଟ ନୋଟିସ

### ନିର୍ବାଚନ ଅନିୟମିତତା ମାମଲା

କଟକ, ୮।୮ (କାର୍ତ୍ତିକ ସାହୁ)

ପାଟଣାଗଡ଼ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓଙ୍କୁ ହାଇକୋର୍ଟ ଗୁରୁବାର ନୋଟିସ ଜାରି କରିଛନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ପ୍ରାର୍ଥିପତ୍ର ଦାଖଲବେଳେ ସିଂଦେଓ ମିଥ୍ୟା ତଥ୍ୟ ପ୍ରଦାନ କରିଥିବା ନେଇ ଆଗତ ମାମଲାର ଶୁଣାଣି ବିଚାରପତି ଆନନ୍ଦ ଚନ୍ଦ୍ର ବେହେରା କରିଛନ୍ତି। ଏଥିସହ ଆଗାମୀ ଶୁଣାଣିରେ ଉତ୍ତର ରଖିବାକୁ ଆଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୩୦ ତାରିଖକୁ ଧାର୍ଯ୍ୟ ହୋଇଛି।

ସୂଚନା ଅନୁସାରେ, ପରାଜିତ ବିଜେଡି ପାର୍ଥୀ ସରୋଜ କୁମାର ମେହେର ସିଂଦେଓଙ୍କ ନାମରେ ମିଥ୍ୟା ସତ୍ୟପାଠ ପ୍ରଦାନ ନେଇ ମାମଲା ରୁଜୁ କରିଛନ୍ତି। ସିଂଦେଓ ନିର୍ବାଚନ ସତ୍ୟପାଠରେ ସ୍ଥାବର, ଅସ୍ଥାବର ସମ୍ପତ୍ତିର ମୂଲ୍ୟ ଦର୍ଶାଇ ନାହାନ୍ତି। ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଷ୍ଟେଟମେଣ୍ଟ, ଇନ୍କମ୍ ଟ୍ୟାକ୍ସ ରିଟର୍ନ ମଧ୍ୟ ଦେଇନାହାନ୍ତି। ଏଥିସହ ତାଙ୍କ ନାମରେ ଥିବା ଆପରାଧିକ ମାମଲାର ତଥ୍ୟ ଠିକ୍ ଭାବେ ଦର୍ଶାଇ ନାହାନ୍ତି। ତେଣୁ ତାଙ୍କ ନାମାଙ୍କନପତ୍ର ଗ୍ରହଣୀୟ ହେବା କଥା ନୁହେଁ। ମାତ୍ର ରିଟର୍ନିଂ ଅଧିକାରୀ ଏହାକୁ ବେଆଇନ ଭାବେ ଗ୍ରହଣ କରିଛନ୍ତି। ଜନ ପ୍ରତିନିଧି ଆଇନ ଅନୁସାରେ ସିଂଦେଓଙ୍କ ବିଜୟକୁ ଅସିଦ୍ଧ ଘୋଷଣା କରିବାକୁ ଆବେଦନକାରୀ ମେହେର ହାଇକୋର୍ଟଙ୍କୁ ଆବେଦନରେ ଦର୍ଶାଇଛନ୍ତି।

# ୱକଫ୍ ବୋର୍ଡରେ ମୁସଲମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ବିଜେଡି ପ୍ରତିଶ୍ରୁତିବଦ୍ଧ :ନବୀନ

## ବିଜେଡି ସଭାପତିଙ୍କୁ ଭେଟିଲେ ୩ ଜିଲାର ସଂଖ୍ୟାଲଘୁ ସମ୍ପ୍ରଦାୟ

ଭୁବନେଶ୍ୱର, ୮।୮ (ଅନିଲ ଦାସ)



ନବୀନ ନିବାସରେ ଗୁରୁବାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନେ ଭେଟୁଛନ୍ତି।

ବିଜୁ ଜନତା ଦଳ ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ଗୁରୁବାର ସନ୍ଧ୍ୟାରେ ନବୀନ ନିବାସଠାରେ ପୁରୀ, ଖୋର୍ଦ୍ଧା ଓ କେନ୍ଦ୍ରାପଡ଼ା ଜିଲାର ମୁସଲମାନ ସମ୍ପ୍ରଦାୟ ଭେଟି ଆଲୋଚନା କରିଛନ୍ତି। ବିଜୁ ଜନତା ଦଳ ସରକାର ସମୟରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଉନ୍ନତି ଓ କଲ୍ୟାଣ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଲାଗି ବିଜେଡି ସଭାପତିଙ୍କୁ ସେମାନେ ଧନ୍ୟବାଦ ଜଣାଇଥିଲେ। ଆଲୋଚନା ସମୟରେ ସେମାନେ କେନ୍ଦ୍ର ସରକାରଙ୍କ ୱକଫ୍ ବୋର୍ଡ ସଂଶୋଧନ ବିଲ୍ ସମ୍ପର୍କରେ ନବୀନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ୱାକଫ ବୋର୍ଡରେ ମୁସଲମାନ ସମ୍ପ୍ରଦାୟର ସ୍ୱାର୍ଥ ସୁରକ୍ଷା ପାଇଁ ବିଜେଡି ପ୍ରତିଶ୍ରୁତିବଦ୍ଧ ବୋଲି ନବୀନ କହିଛନ୍ତି। ବିଜୁ ଜନତା ଦଳକୁ ମଜଭୁତ କରିବା ପାଇଁ ସମସ୍ତେ ଏକାଠି କାମ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏହି ଆଲୋଚନା ସମୟରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ପିପିଲିର ପୌରପରିଷଦ ଅଧ୍ୟକ୍ଷ ଓ ଭୁବନେଶ୍ୱର ମହାନଗର ନିଗମର ପୂର୍ବତନ କର୍ପୋରେଟର ସେକ୍ ନିଜାମୁଦ୍ଦିନ ଉପସ୍ଥିତ ଥିଲେ।

# ସମୀକ୍ଷା ବୈଠକରେ ବିଜେଡି ବିଧାୟକଙ୍କୁ ଅଣଦେଖା

### ପ୍ରଦୀପଙ୍କୁ କହିବାକୁ ସୁଯୋଗ ଦେଲେନି

ଖୋର୍ଦ୍ଧା, ୮।୮ (ପ୍ରଭାତ ପାଣିଗ୍ରାହୀ)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗୁରୁବାର ଖୋର୍ଦ୍ଧା ଗସ୍ତରେ ଯାଇ ଜିଲାପରିଷଦ ସମ୍ମିଳନୀ କକ୍ଷରେ ସମୀକ୍ଷା କରିଛନ୍ତି। ଏଥିରେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ବିଜେଡି ନେତା ତଥା ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ଜିଲାପାଳ ଏବଂ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭାଗୀୟ ଅଧିକାରୀମାନେ ବରୁଣେଇ ପାଇକ ସ୍ମାରକୀ, ଖୋର୍ଦ୍ଧାଗଡ଼ର ଗୋଟିଏ ପରେ ଗୋଟିଏ ପ୍ରସ୍ତୁତ କରାଯାଇଥିବା ନକ୍ସା ସ୍କ୍ରିନିଂ ମାଧ୍ୟମରେ ଦେଖାଇଥିଲେ। ଉପମୁଖ୍ୟମନ୍ତ୍ରୀ ଓ ସଂସ୍କୃତି ମନ୍ତ୍ରୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ତେବେ ଅତ୍ରି ଉଷ୍ଣପ୍ରସ୍ରବଣ ଏବଂ ହଟ୍ଟକେଶ୍ୱର ପୀଠର ବିକାଶ ସମ୍ପର୍କରେ ବେଗୁନିଆ ବିଧାୟକ କହିବାକୁ ଆରମ୍ଭ କରିଥିବା ବେଳେ ତାଙ୍କୁ କହିବାକୁ ସୁଯୋଗ ଦିଆଯାଇ ନ ଥିଲା। ଏ ସମ୍ପର୍କରେ ପରେ ତର୍ଜମା କରାଯିବ ବୋଲି କହି ଉଭୟ ମନ୍ତ୍ରୀ ଏହାକୁ ଏଡ଼ାଇଦେଇଥିଲେ।

ଏ ନେଇ ବିଧାୟକ ସାହୁ କହିଛନ୍ତି, ସମୀକ୍ଷା ବୈଠକକୁ ଜିଲାପାଳ ଡାକିଥିଲେ। ଅତ୍ରିର ବିକାଶ ପାଇଁ ପୂର୍ବ ସରକାର ୪ କୋଟି ଟଙ୍କା ଦେଇଥିଲେ। ଅତ୍ରି ପରିଦର୍ଶନ ବେଳେ ଏନେଇ ମନ୍ତ୍ରୀ ଏବଂ ପର୍ଯ୍ୟଟନ ବିଭାଗ ସଚିବ, ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିଥିଲେ। ହେଲେ ନିର୍ବାଚନମଣ୍ଡଳୀରେ କ'ଣ ଉନ୍ନୟନମୂଳକ କାର୍ଯ୍ୟ ହେବ, ସେ ସମ୍ପର୍କରେ ମନ୍ତ୍ରୀ ତାଙ୍କ ସହ କୌଣସି ଆଲୋଚନା କଲେ ନାହିଁ। ବୈଠକରେ କହିବା ବେଳେ ଲଞ୍ଚ ସମୟ ହୋଇଯାଇଥିବା କହି ସେଠାରୁ ଉଠି ଚାଲିଗଲେ ବୋଲି ପ୍ରଦୀପ କହିଛନ୍ତି । ସେ ଆହୁରି କହିଛନ୍ତି, ଖୋର୍ଦ୍ଧା ପର୍ଯ୍ୟଟନ ବିକାଶ ବେଳେ ସ୍ଥାନୀୟ ବିଧାୟକଙ୍କ ସହ ଆଲୋଚନା କରାଗଲା। ବେଗୁନିଆ ନିର୍ବାଚନମଣ୍ଡଳୀରେ ବିକାଶ ପ୍ରସଙ୍ଗ ଉଠିବା ବେଳେ ତାଙ୍କୁ କହିବାକୁ ସୁଯୋଗ ଦିଆଗଲା ନାହିଁ। କ'ଣ ଏଭଳି ଓଡ଼ିଆ ଅସ୍ମିତାର ଭାଜପା ବିକାଶ କରିବାକୁ ଚାହୁଁଛି କି ବୋଲି ପ୍ରଦୀପ ପ୍ରଶ୍ନ କରିଛନ୍ତି।

GOVERNMENT OF ODISHA
HOUSING & URBAN DEVELOPMENT DEPARTMENT
OFFICE OF THE MUNICIPAL COUNCIL, SUNDARGARH
No.2925/Dt.06.08.2024
No.C-376: e-Procurement Notice
Sundargarh Municipality, Sundargarh

| | |
|---|---|
| Tender Call Notice No. | : No.2877/Dt.03.08.2024 |
| Bid Identification No. | : EO/SNGM/W_01/2024-25 |
| Tender ID | : 2024_ORULB_104124_1 |
| Nature of Works | : Civil Works |
| Number of Works | : 01 (One) No. |
| Tender Value | : 70.74 Lakhs |
| Available Period | : Dt.08.08.2024 from 11.30 hours to dt.23.08.2024 by 17.30 hours. |
| Tender Opening Date | : Dt.27.08.2024 at 11.30 hours |

Bidders are requested read the NIT & DTCN and Participate with their Class-II DSC before closing date at www.tendersodisha.gov.in.
Sd./- Executive Officer
Sundargarh Municipality
OIPR-13130/11/0004/2425

ZILLA SWASTHYA SAMITI, ANGUL
O/o. The Chief District Medical & Public Health Officer, Angul
TENDER CALL NOTICE FOR SUPPLY OF GAZELLE HB VARIANT TEST MULTIPACK
No. 1552 Date: 06.08.24
No. E-187: Sealed tenders are invited from Registered Agencies/ Firms/Suppliers for SUPPLY OF GAZELLE HB VARIANT TEST MULTIPACK. Details regarding eligibility criteria, terms & conditions and the formats of submission of tender (Technical & Price Bid) may be downloaded from the website i.e. **www.angul.odisha.gov.in**. The undersigned reserves the rights to reject any or all the tenders without assigning any reason thereof. The proposed date of opening of bidding documents/ finalisation of the same may change in case of any emergency/ exigency. The typographical error (if any) may be exempted.
OIPR-10142/11/0003/2425 Sd./- CDM & PHO, Angul

OFFICE OF THE NOTIFIED AREA COUNCIL KASHINAGAR, GAJAPATI
e-Mail : kasinagarn.hud@nic.in
Letter No.: 1358/NAC Date : 06.08.2024
EXPRESSION OF INTEREST
No.C-369: The Executive Officer, NAC, Kashinagar invites Expression of Interest (EOI) in sealed covers from the intending Architect / Consulting firms for preparation of DPR for following project (s) : (1) Construction of Smart Park and (2) Construction of Model Crematorium.

| | |
|---|---|
| Sale of Schedule Paper (Start Date) | 07.08.2024, 10.00 AM |
| Sale of Schedule Paper (End Date) | 21.08.2024, up to 05.30 PM |
| Last date of Receipt of Schedule Paper | 21.08.2024 up to 05.30 PM |
| Opening of Bid | 22.08.2024, 11.30 AM at Conference Hall |

The detail of EOI document will be available in the District website of Gajapati i.e : https://gajapati.odisha.gov.in/ from 07.08.2024 to 21.08.2024.
The authority reserve the right to reject any or all the EOI without assigning any reason thereof.
Sd./- Executive Officer
N.A.C. Kashinagar, Gajapati
OIPR -

GOVERNMENT OF ODISHA
DEPARTMENT OF HANDLOOMS TEXTILES & HANDICRAFTS
TENDER CALL NOTICE FOR SELECTION OF AGENCY FOR PROVIDING MANPOWER SERVICE FOR HT&H DEPARTMENT
No. HTH-OEI-MEET-0003-2024/I-OE-34-2024/4772/HT&H, Dated: 06.08.2024
No. PP-12: Handlooms, Textiles & Handicrafts Department, Govt. of Odisha invites "Tender" in two bids i.e. Technical Bid and Financial Bid in sealed cover along with requisite documents from interested and experienced service providers for providing manpower service for Handlooms, Textiles & Handicrafts Department.
The bid document can be downloaded from the website: **http://handloom.odisha.gov.in**. The last date of receipt of the sealed offers in the office at HT&H Department is upto 05.00 P.M. **on Dtd.27.8.2024 by Speed Post/Registered Post/Courier** only. The "Technical Bids" will be opened **at 11.00 A.M. on Dtd.29.08.2024** in presence of bidders or their authorized representatives. Without the authorization letter, the representative of bidder will not be allowed to attend the opening of the bid. The "Financial Bids" of qualifying bidders will be opened on a suitable date and time under intimation to the qualified bidders.
The bidders have to submit documents as specified along with technical bid in conformity with the detail terms & conditions in tender.
The authority reserves the right to accept or reject any or all the offers without assigning any reason thereof.
Sd./- Deputy Secretary to Government
OIPR-31001/11/0001/2425

GOVERNMENT POLYTECHNIC, SAMBALPUR (RENGALI)
At./P.O - Rengali-768212, Dist.-Sambalpur, Phone : 06632560070
E-mail : gpsambalpurprincipal@gmail.com, Website : gpsambalpur.com
WALK-IN-INTERVIEW FOR GUEST FACULTIES
No.KK-103 : Interested candidates having requisite qualification as mentioned below may attend the Walk-in-Interview on 13.08.2024 along with ORIGINAL CERTIFICATES & MARKSHEETS and SELF ATTESTED PHOTOCOPIES (02 SETS) as per the schedule below for engagement of GUEST FACULTIES (GF) during the academic session 2024-25. Remuneration will be paid at rates approved by Govt. of Odisha.

| | |
|---|---|
| 13.08.2024 Reporting Time - 10:30 AM | Guest Faculty in Civil / Electrical / Electronics & Telecommunication / Mechanical Engg. / Computer Application / Mathematics / Physics |
| QUALIFICATION FOR GF | 1st class (60%) or equivalent in B.E / B.TECH / MCA / M.Sc. in the concerned discipline. Weightage will be given to candidates with teaching experience in Degree / Diploma Engg. Institutions supported by authentic certificate to the effect. |

N.B :- 1) No TA & DA will be admissible for attending the walk in interview.
2) Authority reserves the right to cancel the notification without assigning any reason thereof.
Sd./- Principal
Govt. Polytechnic, Sambalpur
Rengali - 768212 (Odisha)
OIPR-14116/11/0001/2425

ZILLA SWASTHYA SAMITI, BARGARH
Dept. of Health & Family Welfare, Govt. of Odisha
District Head Quarter Hospital,Bargarh-768028
Phone/Fax:06646-231763
Advt.No.67/NHM, BARGARH/2024-25 Date:07.08.2024
REQUEST FOR PROPOSAL (RFP) FOR SELECTION OF AGENCY TO PROVIDE HOUSE KEEPING SERVICES, SECURITY SERVICES AND MECHANIZED LAUNDRY SERVICES
**No.E-189:** Sealed bids are invited from registered firms / Company / Society / Limited Liability Partnership / Trust for Outsourcing of House Keeping Services, Security Services and Mechanized Laundry Services at Govt. Health Institutions of Bargarh. Details regarding eligibility criteria, terms & conditions and formats for submission of RFP (Technical & Price bid) are mentioned in the tender documents which may be downloaded from the website: **www.bargarh.odisha.gov.in.** Interested bidders has to submit their bids in a sealed envelope superscribing on the top of the sealed envelope as **"Request for Proposal (RFP) - Selection of Agency for Outsourcing of Housekeeping Services / Security Services / Mechanized Laundry Services at Govt. Health Institutions of Bargarh".** Bid documents should reach to the office of the undersigned on or before Dt.31.08.2024 4 P.M. through Speed Post/ Regd. Post/ Courier only and will be opened on Dt.03.09.2024 at 11.00 A.M. Pre-Bid meeting will be held on dt.14.08.2024, 11.00 A.M. in the conference hall of the undersigned. The undersigned reserves the right to reject any or all the bid documents without assigning any reason thereof. The authority is not responsible for any postal delay.
Sd./- Chief District Medical & Public Health Officer, Bargarh
OIPR-10124/11/0004/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................


ଲବିଦ୍ ପରିବାରବର୍ଗ


ଲୁବୁନା ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପ୍ରଥମ ପୃଷ୍ଠାରୁ...

### ଚିନ୍ତା ବଢ଼ାଇଛି...

ମୃତଦେହଗୁଡ଼ିକର ବ୍ୟବଚ୍ଛେଦରୁ କୌଣସି ମହିଳାଙ୍କ ଶରୀରରେ ଯୌନ ନିର୍ଯାତନାର ଲକ୍ଷଣ ମିଳିନାହିଁ। ନିକଟରେ ଜାମିନରେ ମୁକ୍ତ ହୋଇଥିବା କିମ୍ବା ଦଣ୍ଡ ପୂରଣ କରିସାରିଥିବା ଅପରାଧୀମାନଙ୍କ ଉପରେ ପୋଲିସ ତୀକ୍ଷ୍ଣ ନଜର ରଖିଛି। ଗତବର୍ଷ ଜୁନ୍‌ରୁ ନଭେମ୍ବର ପର୍ଯ୍ୟନ୍ତ ସମାନ ଢାଞ୍ଚାରେ ୮ ମହିଳାଙ୍କୁ ହତ୍ୟା କରାଯାଇଥିବାବେଳେ ଗତ ୩ ତାରିଖରେ ଶିଶଗଡ଼ ଅଞ୍ଚଳର ଏକ ଆଖୁ ଖେତରେ ଆଉ ଜଣେ ମହିଳା(୪୫)ଙ୍କ ମୃତଦେହ ମିଳିଥିଲା। ମାମଲାର ତଦନ୍ତ ଜାରି ରହିବା ସତ୍ତ୍ୱେ ହତ୍ୟାକାରୀ ଫେରାର ଥିବାରୁ ଅଞ୍ଚଳର ମହିଳାମାନଙ୍କ ସୁରକ୍ଷା ପାଇଁ ବରେଲି ପୋଲିସ ଏମର୍ଜେନ୍ସି ନମ୍ବର ଜାରି କରିଛି। ସାର୍ବଜନିନ ସ୍ଥାନରେ ସତର୍କ ରହିବା ପାଇଁ ମହିଳାମାନଙ୍କୁ ପୋଲିସ ପରାମର୍ଶ ଦେଇଛି।


### ପ୍ରଥମ ଜନ୍ମଦିନ ଶୁଭେଚ୍ଛା



**ଲୁବୁନା ଅମଜାଦ**

ଆଜି ତୋର ୧ମ ଜନ୍ମବାର୍ଷିକରେ ଅଲ୍ଲାଙ୍କଠାରେ ପ୍ରାର୍ଥନା କି ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ: ଅବୁ, ଅମ୍ମି, ଦଦା, ଫୁଆ, ଫୁପା, ଫରାଭାଇ, ରିହାନ ଭାଇ, ଆୟାନଭାଇ, ଲବିଦ୍‌ଭାଇ ଓ ବନ୍ଧୁ, ପରିବାରବର୍ଗ।
ଗ୍ରାମ: ପଙ୍କାଳ, ତିଗିରିଆ, କଟକ

ଧ-୯୭୮

### ପଞ୍ଚମ ଜନ୍ମଦିନ ଶୁଭେଚ୍ଛା



**ଲବିଦ୍ ଅହମ୍ମଦ ଖାଁ**

ଆଜି ତୋର ୫ମ ଜନ୍ମବାର୍ଷିକରେ ଅଲ୍ଲାଙ୍କଠାରେ ଦୁଆ କରୁଛୁ କି ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହିତ: ବାବା, ମମି, ଚାଚୁ, ମାମା, ଦଦା, ଫୁଆ, ଫୁପା, ଫରାଭାଇ, ରିହାନଭାଇ, ଆୟାନଭାଇ, ବନ୍ଧୁ ଓ ପରିବାରବର୍ଗ।
ଗ୍ରାମ: ପଙ୍କାଳ, ତିଗିରିଆ, କଟକ

ଧ-୯୭୯

**MARUTI PHARMACY COLLEGE**
**BARGARH, ODISHA**
(APPROVED BY GOVT. OF ODISSA & PCI & ODISSA UNIVERSITY OF HEALTH SCIENCES)
**MANAGEMENT SEATS**
COURSES: B. PHARM (4YRS.)
D. PHARM (2YRS.)
DMLT (2YRS.)
ELIGIBLE: +2 SC. PASS
Contact- 9438066954, 7605930501


### ଭୁବନେଶ୍ୱରରେ ଦେଶର...

ବୋଲି ମନ୍ତ୍ରୀ କହିଛନ୍ତି। ତେବେ ଏହି ଚାଉଳ ଏଟିଏମ୍ ସୁବିଧା ପାଇବାକୁ ହେଲେ ଜଣେ ହିତାଧିକାରୀଙ୍କୁ ପ୍ରଥମେ ମେଶିନରେ ବାୟୋମେଟ୍ରିକ, ରାଶନ କାର୍ଡର ସୂଚନା ଦେବାକୁ ପଡ଼ିବ। ଲୋକମାନେ ଟିପ ଚିହ୍ନ ଦେଇ ବାୟୋମେଟ୍ରିକ ଯାଞ୍ଚ କରିବା ପରେ ଏଟିଏମ୍‌ରୁ ଟଙ୍କା ଉଠାଇବା ଭଳି ଚାଉଳ ବାହାର କରିପାରିବେ।

ଏହି କାର୍ଯ୍ୟକ୍ରମ ରାଜ୍ୟ ସରକାର ଓ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ସହଯୋଗରେ ଆୟୋଜିତ ହୋଇଛି। ଏହି ଏଟିଏମ୍ ମାଧ୍ୟମରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଅନ୍ତର୍ଗତ ହିତାଧିକାରୀମାନେ ଯେକୌଣସି ସମୟରେ ସେମାନଙ୍କର ଶସ୍ୟ ପାଇପାରିବେ। ଏହାଦ୍ୱାରା ତୃଣମୂଳ ସ୍ତରରେ ଗରିବ ଲୋକଙ୍କୁ ସେମାନଙ୍କର ଉପଯୁକ୍ତ ନ୍ୟାଯ୍ୟ ପ୍ରଦାନ କରାଯାଇପାରିବ। ଭାରତବର୍ଷର ଯେକୌଣସି ରାଜ୍ୟର ବାସିନ୍ଦା ବୈଧ ଥିବା ରାଶନ କାର୍ଡ ମାଧ୍ୟମରେ ଏଠାରୁ ଚାଉଳ ସଂଗ୍ରହ କରିପାରିବେ। ଏହି ଏଟିଏମ୍ ୫ ମିନିଟ୍‌ରେ ନିର୍ଭୁଲ ଭାବରେ ୫୦ କିଲୋଗ୍ରାମ ଶସ୍ୟ ବାହାର କରିପାରିବ। ଏହାଦ୍ୱାରା ଶକ୍ତି ଓ ସମୟ ସଞ୍ଚୟ କରାଯାଇପାରିବ। ଏହି ଅବସରରେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଡେପୁଟି କଣ୍ଟ୍ରି ଡାଇରେକ୍ଟର ନୋଜୋମି ହାସିମୋଟୋ କହିଛନ୍ତି, ଖାଦ୍ୟସୁରକ୍ଷା କ୍ଷେତ୍ରରେ ଓଡ଼ିଶା ଏକ ମୂଲ୍ୟବୋଧଭିତ୍ତିକ ଦୃଷ୍ଟାନ୍ତ ସୃଷ୍ଟି କରିଛି। ରାଜ୍ୟର ହିତାଧିକାରୀମାନଙ୍କ ନିମନ୍ତେ ସେମାନଙ୍କୁ ଖାଦ୍ୟଶସ୍ୟ ଯୋଗାଇଦେବାରେ ନିଜସ୍ୱ ବ୍ୟବସ୍ଥାକୁ ସୁଦୃଢ଼ କରିପାରିଛି। ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହେବା ସହ ରାଜ୍ୟ ସରକାର ବ୍ୟବସ୍ଥାଭିତ୍ତିକ ସମାଧାନ କରିବାରେ ସଫଳ ହୋଇଛନ୍ତି। ଏହି ଶସ୍ୟ ଏଟିଏମ୍‌କୁ ଦୀର୍ଘ ଏକ ବର୍ଷ ଧରି ପରୀକ୍ଷାନିରୀକ୍ଷା କରିବା ପରେ ରାଜ୍ୟରେ ପ୍ରତିଷ୍ଠା କରାଯାଇଛି। ବ୍ୟାଙ୍କ ଏଟିଏମ୍ ଭଳି ଏଥିରେ ମଧ୍ୟ ୨୪ ଘଣ୍ଟିଆ ଶସ୍ୟ ଉପଲବ୍ଧ ହେବ ବୋଲି ସେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି, ଓଏସ୍‌ସିଏସ୍‌ସି ପରିଚାଳନା ନିର୍ଦ୍ଦେଶକ ଶୁଭମ୍ ସାକ୍‌ସେନା, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଓଡ଼ିଶା ମୁଖ୍ୟ ହିମାଂଶୁ ବାଲ୍, ସାମାଜିକ ନିରାପତ୍ତା ଓ ଯୋଗାଣ ଶୃଙ୍ଖଳ ମୁଖ୍ୟ ଅଙ୍କିତ୍ ସୁଦ୍, ନିଶାନ୍ତ ଅଗ୍ରୱାଲ, ନୀତୀଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ...

ନିମୋନିଆରେ ପୀଡ଼ିତ ହେବାରୁ ତାଙ୍କୁ ଲାଇଫ ସପୋର୍ଟ ସିଷ୍ଟମରେ ରଖାଯାଇଥିଲା। ମୃତ୍ୟୁବେଳକୁ ତାଙ୍କ ନିକଟରେ ସ୍ତ୍ରୀ ମୀରା ଓ ଝିଅ ସୁଚେତନ ଉପସ୍ଥିତ ଥିଲେ। ୨୦୦୦ରୁ ୨୦୧୧ ପର୍ଯ୍ୟନ୍ତ ଲଗାତାର ୧୧ ବର୍ଷ ଧରି ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଥିବା ବୁଦ୍ଧଦେବଙ୍କ ମୃତ୍ୟୁରେ ରାଜ୍ୟରେ ଶୋକର ଲହରି ଖେଳିଯାଇଛି। ତାଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକଟ କରିଛନ୍ତି। ବୁଦ୍ଧଦେବ ପ୍ରତିବଦ୍ଧତାର ସହ ଦୀର୍ଘବର୍ଷ ଧରି ପଶ୍ଚିମବଙ୍ଗର ସେବା କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ୨୦୧୧ ବିଧାନସଭା ନିର୍ବାଚନରେ ବୁଦ୍ଧଦେବଙ୍କ ନେତୃତ୍ୱାଧୀନ ବାମପନ୍ଥୀ ସରକାରଙ୍କୁ ପରାସ୍ତ କରି ମୁଖ୍ୟମନ୍ତ୍ରୀ ହୋଇଥିବା ମମତା ବାନାର୍ଜୀ ମଧ୍ୟ କମ୍ୟୁନିଷ୍ଟ ନେତାଙ୍କ ପରଲୋକରେ ଶୋକ ପ୍ରକାଶ କରିଛନ୍ତି। ବୁଦ୍ଧଦେବ ତାଙ୍କ କାର୍ଯ୍ୟ ପାଇଁ ସର୍ବଦା ସ୍ମରଣୀୟ ହୋଇ ରହିବେ ବୋଲି ମମତା କହିଛନ୍ତି। ରାଜ୍ୟକୁ ଶିଳ୍ପାୟନ ଆଣିବାରେ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ କହିଛନ୍ତି। ରାଜ୍ୟପାଳ ବୋଷ, ମୁଖ୍ୟମନ୍ତ୍ରୀ ମମତା, ବାମ ସାମୁଖ୍ୟ ଅଧ୍ୟକ୍ଷ ବିମାନ ବୋଷ, ସିପିଆଇ(ଏମ୍) ରାଜ୍ୟ ସଭାପତି ମହମ୍ମଦ ସଲିମ୍ ପ୍ରମୁଖ ବୁଦ୍ଧଦେବଙ୍କ ବାସଭବନକୁ ଯାଇ ଶେଷ ସମ୍ମାନ ଜଣାଇଥିଲେ। ତାଙ୍କ ଶରୀରକୁ ସିପିଆଇ(ଏମ୍)ର ଲାଲ୍ ପତାକାରେ ଢଙ୍କାଯାଇଥିଲା। ଭଟ୍ଟାଚାର୍ଯ୍ୟଙ୍କ ପରଲୋକରେ ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତା ଶୋକବ୍ୟକ୍ତ କରିଛନ୍ତି। ଶୁକ୍ରବାର ସକାଳେ ତାଙ୍କ ମରଶରୀର ପ୍ରଥମେ ବିଧାନସଭାକୁ ଓ ପରେ ସିପିଆଇ(ଏମ୍) ମୁଖ୍ୟାଳୟକୁ ନିଆଯିବ। ସେଠାରେ ଦଳୀୟ ନେତାମାନେ ଶେଷ ସମ୍ମାନ ଜଣାଇବା ପରେ ଗବେଷଣା ପାଇଁ ମରଶରୀରକୁ ଏନ୍‌ଆର୍‌ଏସ୍ ମେଡିକାଲ କଲେଜ ଓ ହସ୍ପିଟାଲକୁ ହସ୍ତାନ୍ତର କରାଯିବ ବୋଲି ସିପିଆଇ(ଏମ୍) କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।


**GAYATRI**
**COLLEGE OF ENGINEERING**
Near Income Tax Office, Ambapua, Brahmapur
**B.TECH. (4 Yrs./ LE)**
Computer Sc. Engineering, Artificial Intelligence, Civil, Mechanical, EEE
100% PLACEMENT ASSISTANCE
**MCA, MBA**
Approved by AICTE, Affiliated to BPUT
**BCA, BBA**
Approved by AICTE
**B.Sc. Biotech., M.Sc. Biotech. & M.Sc. Computer Sc.**
Affiliated to Brahmapur University
Contact : 9437579479, 9437962526, 8144898953


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତ୍ୟନ୍ତ ପ୍ରୀତି କରେ ଲଣ୍ଡଭଣ୍ଡ,**
**ଅତ୍ୟନ୍ତ ପ୍ରୀତି ହଗେ ବାପା ତୁଣ୍ଡ।**

ଅତି ସର୍ବତ୍ର ଗର୍ହିତମ୍। ଅତିର ମାତ୍ରା ସର୍ବଦା କ୍ଷତିକାରକ। ପ୍ରତ୍ୟେକ ବସ୍ତୁ ବା କାର୍ଯ୍ୟର ଅତି ପରିମାଣ କେବେ ବି ଗ୍ରହଣଯୋଗ୍ୟ ହୋଇନଥାଏ। ସୀମା ଅତିକ୍ରମ କଲେ ଯେକୌଣସି ଜିନିଷ ବା କାର୍ଯ୍ୟର ଫଳ ଓଲଟା ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଳପ ଧନ,**
**ବିକଳ ମନ।**

ମନୁଷ୍ୟର ଆବଶ୍ୟକତାର ସୀମା ନାହିଁ। ବାସ, ବେଶ ତଥା ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ସେ ବିଭିନ୍ନ ପଦାର୍ଥ ସଂଗ୍ରହ ଲାଗି ସଦାବେଳେ ତତ୍ପର ଥାଏ। ଏଥିପାଇଁ ଲୋଡ଼ା ହୁଏ ଧନ। ଧନହୀନ ବ୍ୟକ୍ତିର ଆବଶ୍ୟକତା ତ ଥାଏ, ମାତ୍ର ହାତରେ ଧନର ଅଭାବ। ଏପରି ଅବସ୍ଥାରେ ତା'ର ମନ ଊଣା କରିବା ସ୍ୱାଭାବିକ ହୋଇଥିବା ସ୍ଥଳେ ଆବଶ୍ୟକ ପଦାର୍ଥ ସଂଗ୍ରହ ନ କରି ସେ ବ୍ୟଥାରେ ବିକଳ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଆଇଏଏସ୍ ଅଫିସର ସ୍ତରରେ ବଡ଼ ଧରଣର ଅଦଳବଦଳ

ଭୁବନେଶ୍ୱର,୮।୮(ଅନିଲ ଦାସ)

ରାଜ୍ୟ ସରକାର ଆଇଏଏସ୍ ଏବଂ ବରିଷ୍ଠ ଓଏଏସ୍ ଅଫିସରସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି। ଏନେଇ ବୁଧବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୨୦୦୯ ବ୍ୟାଚ୍ ଆଇଏସ୍ ଅଫିସର ବିଜୟ କେତନ ଉପାଧ୍ୟାୟଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହିତ ତାଙ୍କୁ ଓଡ଼ିଶା ପରିବାରର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

ସେହିପରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଥିବା ଦିଲୀପ ରାଉତରାୟଙ୍କୁ ଭଦ୍ରକ ଜିଲାପାଳ ଭାବେ ବଦଳି କରାଯାଇଛି। ୨୦୧୧ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ବାଲେଶ୍ୱର ଜିଲାପାଳ ଆଶିଷ ଠାକ୍‌ରେଙ୍କୁ କଟକସ୍ଥିତ ବୋର୍ଡ ଅଫ୍ ରେଭିନ୍ୟୁର ସମ୍ପାଦକ ଭାବେ ବଦଳି କରାଯାଇଥିବାବେଳେ ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ରଙ୍କୁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓସ୍‌ଡମା) କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ୨୦୧୨ ଆଇଏଏସ୍ ଅଫିସର ତଥା ଯାଜପୁର ଜିଲାପାଳ ନିଖିଳ ପୱନ କଲ୍ୟାଣଙ୍କୁ ସଏଲ୍ କଞ୍ଜରଭେଶନ ଓ ୱାଟରସେଡ୍ ଡେଭଲପ୍‌ମେଣ୍ଟ ନିର୍ଦ୍ଦେଶକ, କଟକ ମହାନଗର ନିଗମ କମିଶନର ବିଜୟ କୁମାର ଦାଶଙ୍କୁ ଗଜପତି ଜିଲାପାଳ, ଗଜପତି ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କୁ କେନ୍ଦ୍ରାପଡ଼ା ଜିଲାପାଳ ଏବଂ ନୟାଗଡ଼ ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ୨୦୧୫ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ପାରୁଲ ପଟୱାରୀଙ୍କୁ ରାୟଗଡ଼ା ଜିଲାପାଳ ଭାବେ ବଦଳି କରାଯାଇଥିବାବେଳେ ଢେଙ୍କାନାଳ ଜିଲାପାଳ ଅମ୍ରିତ ଋତୁରାଜଙ୍କୁ କନ୍ଧମାଳ, ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବଳୀରାଙ୍କୁ ସମ୍ବଲପୁର ଜିଲାପାଳ, ମୟୂରଭଞ୍ଜ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କୁ କଟକ ଜିଲାପାଳ, ନୂଆପଡ଼ା ଜିଲାପାଳ ହେମକାନ୍ତ ସଏଙ୍କୁ ମୟୂରଭଞ୍ଜ ଜିଲାପାଳ, କଳାହାଣ୍ଡି ଜିଲାପାଳ ପି. ଅନଭେଶା ରେଡ୍ଡିଙ୍କୁ ଯାଜପୁର ଜିଲାପାଳ, କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ମାଲକାନଗିରି ଜିଲାପାଳ, ଦେବଗଡ଼ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କୁ ଢେଙ୍କାନାଳ ଜିଲାପାଳ, ଗ୍ରାମ୍ୟ ଉନ୍ନୟନ ନିର୍ଦ୍ଦେଶକ ଶୁଭଙ୍କର ମହାପାତ୍ରଙ୍କୁ ନବରଙ୍ଗପୁର ଜିଲାପାଳ, କେନ୍ଦ୍ରାପଡ଼ା ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ବାଲେଶ୍ୱର ଜିଲାପାଳ, ବୌଦ୍ଧ ଜିଲାପାଳ ଜେ. ସୋନାଲଙ୍କୁ ଜଗତ୍‌ସିଂହପୁର ଜିଲାପାଳ, ମାଲକାନଗିରି ଜିଲାପାଳ ପାୱାର ସଚିନ ପ୍ରକାଶଙ୍କୁ କଳାହାଣ୍ଡି ଜିଲାପାଳ ଏବଂ ସମ୍ବଲପୁର ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ନୟାଗଡ଼ ଜିଲାପାଳ ଭାବେ ବଦଳି କରାଯାଇଛି। ସେହିପରି ରାୟଗଡ଼ା ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ସୁନ୍ଦରଗଡ଼ ଜିଲାପାଳ ଭାବେ ବଦଳି କରାଯାଇଥିବାବେଳେ ଓଡ଼ିଶା ଖଣି ନିଗମ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର କବୀନ୍ଦ୍ର କୁମାର ସାହୁଙ୍କୁ ଦେବଗଡ଼ ଜିଲାପାଳ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାଶଙ୍କୁ ନୂଆପଡ଼ା ଜିଲାପାଳ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ସୁବ୍ରତ କୁମାର ପଣ୍ଡାଙ୍କୁ ବୌଦ୍ଧ ଜିଲାପାଳ ଭାବେ ବଦଳି କରାଯାଇଛି।


# Classified Everyday
**0674-2580101, 2549949**



**REAL ESTATE**
**SALE**

Twincity ଫୁଲନଖରା East College ପଛ ପାର୍ଶ୍ୱରେ ଘରବାରି ପ୍ଲଟ୍ ଇଲେକ୍ଟ୍ରି 30ft. ରାସ୍ତା ପାଚେରୀ ଥାଇ ବିକ୍ରିହେବ। 7008297827. D-974

କଟକ-ଭୁବନେଶ୍ୱର ମଧ୍ୟରେ ନବନିର୍ମିତ Sum Hospital, Grand Bazar (NH-16) ରୁ ଅଳ୍ପ ଦୂରତାରେ ୩୦ ଫୁଟ ରାସ୍ତା ଥାଇ ଘରବାରି plot କିଣନ୍ତୁ। 9658562429. D-75983


**Gharabari Converted plots available near Hitech Square Sundarpada, Bhubaneswar. For more details. Contact- 9937846404, 9437192512.** D-969

**Individual Gharabari 2700 Sum Hospital-2 Nakhara,1500,2000 Pahala NH5, Balianta, Cv Raman, Infosys-2 Plot immediate sale details. 9937004650.** D-975

**Plot for sale at Puri Konark Marine Drive (850/- per sqft). Contact: 6371703010.** D-959

Duplex project at Retang Medical, Station, CV Raman University Tamando, Bhubaneswar. 7008459987. D-75976

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8895816302, 8328857872.** D-970




**2 BHK House only for Residence, Sahid Nagar. 8249873855.** D-75817

**Commercial Office 4200 sqft. furnished Ground Floor Chandrasekharpur Bhubaneswar. 9438194381.** D-972




Newly open health benefits spa by expert therapist. Contact: 6371861658. D- 76142

Newly open SPA positively health benefits with expert therapist. 9040286886. D-76143

**Relax, Refresh your body, mind at Saikrupa Spa with best therapies. 8984068077.** D-883

Newly open health benefits SPA special Offer @ 799 Bapujinagar. 8018429809. D-76140

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75767

**AFFIDAVIT**

By virtue of an affidavit No.- 4903, dt.01.08.2024 sworn before the Notary Public, Sambalpur, I, Smt. Samikshya Nayak, W/o- Sri Rajiv Kumar Nanda, R/o- Malipada, Fatak, P.O.- Budharaja, Dist.- Sambalpur declare that in Passport bearing No.- M2361569 my name has been mentioned as Samikshya Nanda instead of actual name Samikshya Nayak. Hence I declare that my actual and correct name is Samikshya Nayak for all purposes. D-982

By virtue of an affidavit before the Notary Public, Purushottampur, Ganjam. I, Swapna Pallai, D/o- Prafulla Chandra Pallai of Lachhipur, P.O.- Sankuda, P.S.- Beguniapada, Ganjam. I have married to one Sangram Pradhan, S/o- Raghunath Pradhan, Village/ P.O.- Chingudighai, P.S.- Purushottampur, Ganjam. That after my marriage the surname has been changed from Pallai to Pradhan. I shall be known as Swapna Pradhan, W/o Sangram Pradhan for all purpose. D-983

By virtue of an affidavit before Notary Public, Purushottampur, Ganjam, I, Sunita Kumari Polai, D/o- Suresh Chandra Polai of Athagadapatna, P.S.- Kabisuryanagar, Ganjam. I have married to one Ajaya Kumar Dalai, S/o- Simanchala Dalai, Village/P.O.- Chingudighai, P.S.- Purushottampur, Ganjam. That after my marriage the surname has been changed from Polai to Dalai. I shall be known as Sunita Kumari Dalai, W/o- Ajaya Kumar Dalai for all purposes. D-984

I, Archana Patra, W/o- Ashok Kumar Patra, resident of Flat No. 201, Block-D, Utkal Vatika, Jharapada, P.O.- Budheswari, P.S.- Laxmisagar, Bhubaneswar, Dist.- Khordha, PIN-751006, Odisha declare by this affidavit SL No.-264, dated.08.08.2024 that now onwards I shall be known as ARCHANA TRIPATHY for all future purposes. D-980

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Ashok Patra, S/o- Bijay Kumar Patra, resident of Flat No. 201, Block-D, Utkal Vatika, Jharapada, P.O.- Budheswari, P.S.- Laxmisagar, Bhubaneswar, Dist.- Khordha, PIN-751006, Odisha declare by this affidavit SL No.-263, dated. 08.08.2024 that now onwards I shall be known as ASHOK KUMAR PATRA for all future purposes. D-981


I, Sudhansubhusan Pani, S/o- Basant Kumar Pani, resident of Village At/P.O.-Jhajia, P.S.- Badamba, Dist.-Cuttack, PIN-754031, Odisha, declare by this affidavit No.- 13AA 826608 dated 08.04.2024 that my father's actual name is Basanta Kumar Pani, but in my Certificate, it is Basant Kumar Pani. Hence, Basant Kumar Pani and Basanta Kumar Pani refer to the same person for all purposes. D-967

By virtue of an affidavit before the Notary Public, Purushottampur, Ganjam Affidavit No.- A-9, dtd.07.08.2024, I Biswanath Karji, S/o- Gobind karji of Village/P.O.- Gandahati, P.S.- Garabandha, Gajapati declare that I have changed my name from Biswanath Karjee to Biswanath Karji. Henceforth, I shall be known as Biswanath Karji for all purpose. D-986

I Krushna Chandra Banchhur, R/o.Village- Baragad, P.S.- Sadar, Dist.- Sundargarh declare by this affidavit No.-2196 dt.07.08.2024 in the School Admission Register and other documents (Kendriya Vidyalaya, Sundargarh) of my daughter Prangya Paramita Banchhur, Class- VIII where in my Wife's name has been mentioned as Deepika Banchhur in place of Deepika Sunani. That I have rectify the surname of my wife in the admission Register of the said School. D-985

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰କାର୍ତ୍ତିକ ଚନ୍ଦ୍ର ବେହେରା**
ଗୌଡ଼ସାହି, ମାଁସଡ଼ା, ବିଞ୍ଝାରପୁର

ଆବିର୍ଭାବ: କାର୍ତ୍ତିକ ପୂର୍ଣ୍ଣିମା, ୧୯୩୦
ତିରୋଧାନ: ୨୨।୦୭।୨୦୨୩

ହେ ପୂଣ୍ୟାତ୍ମା ଚାହୁଁ ଚାହୁଁ ବର୍ଷଟିଏ ବିତିଗଲାଣି। ଆପଣଙ୍କ ଅବର୍ତ୍ତମାନ ଆମ୍ଭମାନଙ୍କ ପାଇଁ ଏକ ଅପୂରଣୀୟ କ୍ଷତି। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମମାନଙ୍କ ପାଇଁ ଚିରଦିନ ସ୍ମରଣୀୟ ହୋଇ ରହିବ। ଆଜିର ପୁଣ୍ୟତିଥିରେ ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସମୂହ ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ: ହତଭାଗିନୀ ପତ୍ନୀ- ଫୁସି ବେହେରା, ପୁତ୍ର: ଜଗବନ୍ଧୁ, ରାମଚନ୍ଦ୍ର, ଶ୍ୟାମସୁନ୍ଦର, ପୁତ୍ରବଧୂ: ସ୍ୱର୍ଣ୍ଣଲତା, ରାଧାରାଣୀ, ଅଞ୍ଜଳୀ, ନାତି: ଦିଲ୍ଲୀପ, ସଞ୍ଜୟ, ପିଣ୍ଟୁ, ଚନ୍ଦନ, ମୃତ୍ୟୁଞ୍ଜୟ, ନାତୁଣୀ: ରଶ୍ମୀ, ପୂଜା, ମାମା, ନାତୁଣୀବୋହୂ: ସରିତା, ସସ୍ମିତା, ଝିଅ ଜ୍ୱାଇଁ- ସାବିତ୍ରୀ, ଭାରତୀ, ଯୁଗଳ, ପ୍ରଭାତୀ, ଅଭୟ

ଧ-୯୭୩

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ମଦ୍ୟପାନରୁ ଘଟିଥିଲା ଗୁଳିକାଣ୍ଡ: ଆଇଜି ଲାଲ୍

## ବିଧାୟକଙ୍କ ପିଏସ୍‌ଓ, ସମ୍ପର୍କୀୟ ଭାଇଙ୍କ ମୃତ୍ୟୁ ଘଟଣା

ସୋନପୁର,୮।୮(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଭଣ୍ଡାର ପଞ୍ଚାୟତ ଚୁଲିମାଳ ଗାଁ ଫୁଟ୍‌ବଲ ପଡ଼ିଆରେ ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ପିସ୍ତଲରୁ ଗୁଳିମାଡ଼ରେ ୨ଜଣଙ୍କ ମୃତ୍ୟୁ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଗୁଳିମାଡ଼ରେ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀଙ୍କ ପିଏସ୍‌ଓ ମନୋଜ ଝାଙ୍କର(୩୦) ଓ ମନୋଜଙ୍କ କକା ପୁଅ ଭାଇ ଶେଷଦେବ ଝାଙ୍କର(୨୪)ଙ୍କ ମୃତ୍ୟୁ ଘଟିଥିଲା। ଅତ୍ୟଧିକ ମଦ୍ୟପାନରୁ ଏହି ଗୁଳିକାଣ୍ଡ ଘଟିଛି। ଏଥିରେ କୌଣସି ପୂର୍ବଶତ୍ରୁତା ନାହିଁ ବୋଲି ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍ ଗୁରୁବାର ସୂଚନା ଦେଇଛନ୍ତି। ମନୋଜଙ୍କୁ ଦିଆଯାଇଥିବା ପିସ୍ତଲକୁ ନେଇ ଶେଷଦେବ ମଦ ନିଶାରେ ୫ ରାଉଣ୍ଡ ଫାଙ୍କା ଗୁଳଚାଳନା କରିଥିଲେ। ତେବେ ପୋଲିସ ଚାକିରି ନିୟମାବଳୀ ଦୃଷ୍ଟିରୁ ଏହା ବେଆଇନ ହୋଇଥିବାରୁ ମନୋଜ ଚିନ୍ତିତ ହୋଇପଡ଼ିଥିଲେ। ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଭୟରେ ସେ ମଦ ନିଶାରେ ଶେଷଦେବଙ୍କ ମୁଣ୍ଡକୁ ଲକ୍ଷ୍ୟକରି ଗୁଳି କରିଥିଲେ। ପରେ ସାନଭାଇଙ୍କୁ ହତ୍ୟା କରିଥିବାରୁ ମାନସିକ ଭାରସାମ୍ୟ ହରାଇ ନିଜ ମୁଣ୍ଡକୁ ଲକ୍ଷ୍ୟକରି ପିସ୍ତଲରୁ ଗୁଳି କରିଥିଲେ। ୨ ଭାଇ ଘଟଣାସ୍ଥଳରେ ହିଁ ଟଳି ପଡ଼ିଥିଲେ ବୋଲି ପୋଲିସ କହିଛି।


ଆଇଜି ହିମାଂଶୁ କୁମାର ଲାଲ୍ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ଘଟଣା ଦିନ ଚୁଲିମାଳ ଗାଁର ମନୋଜ, ଶେଷଦେବ, ଦେବାଶିଷ ବିଶି ଓ ଓକିଲ ବିଶିଙ୍କ ମଧ୍ୟରେ ବିନିକା ସହରରେ ସାକ୍ଷାତ ହୋଇଥିଲା। ସେମାନେ ବିନିକାରୁ ବିଦେଶୀ ମଦ କିଣିଥିଲେ। ସେଠାରୁ ମାହେଶ୍ୱରୀ ଢାବାକୁ ଯାଇ ସେମାନେ ମଦ ପିଇଥିଲେ। ପରେ ଆଉ ଗୋଟିଏ ମଦ ବୋତଲ କିଣି ଅପରାହ୍ନରେ ଗାଁ ଫୁଟ୍‌ବଲ ପଡ଼ିଆକୁ ଯାଇଥିଲେ। ଝିପିଝିପି ବର୍ଷା ହେଉଥିବା ସମୟରେ ପଡ଼ିଆରେ ବସି ସେମାନ ମଦ ପିଇଥିଲେ। କିଛି ସମୟ ପରେ ଦେବାଶିଷ ଜଣେ ସ୍କୁଲ ଛାତ୍ର ସହାୟତାରେ ନିଜ ଘରକୁ ଚାଲିଯାଇଥିଲେ। ରେଙ୍ଗାଲି ଟିକ୍ରା ଓ ଭଣ୍ଡାର ଗାଁର ୫ଜଣ ପିଲା ପଡ଼ିଆ ନିକଟକୁ ଯାଇ ଘଟଣାକୁ ଦେଖୁଥିଲେ। ଅଧିକ ମଦ୍ୟପାନ କରି ଓକିଲ ବିଶି ୪୦ ମିଟର ଦୂରରେ ସଂଜ୍ଞାହୀନ ଅବସ୍ଥାରେ ତଳେ ପଡ଼ିଥିଲେ। ମନୋଜ ଓ ଶେଷଦେବ ମଦ୍ୟପାନ ଜାରି ରଖିଥିଲେ। ମନୋଜଙ୍କୁ ପୋଲିସ ବିଭାଗରୁ ପ୍ରଦାନ କରାଯାଇଥିବା ୯ ଏମ୍ଏମ୍ ପିସ୍ତଲକୁ ଶେଷଦେବ ଧରିଥିଲେ। କିଛି ସମୟ ପରେ ପଡ଼ିଆ ଭିତରୁ ଗୁଳି ଫୁଟିବା ଶବ୍ଦ ଶୁଭିଥିଲା। ଗୁଳି ଶବ୍ଦ ଶୁଣି ପିଲାମାନେ ଭୟରେ ଘରକୁ ପଳାଇଯାଇ ପରିବାର ଲୋକଙ୍କୁ ଜଣାଇଥିଲେ। ପିଲାଙ୍କ ଅଭିଭାବକ ଏବଂ ଓକିଲ ବିଶିଙ୍କ ଭାଇ ଘଟଣାସ୍ଥଳକୁ ଆସି ଶେଷଦେବ ତଳେ ଓ ମନୋଜ ଶେଷଦେବଙ୍କ ପେଟ ଉପରେ ମୁଣ୍ଡ ରଖି ଶୋଇଥିବା ଦେଖିବାକୁ ପାଇଥିଲେ। ମନୋଜଙ୍କ ଡାହାଣ ହାତ ମୁଠା ନିକଟରେ ପିସ୍ତଲ ପଡ଼ିଥିଲା। ଗ୍ରାମବାସୀ ମନୋଜ ଓ ଶେଷଦେବଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବିନିକା ଡାକ୍ତରଖାନା ଆଣିଥିଲେ। ହେଲେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଉଭୟଙ୍କ ମୁଣ୍ଡରେ ଗୁଳି ବାଜି ଥିବା ଦେଖିବାକୁ ମିଳିଥିଲା।

ସୂଚନା ପାଇବା ପରେ ଗଣିଆ ଫାଣ୍ଡି ଇନ୍‌ଚାର୍ଜ ଆନନ୍ଦ କୁମାର ନାଏକ ଘଟଣାସ୍ଥଳରେ ପହଞ୍ଚିଥିଲେ। ତାଙ୍କ ଅଭିଯୋଗକ୍ରମେ ବିନିକା ଥାନାରେ ମାମଲା ରୁଜୁ ହୋଇଥିଲା। ବିନିକା ଆଇଆଇସି ସାରଙ୍ଗଧର ପାଣିଗ୍ରାହୀଙ୍କ ନେତୃତ୍ୱରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୋଲିସ ଘଟଣାସ୍ଥଳରୁ ୨ଟି ଜୀବନ୍ତ ଗୁଳି, ୭ଟି ଅଫୁଟା ଗୁଳି ପିଏସ୍‌ଓଙ୍କ ପିସ୍ତଲ ଓ ଏକ ଓଲା ମୋପେଡ୍ (ଓଡି ୩୧ଏଲ୍-୪୯୧୭)କୁ ଜବତ କରିଥିଲେ। ଆଇଜି ହିମାଂଶୁ ଲାଲ୍ ଓ ସୁବର୍ଣ୍ଣପୁର ଏସ୍‌ପି ୟଶ୍‌ପ୍ରତାପ ଶ୍ରୀମାଲ୍ ଘଟଣାସ୍ଥଳକୁ ଯାଇ ଗ୍ରାମବାସୀଙ୍କୁ ଗୁଳିକାଣ୍ଡ ସମ୍ପର୍କରେ ପଚରାଉଚରା କରିଥିଲେ। ତଦନ୍ତ ସମୟରେ ପୋଲିସ ବର୍ତ୍ତମାନ ସୁଦ୍ଧା ସ୍ଥାନୀୟ ୧୭ ଜଣଙ୍କ ନିକଟରୁ ସାକ୍ଷ୍ୟ ଗ୍ରହଣ କରିଛି। ସନ୍ଧ୍ୟାରେ ବୁର୍ଲା ମେଡିକାଲରୁ ବ୍ୟବଚ୍ଛେଦ ରିପୋର୍ଟ ଆସିବ। ଅଧିକ ତଦନ୍ତ ଜାରି ରହିଥିବା ଏସ୍‌ପି କହିଛନ୍ତି। ଅନ୍ୟପକ୍ଷେ ପିଏସ୍‌ଓ ଘଟଣା ଦିନ ବିଧାୟକଙ୍କ ନିକଟରେ ନ ଥିଲେ। ସେ ଡ୍ୟୁଟିରେ ନ ଥିବା ସମୟରେ ପିସ୍ତଲକୁ ବେଆଇନ ଭାବେ ନିଜ ପାଖରେ ରଖିଥିଲେ। ଜିଲା ଅସ୍ତ୍ରାଗାରରେ ପିସ୍ତଲକୁ ସରେଣ୍ଡର ନ କରି ସେ ପକେଟ୍‌ରେ ଧରି ବୁଲାବୁଲି କରୁଥିଲେ। ଏପରିକି ସାଙ୍ଗମାନଙ୍କ ସହ ମିଶି ମଦ୍ୟପାନ କରିଥିଲେ। ଏ ସମ୍ପର୍କରେ ପଚାରିବାରୁ ଜିଲା ପୋଲିସ ଆଗକୁ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବ ବୋଲି ଏସ୍‌ପି କହିଛନ୍ତି। କନଷ୍ଟେବଲ ମନୋଜ ପୂର୍ବରୁ ଏସ୍‌ଓଜି ଟ୍ରେନିଂ ନେବା ସହ ସ୍ପେଶାଲ ସିକ୍ୟୁରିଟି ଶାଖାରୁ ପିଏସ୍‌ଓ ଭାବେ ପ୍ରଶିକ୍ଷଣ ନେଇଛନ୍ତି।

# ମନ୍ଦିର ବାରଣ୍ଡାରେ ମାନସିକ ବିକାରଗ୍ରସ୍ତଙ୍କୁ ହତ୍ୟା

ଶରଣକୁଳ,୮।୮(ଦୀପକ କର)

ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଅଧୀନ ନାରାୟଣ ହାଇସ୍କୁଲ ସମ୍ମୁଖ ବିରଜାଈ ମନ୍ଦିର ବାରଣ୍ଡାରେ ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି। ବୁଧବାର ବିଳମ୍ବିତ ରାତିରେ ଏହି ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ ହରିହରପୁର ଗ୍ରାମର ରାଜକିଶୋର ବରାଡ଼(୫୭)। ସେ ସେହି ଅଞ୍ଚଳରେ ରାଜୁ ନାମରେ ପରିଚିତ ଥିଲେ। ରାଜୁ ପୂର୍ବରୁ ଜଣେ ଡ୍ରାଇଭର ଭାବେ କାମ କରୁଥିଲେ। ତାଙ୍କର ସ୍ତ୍ରୀ ଏବଂ ପିଲାମାନେ ଗାଁରେ ରହୁଥିଲେ। ତେବେ କିଛି ବର୍ଷ ତଳେ ସେ ଦ୍ୱିତୀୟ ବିବାହ କରି ଶରଣକୁଳରେ ଘରଭଡ଼ା ନେଇ ରହିଥିଲେ। ଏହାର କିଛିଦିନ ପରେ ରାଜୁ କୌଣସି କାମଧନ୍ଦା ନ କରି ଘରେ ବସି ରହୁଥିଲେ। ଏମିତି କିଛି ଦିନ ବିତିବା ପରେ ସେ ମାନସିକ ଭାରସାମ୍ୟ ହରାଇ ବସିଥିଲେ। ଶେଷରେ ସେ ଶରଣକୁଳରେ ରହି ମାଗିଯାଚି ଚଳୁଥିଲେ। ଏପରି ସ୍ଥିତିରେ ଦ୍ୱିତୀୟ ସ୍ତ୍ରୀ ତାଙ୍କୁ ଛାଡ଼ି ଚାଲିଯାଇଥିଲେ। ପ୍ରଥମ ସ୍ତ୍ରୀଙ୍କ ପିଲାମାନେ ତାଙ୍କୁ ଘରକୁ ନେବାକୁ ବାରମ୍ବାର ଚେଷ୍ଟା କରି ବିଫଳ ହୋଇଥିଲେ। ରାଜୁ ଦିନସାରା ସ୍ଥାନୀୟ ଅଞ୍ଚଳରେ ବୁଲାବୁଲି କରି ବିଳମ୍ବିତ ରାତିରେ ଲଡୁବାବାଙ୍କ ମନ୍ଦିର ଏବଂ ବିରଜାଈଙ୍କ ମନ୍ଦିର ନିକଟରେ ଶୋଇପଡୁଥିଲେ। ଗୁରୁବାର ସକାଳୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାଜୁଙ୍କ ମୃତଦେହ ବିରଜାଈ ମନ୍ଦିର ବାରଣ୍ଡାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଶରଣକୁଳ ଥାନା ପୋଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ନେଇ ତଦନ୍ତ ଆରମ୍ଭ କରିଥିଲା। ମୃତଦେହ ପାଖରେ ଏକ ରକ୍ତ ଲାଗିଥିବା ଇଟା ପଡ଼ିଥିବାରୁ ତାଙ୍କୁ ଇଟାରେ ଛେଚି କେହି ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ରାଜୁଙ୍କ କେହି ଶତ୍ରୁ ନ ଥିଲେ ବୋଲି ତାଙ୍କ ପରିବାର ଲୋକ କହିଛନ୍ତି। ତେବେ ହତ୍ୟାକାରୀଙ୍କୁ ପୋଲିସ ଗିରଫ କରିବା ସହ ଉଚିତ ଦଣ୍ଡ ମିଳୁ ବୋଲି ତାଙ୍କ ପରିବାର ସଦସ୍ୟମାନେ ଦାବି କରିଛନ୍ତି। ଏ ନେଇ ମୃତକଙ୍କ ସ୍ତ୍ରୀ ରାଧାରାଣୀ ବରାଡ଼ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୧୭୨/୨୪) ରୁଜୁ କରି ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ କହିଛନ୍ତି।

# ବାହାର ରାଜ୍ୟର ବହୁ ମହିଳାଙ୍କୁ ଠକିଛନ୍ତି ରସିକ ସତ୍ୟଜିତ୍

**କୋଲକାତା, ରାୟପୁର ଯିବ ପୋଲିସ ଟିମ୍**

- ଦ୍ୱିତୀୟଥର ରିମାଣ୍ଡରେ ଆଣିବାକୁ ଆବେଦନ
- ଅଭିଯୁକ୍ତଙ୍କ ଆକାଉଣ୍ଟ ଅନ୍ୟକେହି ଚଳାଉଥିବା ସୂଚନା



ଭୁବନେଶ୍ୱର,୮।୮(ସୂର୍ଯ୍ୟକାନ୍ତ ବେହେରା)

ମିଥ୍ୟା ପରିଚୟ ଦେଇ ବିବାହ ଏଗ୍ରିମେଣ୍ଟ କରି ଲକ୍ଷାଧିକ ଟଙ୍କା, ଗାଡ଼ି ଆଦି ଠକି ନେଇଥିବା ବହୁ ମହିଳାଙ୍କ ସ୍ୱାମୀ ସତ୍ୟଜିତ୍ ସାମଲଙ୍କ ଗୁମର ଖୋଲିବାକୁ କମିଶନରେଟ ପୋଲିସ ତଦନ୍ତ ଜାରି ରଖିଛି। କେତେଜଣ ମହିଳାଙ୍କୁ ପ୍ରେମରେ ଫସାଇ ଠକେଇ କରିଛନ୍ତି, ଠକେଇ ଟଙ୍କା କେଉଁଠାରେ ବିନିଯୋଗ କରିଛନ୍ତି, ତାହାର ଅଧିକ ତଥ୍ୟ ହାସଲ ପାଇଁ କ୍ୟାପିଟାଲ ଥାନା ପୋଲିସ ଦ୍ୱିତୀୟଥର ରିମାଣ୍ଡରେ ଆଣି ମାରାଥନ ଜେରା କରିବ ବୋଲି ଯୋଜନା ରଖିଛି। ଏଥିପାଇଁ ଗୁରୁବାର କୋର୍ଟରେ ୧୦ ଦିନିଆ ରିମାଣ୍ଡ ଆବେଦନ କରିଛି। ଅନ୍ୟପଟେ ଅଭିଯୁକ୍ତ ସତ୍ୟଜିତ ଗିରଫ ହେବା ପରେ ବି ତାଙ୍କର ଷ୍ଟେଟ୍‌ବ୍ୟାଙ୍କ ଆକାଉଣ୍ଟରେ ଟ୍ରାଞ୍ଜାକ୍ସନ ହେଉଥିବା ପୋଲିସ ଜାଣିବାକୁ ପାଇଛି। କିଏ ତାଙ୍କ ଆକାଉଣ୍ଟରୁ ଟଙ୍କା ନେଣଦେଣ କରୁଛି ଓ କାହିଁକି କରୁଛି ତାହା ଜାଣିବାକୁ ଉଦ୍ୟମ ଚାଲିଛି। ଉକ୍ତ ବ୍ୟକ୍ତି ଧରାପଡିବା ପରେ ସତ୍ୟଜିତ୍‌ଙ୍କ ର୍‍ୟାକେଟରେ ଆଉକିଏ ସମ୍ପୃକ୍ତ ଅଛନ୍ତି ନା ନାହିଁ ତାହା ଜଣାପଡିବ ବୋଲି ଡିସିପି ପ୍ରତୀକ ସିଂ କହିଛନ୍ତି। ସେହିପରି ରସିକିଆ ଠକ ସତ୍ୟଜିତ୍ କେବଳ ଓଡିଶା ନୁହେଁ, ବାହାର ରାଜ୍ୟର ବହୁ ମହିଳାଙ୍କୁ ଠକିଥିବା ଜଣାପଡିଛି। ହେଲେ ଅଭିଯୋଗ କରିବାକୁ ସେମାନେ ଆଗେଇ ଆସୁ ନ ଥିବାରୁ ମନାଇବା ସହ ସେମାନଙ୍କଠାରୁ ଅଧିକ ତଥ୍ୟ ହାସଲ ଲାଗି ଦୁଇଟି ଟିମ୍ ଗଠନ କରିଛି। ଗୋଟିଏ ଟିମ୍‌ର ସଦସ୍ୟମାନେ ରାଜ୍ୟ ବାହାରକୁ ବିଶେଷକରି କୋଲକାତା ଓ ରାୟପୁର ଯାଇ ସମ୍ପୃକ୍ତ ପୀଡ଼ିତା ମହିଳାଙ୍କୁ କାଉନ୍‌ସେଲିଂ କରିବା ସହ ଅଭିଯୋଗ କରିବାକୁ ଅପିଲ କରିବେ। ଏହାସହ ଅଧିକ ପ୍ରମାଣ ପାଇଁ ପୀଡ଼ିତା ମହିଳାମାନଙ୍କ ବୟାନ ରେକର୍ଡ କରାଯିବ। ଆଉ ଗୋଟିଏ ଟିମ୍ ଓଡ଼ିଶାରେ ଥିବା ପୀଡ଼ିତା ମହିଳାଙ୍କ ସହ ଯୋଗାଯୋଗରେ ରହି ଅଧିକ କିଛି ତଥ୍ୟ ଦେବାକୁ ଅନୁରୋଧ କରିବେ। ଅପରପକ୍ଷେ ସତ୍ୟଜିତ୍‌ଙ୍କ ପ୍ରଥମ ପର୍ଯ୍ୟାୟ ରିମାଣ୍ଡ ବେଳେ ତାଙ୍କ ବୟାନ ଆଧାରରେ କ୍ୟାପିଟାଲ ଥାନା ପୋଲିସ ଚନ୍ଦ୍ରଶେଖରପୁରସ୍ଥିତ ଭଡ଼ାଘରୁ ଲାପଟପ, ପେନ୍‌ଡ୍ରାଇଭ୍ ଓ ପାସ୍‌ପୋର୍ଟ, ନକଲି ଆଇଡି କାର୍ଡ ଆଦି ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଜବତ କରି ଫୋରେନ୍‌ସିକ ଲ୍ୟାବ୍‌କୁ ପଠାଇଛି। ଜବତ ମୋବାଇଲରେ ମହିଳାଙ୍କ ଆପତ୍ତିଜନକ ଭିଡିଓ ସହ ଚାଟିଂ ରହିଛି। ଏହାସହ ବ୍ରହ୍ମପୁରର ଜଣେ ମହିଳାଙ୍କଠାରୁ ମଧ୍ୟ ୧ ଲକ୍ଷ ୬୦ ହଜାର ଚୂନ ଲଗାଇଥିବା ପ୍ରମାଣ ପାଇଛି। ଆଗକୁ ଏପରି ଅଧିକ ତଥ୍ୟ ପୋଲିସ ହାସଲ କରିବ ବୋଲି ଆଶା ରଖିଛି।

ଘଟଣାରୁ ପ୍ରକାଶ ଯେ, ସତ୍ୟଜିତ ନିଜକୁ ପୋଲିସ, ସିବିଆଇ ଅଫିସର ଭଳି ଭିନ୍ନ ଭିନ୍ନ ପରିଚୟ ଦେଇ ମାଟ୍ରିମୋନିଆଲ ସାଇଟରେ ୪୯ରୁ ଅଧିକ ମହିଳାଙ୍କ ସହ ସମ୍ପର୍କ ବଢ଼ାଇଥିଲେ। ଜଣେ ମହିଳାଙ୍କୁ ବୈଦିକ ରୀତିରେ ବିବାହ କରିଥିବାବେଳେ ବହୁ ମହିଳାଙ୍କ ସହ ବିବାହ ଏଗ୍ରିମେଣ୍ଟ କରି ଶାରୀରିକ ସମ୍ପର୍କ ରଖିବା ସହ ଠକେଇ କରିଥିଲେ। ତେବେ ଠକେଇର ଶିକାର ୨ଜଣ ମହିଳା ସତ୍ୟଜିତ୍‌ଙ୍କ ନାଁରେ କ୍ୟାପିଟାଲ ଥାନାରେ ଏତଲା ଦେଇଛନ୍ତି। ସତ୍ୟଜିତ୍ ଜଣଙ୍କଠାରୁ ୩୬ଲକ୍ଷ ଟଙ୍କା ଓ କାର୍ ନେଇଥିବାବେଳେ ଅନ୍ୟଜଣଙ୍କଠାରୁ ୮ଲକ୍ଷ ଟଙ୍କା ଓ ଏକ ବୁଲେଟ ଠକି ନେଇଥିଲେ। ପୋଲିସ ଗତ ଶନିବାର ସତ୍ୟଜିତ୍‌ଙ୍କୁ ଗିରଫ କରିଥିଲା।

# ଝିଆରୀଙ୍କୁ ହାଣି ହତ୍ୟା କଲେ ଦାଦା

**ଜମି ଆଗରେ ତୁଚ୍ଛ ହୋଇଗଲା ସମ୍ପର୍କ**

ଉଦଳା, ୮।୮ (ସନ୍ତୋଷ କୁମାର ବାଛିନୀ)

ଜମି ଆଗରେ ସମ୍ପର୍କ ତୁଚ୍ଛ ହୋଇଗଲା। ଜମି ହାତେଇବା ପାଇଁ ନିଜ ଝିଆରୀଙ୍କୁ ହାଣି ହତ୍ୟା କରିଛନ୍ତି ଦାଦା। ବିଲ ମଝିରେ ପ୍ରଥମେ ଟାଙ୍ଗିଆରେ ହାଣି ଚାଲିଥିବା ବେଳେ ବେଣ୍ଟ ଭାଙ୍ଗିଯିବାରୁ ପାଖରେ ଥିବା କୋଦାଳରେ ପିଟି ଦେବାରୁ ଝିଆରୀଙ୍କ ମୃତ୍ୟୁ ଘଟିଛି। ଗୁରୁବାର ସକାଳେ ଏଭଳି ନିର୍ମମ ହତ୍ୟାକାଣ୍ଡ ଘଟିଛି ମୟୂରଭଞ୍ଜ ଜିଲା ଶରତ ଥାନା ଅଧୀନ ବେଗୁନିଆସାହି ଗ୍ରାମରେ। ମୃତା ମହିଳା ହେଲେ ଗ୍ରାମର ଛିତା ମୁର୍ମୁ(୪୧)। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତକୁ ତ୍ୱରାନ୍ୱିତ କରିଥିବା ବେଳେ ଅଭିଯୁକ୍ତ ନିମାଇଁ ଚରଣ ମାରାଣ୍ଡିଙ୍କୁ ଗିରଫ କରିଛି। ଏଥିସହ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଓ କୋଦାଳକୁ ପୋଲିସ ଜବତ କରିଛି। ପୋଲିସ ଏନେଇ ଏକ ହତ୍ୟା ମାମଲା (ନଂ. ୫୮/୨୪) ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଛିତା ବିବାହ ପରେ ନିଜ ଘର ବେଗୁନିଆସାହିରେ ରହିଆସୁଥିଲେ। ତାଙ୍କ ବାପାଙ୍କ ମୃତ୍ୟୁ ପରେ ସମସ୍ତ ଜମି ଛିତାଙ୍କ ନାମରେ ରହିଥିଲା। ଛିତାଙ୍କ ଦାଦା ନିମାଇଁ ଦୀର୍ଘବର୍ଷ ହେବ ଉକ୍ତ ଜମିକୁ ହାତେଇବା ପାଇଁ ଚେଷ୍ଟା କରିଆସୁଥିଲେ। ସୁଯୋଗକୁ ଅପେକ୍ଷା କରି ବିଲରେ ଛିତା କାମ କରୁଥିବା ବେଳେ ନିମାଇଁ ସେଠାରେ ପହଞ୍ଚି ଏକ ଟାଙ୍ଗିଆରେ ତାଙ୍କୁ ଆକ୍ରମଣ କରିଥିଲେ। ଟାଙ୍ଗିଆରେ ହାଣିବା ପରେ ବେଣ୍ଟ ଭାଙ୍ଗିଯିବାରୁ ପାଖରେ ଥିବା କୋଦାଳରେ ତାଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଏଥିରେ ଛିତାଙ୍କ ମୃତ୍ୟୁ ହେବା ପରେ ନିମାଇଁ ସେଠାରୁ ଚାଲି ଆସିଥିଲେ। ସ୍ଥାନୀୟ ଲୋକେ ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ନିମାଇଁଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଦୋଷ ସ୍ୱୀକାର କରିଥିବା ପୋଲିସ କହିଛି।

# ଆଇଇଡି ବ୍ଲାଷ୍ଟରେ କୋବ୍ରା ଏଏସ୍‌ଆଇ ଆହତ

ରାଉରକେଲା, ୮।୮(ସଙ୍ଗୀତା ଜେନା)

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ଗୁରୁବାର ସକାଳେ ସୁରକ୍ଷାକର୍ମୀଙ୍କ ଦ୍ୱାରା କୋମ୍ବିଂ ଅପରେଶନ ଚାଲିଥିବାବେଳେ ଆଇଇଡି ବ୍ଲାଷ୍ଟରେ ଜଣେ କୋବ୍ରା ଏଏସ୍‌ଆଇ ଆହତ ହୋଇଛନ୍ତି। ସେ ହେଲେ କୋବ୍ରା ୨୦୯ ବାଟାଲିୟନର ଜିତେନ୍ଦ୍ର ଦାନୀ। ତାଙ୍କୁ ତୁରନ୍ତ ସିଆର୍‌ପିଏଫ୍ ସହଯୋଗରେ ଉଦ୍ଧାର କରି ହେଲିକପ୍ଟର ଯୋଗେ ରାଞ୍ଚି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ସ୍ଥିର ରହିଥିବା ସିଆର୍‌ପିଏଫ୍ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ମାଓବାଦୀଙ୍କ ଶୀର୍ଷନେତା ମିଶର ବେଶ୍ରା, ଅନଲ, ଅନମୋଲ, ଅଶ୍ୱିନୀ, ପିଣ୍ଟୁ ଲୋହରା, ଚନ୍ଦନ ଲୋହରା, ଅମିତ ହାଁସଦା ପ୍ରମୁଖ ସରଣ୍ଡା ଜଙ୍ଗଲର କୋଲହାନ୍ କ୍ଷେତ୍ରରେ ସକ୍ରିୟ ଥିଲେ। ବୁଧବାର ଏହି ସୂଚନା ମିଳିବା ପରେ ସୁରକ୍ଷାବଳ ପକ୍ଷରୁ ଛୋଟନାଗରା ଏବଂ ଜରେଇକେଲା ଥାନା ସୀମାବର୍ତ୍ତୀ ଜଙ୍ଗଲରେ କୋମ୍ବିଂ ଅପରେଶନ କରାଯାଇଥିଲା। ପରଦିନ ସକାଳେ ମାଓବାଦୀ ଖଞ୍ଜିଥିବା ଆଇଇଡ଼ି ବ୍ଲାଷ୍ଟ ହୋଇଥିଲା।

# ଅଭିଯୁକ୍ତଙ୍କୁ ଧରିବାକୁ ସ୍ୱତନ୍ତ୍ର ଟିମ୍

**ଦୁଇ ସାଙ୍ଗଙ୍କୁ ଛୁରି ଭୁସି ହତ୍ୟା ଘଟଣା**

ଭୁବନେଶ୍ୱର,୮।୮(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା କୁହା ଗାଁ ନିକଟ କଲ୍ୟାଣ ପ୍ଲାଜା ଆନେକ୍ସ ଆପାର୍ଟମେଣ୍ଟ ବ୍ଲକ-୫ ନିକଟରେ ଗାଡ଼ି ପାର୍କିଂକୁ କେନ୍ଦ୍ର କରି ଦୁଇ ସାଙ୍ଗଙ୍କୁ ଛୁରି ଭୁସି ହତ୍ୟା ଘଟଣାରେ କମିଶନରେଟ୍ ପୋଲିସ ତଦନ୍ତକୁ ଜୋରଦାର କରିଛି। ଗୁରୁବାର କୁହା ଗ୍ରାମର ରଶ୍ମିରଞ୍ଜନ ସେଠୀ ଓରଫ ଜିତୁଆ ଓ କେନ୍ଦ୍ରାପଡ଼ା ରାଜନଗର ଅଞ୍ଚଳର ସାଙ୍ଗ ସମ୍ବିତ ରାଉତ ଓରଫ ଜୁଲୁ (୨୩)ଙ୍କ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ପରିବାର ଲୋକଙ୍କ ପକ୍ଷରୁ ସମ୍ବିତଙ୍କ ଚକ୍ଷୁ ଦାନ କରାଯାଇଛି। ଅନ୍ୟପକ୍ଷରେ ଅଭିଯୁକ୍ତ ଗଣେଶ ମଲ୍ଲିକ ଓରଫ ରାଉଳ, ତାଙ୍କ ଭାଇ ପ୍ରଦୀପ ମଲ୍ଲିକ ଓ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ଛାନଭିନ୍ ଚଳାଇଛି। ଅଭିଯୁକ୍ତମାନଙ୍କୁ ଧରିବାକୁ ଏୟାରଫିଲ୍ଡ ଥାନା ଓ ସ୍ପେଶାଲ ସ୍କ୍ୱାଡ୍ କର୍ମଚାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବା ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପୂର୍ବାହ୍ନରେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ନମୁନା ସଂଗ୍ରହ କରିଛି। ସାଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ଆପାର୍ଟମେଣ୍ଟ ପରିସର, ରଶ୍ମିରଞ୍ଜନଙ୍କ ଚିକେନ୍ ଦୋକାନ ଆଦି ସ୍ଥାନର ଯାଞ୍ଚ କରିଥିଲା। ହତ୍ୟାକାଣ୍ଡ ବେଳେ ଖସିପଡ଼ିଥିବା ଅଭିଯୁକ୍ତ ଗଣେଶଙ୍କ ଏକ ଗାମୁଛାକୁ ସାଣ୍ଟିଫିକ୍ ଟିମ୍ ଜବତ କରିଛି। ଏଥିସହ ପୋଲିସ ଟିମ୍ ଘଟଣାସ୍ଥଳରେ ଛାନ୍‌ଭିନ୍ କରିବା ସହ ସେଠାରେ ଥିବା ସିସିଟିଭି ଫୁଟେଜ୍‌କୁ ଜବତ କରିଛି। ଏହି ଘଟଣାରେ ପୋଲିସ ଏକ ହତ୍ୟା ମାମଲା (ନଂ.୨୨୬/୨୦୨୪) ରୁଜୁ କରି ତଦନ୍ତ ଜାରି ରଖିଛି।

# ୬ କୋଟି ଦାଖଲ ଆଦେଶ

**ସିରାଜୁଦ୍ଦିନ ଖଣିକୁ ଏନ୍‌ଜିଟି ଛାଟ**

କେନ୍ଦୁଝର,୮।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ଥିବା ସିରାଜୁଦ୍ଦିନ କମ୍ପାନୀର ବଳଦା ଲୌହଖଣି ପରିବେଶୀୟ କ୍ଷତିପୂରଣ ବାବଦକୁ ୬,୦୦,୧୮, ୭୫୦ ଟଙ୍କା ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାଖରେ ଦାଖଲ କରିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଚିଠି କରିଛି। ଚିଠି (ନଂ. ୭୦୭୦/ ୯-୫-୨୦୨୪) ଜରିଆରେ ଅର୍ଥ ଜମା କରିବାକୁ ଖଣି ସଂସ୍ଥାକୁ କୁହାଯାଇଥିବା ବେଳେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ଙ୍କ ଆଦେଶକ୍ରମେ ଏଭଳି ଚିଠି କରାଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ରାମଚନ୍ଦ୍ର ମହାନ୍ତ ଓ ଅନ୍ୟମାନେ ବନାମ ମେସର୍ସ ସିରାଜୁଦ୍ଦିନ ଆଣ୍ଡ କମ୍ପାନୀର ଏକ ପରିବେଶୀୟ କ୍ଷୟକ୍ଷତି ମାମଲା (ଓଏ ନମ୍ବର ୧୭୩/୨୦୧/ଇଜେଡ୍)ର ଶୁଣାଣି କରି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲର ସ୍ୱତନ୍ତ୍ର ବେଞ୍ଚ ଉକ୍ତ ଖଣିର ଯୁଗ୍ମ ଯାଞ୍ଚ ପାଇଁ ୨୧ ଏପ୍ରିଲ ୨୦୨୨ରେ ଆଦେଶ କରିଥିଲେ। ଏ ନେଇ ୧୧ ଜୁଲାଇ ୨୦୨୨ରେ କେନ୍ଦୁଝର ଡିଏଫ୍‌ଓ, ଚମ୍ପୁଆ ଉପଜିଲାପାଳ, କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବୈଜ୍ଞାନିକ ଓ କେନ୍ଦୁଝର ଆଞ୍ଚଳିକ ଅଧିକାରୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ନେଇ ଗଠିତ ଯୁଗ୍ମ ଯାଞ୍ଚ କମିଟି ପରିବେଶୀୟ କ୍ଷତିପୂରଣ ବାବଦକୁ ନିର୍ଦ୍ଧାରଣ କରିବାକୁ ଯାଇଥିଲେ। କମିଟି ହୋଇଥିବା କ୍ଷୟକ୍ଷତିର ଅଟକଳ କରି ୬,୦୦,୧୮,୭୫୦ ଟଙ୍କା ଧାର୍ଯ୍ୟ କରିଥିଲେ। ସେହିପରି କମିଟି ଉକ୍ତ ଖଣି କମ୍ପାନୀକୁ ଖଣି ରେଷ୍ଟୋରେଶନ ପ୍ଲାନ୍ (ପୂର୍ବାବସ୍ଥା ଫେରାଇବା) କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ଦେଇଥିଲେ। ଯୁଗ୍ମ କମିଟି ଏହି ରିପୋର୍ଟକୁ କେନ୍ଦୁଝର ଜିଲାପାଳ ୧ ଅଗଷ୍ଟ ୨୦୨୨ରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲର ରେଜିଷ୍ଟ୍ରାର, ଇଷ୍ଟର୍ନ ଜୋନ୍ ବେଞ୍ଚ, କୋଲକାତାକୁ ପଠାଇଥିଲେ। ସମସ୍ତ ରିପୋର୍ଟକୁ ଅଧ୍ୟୟନ କରି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଉକ୍ତ ଅର୍ଥ ଆଦାୟ କରିବାକୁ ଆଦେଶ କରିଥିଲେ। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲଙ୍କ ଆଦେଶକ୍ରମେ ଉକ୍ତ ଅର୍ଥ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିକଟରେ ଦାଖଲ କରିବାକୁ ବୋର୍ଡର ମେମ୍ବର ସେକ୍ରେଟେରି କମ୍ପାନୀକୁ ଆଦେଶ କରିଛନ୍ତି।


**ODISHA UNIVERSITY OF TECHNOLOGY AND RESEARCH**
TECHNO CAMPUS, GHATIKIA, P.O. - MAHALAXMI VIHAR
BHUBANESWAR-751029 ODISHA, INDIA
Advt. No OUTR/DCSE/2024-25/03, Dated 06.08.2024.

**E-TENDER CALL NOTICE FOR SETTING UP A "CENTRE OF EXCELLENCE ON DIGITAL MANUFACTURING"**

No.KK-113 : Tenders are invited from the reputed registered agencies / OEMs for setting up a "Centre of Excellence on Digital Manufacturing" for Skill Development, Research & Consultancy at OUTR, Bhubaneswar. Details regarding the eligibility criteria, terms and conditions and formats for submission of tender may be downloaded from the website https://tenderodissa.gov.in. The last date and time of submission of e-Tender documents through online mode is 05/09/2024 up to 6.00 P.M. The undersigned reserves the right to reject the tender without assigning any reason thereof.

OIPR-16005/11/0025/2425 Sd./- Registrar



**DIRECTORATE OF HEALTH SERVICES, ODISHA, BHUBANESWAR**
E-mail :- dhsodisha@gmail.com / Telephone :- 0674-2390536. Fax :- 0674-2390825
No. 02//Bhubaneswar, the 07.08.2024

**NOTICE** No.E-190

**Dr. Sunita Sethy, Ex-MO, PHC(N), Sanitota, under CHC, Tangi, Dist. - Cuttack**
**(DoB : 02.04.1978/OPSC Notification No.27289/H of 2003, Sl. No. 232)**

Sub : Departmental Proceedings drawn up against you :- Regarding.

Whereas, a Departmental Proceedings has been instituted against you vide Govt. Memorandum No. 16500/H&FW dt.20.06.2018 under Rule - 15 of the Odisha Civil Services (CC&A) Rules, 1962. The said Govt. Memorandum could not have been served on you due to want of your present whereabouts in official records. You have not intimated your address to the immediate authority or to the Director of Health Services, Odisha or to the Administrative Department of Govt. of Odisha.

As such, you are hereby directed to appear personally before the Additional Director (HRH&R) of this Directorate during office hours on any working day within 15 (Fifteen) days from the date of publication of this Notice in the Newspaper positively to receive a copy of the Govt. Memorandum and submit your written statement of defence within next 15 (Fifteen) days from publication of this Notice positively, failing which it will be presumed that you have no Written Statement of defence to submit thereon & action as deemed proper will be taken ex-parte, on merits of available records.

Sd./- Dr. B.K. Mohapatra
Director of Health Services, Odisha
OIPR-10002/11/0004/2425



**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 12500 IND-II-PH-୮୧୩ ତା.08.08.2024
No. CAD-800

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ନବୟୁଗ ଇଞ୍ଜିନିୟରିଂ କମ୍ପାନୀ ଲିମିଟେଡ୍ ଓଡ଼ିଶାର ପୁରୀ ଜିଲ୍ଲା, ଅସ୍ତରଙ୍ଗ ଗ୍ରାମରେ ସର୍ବ-ପାଣିପାଗ ମଲ୍ଟି-ୟୁଜର ଗ୍ରୀନ୍ ଫିଲ୍ଡ ବନ୍ଦର ପ୍ରତିଷ୍ଠା ନିମନ୍ତେ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC, Govt. of India), ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୧୩.୦୯.୨୦୨୪ ରିଖ ଦିବା ୧୧.୦୦ ଘଟିକା ସମୟରେ ପୁରୀ ଜିଲ୍ଲା, ଅସ୍ତରଙ୍ଗ ଗ୍ରାମ ସ୍ଥିତ ବ୍ଲକ ପଡିଆଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ପୁରୀ**।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ପୁରୀ**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ପୁରୀ**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଭୁବନେଶ୍ୱର**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./-ସଦସ୍ୟ ସଚିବ
OSPCB-PH-MISC-0020-2024/3/2024 OIPR-08012/11/0054/2425



**DISTRICT EDUCATION OFFICE, NUAPADA**
**(PM POSHAN SCHEME)**
**No.5560/PM Poshan-13/2024, Date 08.08.24**

**TENDER CALL NOTICE**

Sealed Tenders are invited in the prescribed forms from the intending Individuals / Firms / Transporting Agent having valid Common carrier License for engagement of Transporting Agent under PM Poshan scheme for transportation of foodstuff (Rice) from OSCSC Ltd godown to School points of Nuapada District for the FY 2024-25. The Tender Paper containing detail Terms & Conditions can be downloaded from the district website http//www.nuapada.nic.in. The cost of tender paper is Rs.10,000/- (Rupees Ten Thousand) only which is to be deposited in shape of Demand Draft/ Banker cheque in favour of District Education Officer, Nuapada and enclose in the technical bid of the tender. The cost of tender paper is non-refundable. The Tender Paper complete in all respect along with other required documents should be submitted in sealed cover superscripted as "TENDER FOR UNDERTAKING TRANSPORTATION WORK UNDER PM POSHAN SCHEME OF NUAPADA DISTRICT DURING FY 2024-25" to the address of the District Education Officer, Nuapada either by Registered or Speed Post only so as to reach on or before 05.30 PM of 29.08.2024. The Tender shall be opened on dt: 30.08.2024 at 11.00 AM. The tender received beyond the scheduled date & time and incomplete tenders shall not be taken into consideration. This office will not be responsible for any postal delay.

The authority reserves the right to reject any or all the tenders without assigning any reason thereof.

**Sd./-Collector, Nuapada**

# ୬.୫%ରେ ରେପୋରେଟ୍ ଅପରିବର୍ତ୍ତିତ

ଭୁବନେଶ୍ୱର,୮।୮ (ଅନୁରାଧା ମହାରଣା)

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଚଳିତ ଆର୍ଥିକ ବର୍ଷର ତୃତୀୟ ଦ୍ୱିମାସିକ ମୁଦ୍ରାନୀତି ସମୀକ୍ଷାରେ କ୍ରମାଗତ ନବମ ଥର ପାଇଁ ରେପୋରେଟ୍ ଅପରିବର୍ତ୍ତିତ ରଖିଛନ୍ତି। ଏହାକୁ ୬.୫ ପ୍ରତିଶତରେ ସ୍ଥିର ରଖାଯାଇଥିବା ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ବୈଠକର ଫଳାଫଳ ଘୋଷଣା କରିବା ଅବସରରେ ସୂଚନା ଦେଇଛନ୍ତି। ଆର୍‌ବିଆଇ ଗଭର୍ନର ଦାସ କହିଛନ୍ତି, ମୁଦ୍ରାନୀତି କମିଟି (ଏମ୍‌ପିସି)ର ୩ ଦିନିଆ ବୈଠକ ମଙ୍ଗଳବାର ଠାରୁ ଆରମ୍ଭ ହୋଇଥଲା। ଏଥିରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ କମିଟିର ୬ଜଣ ସଦସ୍ୟଙ୍କ ମଧ୍ୟରୁ ୪ଜଣ ମୁଦ୍ରାନୀତି(ରେପୋରେଟ୍) ହାରକୁ ଅପରିବର୍ତ୍ତିତ ରଖିବା ସପକ୍ଷରେ ମତ ଦେଇଛନ୍ତି। ଦାସ କହିଛନ୍ତି ,ମୁଦ୍ରାସ୍ଫୀତି ସ୍ଥିର ସ୍ତରକୁ ଅର୍ଥାତ୍ ୪ପ୍ରତିଶତକୁ ଆଣିବା ଏବଂ




ବିଶ୍ୱ ଅନିଶ୍ଚିତତା ମଧ୍ୟରେ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ନୀତି ହାର ଅପରିବର୍ତ୍ତିତ ରହିଛି। ଆର୍‌ବିଆଇ ଗଭର୍ନର ତାଙ୍କ ଅଭିଭାଷଣରେ କହିଛନ୍ତି, ତୃତୀୟ ତ୍ରୈମାସିକରେ ମୂଳ ପ୍ରଭାବର ଲାଭ ହେତୁ ସାମଗ୍ରିକ ମୁଦ୍ରାସ୍ଫୀତି ହ୍ରାସ ପାଇପାରେ। ସୂଚନା ଥାଉକି, ରେପୋରେଟ୍ ହେଉଛି ସୁଧ ହାର ଯେଉଁଥିରେ ବାଣିଜ୍ୟିକ ବ୍ୟାଙ୍କଗୁଡିକ ସେମାନଙ୍କର ଆବଶ୍ୟକତା ପାଇଁ କେନ୍ଦ୍ରୀୟ ବ୍ୟାଙ୍କରୁ ଋଣ ନେଇଥାନ୍ତି। ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ଆର୍‌ବିଆଇ ଏହାକୁ ବ୍ୟବହାରକରେ। ରେପୋ ହାରକୁ ୬.୫ ପ୍ରତିଶତରେ ରଖିବାର ଅର୍ଥ ହେଉଛି ଘର, ଯାନ ଏବଂ ଅନ୍ୟାନ୍ୟ ଋଣର ମାସିକ କିସ୍ତି (ଇଏମ୍‌ଆଇ)ରେ ପରିବର୍ତ୍ତନ ହେବା କମ୍ ସମ୍ଭାବନା ଅଛି। ଦାସ କହିଛନ୍ତି, କେନ୍ଦ୍ରୀୟ ବ୍ୟାଙ୍କ ୨୦୨୪-୨୫ ପାଇଁ ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାରର ଆକଳନକୁ ୭.୨ ପ୍ରତିଶତରେ ରଖିଛି। ଚଳିତ ଆର୍ଥିକ ବର୍ଷରେ ଖୁଚୁରା ମୁଦ୍ରାସ୍ଫୀତିର ୪.୫ ପ୍ରତିଶତ ଆକଳନ ମଧ୍ୟ ବଜାୟ ରହିଛି। ସେ କହିଛନ୍ତି, କେନ୍ଦ୍ରୀୟ ବ୍ୟାଙ୍କର ଧ୍ୟାନ ମୁଦ୍ରାସ୍ଫୀତି ଉପରେ ରହିବ। କାରଣ ଏହା ୪% ଲକ୍ଷ୍ୟଠାରୁ ଅଧିକ ରହିଛି। ଆର୍‌ବିଆଇ ଅନୁଯାୟୀ ଘରୋଇ ଅଭିବୃଦ୍ଧି ଭଲ ରହିଛି ଏବଂ ବିନିଯୋଗର ଗତି ମଧ୍ୟ ସନ୍ତୋଷଜନକ । ମୁଦ୍ରାସ୍ଫୀତି ଉପରେ ନଜର ରଖିବାକୁ ମୁଦ୍ରାନୀତି କମିଟି (ଏମ୍‌ପିସି) ନିଷ୍ପତ୍ତି ନେଇଛି। ତେବେ ସେବା କ୍ଷେତ୍ରରେ ଅଭିବୃଦ୍ଧି ସନ୍ତୋଷଜନକ ଥିବାବେଳେ ଉତ୍ପାଦନ କ୍ଷେତ୍ରରେ ମନ୍ଥରତା ଦେଖାଦେଇଛି। ବିଶ୍ୱର ଅନେକ ଦେଶରେ କେନ୍ଦ୍ରୀୟ ବ୍ୟାଙ୍କଗୁଡିକ ମୁଦ୍ରାନୀତିରେ ପରିବର୍ତ୍ତନ କରୁଛନ୍ତି ଯେଉଁଥିରେ କେତେକ ଦେଶରେ ରେପୋ ରେଟ୍ ହ୍ରାସ କରାଯାଉଥିବାବେଳେ ଅନ୍ୟ କେତେକ ଦେଶରେ ବିପରୀତ ନୀତି ଗ୍ରହଣ କରାଯାଉଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ୬ ଜଣିଆ ମୁଦ୍ରାନୀତି କମିଟି ଏହାର ଜୁନ୍ ବୈଠକରେ କ୍ରମାଗତ ଅଷ୍ଟମ ଥର ପାଇଁ ରେପୋ ହାର ଏବଂ ନୀତି ଅପରିବର୍ତ୍ତିତ ରଖିଛନ୍ତି। ମାତ୍ର ଚଳିତ ଆର୍ଥିକ ବର୍ଷ ପାଇଁ ଏହା ଦେଶର ଅର୍ଥନୈତିକ ଅଭିବୃଦ୍ଧି ଆକଳନକୁ ସାମାନ୍ୟ ବୃଦ୍ଧି କରିଛି। ୨୦୨୨ ମେ'ରୁ ୨୦୨୩ ଫେବୃଆରୀ ମଧ୍ୟରେ ଆର୍‌ବିଆଇ ରେପୋ ହାରକୁ ୨.୫ ପ୍ରତିଶତ ବୃଦ୍ଧିକରି ୬.୫ ପ୍ରତିଶତକୁ ବୃଦ୍ଧି କରିଛି। ପରବର୍ତ୍ତୀ ସମୟରେ ଏମ୍‌ପିସି ଏହାର ଶେଷ ୮ଟି ମୁଦ୍ରାନୀତି ବୈଠକରେ ସୁଧ ହାରକୁ ଅପରିବର୍ତ୍ତିତ ରଖିଛି।

## ଶେୟାର ବଜାର କାରବାରରେ ହ୍ରାସ

ନୂଆଦିଲ୍ଲୀ,୮।୮

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୮୨ (୫୮୧.୭୯) ପଏଣ୍ଟ କମି ୭୮,୮୮୬ (୭୮,୮୮୬.୨) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୬୩ (୬୩.୦୫) ପଏଣ୍ଟ ହ୍ରାସ ଘଟି ୨୩,୯୯୩ (୨୩,୯୯୨.୫୫) ଅଙ୍କରେ କାରବାର ଶେଷ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## ଚେକ୍ କ୍ଲିଅରାନ୍ସ ପାଇଁ ଲାଗିବନି ୨ଦିନ

ଭୁବନେଶ୍ୱର,୮।୮ (ଅନୁରାଧା ମହାରଣା)

ଚେକ୍ କ୍ଲିଅରାନ୍ସ ଉପରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ବଡ଼ ନିଷ୍ପତ୍ତି ନେଇଛି। ଏଣିକି ମାତ୍ର କିଛି ଘଣ୍ଟା ମଧ୍ୟରେ ଚେକ୍ କ୍ଲିଅର ହୋଇପାରିବ। ଚେକ୍ କ୍ଲିଅରାନ୍ସ ସମୟକୁ କିଛି ଘଣ୍ଟାକୁ ହ୍ରାସ କରିବା ଏବଂ ଏହା ସହ ଜଡ଼ିତ ବିପଦକୁ ହ୍ରାସ କରିବା ଲକ୍ଷ୍ୟରେ ଆର୍‌ବିଆଇ ପଦକ୍ଷେପ ଗ୍ରହଣ କରିଛି। ପୂର୍ବରୁ ଚେକ୍ ଜମା ହେବାଠାରୁ ରାଶି ଆସିବା ପର୍ଯ୍ୟନ୍ତ ୨ ଦିନ ଲାଗୁଥିବାବେଳେ ଏଣିକି ନୂତନ ସିଷ୍ଟମରେ ଜମାହେବାର କିଛି ଘଣ୍ଟା ମଧ୍ୟରେ ଚେକ୍ କ୍ଲିଅର ହେବ। ଗୁରୁବାର ଚଳିତ ଆର୍ଥିକ ବର୍ଷର ତୃତୀୟ ମୁଦ୍ରାନୀତିର ସମୀକ୍ଷା ଘୋଷଣାକରି ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି, ଚେକ୍ କ୍ଲିଅରାନ୍ସକୁ ଶୃଙ୍ଖଳିତ କରିବା, କ୍ଲିଅରାନ୍ସ ବିପଦକୁ ହ୍ରାସ କରିବା ଏବଂ ଗ୍ରାହକଙ୍କୁ ଉନ୍ନତ ସେବା ଯୋଗାଇବା ଉଦ୍ଦେଶ୍ୟରେ ଚେକ୍ ଟ୍ରାଞ୍ଜାକ୍‌ସନ ସିଷ୍ଟମ (ସିଟିଏସ୍) ପ୍ରଚଳନ କରାଯାଇଛି। ବର୍ତ୍ତମାନର ପ୍ରକ୍ରିୟାକୁ ପରିବର୍ତ୍ତନ କରିବାକୁ ପ୍ରସ୍ତାବ ଦିଆଯାଇଛି। ସେ କହିଛନ୍ତି,


ଶକ୍ତିକାନ୍ତ ଦାସ

ଏହା ଅଧୀନରେ ବର୍ତ୍ତମାନର ସିଟିଏସ୍ ସିଷ୍ଟମ ଅଧୀନରେ ଥିବା 'ବ୍ୟାଚ୍'ରେ ପ୍ରକ୍ରିୟାକରଣ କରିବା ପରିବର୍ତ୍ତେ ବ୍ୟବସାୟ ସମୟରେ କ୍ରମାଗତ ଭିତ୍ତିରେ କ୍ଲିଅରାନ୍ସ କରାଯିବ। ଆର୍‌ବିଆଇ ଅନୁଯାୟୀ, ନୂତନ ସିଷ୍ଟମ ଅଧୀନରେ ଚେକ୍ 'ସ୍କାନ୍ 'ହେବ, କିଛି ଘଣ୍ଟା ମଧ୍ୟରେ ଉପସ୍ଥାପିତ ହେବ ଏବଂ କ୍ଲିଅର କରାଯିବ। ଦାସ କହିଛନ୍ତି , ଏ ବାବଦରେ ବିସ୍ତୃତ ନିର୍ଦ୍ଦେଶାବଳୀ ଶୀଘ୍ର ଜାରି କରାଯିବ। ଏହା ବ୍ୟତୀତ ଆର୍‌ବିଆଇ ପ୍ରତ୍ୟେକ ଗ୍ରାହକଙ୍କ ଦ୍ୱାରା ବ୍ୟାଙ୍କଗୁଡିକ ଦେଇଥିବା କ୍ରେଡିଟ୍ ସୂଚନା ପ୍ରତି ୧୫ଦିନରେ କମ୍ପାନୀଗୁଡ଼ିକୁ ରିପୋର୍ଟ କରିବାକୁ ପ୍ରସ୍ତାବ ଦେଇଛି। ବର୍ତ୍ତମାନ ଏହି ରିପୋର୍ଟ ମାସରେ ଥରେ ଦିଆଯାଉଛି।

## ୟୁପିଆଇ ମାଧ୍ୟମରେ ଟିକସ ସୀମା ୫ଲକ୍ଷକୁ ବୃଦ୍ଧି

ଭୁବନେଶ୍ୱର,୮।୮ (ଅନୁରାଧା ମହାରଣା)

ଆର୍‌ବିଆଇ ଗୁରୁବାର ୟୁପିଆଇ ମାଧ୍ୟମରେ ଟିକସ ଦେବାର ସୀମାକୁ ୧ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛି। ଟ୍ୟାକ୍ସ ପାଇଁ କାରବାର ପାଇଁ ୧ ଲକ୍ଷରୁ ଅଧିକ ଟଙ୍କା ଅନ୍‌ଲାଇନ ପେମେଣ୍ଟ କରିବା ସହଜ ହେବ। ଅନ୍ୟପଟେ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍(ୟୁପିଆଇ)ର କାରବାରକୁ ଦୃଷ୍ଟିରେ ରଖି ଆର୍‌ବିଆଇ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଏଣିକି ଉପଭୋକ୍ତା କେବଳ ମୋବାଇଲ ନମ୍ବର ବ୍ୟମହାର କରି ୟୁପିଆଇ ମାଧ୍ୟମରେ କୌଣସି ବ୍ୟକ୍ତିଙ୍କୁ ଟଙ୍କା ପଠାଇପାରିବେ। ପୂର୍ବରୁ ମୋବାଇଲ କିମ୍ବା ଅଣପଞ୍ଜୀକୃତ ସିମ୍‌ରୁ କୌଣସି କାରବାର କରାଯାଇପାରୁ ନ ଥିଲା। ମାତ୍ର ବର୍ତ୍ତମାନ ଦେଶରେ ୪୬.୬ କୋଟି ଉପଭୋକ୍ତା ୟୁପିଆଇ କାରବାର କରୁଛନ୍ତି। ଏହି ସଫଳତାକୁ ଦେଖି ଆର୍‌ବିଆଇ ନିୟମରେ ପରିବର୍ତ୍ତନ ଆଣିବାକୁ ଯାଉଛି। ବର୍ତ୍ତମାନ ଅନ୍ୟ ଜଣେ ବ୍ୟକ୍ତି ମଧ୍ୟ ଉପଭୋକ୍ତାଙ୍କ ଆକାଉଣ୍ଟରୁ କାରବାର କରିପାରିବେ। ଏମ୍‌ପିସି ବୈଠକର ସମୀକ୍ଷାକରି ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ୟୁପିଆଇ ମାଧ୍ୟମରେ ବୃଦ୍ଧି ପାଉଥିବା ଦେୟ ବିଷୟରେ ଉଲ୍ଲେଖ କରି ଡିଜିଟାଲ ପେମେଣ୍ଟକୁ ସରଳ କରାଯିବା ଉଚିତ ବୋଲି କହିଛନ୍ତି। ସେ କହିଛନ୍ତି, ଆର୍‌ବିଆଇ ଏହାର ଅଗଷ୍ଟ ମୁଦ୍ରାନୀତି ସମୟରେ ୟୁପିଆଇ ଜରିଆରେ ଡେଲିଗେଟେଡ୍ ପେମେଣ୍ଟ ସେବା ପ୍ରଦାନ କରିଛି। ଏହା ଜଣେ ବ୍ୟକ୍ତିଙ୍କୁ (ପ୍ରାଥମିକ ଉପଭୋକ୍ତା) ଅନ୍ୟ ଜଣେ ବ୍ୟକ୍ତିଙ୍କୁ (ଦଳୀୟ ଉପଭୋକ୍ତା) ପ୍ରାଥମିକ ବ୍ୟବହାରକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୟୁପିଆଇ କାରବାର କରିବାକୁ ଅନୁମତି ଦେବ। ଏହିପରି କାରବାର ସୀମା ପ୍ରାଥମିକ ଉପଭୋକ୍ତା ଦ୍ୱାରା ନିର୍ଣ୍ଣୟ କରାଯିବ। ଏହା ୟୁପିଆଇ ଡିଜିଟାଲ ପେମେଣ୍ଟର ବ୍ୟବହାରକୁ ଆହୁରି ବଢ଼ାଇବ ବୋଲି ଆଶା କରାଯାଉଛି।

## ମିଲ୍କ ମନ୍ତ୍ରା ପରିଦର୍ଶନକଲେ ଆମେରିକା କନ୍‌ସଲ୍ ଜେନେରାଲ




ଭୁବନେଶ୍ୱର, ୮।୮

ରାଜ୍ୟର ପ୍ରମୁଖ ଘରୋଇ କମ୍ପାନୀ ତଥା ମିଲ୍କ ବ୍ରାଣ୍ଡ୍ 'ମିଲ୍କ ମନ୍ତ୍ରା'ର ମୁଖ୍ୟାଳୟକୁ ଆମେରିକା କନ୍‌ସଲ୍ ଜେନେରାଲ ଜେନିଫର୍ ଲାର୍ସନ ତାଙ୍କ ଟିମ୍ ଗୁରୁବାର ପରିଦର୍ଶନ କରିଛନ୍ତି। ଏପରିକି ସେ ଏହାର ପ୍ରତିଷ୍ଠାତା ଶ୍ରୀକୁମାର ମିଶ୍ର ଏବଂ ସହପ୍ରତିଷ୍ଠାତା ରଶିମା ମିଶ୍ରଙ୍କୁ ଭେଟି ଓଡ଼ିଶାରେ ମିଲ୍କ ମନ୍ତ୍ରା ଆରମ୍ଭ କରିବାର ତାଙ୍କର ଅନନ୍ୟ ଉଦ୍ୟୋଗୀ ଯାତ୍ରା ବିଷୟରେ ଆଲୋଚନା କରିଥିଲେ।


ସୂଚନାଯୋଗ୍ୟ, ପୁରୀଠାରେ ଏକ ନୂତନ ପ୍ଲାଣ୍ଟ ନିର୍ମାଣ ପାଇଁ ମିଲ୍କ ମନ୍ତ୍ରା ୨୦୨୦ରେ ୟୁଏସ୍ ଡେଭ୍‌ଲପ୍‌ମେଣ୍ଟ ଫାଇନାନ୍ସ କର୍ପୋରେଶନରୁ ୧୦ମିଲିୟନ ଡଲାର ପାଣ୍ଠି ସଂଗ୍ରହ କରିଥିଲା। ଏପରିକି ଏହି ପ୍ଲାଣ୍ଟର ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ଯାଉଛି। ନିଯୁକ୍ତି ସୁଯୋଗ ସୃଷ୍ଟି କରିବାଠାରୁ ଆରମ୍ଭକରି ଚାଷୀମାନଙ୍କ ଆର୍ଥିକ ଜୀବନଶୈଳୀ ତଥା ଜୀବିକାରେ ଉନ୍ନତି ଆଣିବା ସଙ୍ଗେ ସଙ୍ଗେ ବଜାରରେ ମିଲ୍କ ମନ୍ତ୍ରାର ନୂତନ ଉତ୍ପାଦମାନ ଆଣି ସମ୍ପ୍ରସାରଣ କରିବାରେ ଏହି ପ୍ଲାଣ୍ଟ ବେଶ୍ ସହାୟକ ହେବ। ଏଥିମଧ୍ୟରେ ପ୍ରତିଷ୍ଠାତା ଶ୍ରୀକୁମାର ମିଶ୍ର ମିଲ୍କ ମନ୍ତ୍ରା ବୋର୍ଡରେ ରହିବା ସଙ୍ଗେ ସଙ୍ଗେ ଏଆଇ ଓ ଡିସ୍ରୋଲାଇଜଡ୍ ଫାଇନାନ୍ସ କ୍ଷେତ୍ରରେ ନିଜର ନୂତନ ବ୍ୟବସାୟ 'ଆର୍ନା' ଆରମ୍ଭ କରିଛନ୍ତି। ଆମେରିକା ପ୍ରତିନିଧି ଟିମ୍‌ରେ ଆର୍ଥିକ ମୁଖ୍ୟ ଫ୍ରାଙ୍କ୍ ଟ୍ୟାଲୁଟୋ, ବାଣିଜ୍ୟ ମୁଖ୍ୟ ରାଘବନ୍ ଶ୍ରୀନିବାସନ୍, ରାଜନୈତିକ ପରାମର୍ଶଦାତା ଶ୍ରୀମାଲି କରୀ, ଅର୍ଥନୈତିକ ପରାମର୍ଶଦାତା ଶିବପ୍ରସାଦ ତ୍ରିପାଠୀ ଏବଂ ବାଣିଜ୍ୟ ପରାମର୍ଶଦାତା ସୁନୀଲ୍ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ଇ-ବାଣିଜ୍ୟ କାରବାରରେ ଉଲ୍ଲେଖନୀୟ ଅଭିବୃଦ୍ଧି

ନୂଆଦିଲ୍ଲୀ,୮।୮

କ୍ରମାଗତ ଭାବେ ଭାରତୀୟ ଗ୍ରାହକମାନଙ୍କ ମଧ୍ୟରେ ଇ-ବାଣିଜ୍ୟ କାରବାରର ଉଲ୍ଲେଖନୀୟ ଭାବେ ବୃଦ୍ଧି ଘଟିଛି। ଏପରିକି ଉତ୍ତରପ୍ରଦେଶ ଏବଂ ବିହାର ଭଳି ରାଜ୍ୟ ଇ-ବାଣିଜ୍ୟ ଉପଭୋକ୍ତା ଅଭିବୃଦ୍ଧିରେ ଅଗ୍ରଣୀ ରହିବା ସହ ଏହି ରାଜ୍ୟରେ ଉଲେଖନୀୟ ସମ୍ଭାବନା ଓ ଅନୁକୂଳତା ପ୍ରଦର୍ଶନ କରିଥିବା ମିଶୋର ସ୍ମାର୍ଟ ଶପ୍‌ର ରିପୋର୍ଟରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ସେହିଭଳି ମିଶୋର ସ୍ମାର୍ଟ ଶପ୍‌ର ରିପୋର୍ଟର ପ୍ରଥମ ସଂସ୍କରଣ ନିକଟରେ ପ୍ରକାଶ ପାଇଛି। ଏପରିକି ଏହାର ଏଡ୍‌୧ ୨୦୨୪ ରିର୍ପୋଟରେ ଦେଶର ଗତିଶୀଳ ଅନ୍‌ଲାଇନ ଶପିଂ ଟ୍ରେଣ୍ଡର ବିସ୍ତୃତ ବିଶ୍ଳେଷଣ ପ୍ରଦାନ କରିଛି। ଗତ ୯ବର୍ଷ ମଧ୍ୟରେ ମିଶୋ ଦେଶର ଲକ୍ଷ ଲକ୍ଷ ଉପଭୋକ୍ତାଙ୍କ ପାଇଁ ଇ-ବାଣିଜ୍ୟକୁ ଉପଲବ୍ଧ କରାଇଛି। ବିଶେଷକରି ଏହାର ୧୫ କୋଟି ବାର୍ଷିକ କାରବାର କରୁଥିବା ଗ୍ରାହକଙ୍କ ମଧ୍ୟରୁ ୮୦% ଦ୍ୱିତୀୟ ପର୍ଯ୍ୟାୟ ଓ ସହର ବାହାରେ ଆସୁଥିବାବେଳେ ମିଶୋ ନୂତନ ଇ-ବାଣିଜ୍ୟ ଉପଭୋକ୍ତାଙ୍କୁ ଅନ୍‌ଲାଇନରେ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ସେହିପରି ଏହି ପ୍ଲାଟ୍‌ଫର୍ମ ଇ-ବାଣିଜ୍ୟର ଏକ ନୂଆ ଜନ ଉପଭୋକ୍ତା ଭିତ୍ତିଭୂମି ହୋଇଥିଲାବେଳେ ଭାରତରେ ସର୍ବାଧିକ ଡାଉନଲୋଡ୍ ହେଉଥିବା ଶପିଂ ଆପ୍ ଭାବେ ମିଶୋଙ୍କ ସ୍ମାର୍ଟ ଶପର ରିପୋର୍ଟ ବିଭିନ୍ନ ଉପଭୋକ୍ତାଙ୍କ ପସନ୍ଦ ଭାବେ ରହିଛି। ବର୍ତ୍ତମାନର ଏହି ଗତିଶୀଳତାକୁ ସାରା ଦେଶରେ ଏକ ନିର୍ଭରଯୋଗ୍ୟ ସୂଚକ ଭାବେ କାର୍ଯ୍ୟ କରିବାକୁ ମଧ୍ୟ ଲକ୍ଷ୍ୟ ରଖିଛି। କେବଳ ଏତିକି ନୁହେଁ, ଭାରତରେ ଇ-ବାଣିଜ୍ୟ ବଜାର ସୃଷ୍ଟି ଓ ତାହାର ଅଭିବୃଦ୍ଧିରେ ମିଶୋର ଉଲ୍ଲେଖନୀୟ ଲୋକପ୍ରିୟତା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି।

# ଫୁରସତ୍



## ନାଗା ଚୈତନ୍ୟ ଓ ସୋଭିତାଙ୍କ ନିର୍ବନ୍ଧ

ହାଇଦ୍ରାବାଦ

ଅଭିନେତ୍ରୀ ସୋଭିତା ଧୁଲିପାଲାଙ୍କ ସହ ସାଉଥ୍ ଅଭିନେତା ନାଗା ଚୈତନ୍ୟଙ୍କ ନିର୍ବନ୍ଧ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ନିବନ୍ଧ ଉତ୍ସବରେ ଉଭୟଙ୍କ ପରିବାରବର୍ଗ ଓ ନିକଟ ସମ୍ପର୍କୀୟ ବନ୍ଧୁ ଉପସ୍ଥିତି ରହି ଏହି ଯୋଡ଼ିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ନାଗା ଚୈତନ୍ୟଙ୍କ ବାପା ତଥା ସାଉଥ୍ ସୁପରଷ୍ଟାର ନାଗାର୍ଜୁନ ଗୁରୁବାର ଏହି ନିର୍ବନ୍ଧ ଉତ୍ସବର ଫଟୋକୁ ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଏକ୍ସ'ରେ ଶେୟାର କରିଛନ୍ତି। ସେ ତାଙ୍କ ପୁଅ ଏବଂ ହେବାକୁ ଥିବା ବୋହୂଙ୍କର ୨ଟି ଫଟୋ ଶେୟାର କରିଛନ୍ତି। ପ୍ରଥମ ଫଟୋରେ ନାଗାର୍ଜୁନ ପୁଅ ନାଗା ଚୈତନ୍ୟ ଓ ଶୋଭିତା ଧୁଲିପାଲାଙ୍କୁ ଆଲିଙ୍ଗନ କରୁଛନ୍ତି। ଦ୍ୱିତୀୟ ଫଟୋରେ ଶୋଭିତା ଏବଂ ନାଗା ପରସ୍ପର ସହ ଖୁସିରେ ପୋଜ୍ ଦେଉଛନ୍ତି। ନିର୍ବନ୍ଧବେଳେ ଉଭୟେ ପାରମ୍ପରିକ ପୋଷାକ ପିନ୍ଧିଥିବା ନଜର ଆସିଛନ୍ତି। ଏହି ପୋଷ୍ଟର କ୍ୟାପ୍‌ଶନ୍‌ରେ ନାଗାର୍ଜୁନ ଲେଖିଛନ୍ତି, ପୁଅ ନାଗା ଚୈତନ୍ୟଙ୍କ ନିର୍ବନ୍ଧ ଶୋଭିତା ଧୁଲିପାଲାଙ୍କ ସହ ଗୁରୁବାର ସକାଳେ ଅନୁଷ୍ଠିତ ହୋଇଯାଇଛି। ଶୋଭିତାଙ୍କୁ ଆମ ପରିବାରକୁ ସ୍ୱାଗତ। ଉଭୟେ ସବୁବେଳେ ସୁଖୀ ରୁହନ୍ତୁ। ଭଗବାନ ସେମାନଙ୍କର ମଙ୍ଗଳ କରନ୍ତୁ।

ଅଭିନେତା ନାଗା ଚୈତନ୍ୟ ସୋଭିତାଙ୍କୁ ଦ୍ୱିତୀୟ ବିବାହ କରିବାକୁ ଯାଉଛନ୍ତି। ପୂର୍ବରୁ ୨୦୧୭ରେ ସେ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁଙ୍କୁ ବିବାହ କରିଥିଲେ। ତେବେ ୨୦୨୧ ଅକ୍ଟୋବର ୨ରେ ଉଭୟେ ପରସ୍ପରକୁ ଛାଡ଼ପତ୍ର ଦେଇଥିଲେ। ସେବେଠାରୁ ନାଗା ଅଭିନେତ୍ରୀ ସୋଭିତାଙ୍କୁ ଡେଟ୍ କରି ଆସୁଥିଲେ। ସୋଭିତା ଏବଂ ନାଗା ଦୀର୍ଘ ଦିନ ଧରି ରିଲେସନ୍‌ଶିପ୍‌ରେ ଥିବା ନେଇ ମଧ୍ୟ ଚର୍ଚ୍ଚା ହୋଇ ଆସୁଥିଲା। ଉଭୟଙ୍କୁ ବିଭିନ୍ନ ପ୍ରସଙ୍ଗରେ ଏକାଠି ଦେଖିବାକୁ ମିଳିଥିଲା।

## ଜମି ଖୋଳୁ ଖୋଳୁ ୧୬.୧୦ କ୍ୟାରେଟ୍ ହୀରା

ପନ୍ନା

ମଧ୍ୟପ୍ରଦେଶ ପାନ୍ନା ଜିଲାର ଏକ ଖଣିରେ ଦିଲୀପ ମିସ୍ତ୍ରି ନାମକ ଜଣେ କୃଷକ ଏବଂ ତାଙ୍କର ଅନ୍ୟ ୩ ଜଣ ସହଯୋଗୀ ମିଶି ବୁଧବାର ଖନନ କରୁଥିବା ସମୟରେ ୧୬.୧୦ କ୍ୟାରେଟ୍‌ର ଏକ ମୂଲ୍ୟବାନ ହୀରା ପାଇଛନ୍ତି। ସେମାନେ ଜିଲାର ଜାରୁଆପର୍ ଅଞ୍ଚଳରେ ଏକ ଜମି ଲିଜ୍ ନେଇ ସେଠାରେ ଖନନ କରୁଥିଲେ। ତେବେ ଉକ୍ତ ହୀରାର ନିଲାମରୁ ମିଳିବାକୁ ଥିବା ଟଙ୍କାକୁ ସେ ତାଙ୍କ ପରିବାରର ଆର୍ଥିକ ସ୍ଥିତିରେ ସୁଧାର ଆଣିବା ପାଇଁ ବ୍ୟବହାର କରିବେ ବୋଲି ଦିଲୀପ କହିଛନ୍ତି।

ତେବେ ଏହି ମୂଲ୍ୟବାନ ହୀରାକୁ ପରବର୍ତ୍ତୀ ସରକାରୀ ନିଲାମରେ ବିକ୍ରି ପାଇଁ ରଖାଯିବ ବୋଲି ଅନୁପମ ସିଂ ନାମକ ପାନ୍ନା ହୀରା କାର୍ଯ୍ୟାଳୟର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସେ କୌଣସି ଆକଳନ କରି ନ ଥିଲେ ମଧ୍ୟ ନିଲାମରେ ଏହି ହୀରା ପାଇଁ ଲକ୍ଷାଧିକ ଟଙ୍କା ମିଳିବ ବୋଲି କହିଛନ୍ତି। ବିକ୍ରୟ ମୂଲ୍ୟ ଉପରୁ ସରକାରୀ ରୟାଲଟି ଏବଂ ଟିକସ କଟିବା ପରେ ଏହା ହୀରାର ମାଲିକମାନଙ୍କୁ ଦିଆଯିବ। ଏଥିପାଇଁ



ଉକ୍ତ ହୀରାର ଖୋଲା ଟେଣ୍ଡର ରଖାଯିବ ବୋଲି ଅନୁପମ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଏହି ହୀରାର ଆବିଷ୍କାର ଦିଲୀପଙ୍କ ପରିବାର ପାଇଁ ଆନନ୍ଦ ଆଣିଦେଇଛି। ହୀରା ମିଳିବା ପରେ ସେ ଏହାକୁ ପାନ୍ନା ଜିଲା ହୀରା କାର୍ଯ୍ୟାଳୟରେ ଜମା କରାଇଥିଲେ। ଦିଲୀପ ଓ ତାଙ୍କର ୩ ସହଯୋଗୀ କହିଛନ୍ତି, ସେମାନେ ପ୍ରତିବର୍ଷ ଉକ୍ତ ଖଣିରୁ ହୀରା ପାଇଥାନ୍ତି। ଏହାର ଯାହା ବି ମୂଲ୍ୟ ମିଳେ ତାକୁ ସେମାନେ ପରସ୍ପର ମଧ୍ୟରେ ଭାଗ କରି ଖୁସିରେ ନିଜ ଗ୍ରାମରେ ରୁହନ୍ତି। ସୂଚନାଯୋଗ୍ୟ, ବୁନ୍ଦେଲଖଣ୍ଡ ଅଞ୍ଚଳରେ ଅବସ୍ଥିତ ପାନ୍ନା ଜିଲାରେ ୧୨ ଲକ୍ଷ କ୍ୟାରେଟର ହୀରା ଭଣ୍ଡାର ଥିବା ନେଇ ଅନୁମାନ କରାଯାଉଛି। ଗତ ଜୁଲାଇରେ ଜଣେ ଶ୍ରମିକ ଏହି ଅଞ୍ଚଳର ଏକ ଖଣିରୁ ୧୯.୨୨ କ୍ୟାରେଟ୍‌ର ଏକ ହୀରା ପାଇଥିଲେ।

## ମା'ଙ୍କ ଗହଣା ଚୋରିକରି ପ୍ରେମିକାଙ୍କୁ ଆଇଫୋନ୍ ଉପହାର


ନୂଆଦିଲ୍ଲୀ

ପ୍ରେମିକାଙ୍କୁ ଖୁସି କରିବା ପାଇଁ ନବମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ର ଚୋର ପାଲଟିଛନ୍ତି। ସେ ନିଜ ଘରେ ମା'ଙ୍କ ଗହଣା ଚୋରି କରିଛନ୍ତି। ପରେ ସେ ଏହାକୁ ବିକ୍ରିକରି ମିଳିଥିବା ଟଙ୍କାରେ ପ୍ରେମିକାଙ୍କ ପାଇଁ ଏକ ଆଇଫୋନ୍ କିଣିଛନ୍ତି। ପ୍ରେମିକାଙ୍କ ଜନ୍ମଦିନରେ ସେ ତାଙ୍କୁ ଉକ୍ତ



ଆଇଫୋନ୍ ଉପହାରରେ ଦେଇଛନ୍ତି। ଦିଲ୍ଲୀସ୍ଥିତ ନଜଫ୍‌ଗଡ଼ ଅଞ୍ଚଳରେ ଏପରି ଏକ ଆଶ୍ଚର୍ଯ୍ୟକର ଘଟଣା ସାମ୍ନାକୁ ଆସିଛି। ଅଭିଯୁକ୍ତ ନାବାଳକ ଜଣକ ଦିଲ୍ଲୀର ଏକ ପ୍ରାଇଭେଟ୍ ସ୍କୁଲରେ ନବମ ଶ୍ରେଣୀରେ ପଢୁଥିଲେ ବୋଲି ବୁଧବାର ଦିଲ୍ଲୀ ପୋଲିସ ସୂଚନା ଦେଇଛି। ତେବେ ଗହଣା ଚୋରି ହୋଇଥିବା ନେଇ ଜାଣିବା ପରେ ଅଭିଯୁକ୍ତ ନାବାଳକଙ୍କ ମା' ଥାନାରେ ଏତଲା ଦେଇଥିଲେ। ପୋଲିସର ତଦନ୍ତ ପରେ ପୂରା ମାମଲା ସାମ୍ନାକୁ ଆସିଛି। ଅଭିଯୁକ୍ତ ନାବାଳକ ଜଣକ ନିଜ ମା'ଙ୍କ ୨ଟି ସୁନାଚେନ୍, ଗୋଟିଏ ଯୋଡ଼ି ସୁନା କାନଫୁଲ ଓ ଗୋଟିଏ ସୁନାମୁଦିକୁ ଚୋରି କରି ୨ଟି ଗହଣା ଦୋକାନରେ ବିକ୍ରି କରିଥିବା ନେଇ ଦ୍ୱାରକା ଡେପୁଟି କମିଶନର(ଡିସିପି) ଅଙ୍କିତ ସିଂ ସୂଚନା ଦେଇଛନ୍ତି। ପୋଲିସ ଘଟଣାରେ କମଳ ବର୍ମା ନାମକ ଜଣେ ଗହଣା ଦୋକାନୀ ଓ ଅଭିଯୁକ୍ତ ନାବାଳକକୁ ଗିରଫକରି ପଚରାଉଚରା ଜାରି ରଖିବା ସହ ଚୋରି ହୋଇଥିବା ଗହଣାକୁ ଜବତ କରିଛି। ଗତ ୨ ତାରିଖରେ ଘରେ କେହି ନଥିବାର ସୁଯୋଗ ନେଇ ଅଭିଯୁକ୍ତ ନାବାଳକ ଏହି ଚୋରି କରିଥିଲେ। ଅଭିଯୁକ୍ତ ନାବାଳକ ନିଜ ମା'ଙ୍କ ଗହଣା ବିକି ପ୍ରେମିକାଙ୍କ ପାଇଁ ୫୦ ହଜାର ଟଙ୍କା ମୂଲ୍ୟର ଏକ ଆଇଫୋନ୍ କିଣିଥିଲେ ବୋଲି ଅଙ୍କିତ ସିଂ ସୂଚନା ଦେଇଛନ୍ତି। ତେବେ ପ୍ରେମିକାଙ୍କୁ ତାଙ୍କ ଜନ୍ମଦିନରେ ଦାମୀ ଉପହାର ଦେବାପାଇଁ ଏଭଳି କାଣ୍ଡ ଘଟାଇଛନ୍ତି ବୋଲି ନାବାଳକ ଅଭିଯୁକ୍ତ ପୋଲିସ ସମ୍ମୁଖରେ ସ୍ୱୀକାର କରିଛନ୍ତି।

## ମନ୍ଦିର ହୋର୍ଡିଂରେ ମିଆ ଖଲିଫାଙ୍କ ଫଟୋ




ଚେନ୍ନାଇ

ତାମିଲନାଡୁର ଏକ ମନ୍ଦିର ହୋର୍ଡିଂରେ ସ୍ଥାନିତ ପର୍ନ ଷ୍ଟାର ମିଆ ଖଲିଫାଙ୍କ ଫଟୋ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବା ପରେ ଭକ୍ତଙ୍କ ମହଲରେ ନାନା ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ତାମିଲନାଡୁର କାଞ୍ଚିପୁରମ୍ ଜିଲା କୁରୁମଲାଇସ୍ଥିତ ନାଗଥମ୍ମନ ଓ ସେଲିୟାମ୍ମନ ମନ୍ଦିରରେ ଦେବୀ ଅମ୍ମାନଙ୍କ ଆଦି ମହୋତ୍ସବ ଧୁମ୍‌ଧାମ୍‌ରେ ପାଳନ କରାଯାଉଛି। ହଜାର ହଜାର ଭକ୍ତଙ୍କ ଗହଣରେ ଚାଲିଥିବା ଏହି ଉତ୍ସବର ଅନେକ ହୋର୍ଡିଂ ମନ୍ଦିର ନିକଟରେ ଦେଖିବାକୁ ମିଳିଛି। ଗୁରୁବାର ସେଥିମଧ୍ୟରୁ ଏକ ହୋର୍ଡିଂରେ ପୂର୍ବତନ ଆଡଲ୍ଟ ଫିଲ୍ମ ଷ୍ଟାର ମିଆ ଖଲିଫାଙ୍କର ଫଟୋ ଦେଖିବାକୁ ମିଳିଛି। ହୋର୍ଡିଂରେ ଦେବୀ ଅମ୍ମାନଙ୍କ ଫଟୋ ସହ ମିଆ ଖଲିଫାଙ୍କ ଫଟୋ ରହିଛି। ଏହି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଆଦି ଉତ୍ସବ ପାଇଁ ରହିଥିବା ପାରମ୍ପରିକ ପ୍ରସାଦ 'ପାଲ୍ କୁଦାମ'କୁ ସେ ମୁଣ୍ଡରେ ନେଇ ଯାଉଥିବା ପରି ଉକ୍ତ ହୋର୍ଡିଂଟି ପ୍ରସ୍ତୁତ ହୋଇଛି। ତେବେ ହୋର୍ଡିଂରେ ମିଆ ଖଲିଫାଙ୍କ ଫଟୋ ଭାଇରାଲ ହେବା ପରେ ପୋଲିସ ଉକ୍ତ ସ୍ଥାନରେ ପହଞ୍ଚି ହୋର୍ଡିଂଟିକୁ କାଢ଼ିଦେଇଛି।

## ୧.୫ କୋଟି ଟଙ୍କାର ବିରଳ ବ୍ରିଟିଶ ମୁଦ୍ରା

ଲଣ୍ଡନ

୧୯୩୩ ମସିହାର ଏକ ଅସାଧାରଣ ପ୍ରି-ଡେସିମିଲ ପେନି ମୁଦ୍ରା ନିଲାମ ହୋଇ ୧,୪୦,୦୦୦ ପାଉଣ୍ଡ (ପ୍ରାୟ ଦେଢ଼ କୋଟି ଟଙ୍କା) ମୂଲ୍ୟରେ ବିକ୍ରି ହୋଇଛି, ଯାହା ଏହାର ମାଲିକଙ୍କୁ କୋଟିପତି କରିପାରିଛି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟିକ୍‌ଟକ୍‌ରେ ୧ ଲକ୍ଷ ୭୨ ହଜାରରୁ ଅଧିକ ଫଲୋଅର୍ସ ଥିବା ଜଣେ ୟୁଜର୍ସ ଏକ ପୋଷ୍ଟ ଶେୟାରକରି ଏହି ସୂଚନା ଦେଇଛନ୍ତି। ଏହି ମୁଦ୍ରାକୁ ସେ ବ୍ୟକ୍ତିଗତ ଭାବେ ସଂଗ୍ରହ କରିଥିଲେ। ତେବେ ଏହି ଆଇକନିକ୍ ମୁଦ୍ରାକୁ ଦେଖିବାକୁ ଅନେକ ପରିଦର୍ଶକ ତାଙ୍କ ନିକଟକୁ ଆସନ୍ତି ବୋଲି ସେ ନିଜ ଫଲୋଅର୍ସଙ୍କୁ ଜଣାଇଛନ୍ତି। ସାଧାରଣତଃ ଏହି ମୁଦ୍ରାଗୁଡ଼ିକ ଟ୍ରେଜେରି ପରି ସୁରକ୍ଷିତ ସ୍ଥାନରୁ ମଧ୍ୟ ଅଦୃଶ୍ୟ ହେବାର ନଜିର ଥିବା ସେ କହିଛନ୍ତି। ୨୦୧୬ରେ ସେ ନିଜର ଏହି ବିରଳ ମୁଦ୍ରାକୁ ନିଲାମ କରିଥିବାବେଳେ ସେତେବେଳେ ଏହା ୧ ଲକ୍ଷ ୪୯



ହଜାର ପାଉଣ୍ଡରେ ବିକ୍ରି ହୋଇଥିଲା। ଅନ୍ୟପକ୍ଷରେ ଯଦି ଏହି ମୁଦ୍ରା ପୁଣି ଥରେ ବଜାରକୁ ପ୍ରବେଶ କରେ, ତେବେ ଏହା ଆହୁରି ଅଧିକ ମୂଲ୍ୟରେ ବିକ୍ରି ହେବ ବୋଲି ଏହାର ପୂର୍ବତନ ମାଲିକ କହିଛନ୍ତି। ସେ ତାଙ୍କ ବ୍ରିଟିଶ ଫଲୋଅର୍ସମାନଙ୍କୁ ଟିକ୍‌ଟକ୍‌ରେ ଉକ୍ତ ମୁଦ୍ରା ଭଳି ଏକ ଅବିକଳ ମୁଦ୍ରା ଦେଖାଇଛନ୍ତି। ସେ ତାଙ୍କ ଫଲୋଅର୍ସଙ୍କୁ ନିଜ ନିଜ ଜେଜେବାପାଙ୍କ ପୁରୁଣା ମୁଦ୍ରା ସଂଗ୍ରହରୁ ଉକ୍ତ ଅସାଧାରଣ ମୁଦ୍ରାକୁ ଖୋଜିବାକୁ ପରାମର୍ଶ ଦେଇଛନ୍ତି। 'ଦି ହୋଲି ଗ୍ରେଲ୍ ୧୯୩୩ ପ୍ରିଡେସିମିଲ୍ ପେନି'ଶୀର୍ଷକ ଏହି ଭିଡିଓଟି ଟିକ୍‌ଟକ୍‌ରେ ବେଶ୍ ଭାଇରାଲ ହେବାରେ ଲାଗିଛି।

# ରାଜ୍ୟରେ ଖୁସିର ଲହରି, ପୁରସ୍କାର ଘୋଷଣା

## ମୁଖ୍ୟମନ୍ତ୍ରୀ, କ୍ରୀଡ଼ାମନ୍ତ୍ରୀଙ୍କ ଅଭିନନ୍ଦନ

ଭୁବନେଶ୍ୱର, ୮।୮ (ତପନ ସ୍ୱାଇଁ)

ପ୍ୟାରିସ ଅଲିମ୍ପିକ୍ସରେ ଭାରତୀୟ ହକି ଦଳ ବ୍ରୋଞ୍ଜ ପଦକ ଜିତିବାପରେ ଓଡ଼ିଶା କ୍ରୀଡ଼ା ମହଲରେ ଖୁସିର ଲହରି ଖେଳି ଯାଇଛି। ବିଭିନ୍ନ ମହଲରୁ ଭାରତୀୟ ଦଳ ଏବଂ ଅମିତଙ୍କୁ ଅଭିନନ୍ଦନ ଜ୍ଞାପନ କରାଯିବା ସହ ପୁରସ୍କାର ଘୋଷଣା ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଅଭିନନ୍ଦନ ଜଣାଇବାସହ ଭାରତୀୟ ଦଳ ଓ ଅମିତଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ସେହିପରି ତାଙ୍କ ନିଯୁକ୍ତି ସଂସ୍ଥା ପୂର୍ବତଟ ରେଲୱେଠାରୁ ଆରମ୍ଭ କରି ଅଲିମ୍ପିଆନ ଲାଜରୁସ ବାର୍ଲା ଏବଂ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ଆଦି ଅଭିନନ୍ଦନ ଶ୍ରୋତରେ ସାମିଲ ହୋଇଛନ୍ତି। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ପକ୍ଷରୁ ଅମିତଙ୍କୁ ସଭାପତି ଜଗମୋହନ ପଟ୍ଟନାୟକ, ସମ୍ପାଦକ ଅଭିଜିତ ପାଲ, କୋଷାଧ୍ୟକ୍ଷ ଅଧିପ ଦାସଙ୍କୁ ସମେତ ସମସ୍ତ ସଦ୍ୟ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ଅଲିମ୍ପିକ୍ ଆସୋସିଏଶନ ପକ୍ଷରୁ ୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଛି।

### ‘ସ୍ୱର୍ଣ୍ଣର ହକ୍‌ଦାର ଥିଲା’

ବ୍ରୋଞ୍ଜ ପଦକ ବିଜୟ ପାଇଁ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି ଅଲିମ୍ପିଆନ ଲାଜରୁସ ବାର୍ଲା। ଭାରତର ଏହି ବିଜୟରେ ମୁଁ ଅତ୍ୟନ୍ତ ଆନନ୍ଦିତ। ପ୍ରକୃତରେ ଦେଖିବାକୁ ଗଲେ ଭାରତ ସ୍ୱର୍ଣ୍ଣ ପଦକ ବିଜୟର ହକ୍‌ଦାର ଥିଲା। ତେବେ ବ୍ରୋଞ୍ଜ ପଦକ ମଧ୍ୟ କିଛି କମ୍ ନୁହେଁ। ସେଥିପାଇଁ ପୁରା ଦଳ ପ୍ରଶଂସାର ହକ୍‌ଦାର। ଅମିତ ରୋହିଦାସ ସେମିଫାଇନାଲ ଖେଳିଥିଲେ ହୁଏତ ଆଜି ସ୍ଥିତି ଭିନ୍ନ ଧରଣର ହୋଇଥାନ୍ତା ବୋଲି ମୁଁ ଅନୁଭବ କରୁଛି। କାରଣ ତାଙ୍କ ଅନୁପସ୍ଥିତିରେ ଜର୍ମାନୀ ପେନାଲ୍ଟି କର୍ନର ଗୋଲ ଦେବାରେ ସଫଳ ହୋଇଥିଲେ। ଅମିତ ଥିଲେ ନିଶ୍ଚିତ ଗୋଲ ସେଭ୍ କରିବାରେ ସହାୟକ ହୋଇ ପାରିଥାନ୍ତେ। ତେଣୁ ଜାଣିଶୁଣି ତାଙ୍କୁ ବାହାରେ ବସାଇବାର ଷଡ଼ଯନ୍ତ୍ର କରାଯାଇଥିବା ମୋର ଅନୁଭବ ହୋଇଛି। ସେ ଯାହାହେଉ ଭାରତୀୟ ଦଳର ସଦସ୍ୟଭାବେ ୨ଟି ଅଲିମ୍ପିକ୍ସ ପଦକ ଜିତି ଅମିତ ଇତିହାସ ରଚିଛନ୍ତି। ତାଙ୍କୁ ଏବଂ ପୁରା ଭାରତୀୟ ଦଳକୁ ଅଭିନନ୍ଦନ। ସେମିଫାଇନାଲରେ ପରାଜିତ ହେବାପରେ ଭାରତ ଯେପରି ପ୍ରତ୍ୟାବର୍ତ୍ତନ କଲା ତାହା ଗୁରୁତ୍ୱପୂର୍ଣ୍ଣ। ସ୍ପେନ୍ ବିପକ୍ଷ ମ୍ୟାଚରେ ମଧ୍ୟ ପେନାଲ୍ଟି ଷ୍ଟ୍ରୋକ୍ ଯୋଗୁ ଭାରତ ଏକଦା ପଛୁଆ ରହି ଯାଇଥିଲା। ମାତ୍ର ସେଥିରେ ଦବି ନ ଯାଇ ଭାରତ ଚମତ୍କାର ପ୍ରତ୍ୟାବର୍ତ୍ତନ କରିବା ସହ ପଦକ ଜିତି ନିଜ ଦକ୍ଷତାର ପ୍ରମାଣ ଦେଲା ବୋଲି ଲାଜରୁସ ପ୍ରକାଶ କରିଛନ୍ତି। ଭାରତୀୟ ଦଳର ଏହି ପ୍ରଦର୍ଶନରୁ ଯୁବ ଖେଳାଳିମାନେ ନିଶ୍ଚିତ ଅନେକ କିଛି ଶିଖିବାକୁ ପାଇବେ ବୋଲି ସେ କହିଛନ୍ତି।


ଲାଜରୁସ ବାର୍ଲା

## ଇତିହାସ ରଚିଲେ ଅମିତ

ଭୁବନେଶ୍ୱର, ୮।୮ (ତପନ ସ୍ୱାଇଁ)

ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତି ଭାରତୀୟ ପୁରୁଷ ହକି ଦଳ ଦେଶର କ୍ରୀଡ଼ା ଜଗତରେ ଖୁସିର ଲହରି ଖେଳାଇ ଦେଇଛି। ଏହି ଦଳର ନିର୍ଭରଯୋଗ୍ୟ ସଦସ୍ୟ ଭାବେ ଇତିହାସ ରଚିଛନ୍ତି ଓଡ଼ିଶାର ଅମିତ ରୋହିଦାସ। ରାଜ୍ୟର ଏକମାତ୍ର ଖେଳାଳିଭାବେ ଅମିତ କ୍ରମାଗତ ୨ଟି ଅଲିମ୍ପିକ୍ସରେ ପଦକ ଜିତି ଓଡ଼ିଶାକୁ ଗର୍ବିତ କରିଛନ୍ତି। ପୂର୍ବରୁ ସେ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ। ପୂର୍ବତଟ ରେଲୱେ ପକ୍ଷରୁ ଏହାର କ୍ରୀଡ଼ା ଅଧିକାରୀ ଅମିତ ରୋହିଦାସଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

ପ୍ରକାଶ ଯୋଗ୍ୟ ଯେ, ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ହକି ଦଳ ବ୍ରୋଞ୍ଜ ପଦକ ଜିତି ଦୀର୍ଘବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇଥିଲା। ଏହି ଦଳର ସଦସ୍ୟ ଭାବେ ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ପଦକ ଜିତି ନିଜ କ୍ୟାରିୟରକୁ ରୁଦ୍ଧିମନ୍ତ କରିଥିଲେ। ପ୍ରଥମ ଥରପାଇଁ ଓଡ଼ିଆ ଖେଳାଳିଭାବେ ଏହି ଦୁଇଜଣ ଅଲିମ୍ପିକ୍ସ ପଦକ ପାଇବାର ଗୌରବ ଅର୍ଜନ କରିଥିଲେ। ପୂର୍ବରୁ ହକି ଖେଳାଳି ପଦ୍ମଶ୍ରୀ ଦିଲୀପ ତିର୍କୀ, ଲାଜରୁସ ବାର୍ଲା, ଇଗ୍ନେସ ତିର୍କୀ, ୱିଲିୟମ ଖାଲ୍‌କୋ, ଦୀପ୍‌ଗ୍ରେସ୍ ଏକ୍କା, ନମିତା ଟପ୍ପୋ, ଲିଲିମା ମିଞ୍ଜ, ସୁନୀତା ଲାକ୍ରା, ଆଥଲେଟ୍ ଅନୁରାଧା ବିଶ୍ୱାଳ, ରଚିତା ମିସ୍ତ୍ରି ପଣ୍ଡା, ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ ଏବଂ ଭାରୋତ୍ତୋଳକ କେ. ରବିକୁମାର ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ ହେଁ ପଦକରୁ ବଞ୍ଚିତ ହୋଇଥିଲେ। ବୀରେନ୍ଦ୍ର ନିଜ ଦ୍ୱିତୀୟ ଅଲିମ୍ପିକ୍ସରେ ଏହି ସଫଳତା ପାଇଥିବାବେଳେ ଅମିତ ରୋହିଦାସ ପ୍ରଥମ ପଦାର୍ପଣରେ ହିଁ ପଦକ ସ୍ୱାଦ ଚାଖିଥିଲେ। ଏହି ଅଲିମ୍ପିକ୍ସରେ ଦୀପ୍ ଗ୍ରେସ୍ ଏକ୍କା ଏବଂ ନମିତା ଟପ୍ପୋ ଖେଳିଥିଲେ ହେଁ ଭାରତୀୟ ଦଳ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକ ମିସ୍ କରିଥିଲା।

ଅମିତ ରୋହିଦାସଙ୍କ ଜନ୍ମ ୧୯୯୩ ମେ ୧୦ ସୁନ୍ଦରଗଡ଼ ଜିଲା ବାଲିଶଙ୍କରାର ସଉନାମୁରା ଗ୍ରାମରେ। ମା’ ଗୋଲାପ ରୋହିଦାସ ଓ ବାପା ଗୋପାଳ ରୋହିଦାସ। ଭାରତୀୟ ଦଳର ଜଣେ ନିର୍ଭରଯୋଗ୍ୟ ଡିଫେଣ୍ଡର (ଫୁଲବ୍ୟାକ୍)ଭାବେ ପରିଚିତ ଅମିତ ୨୦୧୪ରେ ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲରେ ଯୋଗଦେଇ ହକିର ଅୟମାରମ୍ଭ କରିଥିଲେ। ୨୦୦୯ରେ ଜାତୀୟ ଜୁନିୟର ଏବଂ ୨୦୧୩ରେ ସେ ସିନିୟର ସ୍ତରରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ସେହିବର୍ଷ ଇପୋରେ ଅନୁଷ୍ଠିତ ଏସିଆ କପ୍‌ରେ ଭାରତୀୟ ଦଳର ରୌପ୍ୟ ପଦକ ବିଜୟୀ ସଦସ୍ୟଭାବେ ଅଭିଯାନ ଆରମ୍ଭ କରିଥିଲେ। ପରେ ୨୦୧୭ରେ ସେ ପୁଣି ଦଳକୁ ପ୍ରତ୍ୟାବର୍ତ୍ତନ କରି ଏପର୍ଯ୍ୟନ୍ତ ଦକ୍ଷତା ପ୍ରଦର୍ଶନ କରି ଆସୁଛନ୍ତି। ଓଡ଼ିଶାର ୧୦ମ ଅନ୍ତର୍ଜାତୀୟ ଓ ୬ଷ୍ଠ ପୁରୁଷ ହକି ଖେଳାଳିଭାବେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାର ଗୌରବ ବହନ କରୁଛନ୍ତି ଅମିତ। ଏକ ଗରିବ ପରିବାରରୁ ଆସି ଭାରତୀୟ ସିନୟର ପୁରୁଷ ହକି ଦଳର ଅଧିନାୟକ ହେବା ଏବଂ ଅଲିମ୍ପିକ୍ସରେ ପଦକ ଜିତିବାର ଜ୍ୱଳନ୍ତ ଉଦାହରଣ ହେଲେ ଅମିତ ରୋହିଦାସ। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ବିଜୟୀ ଭାରତୀୟ ଦଳର ସେ ସଦସ୍ୟ ଥିଲେ। ଏହା ବ୍ୟତୀତ ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରେ ବ୍ରୋଞ୍ଜ ଓ ୨୦୨୨ ହାଙ୍ଗଝୋରେ ସ୍ୱର୍ଣ୍ଣ, ୨୦୧୩ ଏସିଆ କପ୍‌ରେ ରୌପ୍ୟ ଓ ୨୦୧୭ ଢାକାରେ ସ୍ୱର୍ଣ୍ଣ ଏବଂ ୨୦୨୩ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ସ୍ୱର୍ଣ୍ଣ ଜିତିବାର ସୌଭାଗ୍ୟ ମଧ୍ୟ ପାଇଥିଲେ ଅମିତ। କେବଳ ସେତିକି ନୁହେଁ ୨୦୧୮ ବ୍ରେଡା ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ, ୨୦୨୨ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ, ୨୦୧୬-୧୭ ଭୁବନେଶ୍ୱର ହକି ୱାର୍ଲ୍ଡ ଲିଗ୍‌ରେ ବ୍ରୋଞ୍ଜ ପଦକ ବିଜୟ ମଧ୍ୟ ତାଙ୍କ ଦକ୍ଷତାର ପ୍ରମାଣ ଦିଏ।



ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ସହ।


ପ୍ୟାରିସରେ ଭାରତ ବିଜୟରେ ଉଲ୍ଲସିତ ଅମିତ ରୋହିଦାସ।

## ଅବସର ନିଷ୍ପତ୍ତିରୁ ଓହରିବେନି ଶ୍ରୀଜେସ୍

ପ୍ୟାରିସ, ୮।୮ (ପି.ଟି.)

ଅଲିମ୍ପିକ ଗେମ୍ସରେ କ୍ରମାଗତ ଦୁଇ ବ୍ରୋଞ୍ଜ ଜିତିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଗୋଲ୍‌କିପର ପି.ଆର. ଶ୍ରୀଜେସ କହିଛନ୍ତି ଅନ୍ତର୍ଜାତୀୟ ହକିରୁ ଅବସର ନେବା ନିଷ୍ପତ୍ତିରୁ ସେ ଓହରିଯିବାର ପ୍ରଶ୍ନ ଉଠୁନାହିଁ। ଶ୍ରୀଜେସ ଗୁରୁବାର ତାଙ୍କର ଅନ୍ତିମ ମ୍ୟାଚ ଖେଳିଛନ୍ତି। ତୃତୀୟ ସ୍ଥାନ ପାଇଁ ଏହି ପ୍ଲେ-ଅଫ୍ ମ୍ୟାଚରେ ଭାରତ ୨-୧ ଗୋଲ୍‌ରେ ସ୍ପେନକୁ ହରାଇ ଏହି ମେଗା ଇଭେଣ୍ଟରେ ପଛକୁ ପଛ ବ୍ରୋଞ୍ଜ ଜିତିବାରେ ସମର୍ଥ ହୋଇଛି। ପୂର୍ବରୁ ୧୯୭୨ରେ ଭାରତ ପଛକୁ ପଛ ପୋଡିୟମ ଫିନିଶ କରିଥିଲା। ଏକ ଅଲିମ୍ପିକ ଗେମ୍ସରେ ଏକ ପଦକ ସହ କ୍ୟାରିୟର ଶେଷ କରିବା ଶ୍ରେଷ୍ଠ ମୁହୂର୍ତ୍ତ ଅବା କ’ଣ ହୋଇପାରେ। ଆମେ ଖାଲି ହାତରେ ସ୍ୱଦେଶ ଫେରୁନୁ ତା’ଠାରୁ ଆଉ ବଡ଼ କଥା କ’ଣ ଅଛି ବୋଲି ଶ୍ରୀଜେସ ଏକ ସାକ୍ଷାତ୍‌କାରରେ କହିଛନ୍ତି। ମୁଁ ଲୋକଙ୍କ ମାନସିକତାକୁ ସମ୍ମାନ ଦିଏ। ମୁଁ ଖେଳ ଜାରି ରଖେ ବୋଲି ହୁଏତ ସେମାନେ ଚାହୁଁଥାଇ ପାରନ୍ତି, ହେଲେ କିଛି ନିଷ୍ପତ୍ତିରେ ମଣିଷକୁ କଠୋର ହେବାକୁ ପଡ଼ିଥାଏ। ଠିକଣା ସମୟରେ ନିଷ୍ପତ୍ତି କିନ୍ତୁ ପରିସ୍ଥିତିକୁ ଅଧିକ ସୁନ୍ଦର କରିଥାଏ ବୋଲି ମ୍ୟାଚ ପରେ ଶ୍ରୀଜେସ କହିଛନ୍ତି। କେରଳର ଏହି ୩୬ ବର୍ଷୀୟ ଦୀର୍ଘ ୧୮ ବର୍ଷ ହେଲା ହକି ଖେଳି ଆସୁଛନ୍ତି। ଅଲିମ୍ପିକ୍ସ ପୂର୍ବରୁ ସେ ତାଙ୍କ ଅବସର ଘୋଷଣା କରିଥିଲେ। ପ୍ୟାରିସ ଗେମ୍ସରେ ଭାରତର ଅଭିଯାନ ଶେଷ ହେବା ପରେ ସେ ଖେଳ ଛାଡ଼ିବେ ବୋଲି ମଧ୍ୟ କହିଥିଲେ।



ବ୍ରୋଞ୍ଜ ପଦକ ମୁକାବିଲାରେ ଭାରତର ବିଜୟ ପରେ ଗୋଲପୋଷ୍ଟ ଉପରେ ପି.ଆର. ଶ୍ରୀଜେଶଙ୍କ ନିଆରା ସେଲିବ୍ରେଶନ।

## ହକିର ‘ଦ ୱାଲ୍’ ଶ୍ରୀଜେଶ୍

ନୂଆଦିଲ୍ଲୀ,୮।୮

ଭାରତୀୟ କ୍ରିକେଟରେ ‘ଦ ୱାଲ୍’ ଭାବରେ ରାହୁଲ ଦ୍ରାବିଡ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିଥିଲେ। ସମାନ ଭାବରେ ଭାରତୀୟ ହକିକୁ ମଧ୍ୟ ଆଉ ଏକ ପ୍ରାଚୀର ବିଭିନ୍ନ ସମୟରେ ରକ୍ଷା କରି ଆସିଥିଲା। ଯେମିତି ଦ୍ରାବିଡଙ୍କ ଡିଫେନ୍ସକୁ ଭେଦ କରିବା କଷ୍ଟସାଧ୍ୟ ସେମିତି ଏହି ଖେଳାଳିଙ୍କ ଗୋଲ କିପିଙ୍ଗ ଦକ୍ଷତା ବିଶ୍ୱର ଶ୍ରେଷ୍ଠ ଡ୍ରାଗ୍ ଫ୍ଲିକର ଓ ଫରୱାର୍ଡ ଖେଳାଳିଙ୍କୁ ମଧ୍ୟ ହତବାକ୍ କର ଦେଇଥାଏ। ଏହି ଖେଳାଳି ଜଣଙ୍କ ହେଉଛନ୍ତି ପରାଟ୍ଟୁ ରବୀନ୍ଦ୍ରନ ଶ୍ରୀଜେଶ୍। ଭାରତୀୟ ହକି ଦଳର ଗୋଲ କିପର ଭାବରେ ଚାପର ବଶବର୍ତ୍ତୀ ନ ହୋଇ ସର୍ବଦା ଦଳକୁ ଜିତାଇବାକୁ ପ୍ରୟାସ କରୁଥିବା ଏହି ଖେଳାଳି ଅନ୍ତର୍ଜାତୀୟ ହକିରୁ ଅବସର ଘୋଷଣା କରିଛନ୍ତି। ଅଲିମ୍ପିକ୍ସରେ ଭାରତୀୟ ଦଳକୁ ବ୍ରୋଞ୍ଜ ପଦକ ଜିତାଇ ଗର୍ବର ସହ ଅନ୍ତର୍ଜାତୀୟ କ୍ୟାରିୟରକୁ ଅଲବିଦା ଜଣାଇଛନ୍ତି ଶ୍ରୀଜେଶ୍। ନିଜ ସମୟରେ ସେ କେବଳ ଭାରତର ନୁହନ୍ତି ବରଂ ବିଶ୍ୱର ଶ୍ରେଷ୍ଠ ଗୋଲ କିପର ଭାବରେ ବିବେଚିତ ହେଉଥିଲେ। ଭାରତୀୟ ହକି ଦଳ ଅଲିମ୍ପିକ୍ସରେ ଦୀର୍ଘ ୪୧ ବର୍ଷ ପରେ ଏକ ପଦକ ପାଇଥିବା ବେଳେ ଏଥିରେ ଶ୍ରୀଜେଶଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। କ୍ରମାଗତ ଥର ସେ ଭାରତୀୟ ଗୋଲ ପୋଷ୍ଟର ଗାର୍ଡ ଭାବରେ ଠିଆ ହୋଇଥିବା ବେଳେ ଭାରତ ବ୍ରୋଞ୍ଜ ପଦକ ଜିତିବାରେ ସମର୍ଥ ହୋଇଥିଲା।

କେରଳର କୋଚିରେ ପରାଟ୍ଟୁ ରବୀନ୍ଦ୍ରନ ଶ୍ରୀଜେଶଙ୍କ ଜନ୍ମ। ଆରମ୍ଭରୁ ଅଧିକ ଉଚ୍ଚତା କାରଣରୁ କ୍ରୀଡା ପ୍ରତି ବେଶ ଆଗ୍ରହୀ ରହିଥିଲେ। ଏକ କୃଷକ ପରିବାରରୁ ଆସିଥିଲେ ମଧ୍ୟ କ୍ରୀଡା ପ୍ରତି ରହିଥିଲା ଅହେତୁକ ଦୁର୍ବଳତା। ଆରମ୍ଭରୁ ସ୍ପ୍ରିଣ୍ଟର ରହିଥିବା ଶ୍ରୀଜେଶ୍ ୧୨ ବର୍ଷ ବୟସ ଯାଏ ଲଙ୍ଗ ଜମ୍ପ ଓ ଭଲିବଲ ପ୍ରତି ଆକର୍ଷିତ ଥିଲେ। ୧୨ ବର୍ଷ ବୟସରେ ଥିରୁଭାନନ୍ତପୁରମ ସ୍ଥିତ ଜି.ଭି. ରାଜା ସ୍ପୋର୍ଟ୍ସ ସ୍କୁଲରେ ନାମ ଲେଖାଇବା ପରେ ଶ୍ରୀଜେସଙ୍କ ଭାଗ୍ୟ ବଦଳି ଯାଇଥିଲା। ସେଠାରେ ଜଣେ କୋଚ୍‌ଙ୍କ ପରାମର୍ଶ କ୍ରମେ ଗୋଲ କିପିଂ ବାଛିଥିଲେ ଯାହା ପରବର୍ତ୍ତୀ ସମୟରେ ଏକ କ୍ୟାରିୟର ଚେଞ୍ଜିଂ ନିଷ୍ପତ୍ତି ସାବ୍ୟସ୍ତ ହୋଇଥିଲା। ବିଖ୍ୟାତ ହକି କୋଚ୍ ଜୟକୁମାରଙ୍କ ସଂସ୍ପର୍ଶରେ ଆସିବା ପରେ ଶ୍ରୀଜେଶ ପ୍ରଫେଶନାଲ ପାଲଟି ଯାଇଥିଲେ। ପ୍ରଥମେ ସ୍କୁଲ ଦଳ ପାଇଁ ଗୋଲ କିପିଂ କରୁଥିବା ବେଳେ ପରବର୍ତ୍ତୀ ସମୟରେ ନେହେରୁ କପ ଖେଳିଥିଲେ।

୨୦୦୪ରେ ଶ୍ରୀଜେଶ୍ ପ୍ରଥମ ଥର ପାଇଁ ଜୁନିୟର ଭାରତୀୟ ଦଳରେ ସ୍ଥାନ ପାଇଥିଲେ। ଅଷ୍ଟ୍ରେଲିଆ ବିପକ୍ଷରେ ସେ ପଦାର୍ପଣ କରିଥିଲେ। ପରେ ୨୦୦୬ରେ ସିନିୟର ଦଳ ପାଇଁ ଶ୍ରୀଜେଶ ପ୍ରଥମ ଥର ପଦାର୍ପଣ କରିଥିଲେ। ତେବେ ଆଡ୍ରିଆନ ଡି ସୌଜା ଓ ଭରତ ଛେତ୍ରୀଙ୍କ ପରି ସିନିୟର ଗୋଲକିପରଙ୍କ ଉପସ୍ଥିତିରେ ଶ୍ରୀଜେଶଙ୍କୁ ସୁଯୋଗ ମିଳୁ ନ ଥିଲା। ୨୦୧୧ରେ ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ପାକିସ୍ତାନ ବିପକ୍ଷରେ ଦୁଇଟି ପେନାଲ୍ଟି ଷ୍ଟ୍ରୋକ୍ ରୋକିବା ସହ ଭାରତକୁ ଚାମ୍ପିୟନ କରିବା ପରେ ଶ୍ରୀଜେଶ ଏକ ନିୟମିତ ସଦସ୍ୟ ପାଲଟି ଯାଇଥିଲେ। ୨୦୧୩ ଏସିଆ କପ୍‌ରେ ଭାରତ ବ୍ରୋଞ୍ଜ ପଦକ ଜିତିଥିବା ବେଳେ ଶ୍ରୀଜେଶଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଗୋଲକିପର ଭାବରେ ସମ୍ମାନିତ କରାଯାଇଥିଲା। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଭାରତୀୟ ଦଳର ସଦସ୍ୟ ରହିଥିବା ଶ୍ରୀଜେଶ୍ ୨୦୧୪ ବିଶ୍ୱକପ ଓ ଏସିଆନ୍ ଗେମ୍ସ ଦଳର ସଦସ୍ୟ ରହିଥିଲେ। ପାକିସ୍ତାନ ବିପକ୍ଷ ଫାଇନାଲରେ ସେ ଦୁଇଟି ପେନାଲ୍ଟି ରୋକିଥିବା ବେଳେ ଭାରତ ଚାମ୍ପିୟନ ହୋଇଥିଲା। ସେହିପରି ୨୦୧୪ ଓ ୨୦୧୮ ଚାମ୍ପିୟନ୍ସ ଟ୍ରଫିରେ ସେ ଗୋଲ୍ କିପର ଅଫ ଦ ଟୁର୍ନାମେଣ୍ଟ ହୋଇଥିଲେ। ୨୦୧୬ରେ ସର୍ଦ୍ଦାର ସିଂଙ୍କ ଠାରୁ ସେ ଭାରତୀୟ ଦଳର ଅଧିନାୟକ ଦାୟିତ୍ୱ ଗ୍ରହଣ କରିଥିଲେ। ସମାନ ବର୍ଷରେ ଭାରତ ଲଣ୍ଡନରେ ଅନୁଷ୍ଠିତ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ ପଦକ ହାସଲ କରିଥିବା ବେଳେ ରିଓ ଅଲିମ୍ପିକ୍ସରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଟୋକିଓ ୨୦୨୧ରେ ଭାରତ ବ୍ରୋଞ୍ଜ ପଦକ ପ୍ଲେ ଅଫ୍‌ରେ ଜର୍ମାନୀକୁ ହରାଇ ୪୧ ବର୍ଷ ପଦକ ପ୍ରତୀକ୍ଷାର ଅନ୍ତ ଘଟାଇଥିବା ବେଳେ ଏଥିରେ ଶ୍ରୀଜେଶଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ଚଳିତ ବର୍ଷ ଆଉ ଏକ ପଦକ ସହ ଅନ୍ତର୍ଜାତୀୟ କ୍ୟାରିୟରକୁ ଅଲବିଦା ଜଣାଇଛନ୍ତି ଶ୍ରୀଜେଶ୍। ଭାରତ ପାଇଁ ୩୨୮ ମ୍ୟାଚ ଖେଳିଥିବା ଏହି ଖେଳାଳି ଜଣଙ୍କୁ ଭାରତ ସରକାରଙ୍କ ପକ୍ଷରୁ ୨୦୧୭ରେ ପଦ୍ମଶ୍ରୀ, ୨୦୨୧ରେ ଖେଳରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟ ପକ୍ଷରେ ୨୦୨୨ରେ ୱାର୍ଲ୍ଡ ଗେମ୍ସ ଆଥଲେଟ ଅଫ ଇୟର ସମ୍ମାନ ମଧ୍ୟ ମିଳିଥିଲା।


ଭିନେଶ ଫୋଗଟଙ୍କୁ ଭେଟିବା ଅବସରରେ ଅଭିନବ ବିନ୍ଦ୍ରା।

## ଭିନେଶ ଫୋଗଟଙ୍କୁ ଭେଟିଲେ ବିନ୍ଦ୍ରା

ନୂଆଦିଲ୍ଲୀ,୮।୮(ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସରେ ବୁଧବାର ଭିନେଶ ଫୋଗଟ ଅଯୋଗ୍ୟ ଘୋଷିତ ହୋଇଥିଲେ। ତେବେ ଗୁରୁବାର ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିଥିବା ଶୁଟର ଅଭିନବ ବିନ୍ଦ୍ରା ତାଙ୍କୁ ଗେମ୍ସ ଭିଲେଜରେ ଭେଟିଥିଲେ। ଅତିରିକ୍ତ ଶାରୀରିକ ପରିଶ୍ରମ କାରଣରୁ ଭିନେଶ ଡିହାଇଡ୍ରେଟ୍ ହୋଇ ହସ୍ପିଟାଲାଇଜଡ୍ ହୋଇଥିଲେ। ସେଠାରେ ପୂର୍ବତନ ଅଲିମ୍ପିକ୍ସ ପଦକ ବିଜେତା ବିନ୍ଦ୍ରା ତାଙ୍କୁ ଭେଟିଥିଲେ। ଭେଟିବାର ଏକ ଫଟୋ ଅଭିନବ ନିଜ ଏକ୍ସ ଆକାଉଣ୍ଟରେ ଶେୟାର କରିବା ସହ ଭିନେଶଙ୍କ ଉଦ୍ଦେଶ୍ୟରେ ଏକ ଚିଠି ମଧ୍ୟ ଲେଖିବା ସହ ତାଙ୍କ ପ୍ରୟାସ ସର୍ବଦା ଭାରତୀୟ ଇତିହାସରେ ସ୍ମରଣୀୟ ରହିବ ବୋଲି ଉଲ୍ଲେଖ କରିଥିଲେ। ପ୍ରିୟ ଭିନେଶ, କ୍ରୀଡା ସର୍ବଦା ମାନବତାର ଏକ ଉତ୍ସବ ଭାବରେ ବିବେଚନା କରାଯାଏ। ମୋ କ୍ୟାରିୟରରେ ମୁଁ ଅନେକ ବାର ଏହା ଅନୁଭବ କରିଛି। ମାତ୍ର ତୁମ ସହିତ ଯାହା ହେଉଛି ତାହା ବେଶ ସ୍ୱତନ୍ତ୍ର। ସମଗ୍ର ଦେଶ ବର୍ତ୍ତମାନ ତୁମକୁ ସେଲିବ୍ରେଟ୍ କରୁଛି। ତୁମେ ଜଣେ ଯୋଦ୍ଧା ଯିଏ କେବଳ ମ୍ୟାଟ ଉପରେ ନୁହେଁ ବରଂ ମ୍ୟାଟ ବାହାରେ ମଧ୍ୟ ସଂଘର୍ଷ ଜାରି ରଖିଛ। ପରାଜୟର ବୋଝ ସର୍ବଦା ଭାରି ହୋଇଥାଏ ମାତ୍ର ତୁମ ଲଢୁଆ ମନୋବୃତ୍ତି ତୁମକୁ ସର୍ବଦା ସ୍ୱତନ୍ତ୍ର ରଖିବ। ସବୁ ବିଜୟ ସମାନ ହୋଇନଥାଏ। ଏହା ମଧ୍ୟରୁ କିଛି କେବଳ ଟ୍ରଫି କ୍ୟାବିନେଟ ପାଇଁ ଉଦ୍ଦିଷ୍ଟ ଥାଏ। ମାତ୍ର କିଛି କାହାଣୀ ଇତିହାସ ପୃଷ୍ଠାରେ ସ୍ଥାନ ପାଇଥାଏ। ତୁମ କାହଣୀ ମଧ୍ୟ ସେହିଭଳି ଯାହାକୁ ଇତିହାସରେ ସ୍ଥାନ ମିଳିବ। ସଂଘର୍ଷର ଯେଉଁ ପରାକାଷ୍ଠା ତୁମେ ଦେଖାଇଛ ତାହା ତୁମକୁ ଦେଶର ପ୍ରତିଟି ପିଲା ପାଖରେ ସ୍ୱତନ୍ତ୍ର କରି ଗଢି ତୋଳିବ।


ଭାରତୀୟ ରେସଲର ଭିନେଶ ଫୋଗଟଙ୍କ ଅଯୋଗ୍ୟ ଘୋଷଣାକୁ ନେଇ ୟୁନାଇଟେଡ ୱାର୍ଲ୍ଡ ରେସଲିଂ ସଭାପତି ନେନାଡ ଲାଲୋଭିକ୍, ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ସଭାପତି ପି.ଟି. ଉଷା, ରେସଲିଂ ଫେଡେରେଶନ ଅଫ୍ ଇଣ୍ଡିଆ ସଭାପତି ସଞ୍ଜୟ ସିଂ ଓ ଆଇଓଏ ସିଇଓ ରଘୁରାମ ଆୟରଙ୍କ ମଧ୍ୟରେ ଗୁରୁବାର ପ୍ୟାରିସରେ ଅନୁଷ୍ଠିତ ବୈଠକ।

ଧରିତ୍ରୀ DHARITRI 50 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୯/୨୦୨୪ Bhubaneswar, Friday, August 9/ 2024





ଅଲିମ୍ପିକ୍ସରେ ଡବଲ ବ୍ରୋଞ୍ଜ ମେଡାଲିଷ୍ଟ ମନୁ ଭାକରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ। କେନ୍ଦ୍ର କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖଡ୍‌ସେଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବା ଅବସରରେ ବ୍ରୋଞ୍ଜ ପଦକ ବିଜେତା ସ୍ୱପ୍ନିଲ କୁସାଲେ।

## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୨୮ | ୨୫ | ୧୭ | ୭୦ |
| ଆମେରିକା | ୨୭ | ୩୫ | ୩୩ | ୯୫ |
| ଅଷ୍ଟ୍ରେଲିଆ | ୧୮ | ୧୪ | ୧୧ | ୪୩ |
| ଫ୍ରାନ୍ସ | ୧୩ | ୧୮ | ୨୧ | ୫୨ |
| ବ୍ରିଟେନ | ୧୩ | ୧୭ | ୨୦ | ୫୦ |
| ଦ.କୋରିଆ | ୧୨ | ୮ | ୭ | ୨୭ |
| ଜାପାନ | ୧୨ | ୭ | ୧୩ | ୩୨ |
| ଇଟାଲୀ | ୧୦ | ୧୧ | ୯ | ୩୦ |
| ନେଦରଲାଣ୍ଡ୍ସ | ୧୦ | ୫ | ୭ | ୨୨ |
| ଜର୍ମାନୀ | ୯ | ୬ | ୫ | ୨୦ |
| କାନାଡା | ୬ | ୫ | ୯ | ୨୦ |
| ନ୍ୟୁଜିଲାଣ୍ଡ | ୪ | ୬ | ୨ | ୧୨ |
| ଆୟର୍ଲାଣ୍ଡ | ୪ | ୦ | ୩ | ୭ |
| ରୋମାନିଆ | ୩ | ୪ | ୧ | ୮ |
| ହଙ୍ଗେରୀ | ୩ | ୩ | ୩ | ୯ |
| ସ୍ୱିଡେନ | ୩ | ୩ | ୩ | ୯ |
| ୟୁକ୍ରେନ | ୩ | ୨ | ୩ | ୮ |
| ବ୍ରାଜିଲ | ୨ | ୫ | ୭ | ୧୪ |
| ସ୍ପେନ୍ | ୨ | ୩ | ୮ | ୧୩ |
| କ୍ରୋଏସିଆ | ୨ | ୧ | ୩ | ୬ |
| ଭାରତ | ୦ | ୦ | ୪ | ୪ |

(ରାତି ୧୦ଟା ସୁଦ୍ଧା)

# ୩ ବର୍ଷ ବାସନ୍ଦ ହୋଇପାରନ୍ତି ପଙ୍ଘାଲ

ପ୍ୟାରିସ, ୮।୮ (ପି.ଟି.)

ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଭାରତୀୟ ମହିଳା କୁସ୍ତି ଯୋଦ୍ଧା ଅନ୍ତିମ ପଙ୍ଘାଲଙ୍କୁ ୩ ବର୍ଷ ପାଇଁ ବାସନ୍ଦ କରିପାରେ। ସେ ତାଙ୍କ ସ୍ୱୀକୃତି କାର୍ଡ ଜରିଆରେ ଭଉଣୀଙ୍କୁ ଆଥଲେଟ୍ସ ଭିଲେଜରେ ପ୍ରବେଶ କରାଇବା ଲାଗି ଚେଷ୍ଟା କରିଥିବା ଅଭିଯୋଗ ହୋଇଛି। ବୁଧବାର ମହିଳା ୫୩ କେଜି କାଟେଗୋରି ଓପନିଂ ବାଉଟ୍‌ରେ ପଙ୍ଘାଲ ହାରି ପ୍ରତିଯୋଗିତାରୁ ବିଦାୟ ନେଇଥିଲେ। ଆଇଓଏ ଅଫିସିଆଲମାନଙ୍କ ଦ୍ୱାରା ଏହି ପ୍ରସଙ୍ଗରେ ଖୁବ୍ ଆଲୋଚନା ହୋଇଛି। ପଙ୍ଘାଲଙ୍କ ଏହି କାର୍ଯ୍ୟ ଭାରତୀୟ

### ଅଲିମ୍ପିକ୍ସରେ ବିଶୃଙ୍ଖଳା

ଦଳର ସମସ୍ତଙ୍କୁ ଲଜ୍ଜିତ କରିଛି। କୋଚ୍‌ଙ୍କ ସମେତ ଏଥିରେ ସମ୍ପୃକ୍ତ ଥିବା ସମସ୍ତଙ୍କୁ ୩ ବର୍ଷ ବାସନ୍ଦ କରିବା ଲାଗି ବିଚାର କରାଯାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ପ୍ରଥମତଃ ଏହି କୁସ୍ତି ଯୋଦ୍ଧା ଜଣକ ନିଜ ଘରେ ପହଞ୍ଚନ୍ତୁ। ସେ ଭାରତ ଫେରିଯିବା ପରେ ନିଷ୍ପତ୍ତି ଘୋଷଣା କରାଯିବ। ପଙ୍ଘାଲ ଗୁରୁବାର ସନ୍ଧ୍ୟାରେ ବିମାନ ଯୋଗେ ଦିଲ୍ଲୀ ଅଭିମୁଖେ ଗସ୍ତ କରିଛନ୍ତି। ପଙ୍ଘାଲ ଓ ତାଙ୍କ ସପୋର୍ଟ ଷ୍ଟାଫ୍ ଶୃଙ୍ଖଳା ଭଙ୍ଗ କରିବା ନେଇ ଫ୍ରେଞ୍ଚ କର୍ତ୍ତୃପକ୍ଷଙ୍କ ତରଫରୁ ନୋଟିସ ଜାରି କରାଯିବା ମାତ୍ରେ ଆଇଓଏ ପଙ୍ଘାଲ ଓ ତାଙ୍କ ସପୋର୍ଟ ଷ୍ଟାଫ୍‌ଙ୍କୁ ତୁରନ୍ତ ଭାରତ ଫେରିଯିବା ଲାଗି ନିର୍ଦ୍ଦେଶ ଦେଇଥିଲା। ସେମାନଙ୍କୁ ଏପର୍ଯ୍ୟନ୍ତ ବାସନ୍ଦ ଦଣ୍ଡ ହୋଇ ନ ଥିବା ଆଇଓଏର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି। ୧୯ବର୍ଷୀୟା ଭାରତୀୟ କୁସ୍ତି ଯୋଦ୍ଧା ତାଙ୍କର ଏକ ସାକ୍ଷାତକାରରେ କହିଛନ୍ତି, ସେ ଜାଣିଶୁଣି କୌଣସି ଭୁଲ କାର୍ଯ୍ୟ କରିନାହାନ୍ତି। ସେ ନିଜେ ଅସୁସ୍ଥ ଥିଲେ। ସେଦିନ ଯାହା କିଛି ଘଟିଲା ସବୁ ଏକ ଦ୍ୱନ୍ଦ୍ୱ ପାଇଁ ହୋଇଥିଲା। ପଙ୍ଘାଲ ପରେ ସୋସିଆଲ ମିଡିଆରେ ଏକ ଭିଡିଓ ଜାରି କରିଥିଲେ। ନିଜ ସ୍ୱୀକୃତି କାର୍ଡର ଯାଞ୍ଚ ପାଇଁ ତାଙ୍କୁ ପୋଲିସ ଷ୍ଟେଶନ ଯିବାକୁ ପଡ଼ିଥିବା କଥା ଏଥିରେ ସେ ସ୍ୱୀକାର କରିଛନ୍ତି। ଏହାପଛରେ ଅନ୍ୟ କୌଣସି କାରଣ ନ ଥିବା ସେ କହିଛନ୍ତି। ସେ ପୁଣି କହିଛନ୍ତି,ଏହି ଦିନଟି ତାଙ୍କ ପାଇଁ ଭଲ ନ ଥିଲା। ତାଙ୍କ ନାମରେ ନାନା ଗୁଜବ ପ୍ରସାରିତ ହେବାରେ ଲାଗିଥିଲା। ସେ ଦିନ ସେ ଜ୍ୱରରେ ପୀଡ଼ିତ ଥିଲେ।



ଅନ୍ତିମ ପଙ୍ଘାଲ

କୋଚ୍‌ଙ୍କ ଅନୁମତି ନେଇ ସେ ତାଙ୍କ ଭଉଣୀ ସହ ହୋଟେଲକୁ ଯାଇଥିଲେ। ତାଙ୍କର କିଛି ଜିନିଷପତ୍ରର ଆବଶ୍ୟକତା ଥିଲା, ଯାହାସବୁ ଗେମ୍ସ ଭିଲେଜରେ ଥିଲା। ଭଉଣୀ ତାଙ୍କ କାର୍ଡଟିକୁ ସାଥିରେ ନେଇକରି ଯାଇଥିଲେ। ମୋ ଜିନିଷପତ୍ରକୁ ସେ ନେଇ ପାରିବେ କି ନା ତାହା ସେ ଅଫିସିଆଲଙ୍କୁ ପଚାରିଥିଲେ। ମାତ୍ର ସେମାନେ ସ୍ୱୀକୃତି କାର୍ଡ ଯାଞ୍ଚ କରିବା ଉଦ୍ଦେଶ୍ୟରେ ତାଙ୍କ ଭଉଣୀଙ୍କୁ ପୋଲିସ ଷ୍ଟେଶନକୁ ନେଇ ଯାଇଥିଲେ। ସେ ଆହୁରି ମଧ୍ୟ ଦେୟକୁ ନେଇ ଜଣେ ଟାକ୍ସି ଡ୍ରାଇଭରଙ୍କ ସହିତ ତାଙ୍କ କୋଚ୍ ଦ୍ୱୟଙ୍କର ବଚସା ହେବା ଏବଂ ସେମାନେ ସେତେବେଳେ ନିଶାଶକ୍ତ ଥିବା ଯାହା କୁହାଯାଉଛି ତାହାର ଖଣ୍ଡନ କରିଛନ୍ତି। ପଙ୍ଘାଲ କହିଛନ୍ତି, ତାଙ୍କ କୋଚ୍ ଦ୍ୱୟ ଭେନ୍ୟୁରେ ଅଟକିଥିଲେ, ସେମାନେ ଫେରିଆସିବାକୁ ଚାହିଁବାରୁ ଆମେ ସେମାନଙ୍କ ପାଇଁ ଏକ ଟାକ୍ସି ବୁକ୍ କରିଥିଲୁ। ତାଙ୍କ କୋଚ୍‌ଦ୍ୱୟଙ୍କ ନିକଟରେ ଯଥେଷ୍ଟ ଅର୍ଥ ନ ଥିଲା। ଭାଷାଗତ ସମସ୍ୟା ଯୋଗୁ ଟାକ୍ସି ଡ୍ରାଇଭରଙ୍କ ସହ ସେମାନଙ୍କର ବଚସା ହୋଇଥିଲା। କିଛି ୟୁରୋ ଯୋଗାଡ଼ ପାଇଁ ହୋଟେଲ ରୁମ୍‌କୁ ଆସିଥିଲେ, ଏଥି ପାଇଁ କିଛି ସମୟ ଲାଗିଥିଲା। ଫଳତଃ ଏହି ପରିସ୍ଥିତି ସୃଷ୍ଟି ହୋଇଥିଲା। ସହଜେ ତାଙ୍କର ଏବେ ଖରାପ ସମୟ ଚାଲିଛି। ତେଣୁ ଏଣୁ ତେଣୁ ଗୁଜବ ପ୍ରଚାର ନ କରି ତାଙ୍କୁ ସମର୍ଥନ କରିବା ଲାଗି ସେ ନିବେଦନ କରିଛନ୍ତି।

# 'ତୁମେ ହାରି ନାହଁ, ହରାଇ ଦିଆଯାଇଛି'

ନୂଆଦିଲ୍ଲୀ,୮।୮(ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ମଧ୍ୟରେ ଭାରତକୁ ଆଉ ଏକ ନିରାଶାର ସମ୍ମୁଖୀନ ହେବାକୁ ପଡିଛି। ବୁଧବାର ଭିନେଶ ଫୋଗଟ ଅଯୋଗ୍ୟ ଘୋଷିତ ହେବା ପରେ ଭାରତ ଏକ ନିଶ୍ଚିତ ପଦକ ହରାଇଥିଲା। ଏହା ପରେ ଗୁରୁବାର ଭିନେଶ ଅବସର ନେବା ସହିତ ସମସ୍ତଙ୍କୁ ଚକିତ କରି ଦେଇଥିଲେ। ଭିନେଶଙ୍କ ଅବସର ପରେ ସାଥୀ ଖେଳାଳି ତଥା ଅଲିମ୍ପିଆନ୍ ବଜରଙ୍ଗ ପୁନିଆ ଏକ ଟୁଇଟ୍ କରିଥିଲେ। 'ଭିନେଶ ତୁମେ ହାରି ନାହଁ, ତୁମକୁ ହରାଇ ଦିଆଯାଇଛି। ତୁମେ ସର୍ବଦା ଆମ ପାଇଁ ଜଣେ ବିଜେତା ହୋଇ ରହିବ। ତୁମେ କେବଳ ଭାରତର ଝିଅ ନୁହଁ ବରଂ ଭାରତର ଗର୍ବ ବୋଲି ଲେଖିଥିଲେ ବଜରଙ୍ଗ'।

ପ୍ରଥମ ଭାରତୀୟ ମହିଳା ରେସ୍‌ଲର ଭାବରେ ଅଲିମ୍ପିକ୍ସ ପଦକ ଜିତିଥିବା ସାକ୍ଷୀ ମଲିକ ମଧ୍ୟ ଭିନେଶଙ୍କୁ ପ୍ରଶଂସା କରିଥିଲେ। ସାକ୍ଷୀ ଲେଖିଥିଲେ ଭିନେଶ ତୁମେ ହାରି ନାହଁ, ବରଂ ଦେଶର ପ୍ରତ୍ୟେକ ମହିଳା ହାରି ଯାଇଛନ୍ତି। ଏହା ସମଗ୍ର ଦେଶର ପରାଜୟ। ସମଗ୍ର ଦେଶ ତୁମ ପଛରେ ଛିଡା ହୋଇଛି।

ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜୟୀ କୋଚ୍ ତଥା ଭିନେଶଙ୍କ ଦାଦା ମହାବୀର ଫୋଗଟ ମଧ୍ୟ ସମବେଦନା ଜଣାଇଛନ୍ତି। ଭିନେଶ ଫେରିବା ପରେ ମୁଁ, ଗୀତା ଓ ବଜରଙ୍ଗ ତାଙ୍କ ସହିତ କଥା ହୋଇ ଅବସର ନିଷ୍ପତ୍ତି ପରିବର୍ତ୍ତନ କରିବାକୁ ଚେଷ୍ଟା କରିବୁ ବୋଲି ମହାବୀର କହିଛନ୍ତି। ୨୦୨୮ ଲସଏଞ୍ଜେଲସ ଅଲିମ୍ପିକ୍ସ ପାଇଁ ଭିନେଶଙ୍କୁ ପ୍ରସ୍ତୁତ କରିବୁ ବୋଲି କହିଛନ୍ତି ମହାବୀର। ୨୦୦୪ ଏଥେନ୍ସ ଅଲିମ୍ପିକ୍ସ ପଦକ ବିଜେତା ତଥା ପୂର୍ବତନ କ୍ରୀଡାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର ମଧ୍ୟ ଭିନେଶଙ୍କ ସମର୍ଥନ କରିଛନ୍ତି। ଜଣେ କ୍ରୀଡାବିତଙ୍କ ଜୀବନରେ ଏସବୁ ଘଟଣା ବେଶ ସାଧାରଣ। ଭିନେଶଙ୍କ ନିକଟରେ ଏକ ଭବିଷ୍ୟତ ରହିଛି ତେଣୁ ତରବରିଆ ଭାବରେ କୌଣସି ନିଷ୍ପତ୍ତି ନେବା ଅନୁଚିତ।

## ଆଜି ଭିନେଶଙ୍କ ମାମଲାର ଶୁଣାଣି

ପ୍ୟାରିସ୍,୮।୮(ପି.ଟି.)

ଅଲିମ୍ପିକ୍ସରୁ ଅଯୋଗ୍ୟ ଘୋଷିତ ପରେ ଭାରତୀୟ ମହିଳା ରେସ୍‌ଲର ଭିନେଶ ଫୋଗଟ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ(କାସ୍)ର ଦ୍ୱାରସ୍ଥ ହୋଇଥିଲେ। ବୁଧବାର ରାତିରେ ସେ ଦୁଇଟି ଆବେଦନ କରିଥିବା ବେଳେ ଗୁରୁବାର ଏଥି ମଧ୍ୟରୁ ଗୋଟିଏ ଖାରଜ ହୋଇ ଯାଇଛି। ଗୋଟିଏ ଆବେଦନରେ ଫାଇନାଲରେ ଅଂଶଗ୍ରହଣ ପାଇଁ ଆବେଦନ କରିଥିବା ବେଳେ ଅନ୍ୟଟିରେ ଯୁଗ୍ମ ଭାବରେ ରୌପ୍ୟ ପଦକ ପାଇଁ ଆବେଦନ ରହିଥିଲା। ତେବେ ପ୍ରଥମ ଆବେଦନକୁ କାସ୍ ପକ୍ଷରୁ ଗୁରୁବାର ଖାରଜ କରି ଦିଆଯାଇଛି। ଶୁକ୍ରବାର ଦ୍ୱିତୀୟ ମାମଲାର ଶୁଣାଣି ହେବାକୁ ଥିବା ବେଳେ ହରିଶ ସାଲଭେ ଭିନେଶଙ୍କ ପକ୍ଷରୁ ଲଢିବାର ସମ୍ଭାବନା ରହିଛି।

# ସମସ୍ୟା ସୃଷ୍ଟି କରିପାରେ ସ୍ମାର୍ଟଫୋନ୍

ସିଓଲ, ୮।୮(ଏପି)

ଉତ୍ତର କୋରିଆ ଖେଳାଳିଙ୍କୁ ସାମସଙ୍ଗ ସ୍ମାର୍ଟଫୋନ୍ ଦିଆଯିବା ଦ୍ୱାରା ପରମାଣୁ ଓ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ନେଇ ଏହି ଦେଶକୁ ଜାତିସଂଘ ନିରାପତ୍ତା ପରିଷଦ ତରଫରୁ ଯେଉଁ ପ୍ରତିବନ୍ଧକ ଲାଗୁ କରାଯାଇଛି ତାହାର ଉଲ୍ଲଂଘନ ହେବ ବୋଲି ଦକ୍ଷିଣ କୋରିଆର ଅଫିସିଆଲମାନେ ଗୁରୁବାର ପ୍ରକାଶ କରିଛନ୍ତି। ଦକ୍ଷିଣ କୋରିଆର ଟେକ୍‌ନୋଲୋଜି ଜାଏଣ୍ଟ ସାମସଙ୍ଗ ଅଲିମ୍ପିକର ଏକ ପ୍ରମୁଖ ପାର୍ଟନର। ପ୍ୟାରିସ ଗେମ୍ସରେ ଭାଗ ନେଇଥିବା ସମସ୍ତ ଆଥଲେଟଙ୍କୁ କମ୍ପାନୀ ତରଫରୁ ଗୋଟିଏ ଲେଖାଏଁ ଏହାର ସଦ୍ୟତମ ନୂଆ ଉତ୍ପାଦ ଗାଲାକ୍ସି ଜେଡ୍ ଫ୍ଲିପ୍ ୬ ସ୍ମାର୍ଟ ଫୋନ୍ ଦିଆଯାଉଛି। ଗେମ୍ସ ଭିଲେଜରେ ଅବସ୍ଥାନ କରୁଥିବା ଉତ୍ତରକୋରିଆର ଆଥଲେଟମାନଙ୍କ ଉଦ୍ଦେଶ୍ୟରେ ସାମସଙ୍ଗ ସ୍ମାର୍ଟ ଫୋନ୍ ପଠାଇ ଦିଆଯାଇଥିବା ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସୂଚନା ଦେଇଛି। କିନ୍ତୁ ଫଳାଫଳ କ'ଣ ହୋଇଛି ତାହା ଖବର ଲେଖା ହେବା ବେଳକୁ ଅସ୍ପଷ୍ଟ ଥିଲା। ୨୦୧୭ରେ ନିରାପତ୍ତା ପରିଷଦରେ ଗୃହୀତ ପ୍ରସ୍ତାବ ୨୩୯୭ ଅନୁଯାୟୀ ଉତ୍ତର କୋରିଆକୁ ସମସ୍ତ ପ୍ରକାର ଶିଳ୍ପ ଯନ୍ତ୍ରପାତି ବିକ୍ରି ଓ ପ୍ରଦାନ ନିଷିଦ୍ଧ। ଏହି ପ୍ରସ୍ତାବ ଉତ୍ତର କୋରିଆ ସରକାର ଏବଂ ଏହାର ଲୋକମାନଙ୍କ ମଧ୍ୟରେ କୌଣସି ବିଭେଦ ଆଣିବ ନାହିଁ। ଦକ୍ଷିଣ କୋରିଆ ଅଫିସିଆଲମାନେ ସ୍ପଷ୍ଟ କରିଛନ୍ତି ଯେ, ଆଥଲେଟମାନେ ଯେତେବେଳେ ଦେଶରେ ପ୍ରବେଶ କରିବେ ସେତେବେଳେ ସ୍ମାର୍ଟଫୋନ୍‌ଗୁଡ଼ିକରେ ପ୍ରତିବନ୍ଧକ ଲାଗୁ ହେବ। ମନ୍ତ୍ରଣାଳୟର ମୁଖପାତ୍ର ଲି ଜେଉଙ୍ଗ୍ କହିଛନ୍ତି, ଉତ୍ତର ପ୍ରଦେଶ ଭିତରକୁ ନିଷିଦ୍ଧ ସାମଗ୍ରୀ ପ୍ରବେଶକୁ ରୋକିବା ଗୁରୁତ୍ୱପୂର୍ଣ୍ଣ। ପ୍ରତିବନ୍ଧକକୁ ସୁନିଶ୍ଚିତ କରିବାଲାଗି ସିଓଲ ସରକାରଙ୍କ ତରଫରୁ କୂଟନୈତିକ ଉଦ୍ୟମ ଚାଲିଛି । ଏହାଛଡ଼ା ଅନ୍ୟ କଛି କହିବାକୁ ସେ ପଛାଇଥିଲେ। ଏହି ପରିସ୍ଥିତି ୨୦୧୮ରେ ଦକ୍ଷିଣ କୋରିଆରେ ଅନୁଷ୍ଠିତ ୱିଣ୍ଟର ଗେମ୍ସରେ ମଧ୍ୟ ଦେଖା ଦେଇଥିଲା। ସେତେବେଳେ ଆୟୋଜକଗଣ ଉତ୍ତରକୋରିଆର ଆଥଲେମାନଙ୍କୁ ସର୍ତ୍ତମୂଳକ ସାମସଙ୍ଗ ଡିଭାଇସ ଯୋଗାଇଦେବା ପାଇଁ କହିଥିଲା। ସ୍ୱଦେଶ ଫେରିବା ପୂର୍ବରୁ ସେଗୁଡ଼ିକୁ ଫେରାଇ ଦେବା ଲାଗି କୁହାଯାଇଥିଲା। ।



ସାମସଙ୍ଗ ସ୍ମାର୍ଟଫୋନ୍‌ରେ ଚାଇନିଜ ଖେଳାଳିଙ୍କ ସହ ଏକତ୍ରିତ ସେଲ୍‌ଫି ନେଉଛନ୍ତି ଦକ୍ଷିଣ ଓ ଉତ୍ତର କୋରିଆର ଟେବୁଲ ଟେନିସ ଖେଳାଳିମାନେ।

# ହକି ଦଳକୁ ପ୍ରଶଂସାର ସୁଅ



ଅଭିନବ ବିନ୍ଦ୍ରା

ନୂଆଦିଲ୍ଲୀ,୮।୮(ପି.ଟି.)

ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ହକି ଦଳ ପାଇଁ ପ୍ରଶଂସାର ସୁଅ ଛୁଟିଛି। ଅଲିମ୍ପିକ୍ସ ହକିରେ ଭାରତ ୧୩ତମ ଥର ପାଇଁ ଏକ ପଦକ ହାସଲ କରିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଠାରୁ ଆରମ୍ଭ କରି ଅଭିନବ ବିନ୍ଦ୍ରା ଓ ଭିଭିଏସ୍ ଲକ୍ଷ୍ମଣ ପ୍ରଶଂସାରେ ଶତମୁଖ ହୋଇଛନ୍ତି।

କ୍ରମାଗତ ଥର ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ହକି ଦଳକୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଭାରତୀୟ ଦଳର ଅସୀମ ଧୈର୍ଯ୍ୟର ପରିଚୟ ଦେଇ ଏହି ଐତିହାସିକ ସଫଳତା ଅର୍ଜନ କରିଛି। ଟୋକିଓରେ ଭାରତ ୪୧ ବର୍ଷ ପଦକ ମରୁଡିର ଅନ୍ତ ଘଟାଇ ବ୍ରୋଞ୍ଜ ଜିତିଥିବା ବେଳେ ୩ ବର୍ଷର ବ୍ୟବଧାନରେ ପ୍ୟାରିସ୍‌ରେ ସମାନ କୃତିତ୍ୱ ପୁନର୍ବାର ଦୋହରାଇଛି ବୋଲି କହିଛନ୍ତି ମୋଦି। ଶେଷ ଥର ପାଇଁ ୧୯୬୮ ଓ ୭୨ ରେ ଭାରତ କ୍ରମାଗତ ବ୍ରୋଞ୍ଜ ଜିତିଥିଲା। ସମସ୍ତ ଭାରତୀୟ ଖେଳାଳିଙ୍କ ପ୍ରତିବଦ୍ଧତାକୁ ପ୍ରଶଂସା କରିବା ସହ ଏହା ଇତିହାସ ପୃଷ୍ଠାରେ ଲିପିବଦ୍ଧ ରହିବ ବୋଲି ମୋଦି ଏକ୍ସରେ ପୋଷ୍ଟ କରିଥିଲେ। ପ୍ରତ୍ୟେକ ଭାରତୀୟ ହକି ସହ ଏକ ଭାବାବେଗ ରହିଛି। ଏହା ଦେଶର ଯୁବପିଢି ମଧ୍ୟରେ ଏହି ଖେଳକୁ ଆହୁରି ଲୋକପ୍ରିୟ କରୁଛି ବୋଲି ମୋଦି ଲେଖିଛନ୍ତି।

ପ୍ରଥମ ଭାରତୀୟ ଶୁଟର ଭାବରେ ବେଜିଂରେ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ଜିତିଥିବା ଅଭିନବ ବିନ୍ଦ୍ରା ମଧ୍ୟ ଭାରତୀୟ ହକି ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ଆପଣ ମାନେ ଦେଶ ପାଇଁ ଏକ ବ୍ରୋଞ୍ଜ ପଦକ ଜିତିଛନ୍ତି ଯାହା ସ୍ୱର୍ଣ୍ଣ ଠାରୁ କୌଣସି ଗୁଣରେ କମ୍ ନୁହେଁ। ଭାରତୀୟ ତିରଙ୍ଗାକୁ ଗର୍ବର ସହ ଆପଣ ମାନେ ଉଡାଇଥିବା ବେଳେ ସମସ୍ତ ଭାରତୀୟଙ୍କୁ ଗର୍ବିତ ହେବାର ସୁଯୋଗ ଦେଇଛନ୍ତି।

ଭାରତର କ୍ରୀଡାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଭାରତୀୟ ହକି ଦଳକୁ ପ୍ରଶଂସା କରିବା ସହ ସମସ୍ତ ଖେଳାଳିଙ୍କ ପ୍ରତିବଦ୍ଧତା ଏହି ବିଜୟର ମୁଖ୍ୟ କାରଣ ବୋଲି କହିଛନ୍ତି। ଭାରତୀୟ କ୍ରୀଡା ପାଇଁ ଏହା ଏକ ଗର୍ବର ମୂହୁର୍ତ୍ତ ବୋଲି ସେ ଲେଖିଛନ୍ତି। ଭାରତୀୟ କ୍ରିକେଟ କିମ୍ବଦନ୍ତୀ ଭିଭିଏସ୍ ଲକ୍ଷ୍ମଣ ମଧ୍ୟ ହକି ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।






4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ